

ଶାହଙ୍କ ବିରୁଦ୍ଧରେ ସ୍ୱାଧିକାରଭଙ୍ଗ ନୋଟିସ୍ | ୬

ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar



ଶାଢ଼ି ଲୁକ୍‌ରେ ପ୍ରଶଂସକଙ୍କ ହୃଦୟ ଚୋରି କଲେ ଶ୍ରୀଲୀଲା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୫୫ Vol. 21 No-355 27 MARCH 2025 THURSDAY BHUBANESWAR ଗୁରୁବାର, ୨୭ ମାର୍ଚ୍ଚ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


# ବିଧାନସଭା ସମ୍ମୁଖ ରଣକ୍ଷେତ୍ର





- କଂଗ୍ରେସ ବିଧାୟକ ତାରାପ୍ରସାଦ, ରମେଶ ଜେନା ନିଲମ୍ବିତ
- ମାଷ୍ଟର କ୍ୟାଣ୍ଟିନରେ କଂଗ୍ରେସ ବିଧାୟକଙ୍କ ଧାରଣା ଜାରି
- ବିଧାନସଭା ୱାଶଆଉଟ୍ ପାଇଁ ଷଡ଼ଯନ୍ତ୍ର: ଆଇନମନ୍ତ୍ରୀ
- ବିଧାନସଭାରେ ବିବୃତି ରଖିଲେ ବାଚସ୍ପତି
- ଆମ ଦାବିରୁ କେବେ ବି ଓହରିବୁନି: ତାରା ପ୍ରସାଦ
- ଅତିରିକ୍ତ ସିପିଙ୍କୁ କଂଗ୍ରେସ କର୍ମୀଙ୍କ ଆକ୍ରମଣ ଅଭିଯୋଗ

ଭୁବନେଶ୍ୱର, ୨୬।୩(ଭାସ୍କର ନ୍ୟୁଜ): କଂଗ୍ରେସ ଓ ବିଜେଡି ବିଧାୟକଙ୍କ ହଟ୍ଟଗୋଳ ଯୋଗୁ ଚାଲିପାରୁନି ବିଧାନସଭା। ମଙ୍ଗଳବାର ବିଶୃଙ୍ଖଳା ଅଭିଯୋଗରେ ବାଚସ୍ପତି ସୁରମା ପାଢ଼ୀ କଂଗ୍ରେସର ୧୨ଜଣ ବିଧାୟକଙ୍କୁ ୭ ଦିନ ପାଇଁ ନିଲମ୍ବିତ କରିଥିବାବେଳେ ବୁଧବାର ମଧ୍ୟ ବିଶୃଙ୍ଖଳିତ ଆଚରଣ ପାଇଁ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଓ ରମେଶ ଜେନାଙ୍କୁ ବାଚସ୍ପତି ୭ ଦିନ ପାଇଁ ନିଲମ୍ବିତ କରିଛନ୍ତି। ଫଳରେ କଂଗ୍ରେସର ସମସ୍ତ ୧୪ଜଣ ବିଧାୟକ ନିଲମ୍ବିତ ହୋଇଥିବା ସୂଚନା ମିଳିଛି। ମଙ୍ଗଳବାର ୧୨ ବିଧାୟକଙ୍କୁ ନିଲମ୍ବନ ପ୍ରତିବାଦରେ ବିଧାୟକମାନେ ମାଷ୍ଟରକ୍ୟାଣ୍ଟିନ ଛକରେ ରାତିସାରା ଧାରଣାରେ ବସିଥିଲେ। ତେବେ ବୁଧବାର ବିଧାନସଭା କାର୍ଯ୍ୟ ଆରମ୍ଭ ହେବାମାତ୍ରେ ନିଲମ୍ବିତ ବିଧାୟକମାନେ ବିଧାନସଭା ମଧ୍ୟକୁ ପ୍ରବେଶ ପାଇଁ ଉଦ୍ୟମ କରିଥିଲେ। ଫଳରେ ପୋଲିସ ସେମାନଙ୍କୁ ଅଟକାଇଥିଲା। କଂଗ୍ରେସ ନେତାମାନେ କୌଣସି କଥା ନ ଶୁଣି ପୋଲିସ ସହ ଧସ୍ତାଧସ୍ତି କରିଥିଲେ। ଠିକ୍ ଏହି ସମୟରେ ବିଜେଡି ବିଧାୟକମାନେ ଗେଟ୍ ଭାଙ୍ଗି ବାହାରକୁ ଆସିଥିଲେ ଆଉ କଂଗ୍ରେସ ବିଧାୟକମାନଙ୍କୁ ବିଧାନସଭା ପରିସରକୁ ନେଇଥିଲେ। ସେଠାରେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ତଳେ ଧାରଣାରେ ବସିଥିଲେ। ଅନ୍ୟପଟେ ନିଜ ଦଳର ବିଧାୟକମାନଙ୍କ ପ୍ରତି ହେଉଥିବା ଅନ୍ୟାୟକୁ ବିରୋଧ କରି ବିଧାନସଭା ସମ୍ମୁଖରେ କଂଗ୍ରେସ ନେତା ଓ କର୍ମୀମାନେ ଧାରଣାରେ ବସିଥିଲେ । ହେଲେ ପୋଲିସ ପହଞ୍ଚି ସେମାନଙ୍କୁ ନିଜ ହେପାଜତକୁ ନେଇ ଯାଇଥିଲା। ଫଳରେ ବୁଧବାର ବିଧାନସଭା ପରିସରରେ ଏକ ପ୍ରକାର ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ବିରୋଧୀଙ୍କ ଏହି କାର୍ଯ୍ୟକୁ ନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ● ପୃଷ୍ଠା ୫ ଦେଖନ୍ତୁ

## ଆଜି କଂଗ୍ରେସର ବିଧାନସଭା ଘେରାଉ, ସୁରକ୍ଷା କଡ଼ାକଡ଼ି

ଭୁବନେଶ୍ୱର, ୨୬।୩(ଭାସ୍କର ନ୍ୟୁଜ): ନାରୀ ସୁରକ୍ଷା ପ୍ରସଙ୍ଗକୁ କେନ୍ଦ୍ରକରି ଗୁରୁବାର କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ କରାଯିବା ନେଇ ଘୋଷଣା କରାଯାଇଛି। ଏହାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ସୁରକ୍ଷା କଡ଼ାକଡ଼ି କରାଯିବା ସହ ଟ୍ରାଫିକ କଟକଣା ନେଇ ଆଡଭାଇଜରି ମଧ୍ୟ ଜାରି କରାଯାଇଛି। କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି ଯେ କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ ପାଇଁ ବିଧାନସଭା ଓ ଏହାର ଆଖପାଖ ଅଞ୍ଚଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ମଧ୍ୟ ରହିଛି। ଏଥିପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି। ରାଜମହଲ ଛକରୁ ରୁପାଲି ଛକ ପର୍ଯ୍ୟନ୍ତ ସକାଳ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ତେଣୁ ଅନ୍ୟ ରାସ୍ତାରେ ଯିବାପାଇଁ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି। ସେହିପରି ଲୋକସେବା ଭବନ, ରାଜୀବ ଭବନ, ଖାରବେଳ ଭବନ ଓ କୃଷି ଭବନରେ କାର୍ଯ୍ୟରତ କର୍ମଚାରୀମାନେ ୯.୩୦ ସୁଦ୍ଧା କାର୍ଯ୍ୟାଳୟରେ ପହଞ୍ଚିବା ପାଇଁ ସୂଚନା ଦିଆଯାଇଛି। ଲୋକସେବା ଭବନର ମୁଖ୍ୟ ଗେଟ୍ ୧୦.୧୫ ସୁଦ୍ଧା ବନ୍ଦ ରଖାଯିବ। ସେହିଭଳି କର୍ମଚାରୀଙ୍କ ପରିଚୟପତ୍ର ଏବଂ ପାସ୍‌ଗୁଡ଼ିକୁ ସୁରକ୍ଷାକର୍ମୀ ଯାଞ୍ଚ କରିବା ବାଧ୍ୟତାମୂଳକ କରାଯାଇଛି। ଯଦି କୌଣସି ପରିସ୍ଥିତିରେ ଅପ୍ରୀତିକର ସ୍ଥିତି ସୃଷ୍ଟିହୁଏ ତେବେ ଫୋନ୍ ନଂ ୦୬୭୪-୨୫୩୬୭୬୧ ଏବଂ ୦୬୭୪-୨୩୨୨୫୨୨କୁ ଫୋନ୍ କରିବାକୁ ● ପୃଷ୍ଠା ୫ ଦେଖନ୍ତୁ

### ଗୃହ ବିଭାଗ ଖର୍ଚ୍ଚ ଦାବି ଆଲୋଚନାର ଉତ୍ତର ରଖିଲେ ମୁଖ୍ୟମନ୍ତ୍ରୀ

## ବିରୋଧୀଙ୍କୁ ଓଡ଼ିଶାବାସୀ କ୍ଷମା ଦେବେନି





ଭୁବନେଶ୍ୱର, ୨୬।୩(ଭାସ୍କର ନ୍ୟୁଜ): ଗୃହ ବିଭାଗ ସରକାରର ଭାବମୂର୍ତ୍ତିକୁ ଉପସ୍ଥାପନ କରେ। ଗୃହ ବିଭାଗର ଆଲୋଚନା ସମୟରେ ସରକାରଙ୍କ ଭାବମୂର୍ତ୍ତି ଜଣାପଡ଼େ। ଶାସନ ବ୍ୟବସ୍ଥା ଯେତେବେଳେ ପରିବର୍ତ୍ତନ ହେଉଛି, ସେତେବେଳେ ବିରୋଧୀଙ୍କ ପାଖରେ କୌଣସି ପ୍ରସଙ୍ଗ ରହୁନାହିଁ । ଯେଉଁମାନେ ଚିତ୍କାର କରୁଥିଲେ ଓ ସରକାରଙ୍କୁ ଆଙ୍ଗୁଳି ଦେଖାଉଥିଲେ, ସେମାନେ ବାହାନା ଦେଖାଇ ଗୃହରେ ରହୁନାହାନ୍ତି। ସୁରକ୍ଷାକର୍ମୀ ବାଡ଼େଇଲେ ବୋଲି ମିଛ କହୁଛନ୍ତି। ବିରୋଧୀଦଳ ମୁଖ୍ୟ ସଚେତକ କହୁଛନ୍ତି ତାଙ୍କ ହାତ ମୋଡ଼ିଦେଲେ। କିନ୍ତୁ କଂଗ୍ରେସ ବିଧାୟକମାନେ ବୁଲୁଛନ୍ତି, ଖାଉଛନ୍ତି କିନ୍ତୁ ସୁରକ୍ଷାକର୍ମୀ ବାଡ଼େଇବାର କେଉଁଠି ଦେଖାଯାଉନାହିଁ ବୋଲି ବୁଧବାର ବିଧାନସଭାରେ ସାଧାରଣ ପ୍ରଶାସନ ଓ ଗୃହ ବିଭାଗ ଖର୍ଚ୍ଚଦାବି ଆଲୋଚନାର ଉତ୍ତର ରଖି ମୁଖ୍ୟମନ୍ତ୍ରୀ ବିରୋଧୀଙ୍କୁ ଟାର୍ଗେଟ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ କଂଗ୍ରେସ ବିଧାୟକମାନେ ରାତ୍ରୀଯାପନ ସମୟର ଭିଡିଓ ଛାଡ଼ିଛନ୍ତି। ସେମାନେ ମିଛ କହୁଛନ୍ତି। ଅଗଣତାନ୍ତ୍ରିକ ଭାବେ କଳାପୋଷାକ ପିନ୍ଧି, ଘଣ୍ଟା, ତୂରୀ, ବଂଶୀ ଓ ହୁଇସିଲ୍ ବଜାଉଛନ୍ତି। ସେମାନଙ୍କୁ ଓଡ଼ିଶାବାସୀ କ୍ଷମା ଦେବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ବିରୋଧୀ ମହିଳା ହିଂସାକୁ ରାଜନୀତିର ପଶାପାଲିକୁ ନେଇ ଯାଇଛନ୍ତି ବୋଲି କହିଛନ୍ତି। ଯେଉଁମାନେ ଆଜି ହଟ୍ଟଗୋଳ କରୁଛନ୍ତି, ସେମାନଙ୍କ ସମୟରେ ● ପୃଷ୍ଠା ୫ ଦେଖନ୍ତୁ

## ଶପଥ ନେଲେ ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି




କଟକ, ୨୬।୩(ଭାସ୍କର ନ୍ୟୁଜ): ଓଡ଼ିଶା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ଭାବେ ବୁଧବାର ଶପଥ ନେଇଛନ୍ତି ଜଷ୍ଟିସ ହରିଶ ଟଣ୍ଡନ। ଏହି ଅବସରରେ ହାଇକୋର୍ଟ ପରିସରରେ ଆୟୋଜିତ ଏକ ସମାରୋହରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଜଷ୍ଟିସ ଟଣ୍ଡନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ହାଇକୋର୍ଟର ସମସ୍ତ ବିଚାରପତି, ବାର୍ ଆସୋସିଏସନର ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ରହିଥିଲେ। ଜଷ୍ଟିସ ଟଣ୍ଡନଙ୍କୁ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଗତ କିଛିଦିନ ତଳେ ରାଷ୍ଟ୍ରପତି ନିଯୁକ୍ତି ଦେଇଥିଲେ। ସୁପ୍ରିମକୋର୍ଟ କଲେଜିୟମ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପାଇଁ ତାଙ୍କ ନାମ ସୁପାରିସ କରିଥିଲା। ଏ ସଂକ୍ରାନ୍ତରେ ଗତ ୬ ତାରିଖରେ ସୁପ୍ରିମକୋର୍ଟ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଥିଲା। ଜଷ୍ଟିସ ଟଣ୍ଡନ ୧୯୬୪ ମସିହା ନଭେମ୍ବର ୧୬ ତାରିଖରେ ଜନ୍ମଗ୍ରହଣ କରିଥିଲେ। କୋଲକାତା ● ପୃଷ୍ଠା ୫ ଦେଖନ୍ତୁ


वित्त मंत्रालय MINISTRY OF FINANCE



ଜିଏସ୍‌ଟି କରଦାତା

ଧ୍ୟାନ ଦିଅନ୍ତୁ !

ଯେଉଁମାନଙ୍କର ମୋଟ ବାର୍ଷିକ କାରବାର ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ଅଛି, ସେମାନେ ୩୧ ମାର୍ଚ୍ଚ, ୨୦୨୫ ସୁଦ୍ଧା ୨୦୨୫-୨୦୨୬ ଆର୍ଥିକ ବର୍ଷ ପାଇଁ ଜିଏସ୍‌ଟି ଗଠନ ଯୋଜନା ବାଛିପାରିବେ।

ଯେଉଁ ଯୋଗ୍ୟ କରଦାତାମାନେ ଗଠନ ଯୋଜନାର ଲାଭ ଉଠାଇବାକୁ ଚାହାଁନ୍ତି, ସେମାନେ ଜିଏସ୍‌ଟି ପୋର୍ଟାଲରେ (www.gst.gov.in) ଏହି ପଦକ୍ଷେପଗୁଡ଼ିକ ଅନୁସରଣ କରିପାରିବେ:

- କରଦାତା ଇଣ୍ଟରଫେସରେ ଲଗ୍ ଇନ୍ କରନ୍ତୁ
- ସେବାଗୁଡ଼ିକୁ ଯାଆନ୍ତୁ: ରେଜିଷ୍ଟ୍ରେସନ ପାଇଁ କମ୍ପୋଜିସନ୍ ଲେଭିକୁ ଯାଆନ୍ତୁ
- ଫର୍ମ ଜିଏସ୍‌ଟି ସିଏମ୍‌ପି - ୦୨ ପୂରଣ କରନ୍ତୁ ଏବଂ ଦାଖଲ କରନ୍ତୁ

ଯେଉଁ ଯୋଗ୍ୟ କରଦାତାମାନେ ପୂର୍ବରୁ କମ୍ପୋଜିସନ୍ ସ୍କିମ୍ ଲାଭ କରୁଛନ୍ତି, ଯଦି ସେମାନେ ଯୋଗ୍ୟ, ତେବେ ସେମାନଙ୍କୁ ଫର୍ମ ସିଏମ୍‌ପି -୦୨ ଦାଖଲ କରିବାକୁ ପଡିବ ନାହିଁ।

- ସହଜ ଏବଂ ସୁବିଧାଜନକ ଅନୁପାଳନ
- ଆକର୍ଷଣୀୟ ଟିକସ ହାର
- ସର୍ବନିମ୍ନ ଅନୁପାଳନର ଆବଶ୍ୟକତା
- ସ୍ୱଚ୍ଛ ନବୀକରଣ ଏବଂ ସହଜରେ ଅପ୍ଟ-ଆଉଟ୍
- ସାମଗ୍ରୀ ଏବଂ ସେବା ଯୋଗାଣକାରୀଙ୍କ ପାଇଁ ଉପଲବ୍ଧ
- କମ୍ ବୁକିଙ୍ଗ

| * ଯୋଗାଣକାରୀଙ୍କ ପ୍ରକାର | | # ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ସମସ୍ତ ବାର୍ଷିକ ଟର୍ଣ୍ଣଓଭର |
|---|---|---|
| ସାମଗ୍ରୀ ଯୋଗାଣକାରୀ | ୦୮ଟି ନିର୍ଦ୍ଦିଷ୍ଟ ରାଜ୍ୟରେ ପଞ୍ଜିକୃତ କରଦାତା | ଟ. ୭୫ ଲକ୍ଷ ପର୍ଯ୍ୟନ୍ତ |
| | ଅନ୍ୟ ରାଜ୍ୟରେ ପଞ୍ଜିକୃତ କରଦାତା | ଟ. ୧୫୦ ଲକ୍ଷ ପର୍ଯ୍ୟନ୍ତ |
| ସେବା ଯୋଗାଣକାରୀ | | ଟ. ୫୦ ଲକ୍ଷ ପର୍ଯ୍ୟନ୍ତ |

ଅଧିକ ବିବରଣୀ ପାଇଁ ଦୟାକରି ଜିଏସ୍‌ଟି ଅଧିନିୟମର ଧାରା ୧୦, ସିଜିଏସ୍‌ଟି ନିୟମ ୩ରୁ ୭ ଏବଂ ଅଧିସୂଚନା ସଂଖ୍ୟା ୧୪/୨୦୧୯- କେନ୍ଦ୍ରୀୟ କର ତାରିଖ ୦୭.୦୩.୨୦୧୯ ଦେଖନ୍ତୁ।

ଜିଏସ୍‌ଟି କମ୍ପୋଜିସନ୍ ଯୋଜନା: କ୍ଷୁଦ୍ର କରଦାତାଙ୍କ ପାଇଁ ବଡ଼ ଲାଭ।

ସ୍କାନ୍ କରନ୍ତୁ

CBC- 15502/13/0010/2425

କେନ୍ଦ୍ରୀୟ ଅପ୍ରତ୍ୟକ୍ଷ କର ଏବଂ ସୀମା ଶୁଳ୍କ ବୋର୍ଡ

@cbicindia @cbic_india @cbicindia @cbicindia @CBIC india




କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ସହରର ମହିପାଳ ଠାରେ ମହିପାଳ ଗ୍ରାମୀଣ ମହୋତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ବିଶିଷ୍ଟ ସମାଜସେବୀ ରଞ୍ଜିତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଫିତାକାଟି ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ମହୋତ୍ସବକୁ ଉଦ୍‌ଘାଟନ କରଥିଲେ। ମାରୁତି ସୁଜୁକି ଏରିନା ପକ୍ଷରୁ ଆୟୋଜିତ ଏହି ଦୁଇଦିନିଆ ଗ୍ରାମୀଣ ମହୋତ୍ସବର ଉଦ୍ଦେଶ୍ୟ ହେଉଛି ଗ୍ରାମାଞ୍ଚଳର ସ୍ୱଳ୍ପଆୟକାରୀ ଲୋକମାନଙ୍କୁ ସ୍ୱଳ୍ପ ମୂଲ୍ୟରେ ମାରୁତି ସୁଜୁକି ଏରିନା କମ୍ପାନୀର ବିଭିନ୍ନ ଡିଜାଇନ୍‌ର କାର ଯୋଗାଇଦେବା। ଏହି ଉତ୍ସବରେ ଅନ୍ୟତମ ଅତିଥି ଭାବେ ସ୍ଥାନୀୟ କାଉନସିଲରଙ୍କ ପ୍ରତିନିଧି ପ୍ରଦୀପ କୁମାର ନାୟକ, କାଉନସିଲର ଉମେଶ ନାୟକ, ଚୌଧୁରୀ ସୁକୁମାର ଦାସ, ରମେଶ ଦାସ, ସେକ ଅସଲମ୍, ମହିପାଳିନୀ କ୍ଲବର ସଭାପତି ପ୍ରଭାଶିଷ ମହାନ୍ତି, ସମାଜସେବୀ ମହେନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଶ୍ରୀ ସାହୁ କହିଥିଲେ ଯେ ମାରୁତି କମ୍ପାନୀ ପକ୍ଷରୁ କେନ୍ଦ୍ରାପଡାର ଗ୍ରାମାଞ୍ଚଳ ଲୋକମାନଙ୍କ ପାଇଁ ଏଭଳି କାର୍ଯ୍ୟକ୍ରମ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କମ୍ପାନୀ ମ୍ୟାନେଜର ଅଶୋକ ସାହୁ ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ କେଶବ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳ ସମେତ ଗ୍ରାମାଞ୍ଚଳରୁ ଶତାଧିକ ଲୋକ ଯୋଗଦେଇଥିଲେ।

## ଭିଜିଲାନ୍ସ ଜାଲରେ ରାଜସ୍ୱ ନିରୀକ୍ଷକ



କାକଟପୁର /ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ଧରାପଡିଲେ ରାଜସ୍ୱ ନିରୀକ୍ଷକ। ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଧୀନ କେନ୍ଦ୍ରାପଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ କାର୍ଯ୍ୟରତ ଦୀପ୍ତିରଞ୍ଜନ ମହାପାତ୍ରଙ୍କୁ ମଙ୍ଗଳବାର ଅପରାହ୍ନ ସମୟରେ ଧରିଲା ଭିଜିଲାନ୍ସ ଟିମ୍। ଖବର ମୁତାବକ କେନ୍ଦ୍ରାପଟି ରାଜସ୍ୱ କାର୍ଯ୍ୟାଳୟ ଅଧୀନ ପ୍ରତାପ ସାହୁ ନାମକ ଯୁବକ ଜମିଜମା ସମସ୍ୟା କାଗଜପତ୍ର କାମ କରିବା ପାଇଁ ବାରମ୍ବାର କାର୍ଯ୍ୟାଳୟକୁ ଆସୁଥିଲେ ମଧ୍ୟ କାର୍ଯ୍ୟ ନହେବାରୁ ରାଜସ୍ୱ ନିରୀକ୍ଷକ ଜଣକ ୧୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। କିନ୍ତୁ ଆପୋଷ ଆଲୋଚନା ମାଧ୍ୟମରେ ସାତ ହଜାର ଟଙ୍କା ଦେବାକୁ ଚୁକ୍ତି ମଧ୍ୟ ହୋଇଥିଲା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ଭୁବନେଶ୍ୱର ସୂର୍ଯ୍ୟନଗର ଅଫିସ ଅଧୀନ ଭିଜିଲାନ୍ସ ଟିମ୍‌ର ୫ଜଣିଆ ଅଫିସର ମଙ୍ଗଳବାର କେନ୍ଦ୍ରାପଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ପ୍ରସ୍ତୁତ ଥିବାବେଳେ ୫ଶହ ଟଙ୍କିଆ ନୋଟ ମୋଟ ୭ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ରାଜସ୍ୱ ନିରୀକ୍ଷକ ଦୀପ୍ତି ରଞ୍ଜନ ମହାପାତ୍ରଙ୍କୁ ଧରିଥିଲେ ଭୁବନେଶ୍ୱର ଭିଜିଲାନ୍ସ ଟିମ୍। ପୂର୍ବରୁ ଦୀପ୍ତି ରଞ୍ଜନ ଅସ୍ତରଙ୍ଗ ରାଜସ୍ୱ କାର୍ଯ୍ୟାଳୟରେ ୨୦୨୧ମସିହା ରେ ନକଲି ଅଫିସର ବସାଇ ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲା। ୩ ଘଣ୍ଟା ମଧ୍ୟରେ ଦୀପ୍ତିଙ୍କୁ ଅନ୍ୟତ୍ର ମଧ୍ୟ ବଦଳି ହୋଇଥିଲା। ପୁନର୍ବାର ଲାଞ୍ଚ ନେଉଥିବା ଅଭିଯୋଗରେ ମଙ୍ଗଳବାର ଭିଜିଲାନ୍ସ ଟିମ୍ ଦୀପ୍ତିଙ୍କୁ ଧରିଛି। ଭୁବନେଶ୍ୱର ଭିଜିଲାନ୍ସ କାର୍ଯ୍ୟାଳୟକୁ ଦୀପ୍ତିଙ୍କୁ ଭିଜିଲାନ୍ସ ଅଧିକାରୀ ନେଇଥିବା ବେଳେ ଖୋଳତାଡ଼ ଆରମ୍ଭ କରିଛି ଭିଜିଲାନ୍ସ ଟିମ୍।

## ଭୁଶୁଡ଼ିବ ସୁକରପଡ଼ା ପାନୀୟ ଜଳ ପ୍ରକଳ୍ପ ଟାଙ୍କି

### ପାଣିଟାଙ୍କି ନିର୍ମାଣରେ ନିମ୍ନମାନର ସାମଗ୍ରୀ ବ୍ୟବହାର ଅଭିଯୋଗ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡା ଗ୍ରାମପଞ୍ଚାୟତ ପାନୀୟ ଜଳ ପ୍ରକଳ୍ପ ଟାଙ୍କି ଭୁଶୁଡିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଫଳରେ ସରକାରଙ୍କ କୋଟି କୋଟି ଟଙ୍କା ପାଣିରେ ପଡିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। କେନ୍ଦ୍ରସରକାରଙ୍କ ହର୍ ଘର୍ ଜଳ ଜଳ ଜୀବନ ମିଶନ ଯୋଜନାରେ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡା ଗ୍ରାମପଂଚାୟତ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ନିମନ୍ତେ ୨କୋଟି ୨୫ଲକ୍ଷ ୩୨ହଜାର ଟଙ୍କା ମଞ୍ଜୁର କରାଯାଇଥିଲା। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା। ତେବେ ଏହି ପାନୀୟ ଜଳ ପ୍ରକଳ୍ପ ପାଣିଟାଙ୍କି ନିର୍ମାଣ ଅଟକଳ ଅନୁଯାୟୀ କରାଯାଇନଥିବାର ଅଭିଯୋଗ ହୋଇଛି। ଏହି ପାଣିଟାଙ୍କି ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇଥିବା କାରଣରୁ ପାଣି ଟାଙ୍କି ଉପରୁ ଦଲା ଦଲା ସିମେଣ୍ଟ ପ୍ଲାଷ୍ଟର ଖସି ପଡୁଥିବାର ଅଭିଯୋଗ ହୋଇଛି। ଏହି ପାଣିଟାଙ୍କିଟି ବିପଦ ସଙ୍କୁଳ ଅବସ୍ଥାରେ ରହିଥିବାର ଅଭିଯୋଗ ହୋଇଛି। ନିମ୍ନମାନର କାମ ହେତୁ ଏହି ପାଣିଟାଙ୍କି ଭୁଶୁଡି ପଡିବା ନେଇ ସ୍ଥାନୀୟ ଲୋକେ ଆଶଙ୍କା କରିଛନ୍ତି। କେତେବେଳେ ଏହି ପାଣିଟାଙ୍କି ଭୁଶୁଡି ନୀରିହ ଲୋକଙ୍କ ଧନ ଜୀବନକୁ ନଷ୍ଟ କରିଦେବ ତାହା କହିହେଉ ନାହିଁ। ଅପରପକ୍ଷରେ ଏହି ପାନୀୟ ଜଳ ପ୍ରକଳ୍ପ ଲୋକଙ୍କ କାମରେ ଆସୁନଥିବାର ଅଭିଯୋଗ ହୋଇଛି। ଠିକାଦାର ବିଛାଇଥିବା ପାଣି ପାଇପ ଗୁଡିକ ବିଭିନ୍ନ ସ୍ଥାନରେ ଫାଟି ଯାଇଥିଲା ବେଳେ ସ୍ଥାପନ କରାଯାଇଥିବା ପାଇପ ଷ୍ଟାଣ୍ଡଗୁଡିକ ମଧ୍ୟ ଭାଙ୍ଗିରୁଜି ଗଲାଣି। ଗ୍ରାମାଞ୍ଚଳର



ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ସରକାର କୋଟି କୋଟି ଟଙ୍କା ମହତ ଉଦ୍ଦେଶ୍ୟ ନେଇ ବିନିଯୋଗ କରିଥିଲେ ମଧ୍ୟ ଏହି ପ୍ରକଳ୍ପ ଲୋକଙ୍କ କାମରେ ଆସୁନଥିବାର ଲୋକେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଅଂଚଳବାସୀ ଏହି ପ୍ରକଳ୍ପରୁ ଟୋପାଏ ହେଲେ ପାଣି ପାଇ ପାରୁନଥିବାର ଅଭିଯୋଗ ହୋଇଛି। ଲୋକେ ଟୋପାଏ ପାନୀୟ ଜଳ ପାଇବା ନିମନ୍ତେ ପ୍ରଚଣ୍ଡ ରୌଦ୍ରତାପରେ ଡହଳ ବିକଳ ହେଉଥିଲେ ମଧ୍ୟ ଏହି ପ୍ରକଳ୍ପ ଲୋକଙ୍କ କାମରେ ଆସୁନଥିବାର ଅଭିଯୋଗ ହୋଇଛି। ଏପରିକି ଠିକାଦାର ମନମୁଖି ଭାବେ କାର୍ଯ୍ୟକରି ସରକାରୀ ତହବିଲରୁ କୋଟି କୋଟି ଟଙ୍କା ଲୁଟି ନେଇଥିଲା ବେଳେ ଏହି ପ୍ରକଳ୍ପରୁ ଟୋପାଏ ପାଣି ଲୋକେ ନପାଇବା କାହା ସ୍ୱାର୍ଥରେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ଠିକାଦାର ଓ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ପରିମଳ ଓ ଜଳ ଯୋଗାଣ ବିଭାଗର ବିଭାଗୀୟ ଅଧିକାରୀ ଠିକାଦାରଙ୍କ ସହ ଅସାଧୁମେଣ୍ଟ କରି ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ଲୁଟି ନେଇଥିବାର ଅଭିଯୋଗ ହୋଇଛି। ତେବେ ଏହି ପାନୀୟ ଜଳ ପ୍ରକଳ୍ପରେ ହୋଇଥିବା ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଦୁର୍ନୀତିଗ୍ରସ୍ତ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ଅସଲ ମୁଖାର ପର୍ଦ୍ଦାଫାସ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ବିନା ଜେଇରେ ପଡିଲା ଫେବର

### ବାଲି ସିମେଣ୍ଟ ପରିମାଣକୁ ନେଇ ଗ୍ରାମବାସୀଙ୍କ ଅଭିଯୋଗ

କଣ୍ଟାପଡା (ଭାସ୍କର ନ୍ୟୁଜ୍): କଣ୍ଟାପଡା ବ୍ଲକ ଆଡଶପୁର ପଞ୍ଚାୟତ ସଳେଇ ବେଦପୁର ଗ୍ରାମରେ ଥିବା ରାଧାକାନ୍ତ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ଲକ୍ଷ ସତୁରି ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ କରାଯାଇ ବିଦ୍ୟାଳୟର ପରିସରରେ ଫେବର ପକାଯାଉଛି। ଏହି ଫେବର ତଳେ ଯେତିକି ପରିମାଣର ବାଲି ଦିଆଯିବା କଥା ତାହା ଦିଆଯାଉନାହିଁ। ପାର୍ଶ୍ୱ ଗୁଡିକରେ ସିମେଣ୍ଟର ପରିମାଣ କମ ଦିଆଯାଉଥିବା ଭଳି ଅଭିଯୋଗ ଆସିଛି। ଏଭଳି ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। କାର୍ଯ୍ୟ ଚାଲୁଥିବା ସମୟରେ ଦାୟିତ୍ୱରେ ଥିବା ଜେଇ ଅନୁପସ୍ଥିତ ରହୁଛନ୍ତି। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ



ପାଇଛି। ଏଥିପ୍ରତି କଣ୍ଟାପଡା ବ୍ଲକ ସହକାରୀ ଯନ୍ତ୍ରୀ ଧନଞ୍ଜୟ ସାମଲ ଦୃଷ୍ଟି ଦେବାକୁ ଗ୍ରାମବାସୀ କହିଛନ୍ତି।

## ଉପଜିଲ୍ଲାପାଳଙ୍କ ଜାଲ ଦସ୍ତଖତରେ ଟଙ୍କା ଉଠାଣ

କରଞ୍ଜିଆ (ଭାସ୍କର ନ୍ୟୁଜ୍)): ଉପଜିଲ୍ଲାପାଳଙ୍କ ଦସ୍ତଖତକୁ ନକଲ କରି, ସିଲ୍ ସହିତ ବିସ୍ଥାପିତ ପରିବାରର ଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇବା ଘଟଣାରେ ଥାନାରେ ଅଭିଯୋଗ କଲେ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ। ଘଟଣା ଅନୁଯାୟୀ ଶିମିଳିପାଳ କୋର ଅଞ୍ଚଳରେ ରହୁଥିବା ପରିବାରମାନେ ବିସ୍ଥାପିତ ହୋଇ କରଞ୍ଜିଆ ବ୍ଲକ ଅନ୍ତର୍ଗତ ଖାଦିଧର, ସାଲାଇବେଡ ଏବଂ ପାହାଡମଡକ ଗ୍ରାମରେ ଥଇଥାନ କରିଥିଲେ ପ୍ରଶାସନ। ସେହି ଅନୁଯାୟୀ ସେମାନଙ୍କୁ ସରକାରଙ୍କ କ୍ଷତିପୂରଣ ଏବଂ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ପରିବାରକୁ ୧୦ ଲକ୍ଷ ଲେଖା ପ୍ରଦାନ

### ଥାନାରେ ଅଭିଯୋଗ

କରାଯାଇଥିଲା ଏବଂ ସହାୟତା ରାଶିକୁ ବିସ୍ଥାପିତଙ୍କ ନାମରେ ବ୍ୟାଙ୍କରେ ଜମା କରିଦିଆଗଲା। ଟଙ୍କା ଉଠାଣ ନିମନ୍ତେ ଉପଜିଲ୍ଲାପାଳ ଅନୁମତି ଦେଲେ ହିତାଧିକାରୀ ଟଙ୍କା ଉଠାଇ ପାରିବେ ବୋଲି ଚୁକ୍ତି ହେଲା। ବିସ୍ଥାପିତ ସେମାନଙ୍କର ଜରୁରୀ ଆବଶ୍ୟକତା ହେଲେ ଉପଜିଲ୍ଲାପାଳଙ୍କ ଅନୁମତି ଅନୁଯାୟୀ ବ୍ୟାଙ୍କରୁ ଟଙ୍କା ଉଠାଇବେ। ଏହି ପରିପ୍ରେକ୍ଷୀରେ ସବ୍ କଲେକ୍ଟର, ପାଞ୍ଚପିରଙ୍କ ଦସ୍ତଖତକୁ ଜାଲ କରି କେତେକ ବିସ୍ଥାପିତ ପରିବାର ବ୍ୟାଙ୍କରୁ ଟଙ୍କା ଉଠାଣ କରିଥିବା ଜାଣି ଉପଜିଲ୍ଲାପାଳ ୫/୨/୨୫ ରିଖ କରଞ୍ଜିଆ ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି ହେଲେ ଆଜି ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ହୋଇ ନଥିବାରୁ ଏହା ଦୁର୍ଭାଗ୍ୟ ବୋଲି ଖୋଦ୍ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ ପ୍ରକାଶ କରିଛନ୍ତି।

## ଚୋରା ମଦ କାରବାରକୁ ୱାର୍ଡବାସୀଙ୍କ ବିରୋଧ



କରଞ୍ଜିଆ (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ସହରରେ ଦେଶୀ ହେଉ କି ବିଦେଶୀ ଚୋରା ମଦ ବ୍ୟବସାୟ ଦିନକୁ ଦିନ ବୃଦ୍ଧି ଆଲୋଚ୍ୟର ବିଷୟ ପାଲଟିଛି । ଏଠାରେ ପ୍ରକାଶ ଯୋଗ୍ୟ ଯେ, କରଞ୍ଜିଆ ସହରର ବିଭିନ୍ନ ସ୍ଥାନରେ ଚୋରା ମଦ ବ୍ୟବସାୟକୁ ନେଇ ଆଜି ୬, ୭ ଏବଂ ୮ ୱାର୍ଡବାସୀ କିଛି ପ୍ରତିବାଦ ସହିତ ଉତ୍ତେଜନା ଦେଖିବାକୁ ମିଳିଥିଲା । ଅବକାରୀ ବିଭାଗ କାର୍ଯ୍ୟାଳୟ ଠାରୁ ମାତ୍ର ୧୦୦ ମିଟର ନିକଟରେ ଦୀର୍ଘ ମାସ ହେବ ବିଭିନ୍ନ ସ୍ଥାନରେ ଚୋରା ମଦ ବ୍ୟବସାୟ ଚାଲି ଆସିଛି । ଯାହାକୁ ନେଇ ଅଞ୍ଚଳର ପରିବେଶ ଉପରେ ପଡିଛି ଏହାର ସମ୍ପୂର୍ଣ୍ଣ ପ୍ରଭାବ। ଏହି ଚୋରା ମଦ କାରବାରକୁ ବିରୋଧ କରିଛନ୍ତି ୱାର୍ଡ ବାସୀ। ଆଜି ଦିବା ୧୧ଘଟିକା ସମୟରେ କରଞ୍ଜିଆ ଉପଖଣ୍ଡ ପୋଲିସ୍ ଅଧିକାରୀ ଙ୍କ କାର୍ଯ୍ୟାଳୟକୁ ଯାଇ ସେଠାରେ ମଦ ବିରୋଧରେ ବିଭିନ୍ନ ନାରା ଦେଇ ଉପଖଣ୍ଡ ପୋଲିସ୍ ଅଧିକାରୀ ନବକୃଷ୍ଣ ନାଏକଙ୍କୁ ଚୋରା ମଦ ବ୍ୟବସାୟ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଅଭିଯୋଗ କରିଥିଲେ। ପରେ ସେଠାରୁ ଅବକାରୀ ବିଭାଗ କାର୍ଯ୍ୟାଳୟ ଠାରେ ପହଞ୍ଚି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଚୋରା ମଦ ବ୍ୟବସାୟ ବନ୍ଦ କରିବା ପାଇଁ ଦାବି କରିଥିଲେ। ଆଗାମୀ ଦିନ ରେ ଏହି ଘଟଣା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନନେଲେ କରଞ୍ଜିଆ ଅବକାରୀ ଥାନା ଘେରାଉ କରିବା ସହିତ ଆନ୍ଦୋଳନର ଚେତାବନୀ ଦେଇଛନ୍ତି ୱାର୍ଡବାସୀ। ତେବେ କରଞ୍ଜିଆ ଅବକାରୀ ଓଆଇସି ରଶ୍ମି ରଞ୍ଜନ ନାୟକ ୱାର୍ଡବାସୀ ଙ୍କୁ ବୁଝାସୁଝା କରିବା ସହିତ ପ୍ରତିଶ୍ରୁତି ଦେବା ପରେ ୱାର୍ଡବାସୀ ଆନ୍ଦୋଳନରୁ ଓହରିଥିଲେ।

## କଂଗ୍ରେସ ପ୍ରଭାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ଓଡିଶା ପ୍ରଦେଶ କଂଗ୍ରେସ ପ୍ରଭାରୀଙ୍କୁ ମାହାଙ୍ଗା ନିର୍ବାଚନ ମଣ୍ଡଳୀ କଂଗ୍ରେସ ଯୁବନେତା ପ୍ରଦିପ୍ତ ଦାସଙ୍କ ନେତୃତ୍ୱରେ ନିଶ୍ଚିନ୍ତକୋଇଲି ଠାରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଦେଶ କଂଗ୍ରେସ ଅଲ୍ ଇଣ୍ଡିଆ ସାଧାରଣ ସମ୍ପାଦକ ତଥା ଓଡିଶା ପ୍ରଭାରୀ ଅଜୟ କୁମାର ଲାଲୁ ଆଜି କେନ୍ଦ୍ରାପଡା ଜିଲ୍ଲା ଗ୍ରସ୍ତ କରିଥିଲେ। ସେ କେନ୍ଦ୍ରାପଡା ଗସ୍ତସାରି ଫେରୁଥିଲାବେଳେ ନିଶ୍ଚିନ୍ତକୋଇଲି ବଜାର ଠାରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ କଂଗ୍ରେସ ଯୁବନେତା ପ୍ରଦୀପ୍ତ ଦାସଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ତାଙ୍କୁ ପୁଷ୍ପଗୁଚ୍ଛଦେଇ ବ୍ୟାପକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଏହି ସମ୍ବର୍ଦ୍ଧନା ଉତ୍ସବରେ କଂଗ୍ରେସ ନେତା ନାରାୟଣ ଦ୍ୱିବେଦୀ, ଗୋପାଳ ସେଠୀ, ସୁଶୀଳ କୁମାର ଲେଙ୍କା, ହେମନ୍ତ କୁମାର ସ୍ୱାଇଁ, ହୃଶିକେଷ ମହାରଣା, ରମେଶଚନ୍ଦ୍ର ସାହୁ, ନାରାୟଣ ରାଉତ ପ୍ରମୁଖ ବହୁ



କଂଗ୍ରେସ ନେତା ଯୋଗଦାନ କରିଥିଲେ। ପ୍ରଦୀପ୍ତଙ୍କ ନେତୃତ୍ୱରେ କର୍ମୀମାନେ ଶ୍ରୀ ଲାଲୁଙ୍କୁ ସାଲେପୁର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ସୂଚନା ଥାଉକି ଆସନ୍ତା ୨୭ତାରିଖ ଦିନ ଓଡିଶା ବିଧାନସଭା ଘେରାଉ ବେଳେ ମଙ୍ଗଳବାର ରାଜ୍ୟ ପ୍ରଭାରୀ ଅଜୟ କୁମାର ଲାଲୁଙ୍କ ସହ ମାହାଙ୍ଗା କଂଗ୍ରେସ ନେତା ତଥା ପ୍ରାକ୍ତନ ପିସିସି ସମ୍ପାଦକ ପ୍ରଦିପ୍ତ ଦାସଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ମାହାଙ୍ଗାରେ କଂଗ୍ରେସକୁ ତୃଣମୂଳସ୍ତରରେ ସଙ୍ଗଠିତ କରି ନେତୃତ୍ୱ ନେବାକୁ ପ୍ରଦୀପ୍ତଙ୍କୁ ପ୍ରଭାରୀ ପରାମର୍ଶ ଦେଇଥିଲେ।

## ସାଧାରଣ ଜ୍ଞାନ ଆହରଣ କାର୍ଯ୍ୟକ୍ରମ



ବୋଲଗଡ(ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ ଅନ୍ତର୍ଗତ ଆଠିକେମା ସରକାରୀ ଉଚ୍ଚ ବିଦ୍ୟାଳୟରେ ଠଣାପଲ୍ଲୀ ମିଳିତ ଯୁବକ ସଂଘର ସୁବର୍ଣ୍ଣ ଜୟନ୍ତୀ ଅବସରରେ ସ୍କୁଲ ପିଲାଙ୍କ ମଧ୍ୟରେ ସାଧାରଣ ଜ୍ଞାନ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଯୁବକ ସଂଘର ସଂପାଦକ ସମାଜସେବୀ ଭାଗିରଥୀ ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖଶାଳାର ସଂପାଦକ ବଂଶୀଧର ପଣ୍ଡା, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ହୋତା ଅତିଥି ଭାବରେ ଯୋଗଦେଇ ସାଧାରଣ ଜ୍ଞାନ ଛାତ୍ର ଛାତ୍ରୀମାନଙ୍କର ମାନସିକ, ବୌଦ୍ଧିକ ବିକାଶରେ ସାହାଯ୍ୟ କରିବା ନେଇ ସଚେତନ କରାଇଥିଲେ। ଆକାଶବାଣୀ କଟକ କେନ୍ଦ୍ରର କାର୍ଯ୍ୟକ୍ରମ ନିଷ୍ପାଦକ୍ ତ୍ରିଲୋଚନ ଦାଶ କ୍ୱିଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦେବସ୍ମିତା ଦଳାଇ,ଜିତନ୍ ମହାରଣା,ସ୍ୱାଗତିକା ପାଲଟାସିଂହ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିଲେ। ଏମାନଙ୍କ ସହିତ ଆଉ ଅନ୍ୟ ଛାତ୍ର ଛାତ୍ରୀମାନଙ୍କୁ ମଧ୍ୟ ମାନପତ୍ର ଓ ପୁରସ୍କାର ସ୍କୁଲ୍‌ର ପ୍ରଧାନ ଶିକ୍ଷକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସ୍କୁଲ୍‌ର ଶିକ୍ଷୟିତ୍ରୀ ଶୁଭଶ୍ରୀ ସୁଚିସ୍ମିତା,ସୌମ୍ୟାଶ୍ରୀ ପଟ୍ଟନାୟକ, ରଶ୍ମିତା ଚୌଧୁରୀ, ସୌଦାମିନୀ ଜୟସିଂହ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନରେ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ବନମାଳୀ ସାହୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଡଙ୍କାରୀ ଓ ରାହାଡ଼ପୁର କଳାପଥର ପାହାଡ଼ ଉପରେ ମିଳିତ ଚଢ଼ଉ

ଧର୍ମଶାଳା (ଭାସ୍କର ନ୍ୟୁଜ୍)): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଡ଼ଙ୍କାରୀ ଓ ରାହାଡ଼ପୁର କଳାପଥର ପାହାଡ଼ ଉପରେ ମଙ୍ଗଳବାର ଦିନ ଖଣି, ରାଜସ୍ୱ ଓ ଜେନାପୁର ପୋଲିସ୍ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇ ୨ଟି କମ୍ପ୍ରେସର୍ ଓ ଗୋଟିଏ ହାଇୱା ଗାଡ଼ିକୁ ଜବତ କରାଯାଇଛି । ବିଭିନ୍ନ ଗଣମାଧ୍ୟମରେ ଓ ରାଜ୍ୟ ବିଧାନସଭାରେ ଧର୍ମଶାଳା ତହସିଲ ଅଧିନସ୍ଥ ଲଘୁ ଖଣିଜ ସମ୍ପଦ ବ୍ୟାପକ ହରିଲୁଟ୍ ହେଉଥିବା ଅଭିଯୋଗ ହୋଇଆସୁଅଛି । ଏନେଇ ଆଜି ଯାଜପୁର ରୋଡ଼ ଖଣି ବିଭାଗ ଡ଼ିଡ଼ିଏମ୍

### ଗାଡ଼ି ଜବତ

ଜୟପ୍ରକାଶ ନାୟକ, ଖଣି ବିଭାଗ ଅଧିକାରୀ ଝସ୍‌କେତନ ସେଠୀ, ଧର୍ମଶାଳା ତହସିଲଦାର ସମିର ରଞ୍ଜନ ଦାଶ, ଜୋନପୁର ଥାନା ଅଧିକାରୀ ନିରୁପମା ଜେନା ଓ ରାଜସ୍ୱ ନିରୀକ୍ଷକ ଜଗବନ୍ଧୁ ଜେନା ପ୍ରମୁଖ ଡ଼ଙ୍କାରୀ ଓ ରାହାଡ଼ପୁର କଳାପଥର ଖାଦାନ ଉପରେ ଚଢ଼ାଉ କରିଥିଲେ । ଡ଼ଙ୍କାରୀ ଓ ରାହାଡ଼ପୁର କଳାପଥର ଖାଦାନ ଉପରେ ମିଳିତ ଚଢ଼ାଉ କରାଯାଇ ୨ଟି କମ୍ପ୍ରେସର୍ ଓ ଗୋଟିଏ ହାଇୱା ଗାଡ଼ିକୁ ଜବତ କରାଯାଇଛି । ଜବତ ଗାଡ଼ିମାଲିକଙ୍କ ନାମରେ ଖଣି ବିଭାଗ ପକ୍ଷରୁ ଜେନାପୁର ଥାନାରେ କେଶ ରୁଜୁ ହୋଇଥିବା ଜଣାଯାଇଛି ।

## ବିଭିନ୍ନ ସମସ୍ୟା ଘେରରେ ଦଳିତ ସାହି, ଲୋକପ୍ରତିନିଧିଙ୍କ ଅଣଦେଖା ଅଭିଯୋଗ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ଦଳିତ ଲୋକଙ୍କ ଉନ୍ନତି ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା ଉପରେ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏଥିନିମନ୍ତେ ସରକାର କୋଟି କୋଟି ଟଙ୍କାର ଆର୍ଥିକ ଅନୁଦାନ ଯୋଗାଇ ଦେଉଛନ୍ତି। ଏପରିସ୍ଥଳେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅଧିନରେ ଥିବା ଏକ ଦଳିତ ସାହିର ଲୋକମାନେ କିଭଳି ସମସ୍ୟା ଘେରରେ ରହିଛନ୍ତି ତାହାର ଏକ ନଗ୍ନ ଉଦାହରଣ ଦେଖିବାକୁ ମିଳିଛି। ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡା ଗ୍ରାମପଂଚାୟତ ହଳଧରପୁର ଦଳିତ ସାହିର ସୀମାରେ ମାହାଙ୍ଗା ବ୍ଲକର ଗୋତରା ଗ୍ରାମପଂଚାୟତ ଓ ଭଦ୍ରେଶ୍ୱର ଗ୍ରାମପଂଚାୟତର ୩ଟି ଗ୍ରାମକୁ ନେଇ କଂଟିବାଙ୍କ ଗ୍ରାମ ଗଠିତ। ଏହି ଗ୍ରାମଟି



୩ଟି ପଂଚାୟତର ସଙ୍ଗମସ୍ଥଳରେ ଅବସ୍ଥିତ। ଏହି ଦଳିତ ସାହିରେ ୩୦ଟି ପରିବାର ବାସ କରନ୍ତି। ତେବେ ଏହି ଗ୍ରାମର ଅଧିକାଂଶ ଲୋକ ଗରିବ ଶ୍ରେଣୀୟ ଓ ଦିନ ମଜୁରିଆ ଅଟନ୍ତି। ଏହି ଗ୍ରାମରେ କୌଣସି ଅଙ୍ଗନୱାଡି କେନ୍ଦ୍ର ନଥିଲା ବେଳେ ଗାଁକୁ ଯିବା ନିମନ୍ତେ କୌଣସି ଭଲ ରାସ୍ତାଟିଏ ନାହିଁ। ରାସ୍ତାର ଦୂରବସ୍ଥା ହେତୁ ଜରୁରୀକାଳୀନ ପରିସ୍ଥିତିରେ ଏହି ଗ୍ରାମକୁ ଦମକଳ ଗାଡି କିମ୍ବା ଆମ୍ବୁଲାନ୍ସ ଯାଇ ଆସିପାରୁନାହିଁ। ଫଳରେ ଗର୍ଭବତୀ ପ୍ରସୂତି ମହିଳା, ରୋଗଗ୍ରସ୍ତ ଲୋକ ସର୍ବୋପରି କୋମଳମତୀ ଶିଶୁମାନେ ଡାକ୍ତରଖାନାକୁ ଯାଇନପାରି ଅକାଳରେ ମୃତ୍ୟୁ ମୁଖରେ ପଡୁଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ଏହି ଗ୍ରାମରେ ପାନୀୟ ଜଳର ସୁବନ୍ଦୋବସ୍ତ ନାହିଁ। ଗ୍ରାମରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ନଳକୂପ ଗୁଡିକ ଭାଙ୍ଗିରୁଜି ଅକାମୀ ହୋଇ ପଡିଛି। ନଳକୂପର ଚତୁର୍ପାର୍ଶ୍ୱ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇପଡିଛି। ନଳକୂପ ଚତୁପାର୍ଶ୍ୱରେ ଦୂଷିତ ଜଳ ଜମି ରହିଛି। ପୋକ ସାଲୁବାଲୁ ହେଉଛନ୍ତି। ଯାହାକୁ ନେଇ ଆଗାମୀ ଦିନରେ ଲୋକେ ସଂକ୍ରାମକ ରୋଗରେ ଆକ୍ରାନ୍ତ ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଗାଁରେ ପରିମଳ ଜଳ ଯୋଗାଣ ସର୍ବୋପରି ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ତେବେ ଏହି ଗ୍ରାମଟି ୩ଟି ପଂଚାୟତର ସଙ୍ଗମସ୍ଥଳ ହୋଇଥିବାରୁ ସ୍ଥାନୀୟ ନିର୍ବାଚିତ ଲୋକ ପ୍ରତିନିଧିମାନେ ଅଣଦେଖା କରୁଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରାଯିବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି।

## ଏକ ଦିବସୀୟ ଦକ୍ଷତା ବିକାଶ ତାଲିମ ଓ କମ୍ପୋଷ୍ଟ କିଟ୍ ବଣ୍ଟନ



ମାଲକାନଗିରି (ଭାସ୍କର ନ୍ୟୁଜ) : ମାଥିଲି ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ମୁଣ୍ଡାଗୁଡ଼ା ଗ୍ରାମ ଠାରେ ଏକ ରେଞ୍ଜ ସ୍ତରର ସ୍ୱୟଂ ସହାୟିକା ଦଳ ଏବଂ ରୋଜଗାର ନିମନ୍ତେ ଏକ ଦିବସୀୟ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମାଥିଲି ଫରେଷ୍ଟ ରେଞ୍ଜ ଅଧିକାରୀ ବାସୁଦେବ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟିକା ମାନେ ଆତ୍ମନିର୍ଭରଶୀଳ ହେବା ଏବଂ ବନ ସୁରକ୍ଷା ସମିତି ଅଞ୍ଚଳର ମହିଳାମାନଙ୍କର ରୋଜଗାର ଓ ଆର୍ଥିକ ସ୍ତରରେ ବୃଦ୍ଧି କରିବା ପାଇଁ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ବନ ସୁରକ୍ଷା ସମିତି ସଭାପତି ଏବଂ ବିଭିନ୍ନ ଭିଏସଏସର ସଦସ୍ୟ ମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ । ଜିପିଏମ୍ ଅନୁଷ୍ଠାନ ଭୁବନେଶ୍ୱରର ମୁଖ୍ୟ ପ୍ରଶିକ୍ଷକ ପ୍ରଫୁଲ୍ଲ ବିଶୋଇ ମହିଳା ସଦସ୍ୟମାନଙ୍କୁ ଅଳ୍ପ ଅର୍ଥ ବିନିଯୋଗ କରି ଉତ୍କୃଷ୍ଟ ଜିଆ ଖତ ବା କମ୍ପୋଷ୍ଟ ବ୍ୟବସାୟରେ କିପରି ଏକ ଉଦ୍ୟୋଗ ଆରମ୍ଭ କରିବେ ଓ କିପରି ଲାଭବାନ ହୋଇ ପାରିବେ ତାଲିମ ପ୍ରଦାନ କରିଥିଲେ । କିପରି କମ୍ପୋଷ୍ଟ ଏବଂ ଲାଭ କ୍ଷତି ଆକଳନ ବିଷୟରେ ବୁଝେଇଥିଲେ ଏହା ଦ୍ୱାରା କୃତ୍ରିମ ସାର ବଦଳରେ ଗୋବର ଖତ ବ୍ୟବହାର କରି ବନୀକରଣ କରିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ୨୧ ଟି ସ୍ୱୟଂ ସହାୟିକା ଦଳ ସଦସ୍ୟମାନଙ୍କୁ ୨୧ ଟି ସେଟ୍ କମ୍ପୋଷ୍ଟ ପିଟ୍ କିଟ୍ ବଣ୍ଟନ କରାଯାଇଥିଲା ତାଲିମ ପରେ ମୁରଲୀ ମହାରାଣା ବନପାଳ ମାଥିଲି କିଶୋର କୁମାର ଟି.ଏଲ୍, ହୃଷୀକେଶ ପଣ୍ଡା ସୁରଜ ମାଝି ଏବଂ ସୃଷ୍ଟି ପିଏନଜିଓର ବନଶି ଅନୁଗୁଳିଆ ଏହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ ।

## ଅଲମ୍ପିକ ମୂଲ୍ୟବୋଧ ଆଧାରିତ ଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଉମରକୋଟ(ଭାସ୍କର ନ୍ୟୁଜ) : ଉମରକୋଟ ବ୍ଲକ ଅନ୍ତର୍ଗତ ଭଣ୍ଡାରୀଗୁଡା ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଲମ୍ପିକ ମୂଲ୍ୟବୋଧ ଆଧାରିତ ଶିକ୍ଷଣ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଅଛି। ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ପ୍ରକାଶ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଅଙ୍କିତା ବେହେରା ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଉମରକୋଟ ବ୍ଲକ ଶିକ୍ଷାଧିକାରୀ ଈଶ୍ୱର ଚନ୍ଦ୍ର ମାଝୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଦ୍ୟାଳୟ ସ୍ତରରୁ ପିଲାମାନଙ୍କୁ ଅଲମ୍ପିକ କ୍ରୀଡାପ୍ରତି ପ୍ରସ୍ତୁତି ରଖିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଶ୍ରୀ ପୁରୁଷୋତ୍ତମ ମାଝୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପିଲାମାନଙ୍କୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଉଦବୋଧନ ଦେଇଥିଲେ। ସମ୍ମାନୀତ ଅତିଥି ଶ୍ରୀ ସନ୍ତୋଷ କୁମାର ସାହୁ, ସି.ଆର.ସି.ସି, ବାମନଦେଇଭଟ୍ଟା ଓ ଶ୍ରୀ ମଧୁସୂଦନ ଜେନା, ସି.ଆର.ସି.ସି, ଜିରାଗୁଡା ପିଲାମାନଙ୍କୁ ପାଠପଢା ସହ ଅଲମ୍ପିକ କ୍ରୀଡା ପ୍ରତି ସ୍ୱତନ୍ତ୍ର ପ୍ରସ୍ତୁତି ରଖିବା ପାଇଁ ପରାମର୍ଶ ଦେଇଥିଲେ। ପୂର୍ବତନ




ସରପଞ୍ଚ ତଥା ସମାଜସେବୀ ଉଦ୍ଧବ ନାୟକ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ର ଅବସ୍ଥାରୁ ଅଲିମ୍ପିକ କ୍ରୀଡା ପାଇଁ ପ୍ରସ୍ତୁତି ରଖିଲେ ସଫଳତା ନିଶ୍ଚୟ ମିଳିବ ବୋଲି ପିଲାମାନଙ୍କୁ ଉଦବୋଧନ ଦେଇଥିଲେ। ସଭାପତି ଶ୍ରୀ ଦାସ ଅଲମ୍ପିକ କ୍ରୀଡାର ଇତିହାସ ଓ ଆହ୍ୱାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର କ୍ରୀଡା ଶିକ୍ଷକ ଶ୍ରୀ ପରେଶ କୁମାର ମହାପାତ୍ର କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ପୂରଣ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମର ସଫଳତା ପାଇଁ ସହଯୋଗ କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର




କଟକ (ଭାସ୍କର ନ୍ୟୁଜ୍) : କଟକ ନୟାସଡ଼କସ୍ଥିତ ଇମର୍ଜୀ ଦେବୀ ମହିଳା ମହାବିଦ୍ୟାଳୟରେ ଅଧକ୍ଷା ଡ଼କ୍ଟର ସାଗରିକା ମହାନ୍ତିଙ୍କ ପୌରୋହିତ୍ୟରେ ଏଡ଼ସ୍ ରୋଗ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷା ଡ଼ଃ ମହାନ୍ତି ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। କଟକ ମହାନଗର ନାଗରିକ ମହାସଭାର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଡ଼ସ୍ ରୋଗର କାରଣ, ଲକ୍ଷଣ ଏବଂ ନିରାକରଣ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିଥିଲେ। ଯୁବ ରେଡ଼କ୍ରସ କାଉନ୍ସେଲର ସୁମିତା ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ରେଡ଼କ୍ରସ୍ ସ୍ୱେଚ୍ଛାସେବୀମାନେ ବକ୍ତୃତା, ଚିତ୍ରାଙ୍କନ ଏବଂ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । କୃତୀ ସ୍ୱେଚ୍ଛାସେବୀମାନଙ୍କୁ ମୁଖ୍ୟ ଅତିଥି ଡ଼ାକ୍ତର ସାହୁ ପୁରସ୍କାର ପ୍ରଦାନ କରିଥିଲେ। କାଉନ୍ସେଲର ମଞ୍ଜୁସ୍ମିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।



### ସ୍ମରଣିକା 'ସିଦ୍ଧ ପୁରୁଷ' ଉନ୍ମୋଚିତ

## ଡା. ଦେବେନ୍ଦ୍ର ପ୍ରଧାନ ଭବିଷ୍ୟତ ପୀଢ଼ି ପାଇଁ ପ୍ରେରଣାର ଆଲୋକବର୍ତ୍ତିକା: ରାଜ୍ୟପାଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରବୀଣ ରାଜନେତା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ସ୍ୱର୍ଗତଃ ଡା. ଦେବେନ୍ଦ୍ର ପ୍ରଧାନ ଭବିଷ୍ୟତ ପୀଢ଼ି ପାଇଁ ସର୍ବଦା ପ୍ରେରଣାର ଆଲୋକବର୍ତ୍ତିକା ହୋଇ ରହିବେ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ବୁଧବାର ଭୁବନେଶ୍ୱରସ୍ଥ ଜୟଦେବ ଭବନଠାରେ ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ ଆନୁକୂଲ୍ୟରେ ସ୍ମରଣିକା 'ସିଦ୍ଧ ପୁରୁଷ'ର ଉନ୍ମୋଚନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଡ. କମ୍ଭମ୍ପାଟି ଏହା କହିଛନ୍ତି । ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ସ୍ମରଣିକା 'ସିଦ୍ଧ ପୁରୁଷ' ବରେଣ୍ୟ ରାଜନେତା ସ୍ୱର୍ଗତ ଡା. ଦେବେନ୍ଦ୍ର ପ୍ରଧାନଙ୍କର କେବଳ ଏକ ସ୍ମୃତି ନୁହେଁ, ବରଂ ଏହା ଜଣେ ଜ୍ଞାନୀ, ଦୃଢ଼ ପ୍ରତିଜ୍ଞ, କର୍ମ ଉପରେ ବିଶ୍ୱାସ କରୁଥିବା ଏବଂ ନିଃସ୍ୱାର୍ଥପର ସେବା କରୁଥିବା ତଥା ନେତୃତ୍ୱ ନେଉଥିବା ବ୍ୟକ୍ତିତ୍ୱଙ୍କ ସଫଳଯାତ୍ରାର ପ୍ରତିଲିପି। ସ୍ୱର୍ଗତଃ ପ୍ରଧାନଙ୍କର ଜୀବନ କାହାଣୀ ଆମକୁ ସମର୍ପଣ, ଦୃଢ଼ତା ଏବଂ ବୃହତର ମଙ୍ଗଳ ପାଇଁ କାର୍ଯ୍ୟ କରିବାର ଏକ ନିରନ୍ତର ସଂକଳ୍ପ ନେବାକୁ ପ୍ରେରଣା ଦେବ ବୋଲି ରାଜ୍ୟପାଳ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥିଭାବରେ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱ ଭୂଷଣ ହରିଚନ୍ଦନ ଉଦ୍‌ବୋଧନ ଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. ପ୍ରଧାନଙ୍କର ଆଦର୍ଶ, ସେବା ମନୋଭାବ ଓ ଓଡ଼ିଶା ପ୍ରତି ଅବଦାନ ସଂପର୍କରେ ଆଲୋକପାତ କରିବା ସହ ତାଙ୍କ ସହ ଥିବା ସଂପର୍କର ସ୍ମୃତି ଚାରଣ କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ପୂର୍ବତନ ରାଜ୍ୟସଭା ସଦସ୍ୟ ସୌମ୍ୟରଂଜନ ପଟ୍ଟନାୟକ ବକ୍ତବ୍ୟ ପ୍ରଦାନ କରି ଡା. ପ୍ରଧାନଙ୍କର ଅନନ୍ୟ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ, ଗୁଣାବଳୀ ଏବଂ ଓଡ଼ିଶା ତଥା ଦେଶ ପ୍ରତି ଅବଦାନ ସଂପର୍କରେ ଅବତାରଣା କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନର ପ୍ରତିଷ୍ଠାତା ତଥା ପ୍ରକାଶକ ଗଙ୍ଗାଧର ତ୍ରିପାଠୀ ବକ୍ତବ୍ୟ ପ୍ରଦାନ କରିଥିଲେ।

## ୧୩ ରେଳ କର୍ମଚାରୀଙ୍କୁ ରେଳ ସେବା ପୁରସ୍କାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅନୁକରଣୀୟ ସେବା, ନିଷ୍ଠା ଏବଂ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପାଇଁ ପୂର୍ବତଟ ରେଳପଥ ମୁଖ୍ୟାଳୟ ଏବଂ ମଞ୍ଚେଶ୍ୱର ରେଳଡବା ମରାମତି କାରଖାନାର ୧୩ ଜଣ ରେଳ କର୍ମଚାରୀଙ୍କୁ ପ୍ରତିଷ୍ଠିତ ରେଳ ସେବା ପୁରସ୍କାର ୨୦୨୪ ରେ ସମ୍ମାନିତ କରାଯାଇଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏହି ଅବସରରେ ଯୋଗ ଦେଇ କର୍ମଚାରୀମାନଙ୍କୁ ସେମାନଙ୍କ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଓ କାର୍ଯ୍ୟଦକ୍ଷତା ପାଇଁ ପୁରସ୍କାର ପ୍ରଦାନ କରିଛନ୍ତି । ଏହି ଅବସରରେ ଯୋଗଦାନ କରି ରେଳପଥର ବରିଷ୍ଠ ଉପ-ମହାପ୍ରବନ୍ଧକ ବିଜୟ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର ବେହେରାଙ୍କ ସହିତ ରେଳପଥର ପ୍ରମୁଖ ବିଭାଗୀୟ ମୁଖ୍ୟ ଏବଂ ମଞ୍ଚେଶ୍ୱର ରେଳ ଡବା ମରାମତି କାରଖାନା ମୁଖ୍ୟ କାରଖାନା ପ୍ରବନ୍ଧକ ଉପସ୍ଥିତ ଥିଲେ ।



ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ରାଜ୍ୟ ଆଇନ୍‌ଜୀବୀ ପରିଷଦର ଅଧକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ, ନିକଟରେ ଉପସ୍ଥିତ ଅଛନ୍ତି ପରିଷଦର ସଦସ୍ୟବୃନ୍ଦ

## ଅପାରଗତା ଲୁଚାଇବାକୁ ଅସହିଷ୍ଣୁ ବିଜେପି ସରକାର: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଅପାରଗତା ଲାଗି ରାଜ୍ୟ ଅରାଜକତା ଆଡକୁ ଗତି କରୁଛି ଏବଂ ସରକାର ଅସହିଷ୍ଣୁ ଓ ପ୍ରତିକ୍ରିୟାଶୀଳ ହେବାର ନଗ୍ନ ଚିତ୍ର ଗତ ୪୮ ଘଣ୍ଟା ହେଲା ବିଧାନସଭାରେ ଦେଖିବାକୁ ମିଳୁଛି ବୋଲି ଶଙ୍ଖଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ ଓ ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ଼ ଲେନିନ୍ ମହାନ୍ତି। ଗତ ଦୁଇ ଦିନ ଧରି ବିଧାନସଭାରେ ଚାଲିଥିବା ଅଚଳାବସ୍ଥା ନାଟକର ରଚନା ବିଜେପି ଅଫିସରେ ଲେଖାଯାଇଛି। ଅସହିଷ୍ଣୁ ଶାସକ ଦଳର ଆଚରଣ ଓ ଉଚ୍ଚାରଣକୁ ବିଜୁ ଜନତା ଦଳ ଦୃଢ଼ ନିନ୍ଦା କରୁଛି।

## ନିର୍ବାଚିତ ବିଧାୟକଙ୍କୁ ବିଧାନସଭା ପରିସରକୁ ଯିବାକୁ ନଦେବା ସଂପୂର୍ଣ୍ଣ ଅଗଣତାନ୍ତ୍ରିକ: କଂଗ୍ରେସ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନିର୍ବାଚିତ ବିଧାୟକ ମାନଙ୍କୁ ବିଧାନସଭା ପରିସର ଭିତରକୁ ବାଚସ୍ପତିଙ୍କର ବିନା ନିର୍ଦ୍ଦେଶନାମାରେ ଯିବାକୁ ନଦେବା ସଂପୂର୍ଣ୍ଣ ଅଗଣତାନ୍ତ୍ରିକ ଏବଂ ଓଡ଼ିଶା ବିଧାନସଭା ଇତିହାସରେ ପ୍ରଥମଥର ପାଇଁ ପୋଲିସ ବିଧାନସଭାର ନୀତି ନିର୍ଦ୍ଧାରିକ ସାଜିଛି ଏବଂ ବାଚସ୍ପତି ସରକାରୀ ଦଳର ହାତବାରିସି ସାଜିଛନ୍ତି। ଗତକାଲି ରାତି ଏବଂ ଆଜିର ଘଟଣାକ୍ରମକୁ ଦେଖିଲେ ଏଭଳି କିଛି ପ୍ରତୀୟମାନ ହେଉଥିବା ଅଭିଯୋଗ କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସର ତମାମ ବରିଷ୍ଠ ନେତା ସର୍ବଶ୍ରୀ ପୂର୍ବତନ ବିଧାୟକ ଦଳ ନେତା ନରସିଂହ ମିଶ୍ର, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ସାଂସଦ ଅମର ପ୍ରଧାନ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ପୂର୍ବତନ ବିଧାୟକ ସମୀର ରାଉତରାୟ, ଅଖିଳଭାରତ ମହିଳା କଂଗ୍ରେସ ସମ୍ପାଦିକା ସସ୍ମିତା ବେହେରାଙ୍କ ଉପସ୍ଥିତିରେ ପିସିସି ସଭାପତି ରାଜ୍ୟର ବିଜେପି ସରକାରର ମହିଳା ହିଂସାକୁ ନେଇ ଦୋମୁହାଁ ନୀତିକୁ କଠୋର ସମାଲୋଚନା କରିବା ସହିତ ମୋହନ ସରକାର ସମୟରେ କ୍ରମାଗତ ଭାବରେ ବଢୁଥିବା ଦୁଷ୍କର୍ମ, ଗଣଦୁଷ୍କର୍ମ ଏବଂ ପାଶବିକ ଅତ୍ୟାଚାରକୁ ନେଇ ଚିନ୍ତାବ୍ୟକ୍ତ କରିଥିଲେ। ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଥିଲେ ଯେ ଓଡ଼ିଶାର ବାଚସ୍ପତି ନିଜେ ମହିଳା ହୋଇଥିବା ବେଳେ ବିଧାନସଭାରେ କଂଗ୍ରେସ ବିଧାୟକମାନଙ୍କର ମହିଳା ହିଂସାକୁ ନେଇ ମୁଖ୍ୟମନ୍ତ୍ରୀଙ୍କର ବିବୃତି ଏବଂ ଗୃହକମିଟି ଗଠନ ଦାବିକୁ ଆଗ୍ରାହ୍ୟ କରି ୧୨ ଜଣ ବିଧାୟକଙ୍କୁ ସସପେଣ୍ଡ କରିବା ଗଣତନ୍ତ୍ରକୁ ହତ୍ୟା କରିବା ସହିତ ସମାନ। ଗତକାଲି ରାତିରେ କଂଗ୍ରେସର ୧୨ଜଣ ବିଧାୟକ ବିଧାନସଭା ପରିସର ଭିତରେ ଅଖିଆ ଅପିଆ ଧାରଣ ଦେଇଥିଲେ ମଧ୍ୟ ତାଙ୍କୁ ଦେଖାହେବା ପାଇଁ ପୂର୍ବତନ ବିଧାୟକ ମାନଙ୍କୁ ପୋଲିସ ନଛାଡ଼ିବା ଅତ୍ୟନ୍ତ ନିନ୍ଦନୀୟ କାର୍ଯ୍ୟ।

## ୧୮ ମିଲ୍ ମାଲିକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ସମୟରେ ଧାନ କିଣାରେ ଅନିୟମିତତା ଯୋଗୁଁ ୧୮ଜଣ ମିଲ ମାଲିକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର। ମନ୍ତ୍ରୀ ତାଙ୍କ ଉତରରେ ଉଲ୍ଲେଖକରିଛନ୍ତି ଯେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ମିଲ ମାଲିକଙ୍କ ମଧ୍ୟରୁ ୩ଜଣ ମାଲିକଙ୍କୁ ସାମୟିକ ଭାବେ ବାରଣ କରାଯାଇଥିଲା । ଜଣେ ମିଲ ମାଲିକଙ୍କ ବିରୁଦ୍ଧରେ ଅତ୍ୟାବଶ୍ୟକ ଖାଦ୍ୟ ଦ୍ରବ୍ୟ ଆଇନ ୧୯୫୫ ନିୟମାନୁସାରେ ମାମଲା ରୁଜୁ କରାଯାଇଛି ଏବଂ ଜଣେ ମିଲ ମାଲିକଙ୍କ ଚଳିତ ଖରିଫ ଋତୁରେ ଧାନ କିଣାପାଇଁ ହୋଇଥିବା ଚୁକ୍ତିନାମା ସମାପ୍ତି କରାଯାଇଛି। ଅବଶିଷ୍ଟ ୧୩ଜଣ ମିଲ ମାଲିକଙ୍କୁ କାରଣଦର୍ଶାଅ ନୋଟିସ ଜାରି ହୋଇଛି। ନୂଆପଡାର ଅନ୍ନପୂର୍ଣ୍ଣା ରାଇସ ମିଲ ନାମରେ ମାମଲା ରୁଜୁ ହୋଇଥିବାବେଳେ ଜଗତସିଂହପୁର ଜିଲ୍ଲାରେ ଥିବା ସାଲସାର ଆଗ୍ରୋ ପ୍ରଡକ୍ଟର ଚୁକ୍ତିନାମା ସମାପ୍ତ କରାଯାଇଛି । ସେହିଭଳି ସମ୍ବଲପୁର ଜିଲ୍ଲାରେ ଥିବା ଏସଆଇପି ରାଇସ ଇଣ୍ଡଷ୍ଟ୍ରିକୁ ଚଳିତ ଖରିଫ ଋତୁରେ ସାମୟିକ ଭାବେ ବାରଣ କରାଯାଇଛି । କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବା ମିଲ ମଧ୍ୟରେ ନୟାଗଡ ଜିଲ୍ଲାର ୫ଟି ମିଲ ଥିବାବେଳେ ପୁରୀର ଗୋଟିଏ ଏବଂ କେନ୍ଦ୍ରାପଡାର ୯ଟି ମିଲ ରହିଛି ।

## ବନ୍ଦୀଙ୍କୁ ମାସିକ ପେନସନ ପ୍ରଦାନ ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀଙ୍କ ବିବୃତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୨୫ ଜୁନ ୧୯୭୫ ମସିହାରୁ ୨୧ ମାର୍ଚ୍ଚ ୧୯୭୭ ମସିହା ପର୍ଯ୍ୟନ୍ତ ଜାତୀୟ ଜରୁରୀକାଳୀନ ପରିସ୍ଥିତି ସମୟରେ MISA, DIR ଏବଂ DISIR ପ୍ରଭୃତି ଆଇନ ବଳରେ ଗିରଫ ହୋଇଥିବା ବନ୍ଦୀମାନଙ୍କୁ ସରକାରଙ୍କ ଦ୍ୱାରା ମାସିକ ପେନସନ ଦେବା ପାଇଁ ଗତ ସ୍ୱାଧୀନତା ଦିବସରେ ଘୋଷଣା କରାଯାଇଥିଲା । ସେହି ଘୋଷଣା ମୁତାବକ, ସରକାରଙ୍କ ଦ୍ୱାରା ଏକ ସଂକଳ୍ପ ପତ୍ର ୧୩ ଜାନୁୟାରୀ ୨୦୨୫ ତାରିଖରେ ଜାରି କରାଯାଇଥିଲା । ସେହି ସଂକଳ୍ପ ପତ୍ରରେ ଜରୁରୀକାଳୀନ ପରିସ୍ଥିତି ସମୟରେ ବନ୍ଦୀ ହୋଇଥିବା ବ୍ୟକ୍ତିମାନଙ୍କୁ ଜିଲ୍ଲାପାଳମାନଙ୍କ ନିକଟରେ ଆବେଦନ କରିବାକୁ ଘୋଷଣା କରାଯାଇଥିଲା । ସମ୍ପୃକ୍ତ ଜିଲ୍ଲାପାଳମାନେ ବନ୍ଦୀମାନଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନ ପତ୍ର ଗୁଡ଼ିକୁ ଜିଲ୍ଲାସ୍ତରୀୟ କମିଟିରେ ତର୍ଜମା କରି ରାଜ୍ୟସ୍ତରୀୟ କମିଟିକୁ ପ୍ରେରଣ କରିଥାନ୍ତି । ଇତିମଧ୍ୟରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ଜିଲ୍ଲା ସ୍ତରୀୟ କମିଟିର ନିଷ୍ପତ୍ତିକୁ ବିଚାରକରି ପ୍ରଥମ ପର୍ଯ୍ୟାୟରେ ଏକୋଇଶ (୨୧) ଜଣଙ୍କୁ ୦୧ ଜାନୁୟାରୀ ୨୦୨୫ ତାରିଖଠାରୁ ମାସିକ କୋଡ଼ିଏ ହଜାର ଟଙ୍କା ପେନସନ ଦେବା ପାଇଁ ରାଜ୍ୟସ୍ତରୀୟ କମିଟି ସୁପାରିଶ କରିଛନ୍ତି । ରାଜ୍ୟ ସରକାର ଇତି ମଧ୍ୟରେ ଏହାକୁ ଅନୁମୋଦନ କରିଛନ୍ତି। MISA, DIR ଏବଂ DISIR ବନ୍ଦୀମାନଙ୍କଠାରୁ ଗ୍ରହଣ ହୋଇଥିବା ଅନ୍ୟ ଆବେଦନ ପତ୍ରଗୁଡ଼ିକୁ ବିଚାର କରାଯାଇ ପରବର୍ତ୍ତୀ ପର୍ଯ୍ୟାୟରେ ସେହିମାନଙ୍କୁ ମଧ୍ୟ ଏହି ସୁବିଧା ପ୍ରଦାନ କରାଯିବ ।

## କେନ୍ଦୁପତ୍ର ତୋଳାଳିଙ୍କୁ ଲାଭାଂଶ ପ୍ରଦାନ କରିବାକୁ ଘୋଷଣା

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : କେନ୍ଦୁପତ୍ର ହିତାଧିକାରୀ ମାନଙ୍କ କଲ୍ୟାଣ ପାଇଁ, ଆମ ସରକାର, ୨୦୨୪ କେନ୍ଦୁପତ୍ର ଶସ୍ୟ ବର୍ଷ ପାଇଁ ୮,୫୯,୪୪୯ ଜଣ କେନ୍ଦୁପତ୍ର ତୋଳାଳି ମାନଙ୍କ ପାଇଁ ଶତକଡା ୨୫ ହାରରେ ୫୨.୬୩ କୋଟି ଟଙ୍କା ଲାଭାଂଶ ପ୍ରଦାନ କରିବା ପାଇଁ ଘୋଷଣା କରିଛନ୍ତି। ୮,୫୯,୪୪୯ ଜଣ ତୋଳାଳୀଙ୍କ ମଧ୍ୟରୁ ୮୩.୯୨% ମହିଳା ଅଟନ୍ତି । ସେହିପରି, ୨୦,୫୦୨ ଜଣ କେନ୍ଦୁପତ୍ର ବନ୍ଧେଇ ଶ୍ରମିକମାନଙ୍କୁ ଶତକଡା ୫ ହାରରେ ୧.୯୪ କୋଟି ଟଙ୍କା ପ୍ରୋତ୍ସାହନ ରାଶି ଏବଂ ୧୬,୭୫୪ ଜଣ କେନ୍ଦୁପତ୍ର ସାମୟିକ କର୍ମଚାରୀମାନଙ୍କୁ ଶତକଡା ୫ ହାରରେ ୪.୯୯ କୋଟି ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିବାପାଇଁ ଆମ ସରକାର ଘୋଷଣା କରିଛନ୍ତି। ଉପରୋକ୍ତ ଲାଭାଂଶକୁ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ (ଡ଼ିବିଟି) ମାଧ୍ୟମରେ ପ୍ରଦାନ କରାଯାଉଅଛି। ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର ତୋଳାଳି ଯୋଜନାର ସଫଳ ରୂପାୟନ ପାଇଁ ୨କ୍ସ୨୪-୨୫ ଆର୍ଥିକ ବର୍ଷରେ 'ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର କଲ୍ୟାଣ ପାଣ୍ଠି' ମାଧ୍ୟମରେ ୫୦.୦୦ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି।

## ବିବାହ ପାଇଁ ଠକେଇ ମା'-ଝିଅ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରରେ ଜଣେ ଯୁବକଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ତାଙ୍କ ସହ ପ୍ରତାରଣା କରିଥିବା ଅଭିଯୋଗରେ କମିଶନରେଟ ପୋଲିସ ଅଭିଯୁକ୍ତ ମା'-ଝିଅଙ୍କୁ ନୟାଗଡରୁ ଗିରଫ କରିଥିବା ସୂଚନା ମିଳିଛି। ଆନ୍ଧ୍ରର ଏହି ମା-ଝିଅ ଭୁବନେଶ୍ୱରର ଜଣେ ଯୁବକଙ୍କୁ ବିବାହ ନେଇ ତାଙ୍କୁ ପ୍ରସ୍ତାବ ଦେଇଥିଲେ। ଝିଅ ଘର ନିୟମ ଅନୁସାରେ ବର ଘର ପକ୍ଷରୁ କନ୍ୟା ଘରକୁ ଲକ୍ଷାଧିକ ନଗଦ ଟଙ୍କା ସହ ସୁନା ଅଳଙ୍କାର ଦିଆଯାଇଥିଲା। ତେବେ ନିର୍ଦ୍ଧାରିତ ଦିନ ମନ୍ଦିରରେ ବିବାହର ସ୍ଥିର ହୋଇଥିଲେ ମଧ୍ୟ ବର ଘର ପକ୍ଷର ଅପେକ୍ଷା କରିକରି ନିରାଶ ହୋଇଥିଲେ। ମା ଓ ଝିଅର ଦେଖା ନଥିଲା, ତେଣୁ ଏହା ଏକ ଠକେଇ ବୋଲି ଅଭିଯୋଗ କରି ବର ଘର ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା।


### ସରିଲା ସପ୍ତମ କଳାଭୂମି ଉତ୍ସବ

## 'ହସ୍ତଶିଳ୍ପ ଓ ହସ୍ତତନ୍ତର ପରମ୍ପରାକୁ ଆଗେଇ ନେବା ଆମର ନୈତିକ ଦାୟିତ୍ୱ'




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅନନ୍ୟ କଳାର ରାଜ୍ୟ ଓଡ଼ିଶା । ଏହାର ସମୃଦ୍ଧ ହସ୍ତଶିଳ୍ପ ଓ ଗରିମାମୟ ହସ୍ତତନ୍ତର ପରମ୍ପରାକୁ ଆଗେଇ ନେବା ଆମର ନୈତିକ ଦାୟିତ୍ୱ ଓ କର୍ତବ୍ୟ ବୋଲି କହିଛନ୍ତି ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ । ସପ୍ତମ କଳାଭୁମି ଉତ୍ସବର ଉଦଯାପନୀ ସମାରୋହରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି, ପ୍ରତ୍ୟେକ ପ୍ରାଣରେ ଆମ ଋଦ୍ଧିମନ୍ତ କଳାର ପ୍ରସାର ଓ ବିକାଶ ପାଇଁ ଆମେ ଅଙ୍ଗୀକାରବଦ୍ଧ । ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଏହି ଅବସରରେ କାରିଗର ଓ ବୁଣାକାରଙ୍କ ମଙ୍ଗଳ ପାଇଁ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଉପସ୍ଥାପନ କରିଥିଲେ। ରାଜ୍ୟର ସମୃଦ୍ଧ ହସ୍ତଶିଳ୍ପ ଓ ହସ୍ତତନ୍ତର ପ୍ରତୀକ କଳାଭୁମି ସାଜିଛି ବୋଲି ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ କହିଥିଲେ । ଏହି ଉଦଯାପନୀ ଉତ୍ସବରେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ତଥା ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ମଧୁମିତା ରଥ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେହସ୍ତଶିଳ୍ପ ନିର୍ଦ୍ଦେଶକ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତୀ ଛୋଟରାୟ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ, କଳାଭୁମିର ପ୍ରତିଷ୍ଠା ଦିବସ ପାଳନ ଅବସରରେ ମାର୍ଚ୍ଚ ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ଏହି ଉତ୍ସବ ଆୟୋଜନ ହୋଇଥିଲା। ପଥରଖୋଦେଇ ଉପରେ 'ସ୍ଥାପତ୍ୟ: ଇଚିଙ୍ଗ୍ ଲାଇଭଲିହୁଡ୍ ଅନ୍ ଷ୍ଟୋନ୍'କର୍ମଶାଳା, ଚିତ୍ରାଙ୍କନ ପ୍ରତିଯୋଗିତା, ଗ୍ରୀଷ୍ମଶିବିର, କୋଲକାତାସ୍ଥିତ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ପ୍ୟାକେଜିଙ୍ଗ ସହିତ ପ୍ୟାକେଜିଙ୍ଗ୍, ଲେବଲିଙ୍ଗ୍ ଓ ବ୍ରାଣ୍ଡିଂ ଉପରେ ଦୁଇ ଦିନିଆ କର୍ମଶାଳା ଆୟୋଜନ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ମନ୍ତ୍ରୀ ପୁରସ୍କୃତ କରିଥିଲେ।

ଓଡ଼ିଶା ସରକାର
ବୟନିକା
# Wear Your Heritage #
ବିଶେଷ ରିହାତି ସମାରୋହର
ଶୁଭାରମ୍ଭ
ସ୍ଥାନ : ବୟନ ଭବନ ପ୍ରାଙ୍ଗଣ, ସଚିବାଳୟ ମାର୍ଗ, ଭୁବନେଶ୍ୱର
ତା : ୨୭.୦୩.୨୦୨୫, ଅପରାହ୍ନ ୨.୦୦ ଘଟିକା ସମୟରେ
ମୁଖ୍ୟ ଅତିଥି
ଶ୍ରୀ ପ୍ରଦିପ ବଳ ସାମନ୍ତ
ମାନ୍ୟବର ମନ୍ତ୍ରୀ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ, ଓଡିଶା
ଭବ୍ୟ ଉପସ୍ଥିତି
ଶ୍ରୀମତୀ ଗୁହା ପୁନମ ତାପସ କୁମାର, ଭା.ପ୍ର.ସେ.
କମିଶନର-ତଥା-ଶାସନ ସଚିବ,
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ , ଓଡିଶା ସରକାର
ଶ୍ରୀ ପ୍ରେମ ଚନ୍ଦ୍ର ଚୌଧାରୀ, ଭା.ପ୍ର.ସେ.
ନିର୍ଦ୍ଦେଶକ, ବୟନଶିଳ୍ପ ଓ ହସ୍ତତନ୍ତ, ଓଡିଶା ସରକାର
ଶ୍ରୀ ପ୍ରକାଶ ଚନ୍ଦ୍ର ମେହେର
ସଭାପତି, ବୟନିକା
ଏହି ଉତ୍ସବରେ ଯୋଗଦେବା ନିମନ୍ତେ ବିନମ୍ର ଅନୁରୋଧ
ବିଶେଷ ସରକାରୀ ରିହାତି
୨୦%+୧୦%+୫%
ବୟନିକାର ସମସ୍ତ ଶାଖା ଏବଂ ପ୍ରଦର୍ଶନୀ ପଡିଆ ଓ
ଜନତା ମଇଦାନର ବୟନିକା ଷ୍ଟଲ୍‌ରେ ଉପଲବ୍ଧ
୨୭ ମାର୍ଚ୍ଚ ଠାରୁ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ
ରାତ୍ରୀ ବଜାର (Night Bazar)
ବୟନିକା ଅନନ୍ୟ boyanika Exclusive
(ବୟନ ଭବନ, ଭୁବନେଶ୍ୱର)
ଅତିରିକ୍ତ ୫% ରିହାତି ଯଥା
୨୦%+୧୦%+୫%+୫%
୨୭ ମାର୍ଚ୍ଚ ଠାରୁ ୦୧ ଅପ୍ରେଲ (ସକାଳ ୭ ପର୍ଯ୍ୟନ୍ତ)
ସମୟ : ରାତ୍ର ୧୧ ରୁ ସକାଳ ୭ ପର୍ଯ୍ୟନ୍ତ
"ବୟନିକା ରେ ଗ୍ରାହକଙ୍କ ପଦାର୍ପଣ
ବୁଣାକାରଙ୍କ ଆର୍ଥିକ ସ୍ଥିତିର ଅଭ୍ୟୁତ୍‌ଥାନ"
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡିଶା ସରକାର
OIPR 31004/13/0093/2425 DSPL 434



ଯେହୁ କ୍ଷମା ଗୁଣେ ପର ତିରସ୍କାର
ଉପେକ୍ଷା କରଇ ଭବେ,
ଏହି ଚରାଚର ବ୍ରହ୍ମାଣ୍ଡ ଆୟତ୍ତ
ହୁଅଇ ତାହାର ଲବେ।

-ପଲ୍ଲୀକବି ନନ୍ଦକିଶୋର ବଳ



ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର

-ଭକ୍ତକବି ମଧୁସୂଦନ ରାଓ



### ୟୁନୁସ୍ ସରକାର ବିରୋଧରେ ଜନଅସନ୍ତୋଷ

## ବାଂଲାଦେଶରେ ସାମରିକ ବିଦ୍ରୋହ ଆଶଙ୍କା

ଭାରତର ଆର୍ଥିକ, ସାମରିକ ଓ ନୈତିକ ସମର୍ଥନ ବଳରେ ପାକିସ୍ତାନରୁ ପୃଥକ୍ ହୋଇ ଏକ ସ୍ୱାଧୀନ ରାଷ୍ଟ୍ରରେ ପରିଣତ ହୋଇଥିବା ପଡ଼ୋଶୀ ବାଂଲାଦେଶରେ ଅସ୍ଥିରତା ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତବର୍ଷ ଅଗଷ୍ଟ ମାସରେ ଦେଶରେ ଭୟଙ୍କର ଛାତ୍ର ଆନ୍ଦୋଳନ ମୁଣ୍ଡ ଟେକି ତାହା ହିଂସାତ୍ମକ ରୂପ ଧାରଣ କରିବା ପରେ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ପଦତ୍ୟାଗ କରି ଦେଶରୁ ପଳାୟନ କରିବା ସଙ୍ଗେ ସଙ୍ଗେ ଭାରତରେ ଆଶ୍ରୟ ଗ୍ରହଣ କରିଛନ୍ତି। ନୋବେଲ ପୁରସ୍କାର ବିଜେତା ବିଶିଷ୍ଟ ଅର୍ଥନୀତିଜ୍ଞ ମହମ୍ମଦ ୟୁନୁସ୍ଙ୍କ ନେତୃତ୍ୱରେ ଗଠିତ ଏକ ଅନ୍ତରୀଣ ସରକାର ସେହିଦିନ ଠାରୁ ବାଂଲାଦେଶର ଶାସନ ଦାୟିତ୍ୱ ଗ୍ରହଣ କରିଛନ୍ତି। ମାତ୍ର ଏହି ସାତ ମାସ ମଧ୍ୟରେ ଅନ୍ତରୀଣ ସରକାର ଦେଶର ଶାସନ ସମ୍ଭାଳିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲା ଭଳି ମନେ ହେଉଛି। ଫଳରେ ଚାରିଆଡ଼େ ଜନଅସନ୍ତୋଷ ମୁଣ୍ଡ ଟେକିଛି। ଉତ୍ୟକ୍ତ ଲୋକମାନେ ରାଜରାସ୍ତାକୁ ଓହ୍ଲାଇ ୟୁନୁସ୍ ସରକାର ବିରୋଧରେ ଆନ୍ଦୋଳନ ଆରମ୍ଭ କରିଥିବାର ଦେଖାଯାଉଛି। ସବୁଠାରୁ ବଡ଼ କଥା ହେଉଛି ପ୍ରଧାନମନ୍ତ୍ରୀ ପଦରୁ ଶେଖ୍ ହାସିନା ହଟିବା ଏବଂ ଅନ୍ତରୀଣ ସରକାର ଦାୟିତ୍ୱ ଗ୍ରହଣ କରିବା ପରେ ବାଂଲାଦେଶରେ ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ଓ ମୌଳବାଦୀ ସଂଗଠନଗୁଡ଼ିକ ସକ୍ରିୟ ହୋଇଉଠିଛନ୍ତି। ସେମାନେ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟାଇବାକୁ ଯୋଜନା କରୁଥିବାର ଖବର ମିଳିଛି। ଏହାକୁ ନେଇ ସେନାବାହିନୀର ଅଧ୍ୟକ୍ଷ ଜେନେରାଲ୍ ଜମାନ୍ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଦେଶର ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଖରାପ ହୋଇ ପଡୁଥିବାରୁ ୟୁନୁସ୍ ସରକାରକୁ ସେନା ବାହିନୀର ଅଧ୍ୟକ୍ଷ ଚେତାବନୀ ଶୁଣାଇ ଦେଇଥିବାର ଜଣାପଡିଛି। ସର୍ବଶେଷ ତଥ୍ୟ ଅନୁଯାୟୀ ବାଂଲାଦେଶରେ ଯେକୌଣସି ମୁହୂର୍ତ୍ତରେ ସାମରିକ ବିଦ୍ରୋହ ହୋଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ଯଦିଓ ଏ ସମ୍ପର୍କରେ କେହି ମୁହଁ ଖୋଲୁନାହାନ୍ତି, ତଥାପି ବରିଷ୍ଠ ଅଧିକାରୀମାନଙ୍କ ସହିତ ସେନା ଅଧ୍ୟକ୍ଷଙ୍କ ଜରୁରି ବୈଠକରୁ ଏଭଳି କିଛି ସଙ୍କେତ ମିଳୁଛି। ଅନ୍ତରୀଣ ସରକାରର ବିଫଳତା କାରଣରୁ ବାଂଲାଦେଶରେ ଅରାଜକତା ସୃଷ୍ଟି ହୋଇଥିବାରୁ କ୍ଷମତା ଦଖଲ ପାଇଁ ସେନା ବାହିନୀ ଯୋଜନା କରୁଥିବାର ସୂଚନା ମିଳିଛି। ମଙ୍ଗଳବାର ଦିନ ସେନା ବାହିନୀ ଅଧ୍ୟକ୍ଷ ଜମାନ୍ ବରିଷ୍ଠ ଅଧିକାରୀମାନଙ୍କ ସହିତ ପୁଣିଥରେ ବୈଠକରେ ମିଳିତ ହୋଇ ପରିସ୍ଥିତିର ସମୀକ୍ଷା କରିଥିଲେ। ବୈଠକ ପରେ ସେ କହିଛନ୍ତି ଯେ, ଗତ ୭/୮ ମାସ ଭିତରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି, ଯାହା ବାଂଲାଦେଶର ସ୍ୱାଧୀନତା ଓ ସାର୍ବଭୌମତ୍ୱ ପ୍ରତି ବିପଦର ସୂଚନା ଦେଉଛି। ଏହାକୁ ଏବେ ନିୟନ୍ତ୍ରଣ କରାନଗଲେ ଆଗକୁ ପରିସ୍ଥିତି ଆହୁରି ଖରାପ ହୋଇପଡ଼ିବ। ଅନ୍ୟପକ୍ଷରେ ସେନାବାହିନୀ ମୁଖ୍ୟଙ୍କ ଏଭଳି ବୟାନ୍‌ବାଜି ଓ ଆଭିମୁଖ୍ୟ ଛାତ୍ର ସଂଗଠନ ଗୁଡ଼ିକୁ କ୍ଷୁବ୍ଧ କରିଛି। ଛାତ୍ରନେତାମାନେ ଅଭିଯୋଗ କରିଛନ୍ତି ଯେ, ଜେନେରାଲ୍ ଜମାନ୍ ଗାଦିଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ସହ ଭିତିରି ସମ୍ପର୍କ ରଖି ଅସ୍ଥିରତା ସୃଷ୍ଟି କରୁଛନ୍ତି। କୌଣସି ପରିସ୍ଥିତିରେ ଦେଶରେ ସାମରିକ ଶାସନ କରାଇବାକୁ ଦିଆଯିବ ନାହିଁ ବୋଲି ଛାତ୍ରନେତା ସ୍ପଷ୍ଟ କରିଛନ୍ତି। ତେବେ ବାଂଲାଦେଶର ଜନସାଧାରଣ ଯେଉଁ ଆଶା ଓ ବିଶ୍ୱାସ ନେଇ ଶେଖ୍ ହାସିନାଙ୍କୁ ହଟାଇ ଅନ୍ତରୀଣ ସରକାରକୁ କ୍ଷମତାସୀନ କରାଇଥିଲେ, ସେମାନଙ୍କ ଆଶା ଯେ ଧୂଳିସାତ୍ ହୋଇଛି, ଏଥିରେ ସନ୍ଦେହ ନାହିଁ। ଯେଭଳି ମନେ ହେଉଛି ବାଂଲାଦେଶ ମହରଗରୁ ଯାଇ ଏବେ କାନ୍ତାରରେ ପଡ଼ିଛି ଓ ଏଥିରୁ ମୁକୁଳିବାକୁ ଉଦ୍ୟମ ଆରମ୍ଭ କରିଛି।

# ଭାରତର ପ୍ରଥମ ଖବରକାଗଜ-ବେଙ୍ଗଲ ଗେଜେଟ




ପ୍ରସନ୍ନ କୁମାର ମିଶ୍ର
ଶ୍ରୀକ୍ଷେତ୍ର କଲୋନୀ, ପୁରୀ-୨
ମୋ: ୮୦୧୮୮୭୫୩୩୫


ମୋତେ ଖବରକାଗଜ ଛାପିବା ଜଣାନାହିଁ, ଏଥିପାଇଁ ମୋର ଯୋଗ୍ୟତା ମଧ୍ୟ ନାହିଁ। କଠିନ ପରିଶ୍ରମ କରିବା ମୋର ପ୍ରକୃତିଗତ ନୁହେଁ। ତଥାପି ମୁଁ ମୋର ଶରୀରକୁ କଷ୍ଟ ଦେବାକୁ ଚାହେଁ, ଯେହେତୁ ମୁଁ, ମୋର ଆତ୍ମା ଓ ମନର ସ୍ୱାଧୀନତା ଏହା ଇଚ୍ଛା କରେ। ଏକଥା କହିଥିଲେ 'ଅଗଷ୍ଟସ ହିକ୍କୀ' ନାମକ ଜଣେ ଇଂରେଜ ଯେକି ଭାରତରେ ସର୍ବପ୍ରଥମେ ୨୯ଜାନୁଆରୀ ୧୭୮୦ରେ 'ବେଙ୍ଗଲ ଗେଜେଟ' ନାମକ ଏକ ସାପ୍ତାହିକ ଖବର କାଗଜ ପ୍ରକାଶ କରିଥିଲେ। ଏହାର ଆୟୁଷ ଥିଲା ମାତ୍ର ୨ ବର୍ଷ। ହିକ୍କୀଙ୍କ ପିତା ଉଇଲିଅମ ହିକ୍କୀ ଇଂଲଣ୍ଡର ଜଣେ କୁଶଳୀ ତନ୍ତୀ ଥିଲେ। ହିକ୍କୀଙ୍କ ପୁରାନାମ ଥିଲା ଜେମସ ଅଗଷ୍ଟସ ହିକ୍କୀ। ସେ ପିତାଙ୍କ ପାଖରେ ରହି ଔଷଧ, ଆଇନ ଓ ମୁଦ୍ରଣଶିଳ୍ପ ସମ୍ବନ୍ଧରେ କିଛି କିଛି ଜ୍ଞାନ ହାସଲ କରିଥିଲେ। ପରେ ଜାହାଜଯୋଗେ ବ୍ୟବସାୟ ଚଳାଇବା ଉଦ୍ଦେଶ୍ୟରେ ସେ ୧୭୭୪ ମସିହାରେ ବର୍କିଂହାମ (ଇଂଲଣ୍ଡ)ରୁ ଭାରତ ଚାଲିଆସିଥିଲେ। ସେ ଜଣେ ସର୍ଜନ ଥିଲେ ଏବଂ ଡାକ୍ତରୀ ପେଷାସହିତ ପାଣିଜାହାଜ ଦ୍ୱାରା ଇଂଲଣ୍ଡରୁ ମାଲପତ୍ର ଆଣି ଭାରତରେ ବ୍ୟବସାୟ ଚଳାଇବା ତାଙ୍କର ଉଦ୍ଦେଶ୍ୟ ଥିଲା। ସେଥିପାଇଁ ଇଂଲଣ୍ଡରୁ କିଛି ପୁଞ୍ଜି ସଞ୍ଚୟ କରି ସେ କଲିକତାରେ ଏଠାରେ ଛୋଟ ଛୋଟ ବେପାର ବଣିଜରେ ଲାଗିଗଲେ। ସେ ସମୟରେ ଇଂଲଣ୍ଡରୁ ଆସୁଥିବା ଦ୍ରବ୍ୟଗୁଡିକ ସମ୍ବନ୍ଧରେ ଅବଗତ କରିବା ପାଇଁ ଭାରତରେ କୌଣସି ମାଧ୍ୟମ ନଥିବାରୁ ଖୁଚରା ବେପାରୀ ଏବଂ ଉପଭୋକ୍ତାମାନେ ସେହି ଆମଦାନୀ ଦ୍ରବ୍ୟଗୁଡିକ ବିଷୟରେ ଅନ୍ଧାରରେ ରହୁଥିଲେ। ସେତେବେଳେ ଭାରତରେ କୌଣସି ସମ୍ବାଦପତ୍ର ପ୍ରକାଶ ପାଉନଥିଲା।

ଏ ବିଷୟରେ ଗଭୀର ଭାବରେ ଚିନ୍ତା କରି ହିକ୍କୀ ନିଜେ ଗୋଟିଏ ସମ୍ବାଦପତ୍ର ପ୍ରକାଶ କରିବା ଲକ୍ଷ୍ୟରେ ପୁଞ୍ଜି ଯୋଗାଡ କଲେ। ଛାପିବା ପାଇଁ ମେସିନ, ଅକ୍ଷର ଓ କାଳି ଇତ୍ୟାଦି ଆଣିଲେ। ଦୀର୍ଘଦିନ ପରେ ତାଙ୍କର ସ୍ୱପ୍ନ ସାର୍ଥକ ହେଲା। ୧୭୮୦ ମସିହା ଜାନୁଆରୀ ୨୯ ତାରିଖ ଦିନ ଏକ ସାପ୍ତାହିକ ଖବରକାଗଜ ରୂପେ 'ବେଙ୍ଗଲ ଗେଜେଟ' ପ୍ରକାଶ ପାଇଲା। ହିକ୍କୀ ନିଜେ ଏହାର ପ୍ରକାଶକ, ମୁଦ୍ରକ ଏବଂ ସମ୍ପାଦକ ଥିଲେ। ଯେହେତୁ ଭାରତର ରାଜଧାନୀ କଲିକତାର ବେପାର ବଣିଜ ସହିତ ସେ ଓତପ୍ରୋତ ଭାବେ ଜଡିତ ଥିଲେ, ଖୁବ ଅଳ୍ପଦିନ ଭିତରେ 'ବେଙ୍ଗଲ ଗେଜେଟ' ବ୍ୟବସାୟୀ ମହଲରେ ବେଶ ଆଦୃତ ହୋଇ ଯାଇଥିଲା। ସେମାନେ ନିଜ ନିଜ ପଣ୍ୟଦ୍ରବ୍ୟ ଗୁଡିକର ବିଜ୍ଞାପନ ଏଥିରେ ପ୍ରକାଶ କରିବାରୁ ସ୍ଥାନୀୟ ମାର୍କେଟରେ ବ୍ୟବସାୟ ବୃଦ୍ଧି ପାଇଲା। ଅନ୍ୟପକ୍ଷରେ ଇଂଲଣ୍ଡର କମ୍ପାନୀ ଓ ହୋଲସେଲ ବ୍ୟବସାୟୀମାନଙ୍କ ପାଇଁ ଭାରତରେ ସେମାନଙ୍କର ଉତ୍ପାଦିତ ସାମଗ୍ରୀର ପ୍ରଚାର ଓ ପ୍ରସାର ପାଇଁ ବେଙ୍ଗଲ ଗେଜେଟ ଏକ ଅତ୍ୟାବଶ୍ୟକ ପ୍ରଚାର ମାଧ୍ୟମ ହୋଇଗଲା।





ପଣ୍ୟବାହୀ ଜାହାଜଗୁଡିକ ଇଂଲଣ୍ଡରୁ ଆସି ଭାରତରେ ପହଞ୍ଚିଲା ମାତ୍ରେ ହିକ୍କୀ ଉକ୍ତ ସାମଗ୍ରୀ ବିଷୟରେ ସେ ବିଜ୍ଞାପନ ପ୍ରକାଶ କରୁଥିଲେ। ସେ ସମୟରେ ପ୍ରତି ଶନିବାରରେ ପ୍ରକାଶିତ ଏହି ଖବରକାଗଜଟି ମାତ୍ର ୨ ପୃଷ୍ଠାର ଥିଲା। ପ୍ରଥମ ପୃଷ୍ଠାରେ ସମ୍ବାଦ ଓ ଆଲୋଚନା ଆଦି ଛାପା ହେଉଥିବାବେଳେ ୨ୟ ପୃଷ୍ଠାରେ କେବଳ ବିଜ୍ଞାପନ ପ୍ରକାଶ ପାଉଥିଲା। ଏହାର ମୂଲ୍ୟ ଥିଲା ଏକ ଟଙ୍କା ଏବଂ ସାପ୍ତାହିକ ପ୍ରସାରଣ ଥିଲା ୪୦୦ କପିରୁ ଅଧିକ। ସେହି ସମ୍ବାଦପତ୍ରରେ ପ୍ରଥମ ଥର ପାଇଁ କଲିକତାର ବେଙ୍ଗଲ କେମିକାଲସ୍ ଦ୍ୱାରା ପ୍ରସ୍ତୁତ 'ଜବାକୁସୁମ କେଶତୈଳ'ର ବିଜ୍ଞାପନ ପ୍ରକାଶ ପାଇଥିଲା।

ଏହାପରେ ହିକ୍କୀ ବେଙ୍ଗଲ ଗେଜେଟରେ ଭାରତୀୟ ସମାଜ ସମ୍ବନ୍ଧରେ ସମ୍ବାଦ ଇତ୍ୟାଦି ପ୍ରକାଶ କରିବା ଆରମ୍ଭ କଲେ ଯଦିଓ ଭାରତୀୟମାନଙ୍କ ସମ୍ବନ୍ଧରେ ତାଙ୍କର ଭଲ ଧାରଣା ନଥିଲା, ତଥାପି ସମୃଦ୍ଧ ଭାରତୀୟମାନଙ୍କୁ ଉପହାସ କରିବା ସହିତ ଦେଶର ଗରିବ ଓ ସମ୍ବଳହୀନ ସାଧାରଣ ଜନତାଙ୍କ ପ୍ରତି ତାଙ୍କର ସହାନୁଭୂତି ଥିଲା। ସେହି କାରଣରୁ ସେ ନିଜ ଖବରକାଗଜରେ କ୍ରମଶଃ ସେମାନଙ୍କର ଦୁଃଖ ଦୁର୍ଦ୍ଦଶା ଓ ଅଭାବ ଅସୁବିଧା ସମ୍ବନ୍ଧରେ ଖବର ପ୍ରକାଶ ସହିତ ଦୁର୍ଘଟଣାଗ୍ରସ୍ତ ଲୋକ ଓ ସେମାନଙ୍କ ପରିବାରର ଦୁଃଖକଷ୍ଟ ପାଇଁ ମାର୍ମୀକ ସହାନୁଭୂତି ସହିତ ସମ୍ବାଦ ପ୍ରକାଶ କଲେ। ସେ ସ୍ଥାନୀୟ ପ୍ରଶାସନର ବିରୋଧୀ ଥିଲେ। ମାତ୍ର ବିରୋଧ ମତ ବ୍ୟକ୍ତ କରୁଥିବା ପାଠକମାନଙ୍କ ପତ୍ର ବେଙ୍ଗଲ ଗେଜେଟରେ ପ୍ରକାଶ କରୁଥିଲେ। ପରେ ଲଣ୍ଡନର ହାଉସ୍ ଅଫ କମନ୍ସରେ ଭାରତ ସମ୍ବନ୍ଧରେ ହେଉଥିବା ଆଲୋଚନା ପ୍ରକାଶ ପାଇବା ଫଳରେ ଆମ ଦେଶରେ ଏହି ସମ୍ବାଦପତ୍ରର ଲୋକପ୍ରିୟତା ବୃଦ୍ଧି ପାଇବା ସହିତ ଇଂରେଜ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ପାରିଥିଲା।

ସେ ସମୟରେ ଭାରତରେ ଇଂରେଜ ଶାସକମାନଙ୍କ କାର୍ଯ୍ୟ ପ୍ରଣାଳୀ ଓ ଅତ୍ୟାଚାର ସମ୍ବନ୍ଧରେ ସାଧାରଣ ଜନତା ଅବଗତ ନଥିଲେ କାରଣ ଦେଶରେ ସେଥିପାଇଁ କୌଣସି ଗଣମାଧ୍ୟମ ଉପଲବ୍ଧ ନଥିଲା। ହିକ୍କୀ ଏହା ସର୍ବ ପ୍ରଥମେ ତାଙ୍କ ଖବରକାଗଜରେ ଏହା ପ୍ରକାଶ କରିବା ଆରମ୍ଭ କଲେ। ସେତେବେଳେ ଇଷ୍ଟ ଇଣ୍ଡିଆ କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟ କଲିକତାରେ ଥିଲା। ଗଭର୍ଣ୍ଣର ଜେନେରାଲ ଥିଲେ ପ୍ରବଳ ପ୍ରତାପୀ ଲର୍ଡ ହେଷ୍ଟିଂସ। ଶାସନର ନିରଙ୍କୁଶତା ବଳରେ ବଳୀୟାନ ହେଷ୍ଟିଂସ ଜଣେ ଅତ୍ୟାଚାରୀ, ଭ୍ରଷ୍ଟ, ଲାଞ୍ଚଖୋର ଓ କୁଶାସକ ଥିଲେ। ସେ ଉଭୟ ଶାସନ (ରାଇଟର୍ସ ବିଲ୍ଡିଂସ) ଓ ବିଚାର ବିଭାଗ (କଲିକତାର ସୁପ୍ରିମକୋର୍ଟ)ର ମିଳିତ ସହଯୋଗରେ ଅବାଧରେ ଅନ୍ୟାୟ ଓ ଅତ୍ୟାଚାର ଚଳାଇଥଲେ। ହିକ୍କୀ ଏହି ଅନ୍ୟାୟ କାର୍ଯ୍ୟାବଳୀ ସବୁ ତଥ୍ୟ ପ୍ରମାଣ ସହିତ ନିଜର ଖବରକାଗଜ ଜରିଆରେ ଲୋକ ଲୋଚନକୁ ଆଣିବା ସହିତ ଏହାର ପ୍ରତିକାର ଦାବି ଉପସ୍ଥାପିତ କରିଥିଲେ।

ସେ ସମୟରେ ପ୍ରବଳ ପ୍ରତାପୀ ଇଂରେଜ ଶାସନ ବିରୁଦ୍ଧରେ ଠିଆହୋଇ ହିକ୍କୀ ଯେଉଁ ସାହସ ଓ ନିର୍ଭିକତାର ପରିଚୟ ଦେଇଥିଲେ, ତାହା ପତ୍ରକାରିତା ଓ ସାମ୍ବାଦିକତାର ଏକ ଆଦର୍ଶ ରୂପେ ପରିଗଣିତ ହୋଇଥିଲା। କିନ୍ତୁ ଏ ପ୍ରକାର ଚିନ୍ତାଧାରା ଓ ନିର୍ଭିକତା ପାଇଁ ତାଙ୍କୁ ବହୁମୂଲ୍ୟ ଦେବାକୁ ପଡିଥିଲା। ସର୍ବ ପ୍ରଥମେ ପ୍ରଶାସନ ତାଙ୍କ ବିରୁଦ୍ଧରେ ସୁପ୍ରିମ କାଉନସିଲରେ ନାନା ପ୍ରକାରର ଅଭିଯୋଗ ଆଣିବା ଫଳରେ ପୋଷ୍ଟ ଅଫିସ ଜରିଆରେ ହିକ୍କୀଙ୍କ ସମ୍ବାଦପତ୍ରର ବଣ୍ଟନ ବ୍ୟବସ୍ଥା ବନ୍ଦ କରିଦିଆଗଲା। ଏହାପରେ ମୂଳ ଅଭିଯୋଗର ଚାରିଥରର ନାଟକୀୟ ଶୁଣାଣି କରି ସୁପ୍ରିମକୋର୍ଟ ଜୁନ ୧୭୮୧ରେ ତାଙ୍କୁ ଜେଲଦଣ୍ଡ ଆଦେଶ ଦେଇଥିଲେ। ଜେଲରେ ଥାଇ ସେ ହେଷ୍ଟିଂସଙ୍କ ବିରୁଦ୍ଧରେ ଲେଖିବା ଚାଲୁ ରଖିବାରୁ ତାଙ୍କ ବିରୁଦ୍ଧରେ ଅଧିକ ଗୁରୁତର ଅଭିଯୋଗ ଅଣାଗଲା। ପ୍ରତ୍ୟେକ ଦଫା ପାଇଁ ତାଙ୍କ ଠାରୁ ୪୦ ହଜାର ଟଙ୍କାର ଜମାନତ ମଗାଯାଉଥିଲା ଯାହାକି ହିକ୍କୀ ଦେଇ ପାରିନଥିଲେ। ଚାରିଗୋଟି ଅପରାଧିକ ଓ ଗୋଟିଏ ଦେବାନୀ ମାମଲାରେ ତାଙ୍କୁ ଫସାଇ ଦିଆଯାଇଥିଲା। ହେଷ୍ଟିଂସଙ୍କର ଦୈତ ପିଟିସନ ଫଳରେ ୧୭୮୨ ମାର୍ଚ୍ଚ ମାସ ୩୦ତାରିଖ ଠାରୁ ବେଙ୍ଗଲ ଗେଜେଟର ପ୍ରକାଶନ ବନ୍ଦ କରି ଦିଆଯାଇଥିଲା। ପ୍ରେସ୍‌ର ଛାପା ମେସିନ, ଅକ୍ଷର ଓ ଅନ୍ୟାନ୍ୟ ଉପକରଣ ସବୁ ସିଲ୍ କରି ଦିଆଗଲା।

୧୭୮୪ ଖ୍ରୀଷ୍ଟମାସରେ ହିକ୍କୀ ଜେଲରୁ ମୁକୁଳି ଥିଲେ। ତାଙ୍କର ସ୍ୱାସ୍ଥ୍ୟ ଭାଙ୍ଗି ଯାଇଥିଲା ଓ ସେ ସମ୍ପୂର୍ଣ୍ଣ ଅଭାବଗ୍ରସ୍ତ ହୋଇଯାଇଥିଲେ। ଦୁଃସ୍ଥ ଅବସ୍ଥାରେ ଏକ ଜାହାଜରେ ଚୀନ ଯିବା ବାଟରେ ଅକ୍ଟୋବର ୧୮୦୨ ମସିହାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଭାରତରେ ପ୍ରକାଶିତ ଏହି ପ୍ରଥମ ସମ୍ବାଦପତ୍ରର କଲିକତା ଠିକଣା ଥିଲା - ଦି ବେଙ୍ଗଲ ଗେଜେଟ, ୬୭ ରାଧାବଜାର, କଲିକତା (ଇଣ୍ଡିଆ)।

# ମୂଲ୍ୟବୋଧ ଚେତନାର ଜନନେତା : ଡା. ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି




ଡ. ଅରୁନ୍ଧତୀ ଦେବୀ
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ
କଟକ, ମୋ: ୯୯୩୭୧୭୨୮୧୦


ଓଡ଼ିଶାର ଅଦ୍ୱିତୀୟ ଜନନେତା ଓ ମୂଲ୍ୟବୋଧ ନୀତିନିଷ୍ଠ ଚେତନାର ମହାନ ବ୍ୟକ୍ତିତ୍ୱ ସ୍ୱର୍ଗତଃ ଡାକ୍ତର ଦେବେନ୍ଦ୍ର ପ୍ରଧାନ ହେଉଛନ୍ତି ଓଡ଼ିଶା ବିଜେପିର ଅଭ୍ୟୁଦୟରେ ବଳିଷ୍ଠ ଅବଦାନ ରଖିଥିବା ଜଣେ ପ୍ରମୁଖ ବ୍ୟକ୍ତିତ୍ୱ। ଡାକ୍ତରୀ ପେଷା ଛାଡ଼ି ଅଶି ଦଶକରେ ବିଜେପି ମଣ୍ଡଳ ସଭାପତି ଭାବେ ସେ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। କେନ୍ଦ୍ରରେ ଅଟଳ ବିହାରୀ ବାଜପେୟୀଙ୍କ ସରକାର ସମୟରେ ସେ ଭୂପୃଷ୍ଠ ପରିବହନ ଓ କୃଷି ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ୧୯୪୧ ମସିହା ସେ ସମୟର ଢେଙ୍କାନାଳ ଜିଲ୍ଲା (ବର୍ତ୍ତମାନର ଅନୁଗୁଳ)ର କଣିହାଁ ବ୍ଲକ ଅନ୍ତର୍ଗତ ନାଳମ ଗାଁରେ ସେ ଜନ୍ମଗ୍ରହଣ କରିଥିଲେ। ୧୯୬୬ରେ ଏସ୍‌ସିବିରୁ ଏମ୍‌ବିବିଏସ୍ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ଏସ୍‌ସିବିରେ ବର୍ଷେ ହାଉସ ସର୍ଜନ ଭାବେ ଦାୟିତ୍ୱ ନିର୍ବାହ କରିବା ପରେ ତାଳଚେରର ଡେରାରେ ଆସିଷ୍ଟାଣ୍ଟ ମେଡ଼ିକାଲ ଅଫିସର ଭାବେ ଯୋଗ ଦେଇଥିଲେ। ୧୯୭୩ରେ ଚାକିରୀରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ ଏବଂ ୧୯୮୦ରେ ବିଜେପିରେ ଯୋଗ ଦେଇ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ୧୯୮୦ରୁ ୧୯୮୩ ପର୍ଯ୍ୟନ୍ତ ପ୍ରଥମେ ତାଳଚେର ମଣ୍ଡଳ ସଭାପତି, ୧୯୮୩-୮୫ ପର୍ଯ୍ୟନ୍ତ ଢେଙ୍କାନାଳ ଜିଲ୍ଲା ସଭାପତି ହୋଇଥିଲେ। ସେ ୧୯୮୮-୯୦, ୧୯୯୦-୯୩, ୧୯୯୫-୯୭ ପର୍ଯ୍ୟନ୍ତ ତିନିଥର ବିଜେପିର ରାଜ୍ୟ ସଭାପତି ହୋଇଥିଲେ। ୧୯୮୪, ୧୯୯୬ରେ ସେ ଦେବଗଡ଼ରୁ ସାଂସଦ ପ୍ରାର୍ଥୀ, ୨୦୦୪ରେ ପାଲଲହଡ଼ାରୁ ବିଧାୟକ ପ୍ରାର୍ଥୀ ହୋଇଥିଲେ ମଧ୍ୟ ହାରି ଯାଇଥିଲେ। ୧୯୯୮ରେ ସେ ଦେବଗଡ଼ରୁ ସାଂସଦ ଭାବେ ବିଜୟ ଲାଭ କରିବା ପରେ ଭୂପୃଷ୍ଠ ପରିବହନ ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ ଏବଂ ୧୯୯୯ରେ ପୁଣି ଦେବଗଡ଼ରୁ ସାଂସଦ ହେବା ସହ କେନ୍ଦ୍ରରେ ଭୂପୃଷ୍ଠ ପରିବହନ ଏବଂ କୃଷି ମନ୍ତ୍ରାଳୟର ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ୨୦୦୧ରେ ସେ ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ମଧ୍ୟ ହୋଇଥିଲେ।

ଆଜି ଓଡ଼ିଶାରେ ବିଜେପିର ବିଜୟ ଯାତ୍ରାରେ ତାଙ୍କ ଅବଦାନ ଅବିସ୍ମରଣୀୟ। ସେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ସମୟରେ ଭୂପୃଷ୍ଠ ପରିବହନ ବିଭାଗର ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱରେ ଥିଲାବେଳେ ଓଡ଼ିଶାରେ ସେ ସମୟରେ ଜାତୀୟ ରାଜପଥ ମାତ୍ର ୧୬୦୦ କିଲୋମିଟର ପର୍ଯ୍ୟନ୍ତ ଥିଲା। ଦେବେନ୍ଦ୍ର ବାବୁ ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ଏହାକୁ ୩୨୦୦ କିଲୋମିଟର ପର୍ଯ୍ୟନ୍ତ ପରିବ୍ୟାପ୍ତ କରିଥିଲେ। ତାଙ୍କରି ମନ୍ତ୍ରୀତ୍ୱ ସମୟରେ ହିଁ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସ୍ୱର୍ଣ୍ଣ ଚର୍ତୁଭୁଜ ଯୋଜନା ଭାରତରେ କାର୍ଯ୍ୟକାରୀ ହୋଇଥିଲା ଏବଂ ଓଡ଼ିଶା ଏଥିରେ ବେଶ୍ ଲାଭବାନ ହୋଇଥିଲା। ଆଜି ଓଡ଼ିଶାରେ ଦ୍ରୁତ ସଡ଼କ ଓ ଯୋଗାଯୋଗ ବ୍ୟବସ୍ଥା ଦ୍ୱାରା ଯେଉଁ ବ୍ୟାପକ ପୁଞ୍ଜିନିବେଶ ଆସି ପାରୁଛି ଏହାର ପ୍ରମୁଖ ଶ୍ରେୟ ଡାକ୍ତର ଦେବେନ୍ଦ୍ର ବାବୁଙ୍କୁ ଦିଆଯିବ।



ଓଡ଼ିଶାରେ ବିଜେପିର ସଙ୍ଗଠନକୁ ସେ ସୁଦୃଢ଼ କରିବା ସହ ତୃଣମୂଳସ୍ତରରୁ କର୍ମୀଙ୍କ ସହ ସେ ନିଜକୁ ଏପରି ଯୋଡ଼ିଥିଲେ ଯେ ତାଙ୍କର ଏହି ସାଙ୍ଗଠନିକ କର୍ମକୁଶଳ ଦକ୍ଷତା ପାଇଁ କେନ୍ଦ୍ର ବିଜେପି ତାଙ୍କୁ ଅନେକ ସମୟରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଓ ଭୂମିକା ଦେଇଛି। ତାଙ୍କ ସାଙ୍ଗଠନିକ ଦକ୍ଷତା, ତୃଣମୂଳ ସ୍ତରରୁ ଦଳକୁ ମଜଭୁତ କରିବାର ଆପ୍ରାଣ ଉଦ୍ୟମ କାରଣରୁ ଆଜି ରାଜ୍ୟରେ ଭାଜପା କ୍ଷମତାକୁ ଆସିଛି ଏଥିରେ କେହି ଦ୍ୱିମତ ହେବେନାହିଁ। ଏହିଭଳି ଜଣେ ଅମାୟିକ, ଭଦ୍ର ଓ ସର୍ବଦା ହର୍ଷୋତ୍‌ଫୁଲ୍ଲିତ ବ୍ୟକ୍ତିଙ୍କୁ ଓଡ଼ିଶା ହରାଇବା ନିଶ୍ଚିନ୍ତ ଭାବେ ଏକ ବଡ଼ କ୍ଷତି। ଏହି ଶୂନ୍ୟସ୍ଥାନ କେବେ ବି ପୂରଣ ହୋଇପାରିବ ନାହିଁ। ମନେପଡୁଛି ଏକ ବେଦ ଉପନିଷଦର ଦର୍ଶନର ଧାଡ଼ିଟିଏ - 'ସ ଜାତୋ ଯେନ ଜାତେନ ଯାତି ବଂଶଃ ସମୁନ୍ନତିମ୍। ପରିବର୍ତ୍ତିନି ସଂସାରେ ମୃତଃ କୋବା ନ ଜାୟତେ।' ଦୁର୍ଲ୍ଲଭ ମଣିଷ ଜୀବନର ସଫଳତା କର୍ମ ଉପରେ ହିଁ ନିର୍ଭର କରିଥାଏ। ମଣିଷଟିଏ ଜନ୍ମ ବେଳେ କିଛି ଆଣି ନଥାଏ। ଗଲାବେଳେ କିଛି ନିଏ ନାହିଁ। କାରଣ ଆସିବା ଆଉ ଯିବା ତା' ହାତର କଥା ନୁହେଁ। ନିଜର ଇଚ୍ଛାର ବ୍ୟାପାର ବି ନୁହେଁ। କିନ୍ତୁ ଆସିବା ଆଉ ଯିବାର ମଝିରେ ଯାହା ଥାଏ ତା'ର ନାମ ଜୀବନ। ଏଥିରେ ରହିଛି ଐଶ୍ୱରୀୟ ଇଚ୍ଛା ଓ ନିଜର ସାଧନା। ତେଣୁ ସଂସାରକୁ କୁହାଯାଏ କର୍ମର କ୍ଷେତ୍ର। ଏଇଟି ହେଉଛି କର୍ମ କରିବାର ପ୍ରକୃଷ୍ଟ କ୍ଷେତ୍ର। ଜଣେ ପ୍ରତିଷ୍ଠିତ ହୁଏ ନିଜର କର୍ମରେ ଆଉ ବଞ୍ଚିରହେ ସେହି କର୍ମରେ। ତେଣୁ କୁହାଯାଏ କର୍ମ ହିଁ ଭଗବାନ।

ସୁକର୍ମ କରି ଅନେକ ବ୍ୟକ୍ତି ସଫଳତାର ପାହାଚକୁ ଛୁଇଁଛନ୍ତି। ଏ କଥା ନୂଆ ନୁହେଁ। ନୂଆ ହେଉଛି ବ୍ୟକ୍ତିଟିଏ କିପରି ସଫଳ ହୁଅନ୍ତି, ସେହି ଘଟଣା ହିଁ ନୂଆ। ତାହା ଉଦାହରଣ ହୋଇଯାଏ ସାରା ସମାଜ ପାଇଁ। ସେହିପରି ଉଦାହରଣ ସ୍ତରରେ ପହଞ୍ଚିଥିବା ବ୍ୟକ୍ତି ସେଥିଲେ। ଯୁଗାବତାର ପୂଜ୍ୟଶ୍ରୀ କୁମାର ଭାଇଙ୍କ ହାତଗଢ଼ା ଅନୁଷ୍ଠାନ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ସେ ଜଣେ ବଡ଼ ଶୁଭେଚ୍ଛୁ ଓ ମାର୍ଗଦର୍ଶକ ଥିଲେ। ସେ ଜଣେ ଦେବୋପମ ମହାନ ବ୍ୟକ୍ତିତ୍ୱ ଥିଲେ। ମୋର ସ୍ମୃତି ଭିତରେ ମନେପଡୁଛି ତାଙ୍କରି ସାହାଯ୍ୟ ଓ ପରାମର୍ଶ କ୍ରମେ ଏକଦା ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ମେନକା ଗାନ୍ଧୀଙ୍କୁ ସାକ୍ଷାତ କରିଥିଲି। ଅନୁଷ୍ଠାନର କାର୍ଯ୍ୟକ୍ରମ ସମ୍ପର୍କରେ ଅନେକଥର ତାଙ୍କ ଠାରୁ ମୂଲ୍ୟବାନ ପରାମର୍ଶ ମଧ୍ୟ ପାଇଛି। ସେବା ଓ ସଂକଳ୍ପ ମନୋଭାବ ସହ ରାଜ୍ୟର ବିକାଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଏହି ବିରଳ ବ୍ୟକ୍ତିତ୍ୱଙ୍କ ପରଲୋକରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ବାସ୍ତବିକ ଦେବେନ୍ଦ୍ର ବାବୁଙ୍କ ପରଲୋକ ସହ ଏକ ଯୁଗାବସାନ ହୋଇଛି। ତାଙ୍କ ତ୍ୟାଗ, ସମର୍ପଣ, ଆଦର୍ଶ, ଦଳ ଓ ରାଜ୍ୟ ପାଇଁ ନିଃସ୍ୱାର୍ଥପର ନିଷ୍ଠା ଓ ସେବାର ଜୀବନାଦର୍ଶ ନୂଆ ପିଢ଼ିର ଯୁବ ନେତାମାନଙ୍କୁ ନୂଆ ମାର୍ଗ ଦେଖାଉ ଏହା ହିଁ କାମନା।

# ସତ୍‌ସଙ୍ଗର ଲାଭ...


ମନୋଜ କୁମାର ବେହେରା
୨୧୭, ୟୁନିଟ୍-୯(ଫ୍ଲାଟ)
ଭୁବନେଶ୍ୱର, ମୋ: ୭୯୭୮୮୩୦୬୧୧


ଗୋଟିଏ ଗାଁରେ ସତ୍‌ସଙ୍ଗ ଚାଲିଥିଲା, ଜଣେ ବ୍ୟକ୍ତି ସନ୍ଥଙ୍କୁ ପଚାରିଲେ ଜ୍ଞାନ କ'ଣ? ଏହା ଶୁଣି ସନ୍ଥ କହିଲେ, ଜ୍ଞାନ ତାହା ନୁହେଁ ଯାହା ଆମେ ବହିରୁ ହାସଲ କରିଥିବା। ସେଠାରୁ କେବଳ ଆପଣ ଖବରର ଅନୁଭବ ହାସିଲ କରି ପାରିବେ। ଜ୍ଞାନ ତାହା ନୁହେଁ ଯାହା ବାର୍ତ୍ତାଳାପ କିମ୍ବା ପ୍ରବଚନ ଦ୍ୱାରା ପ୍ରାପ୍ତ କରାଯାଇ ପାରିବ। ତାହା ଅନୁଭବ ଅଟେ ଯାହା ଅନ୍ୟଠୁ ପ୍ରାପ୍ତ ହୋଇଥାଏ...ଆପଣ ଏହାକୁ ଖାଲି ଶୁଣିଥାନ୍ତି। ଜ୍ଞାନ ତାହା ହୋଇ ନଥାଏ ଯାହା ଆପଣ ଦେଖିକରି ଜାଣି ପାରିବେ। କାରଣ ତାହା ରଚନା ଅଟେ। ଯାହାକୁ ଆପଣ ଦେଖୁଛନ୍ତି ଏହାର ରଚନା ଆପଣ କରିନାହାନ୍ତି। ଜ୍ଞାନ ନେଇ ପାରିବେନି କି ଦେଇ ପାରିବେନି। କେବଳ ବିଷୟର ଆଦାନ ପ୍ରଦାନ ହୋଇଥାଏ। ଯାହା ଆମେ ପ୍ରାପ୍ତ କରିଥାଉ ତାହା କେବଳ ଅନୁଭବ ଅଟେ। ଯେଉଁଠୁ ସମସ୍ତେ ଜ୍ଞାନର ଶୀର୍ଷକ ପ୍ରଦାନ କରିଥାନ୍ତି। ମହାରାଜ ସଂସାରରେ ଲେଖିବାର ହକ୍ କାହା ପାଖରେ ଥାଏ। ସନ୍ଥ କହିଲେ, ସଂସାରରେ କେବଳ ଲେଖିବାର ହକ୍ ତିନିଜଣଙ୍କ ପାଖରେ ଥାଏ। ପ୍ରଥମେ ଈଶ୍ୱର ଯିଏ ସମସ୍ତଙ୍କର ଜୀବନ ଆଉ ଭାଗ୍ୟ ଲେଖିଥାନ୍ତି। ଦ୍ୱିତୀୟରେ ଲେଖିବାର ହକ୍ କବିର ପାଖରେ ଥାଏ। ଯିଏ ଲେଖିଥାଏ ଆଉ ପରେ ଦୁନିଆ ତାକୁ ଶୁଣେ ଆଉ ଗାଇଥାଏ। ତୃତୀୟରେ ହକ୍ ଗୁରୁଙ୍କ ଠାରେ ଯିଏ ନିଜର ବିଦ୍ୟାର୍ଥୀଙ୍କୁ ଜ୍ଞାନ, ସଂସ୍କାର ଆଉ ଭଲ ଆଚରଣ ଦେଇକରି ତାଙ୍କର ସୁନ୍ଦର ଭବିଷ୍ୟତ ଲେଖିଥାନ୍ତି। ଜଣେ ଦୁଷ୍ଟ ପିଲା ସନ୍ଥଙ୍କ ଆଡକୁ ଅନେଇ କରି ପଚାରିଲା, ମହାରାଜ ଦୁନିଆରେ ସବୁଠୁ ପବିତ୍ର ବସ୍ତୁ କ'ଣ? ସନ୍ଥ କହିଲେ, ପରମେଶ୍ୱରଙ୍କ ସ୍ତୁତି ଠୁ ଭଲ ଆଉ କିଛି ନାହିଁ। କିନ୍ତୁ ଆଜିର ଯୁଗରେ ସବୁଠୁ ପବିତ୍ର ବସ୍ତୁ ଯଦି କିଛି ଅଛି ତାହା ହେଲା ଟେଷ୍ଟ ହାଉସ୍‌ର ଗଦି..! ଯେଉଁଥିରେ ହିନ୍ଦୁ, ମୁସଲମାନଙ୍କ ଠୁ ନେଇକରି ପଣ୍ଡିତ, ହାଡି, ସାଧାରଣ ଲୋକ ସମସ୍ତେ ବ୍ୟବହାର କରନ୍ତି। ଏହି ଗଦି ଶୋକ ସଭା ଠୁ ନେଇକରି ବିବାହ, ବ୍ରତଘର, ପୂଜା ପେଣ୍ଡାଲ ଇତ୍ୟାଦିରେ ବିଛା ହୋଇଥାଏ। ଏହା କେବେ ଧୂଆ ହୁଏ ନାହିଁ। ଆଉ ଏଥିରେ କୌଣସି ସୂତକ ଲାଗେ ନାହିଁ। ଜଣେ ଛାତ୍ର ପଚାରିଲେ ମହାରାଜ! ଦୁଃଖର ପ୍ରମୁଖ କାରଣ କ'ଣ? ସନ୍ଥ କହିଲେ- ଦୁଃଖର ତିନୋଟି ମୁଖ୍ୟ କାରଣ ଅଭାବ, ଅଜ୍ଞାନ ଆଉ ଅସାମର୍ଥ୍ୟ। ସନ୍ଥ ଆଗକୁ ଯାଇ କହିଲେ, ଯୌବନ,ସୌନ୍ଦର୍ଯ୍ୟ ଆଉ ଐଶ୍ୱର୍ଯ୍ୟ ଏହି ତିନିଜଣ ମାନବ ମନକୁ କ୍ରୟ କରିଥାନ୍ତି । ଏହାକୁ ପୂରଣ କରିବାକୁ ଯାଇ ଦୁଃଖ ଆସିଥାଏ।

# ନୂତନ ଶିକ୍ଷା ନୀତି, ଶିଶୁ ବାଟିକା ଓ ନୂଆ ସମ୍ଭାବନା




ରାକେଶ ପଣ୍ଡା
ବନ୍ଦାଲୋ, ଟାଙ୍ଗୀ, କଟକ
ମୋ: ୯୩୩୭୮୯୭୬୫୦


ଶିକ୍ଷା ଏପରି ଏକ ଅମୂଲ୍ୟ ଜିନିଷ ଯାହା କେବଳ ବ୍ୟକ୍ତିଗତ ସ୍ତରରେ ନୁହେଁ, ବିଶ୍ୱ ସ୍ତରରେ ମଧ୍ୟ ଆବଶ୍ୟକ। ଶିକ୍ଷା ଜଣେ ବ୍ୟକ୍ତିଙ୍କୁ ଠିକ୍ ଓ ଭୁଲ୍ ମଧ୍ୟରେ ପାର୍ଥକ୍ୟ ଶିଖାଏ ଏବଂ ବିପଦପୂର୍ଣ୍ଣ ପରିସ୍ଥିତିରୁ ଦୂରରେ ରହିବାରେ ସାହାଯ୍ୟ କରିଥାଏ। ତେବେ, ଶିକ୍ଷା ବ୍ୟବସ୍ଥା ହେଉଛି ଅନ୍ୟମାନଙ୍କୁ ଜ୍ଞାନ ପ୍ରଦାନ କରିବା ଓ ଅନ୍ୟ କାହାଠାରୁ ଜ୍ଞାନ ଆହରଣ କରିବାର ଏକ ପ୍ରକ୍ରିୟା। ଉକ୍ତ ପ୍ରକ୍ରିୟାକୁ ଅନୁସରଣ କରି, ଗୁଣାତ୍ମକ ଶିକ୍ଷା ପ୍ରାଥମିକ ପର୍ଯ୍ୟାୟରେ ଗୋଟିଏ ଶିଶୁ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଥାଏ ଏବଂ ତାହା ଲିଙ୍ଗ, ଜାତି, ପ୍ରତିଷ୍ଠା, ଆର୍ଥିକ ସ୍ଥିତି, କିମ୍ବା ଭୌଗୋଳିକ ସ୍ଥାନ ନିର୍ବିଶେଷରେ ପ୍ରତ୍ୟେକ ଛାତ୍ରର ସାମାଜିକ, ଭାବପ୍ରବଣ, ମାନସିକ, ଶାରୀରିକ ଏବଂ ଜ୍ଞାନାତ୍ମକ ବିକାଶକୁ ତ୍ୱରାନ୍ୱିତ କରିଥାଏ। ଯାହାକି, ଉତ୍କୃଷ୍ଟ ଶିକ୍ଷା ପ୍ରଦାନ କରିବା, ବିକାଶମୂଳକ ଭାବରେ ଉପଯୁକ୍ତ ତଥା ପ୍ରଭାବଶାଳୀ ଶିକ୍ଷଣ ଉପକରଣଗୁଡ଼ିକର ବ୍ୟବହାର ଏବଂ ସହାୟକ ଶିକ୍ଷଣ ପରିବେଶ ସ୍ଥାପନ କରିବାର ସ୍ତମ୍ଭ ଉପରେ ଆଧାରିତ ଅଟେ। ଗୁଣାତ୍ମକ ଶିକ୍ଷା ପ୍ରତ୍ୟେକ ଶିଶୁକୁ ଉନ୍ନତି କରିବାର ସୁଯୋଗ ପ୍ରଦାନ କରିଥାଏ ଏବଂ ଏହି ବ୍ୟବସ୍ଥା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଭବିଷ୍ୟତ ବିଷୟରେ ସ୍ୱପ୍ନ ଦେଖିବା ପାଇଁ ସ୍ଥାନ ଏବଂ ତାକୁ ସାକାର କରିବା ପାଇଁ ଉପକରଣ ପ୍ରଦାନ କରିଥାଏ। ଯାହାକି' ପରବର୍ତ୍ତୀ ମୁହୂର୍ତ୍ତରେ ବ୍ୟକ୍ତିଗତ ସ୍ତରରେ ତଥା ସମ୍ପ୍ରଦାୟ ଏବଂ ସମାଜର ଉନ୍ନତି ପାଇଁ ଏକ ବଡ଼ କାରକ ସାଜିଥାଏ।

ଏହି ପରିପ୍ରେକ୍ଷୀରେ, ନିକଟ ଅତୀତରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ଜାତୀୟ ଶିକ୍ଷା ନୀତି ୨୦୨୦, ଶିକ୍ଷା କ୍ଷେତ୍ରରେ ଏକ ବ୍ୟାପକ ପରିବର୍ତ୍ତନର ପରିକଳ୍ପନା, ଆଧାର ଏବଂ ନୂତନ ସମ୍ଭାବନା ସୃଷ୍ଟି କରିଛି। ସମଗ୍ର ଦେଶରେ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବାର ଏକ ବଡ଼ ଲକ୍ଷ୍ୟ ନେଇ ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରୀ କରାଯାଇଛି। ସମସ୍ତଙ୍କୁ ଉଚ୍ଚମାନର ଶିକ୍ଷା ପ୍ରଦାନ କରି ଭାରତକୁ, ଏକ ନିରନ୍ତର, ସମାନ ଓ ସ୍ପନ୍ଦନଶୀଳ ଜ୍ଞାନ ସମାଜରେ ପରିଣତ କରିବାରେ ସିଧାସଳଖ ଯୋଗଦାନ ଦେବା ଏବଂ ଏକ ବିଶ୍ୱ ଜ୍ଞାନ ମହାଶକ୍ତିରେ ପରିଣତ କରିବାରେ ଏହା ହେଉଛି ଏକ ବଳିଷ୍ଠ ପଦକ୍ଷେପ। ଯାହାକି ପ୍ରବେଶର ସୁବିଧା, ସମାନତା, ଗୁଣବତ୍ତା, ସୁଲଭତା ଏବଂ ଦାୟିତ୍ୱର ପାଞ୍ଚଟି ମାର୍ଗଦର୍ଶୀ ସ୍ତମ୍ଭ ଉପରେ ପ୍ରତିଷ୍ଠିତ। ଏହା ସମଗ୍ର ଦେଶର ଯୁବପିଢ଼ିଙ୍କୁ ବର୍ତ୍ତମାନ ଏବଂ ଭବିଷ୍ୟତର ବିବିଧ ଜାତୀୟ ତଥା ବିଶ୍ୱସ୍ତରୀୟ ଆହ୍ୱାନ ଓ ପ୍ରତିଯୋଗିତାର ମୁକାବିଲା କରିବା ନିମନ୍ତେ ପ୍ରସ୍ତୁତ କରିବ ବୋଲି ମଧ୍ୟ ଅନୁମାନ କରାଯାଏ। ଏଥିରେ ଶିକ୍ଷା ଗଠନର ସମସ୍ତ ଦିଗ, ବିଦ୍ୟାଳୟ ନିୟନ୍ତ୍ରଣ ଏବଂ ଶାସନ ସମେତ ସଂଶୋଧନ ଓ ପୁନଃନିର୍ମାଣର ପ୍ରସ୍ତାବ ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ଯାହାଦ୍ୱାରା ଏକବିଂଶ ଶତାବ୍ଦୀର ଶିକ୍ଷାର ଆକାଂକ୍ଷା ଓ ଲକ୍ଷ୍ୟ ସହିତ ଭାରତର ପରମ୍ପରା, ସଂସ୍କୃତି ଏବଂ ମୂଲ୍ୟବୋଧ ସହିତ ଏକ ନୂତନ ବ୍ୟବସ୍ଥା ସୃଷ୍ଟି ହୋଇପାରିବ। ଏଥିରେ, ଶିକ୍ଷା ସହିତ ପ୍ରଯୁକ୍ତିବିଦ୍ୟାକୁ ଅନେକ ପୂର୍ବ ଏବଂ ପ୍ରସ୍ତାବିତ ପଦକ୍ଷେପ ମାଧ୍ୟମରେ ସମନ୍ୱିତ କରାଯିବା ସହ ଶକ୍ତିଶାଳୀ ପାଠ୍ୟପୁସ୍ତକ, ଶିକ୍ଷକ ଏବଂ ଶିକ୍ଷାର୍ଥୀମାନଙ୍କ ଦକ୍ଷତା ବିକାଶ ପାଇଁ ଉଚ୍ଚମାନର ଇ-ବିଷୟବସ୍ତୁ, ଶିକ୍ଷଣ ଓ ଫଳାଫଳ ଉପରେ ଆଧାରିତ ପ୍ରଶ୍ନ ବ୍ୟାଙ୍କ ଇତ୍ୟାଦି ଅନ୍ତର୍ଭୁକ୍ତ କରାଯାଇଛି। ଏତଦବ୍ୟତୀତ, ଏହି ନୀତିରେ ପ୍ରାରମ୍ଭିକ ଶୈଶବ ଯତ୍ନ, ପାଠ୍ୟକ୍ରମ ଏବଂ ଶିକ୍ଷାଦାନର ପୁନର୍ଗଠନ, ମୂଲ୍ୟାଙ୍କନ ଏବଂ ପରୀକ୍ଷାରେ ସଂସ୍କାର, ଏବଂ ଶିକ୍ଷକ ତାଲିମରେ ବିନିଯୋଗ ଓ ସେମାନଙ୍କର ମୂଲ୍ୟାଙ୍କନକୁ ବ୍ୟାପକ କରିବା ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯାଇଛି। ଯାହାକି ଶିକ୍ଷା ବ୍ୟବସ୍ଥାରେ ଏକ ବଡ଼ଧରଣର ରୂପାନ୍ତରୀକରଣ ଅଟେ।

ଏଥିସହ, ଶିକ୍ଷାର ମୂଳଦୁଆକୁ ସୁଦୃଢ଼ କରିବା ଲକ୍ଷ୍ୟନେଇ, ପ୍ରାଥମିକ ବର୍ଷର ଗୁରୁତ୍ୱକୁ ସ୍ୱୀକାର କରିବା ନିମନ୍ତେ ୩ ବର୍ଷ ବୟସରୁ ସ୍କୁଲ ଶିକ୍ଷା ପାଇଁ ୫+୩+୩+୪ ମଡେଲ ଗ୍ରହଣ କରି, ୩ ରୁ ୮ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କ ଭବିଷ୍ୟତ ଗଠନରେ ପ୍ରାଥମିକ ବର୍ଷର ପ୍ରାଥମିକତାକୁ ଏହି ନୀତିରେ ବ୍ୟବସ୍ଥିତ କରାଯାଇଛି ଏବଂ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କ ପାଇଁ 'ଶିକ୍ଷା ଅଧିକାର' (Right To Education) ବିସ୍ତାର କରିବାର ପ୍ରସ୍ତାବ ମଧ୍ୟ ରହିଛି। ଅତିକମ୍‌ରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷା, ସ୍ଥାନୀୟ ଭାଷା କିମ୍ବା ଆଞ୍ଚଳିକ ଭାଷାକୁ ଶିକ୍ଷାର ମାଧ୍ୟମ କରିବା ଉପରେ ଗୁରୁତ୍ୱାରୋପ ମଧ୍ୟ କରାଯାଇଛି। ଯାହାକୁ ଶିକ୍ଷାଦାନର ସର୍ବୋତ୍ତମ ମାଧ୍ୟମ ଭାବରେ ବିବେଚନା କରାଯାଏ। ତେବେ, ଏହି ନୂତନ ଶିକ୍ଷା ନୀତିରେ ବିଦ୍ୟାଳୟ ଶିକ୍ଷାର ଆଉ ଏକ ପ୍ରମୁଖ ଦିଗ ହେଉଛି ହାଇସ୍କୁଲରେ କଳା, ବାଣିଜ୍ୟ ଏବଂ ବିଜ୍ଞାନ ଧାରାଗୁଡ଼ିକର କଠୋର ବିଭାଜନକୁ ଭାଙ୍ଗିବା। ଯାହାକି' ଉଚ୍ଚ ଶିକ୍ଷାରେ ଏକ ବହୁ-ଶାଖାଗତ ପଦ୍ଧତିର ମୂଳଦୁଆ ସ୍ଥାପନ କରିପାରିବ। ଏତଦ୍‌ବ୍ୟତୀତ, ଶିକ୍ଷା ଏବଂ ଦକ୍ଷତାର ସଙ୍ଗମ ସୃଷ୍ଟି କରିବା ନିମନ୍ତେ ଇଣ୍ଟର୍ନସିପ୍ ସହିତ ବୃତ୍ତିଗତ ପାଠ୍ୟକ୍ରମ ପ୍ରଚଳନର ବ୍ୟବସ୍ଥା ହୋଇଛି। ଯାହାକି' ସମାଜର ଦୁର୍ବଳ ବର୍ଗକୁ ସେମାନଙ୍କ ପିଲାମାନଙ୍କୁ ସ୍କୁଲ ପଠାଇବାକୁ ପ୍ରେରଣା ଦେବା ସହ ସ୍କିଲ୍ ଇଣ୍ଡିଆ ମିଶନର ଲକ୍ଷ୍ୟ ହାସଲ କରିବାରେ ମଧ୍ୟ ତାହା ସାହାଯ୍ୟ କରିବ ବୋଲି ଆଶା କରାଯାଏ। ଏହାଛଡ଼ା, ଏହି ନୀତି ଆଧାରରେ, ବିଦେଶୀ ବିଶ୍ୱବିଦ୍ୟାଳୟ ତଥା ବିଶ୍ୱର ଶ୍ରେଷ୍ଠ ୧୦୦ ମଧ୍ୟରୁ ବିଶ୍ୱବିଦ୍ୟାଳୟଗୁଡ଼ିକ ଭାରତରେ କ୍ୟାମ୍ପସ ସ୍ଥାପନ କରିପାରିବେ। ଏହା ଅନ୍ତର୍ଜାତୀୟ ଦୃଷ୍ଟିକୋଣ ଏବଂ ନବସୃଜନର ଏକ ଆଭିମୁଖ୍ୟ ସୃଷ୍ଟି କରିବା ସହ, ତାହା ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ଅଧିକ ଦକ୍ଷ ଏବଂ ପ୍ରତିଯୋଗିତାମୂଳକ କରିବ।

ରାଜ୍ୟ ଶିକ୍ଷା ବ୍ୟବସ୍ଥାରେ ଉକ୍ତ ଜାତୀୟ ଶିକ୍ଷା ନୀତି, ୨୦୨୦ କାର୍ଯ୍ୟକାରୀ କରିବାର ଏକ ଅଂଶ ସ୍ୱରୂପ, ନିକଟ ଅତୀତରେ, ଓଡ଼ିଶା ସରକାର ଏପ୍ରିଲ ମାସରୁ ଏହାର ଶିଶୁ ବାଟିକା, (ଜାତୀୟ ବାଲ୍ ବାଟିକା ମଡେଲ ସହିତ ସଂଲଗ୍ନ) ପ୍ରି-ସ୍କୁଲ ପ୍ରବେଶ ଆରମ୍ଭ କରିବାକୁ ଯାଉଛନ୍ତି। ଯେଉଁ ପ୍ରକ୍ରିୟା ଅନ୍ତର୍ଗତ ସରକାର ଶିଶୁ ବାଟିକା କିମ୍ବା ପ୍ରାକ୍-ବିଦ୍ୟାଳୟ ସ୍ଥାପନ ପାଇଁ ଅତିରିକ୍ତ ଭିତ୍ତିଭୂମି ସୃଷ୍ଟି କରାଯିବାର ବ୍ୟବସ୍ଥା କରିଛନ୍ତି। ଯେଉଁଥିରେ, ଶିଶୁ ବାଟିକାଗୁଡ଼ିକ ପ୍ରି-ସ୍କୁଲ ପିଲାମାନଙ୍କ ପାଇଁ ଖୋଲାଯିବ ଏବଂ କୌଣସି ଚାପ ନ'ପକାଇ ସେମାନଙ୍କୁ ମୌଳିକ ସାକ୍ଷରତା ଓ ଗଣନା ସହିତ ପରିଚିତ କରାଇବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ଉଦ୍ଦେଶ୍ୟରେ, ଶିକ୍ଷକ ନିଯୁକ୍ତି, ପାଠ୍ୟପୁସ୍ତକ ଏବଂ ଶିକ୍ଷା ସହାୟକ ମଧ୍ୟ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି। ଓଡ଼ିଶାରେ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାକୁ ୫+୩+୩+୪ ସିଷ୍ଟମ (ମଡେଲ) ଦ୍ୱାରା ବଦଳାଯିବା ନିମନ୍ତେ ଯୋଜନା କରାଯାଇଛି। ଯାହାକି' ଶିକ୍ଷା ଭିତ୍ତିଭୂମିର ଉନ୍ନତି, ଖେଳ ମାଧ୍ୟମରେ ଶିକ୍ଷା ଏବଂ ଶିକ୍ଷାରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ବିସ୍ତାର ଉପରେ ଧ୍ୟାନ ଦେବ। ଶିଶୁ ବାଟିକା ପ୍ରକ୍ରିୟାକୁ ଆଧାର କରି, ୩ ବର୍ଷ ବୟସରେ ଜଣେ ପିଲା ଶିଶୁ ବାଟିକା-୧ରେ ପ୍ରବେଶ କରିବ ଏବଂ ୪ ବର୍ଷ ବୟସରେ ସେ ଶିଶୁ ବାଟିକା-୨ ରେ ପ୍ରବେଶ କରିବ। ସେହିପରି, ୫ ବର୍ଷ ବୟସ ହେବା ପରେ, ପିଲାମାନେ ଶିଶୁ ବାଟିକା-୩ ରେ ପ୍ରବେଶ କରିବେ। ଆଗାମୀ ଦିନରେ, ଏହାକୁ ଆଧାର କରି ୬୩୦୦୦ ସ୍କୁଲରେ ୫ ବର୍ଷ ବୟସର ପିଲାମାନଙ୍କୁ ଶିଶୁ ବାଟିକା-୩ରେ ନାମଲେଖା କରାଯିବାର ଯୋଜନା ମଧ୍ୟ କରାଯାଇଛି। ପ୍ରଥମ ଶ୍ରେଣୀରେ ପ୍ରବେଶ ପାଇଁ ସର୍ବନିମ୍ନ ବୟସ ୬ ବର୍ଷ ହେବାର ବ୍ୟବସ୍ଥା ହୋଇଛି। ଓଡ଼ିଶାର ପିଲାମାନଙ୍କୁ ଏପ୍ରିଲ ମାସରୁ ଖେଳଣା ପ୍ରଦାନ କରିବା ସହ ଗୀତ ଏବଂ ସଂଗୀତ ମାଧ୍ୟମରେ ମନୋରଞ୍ଜନ କରି ନୂତନ ଜାତୀୟ ଶିକ୍ଷା ନୀତି ସହିତ ପରିଚିତ କରାଯିବାର ଯୋଜନା କରାଯାଇଛି। ଯେଉଁ ଯୋଜନାକୁ ଆଧାର କରି, ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ଦ୍ୱାରା ବ୍ୟକ୍ତିଗତ ଭାବରେ ତୃଣମୂଳ ସ୍ତରକୁ ଯାଇ ରାଜ୍ୟର ଛାତ୍ରମାନେ ପାଠପଢ଼ା ଛାଡିବାର କାରଣ ଖୋଜିବା ଏବଂ ସର୍ବୋତ୍ତମ ଶିକ୍ଷା ପାଇବା ପାଇଁ ପିଲାମାନଙ୍କୁ ସ୍କୁଲ ପଠାଇବା ନିମନ୍ତେ ପିତାମାତାଙ୍କୁ ଉତ୍ସାହିତ କରିବାର ପଦକ୍ଷେପ ନିଆଯିବାର ବ୍ୟବସ୍ଥା ମଧ୍ୟ କରାଯାଉଛି। ଯାହାକି' ଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯିବାକୁ ଥିବା ଏହା ଏକ ସୁନ୍ଦର, ଅଭିନବ, ଗତିଶୀଳ ଓ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ।

ତେବେ, ରାଜ୍ୟରେ, 'ନୂତନ ଜାତୀୟ ଶିକ୍ଷା ନୀତି ୨୦୨୦' କାର୍ଯ୍ୟକାରୀ ହେବା ଦ୍ୱାରା ଓଡ଼ିଶାର ଅନନ୍ୟ ଐତିହ୍ୟ, ଓଡ଼ିଆ ସମାଜର ପୁରାତନ ଗାଣିତିକ, ବୈଜ୍ଞାନିକ ଏବଂ ସ୍ଥାପତ୍ୟ ଦକ୍ଷତାକୁ ୨୧ ଶତାବ୍ଦୀର ଆଧୁନିକ ଶିକ୍ଷାରେ ସାମିଲ ଏବଂ ପ୍ରାସଙ୍ଗିକୀକରଣ ପାଇଁ ପଥ ପ୍ରଶସ୍ତ ହେବ ବୋଲି ଅନୁମାନ କରାଯାଏ। ଯାହାକି' ଆମ ସଭ୍ୟତା ଓ ସଂସ୍କୃତିର ନୀତିରେ ଜଡିତ ରହିବା ସହିତ ରାଜ୍ୟର ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ପରିଚିତି ଏବଂ ପରିବେଶ ପ୍ରଦାନ କରିବ ବୋଲି ଆଶା। ମୌଳିକ ଶିକ୍ଷାକୁ ପ୍ରାଥମିକତା ଦେବା, ଶିକ୍ଷାର ପରିସରକୁ ବିସ୍ତାର କରିବା ଏବଂ ତୃଣମୂଳ ସ୍ତରରେ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା ନିମନ୍ତେ ଏହା ଏକ ବଡ଼ ଓ ଉଚ୍ଚ ପ୍ରଶଂସନୀୟ ପଦକ୍ଷେପ ଅଟେ। ଯାହାଦ୍ୱାରା ଓଡ଼ିଶା ଏକ ନୂତନ ବିଶ୍ୱସ୍ତରୀୟ ପରିଚୟ ସୃଷ୍ଟି କରିବ ବୋଲି ଦୃଢ ବିଶ୍ୱାସ କରାଯାଏ। ଏଥିସହ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର 'ବିକଶିତ ଭାରତ ୨୦୪୭' ନିର୍ମାଣ ଲକ୍ଷ୍ୟକୁ ସାକାର କରିବାରେ ଏହି ନୂତନ ଜାତୀୟ ଶିକ୍ଷା ନୀତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଏ। ଯାହାକି' ଆଗାମୀ ଦିନରେ ଛାତ୍ର ଏବଂ ଯୁବକମାନଙ୍କୁ ଏକ ଆଧୁନିକ ଏବଂ ସଶକ୍ତ ଭାରତ ନିର୍ମାଣ ନିମନ୍ତେ ପ୍ରସ୍ତୁତ କରିପାରିବ।



ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପ ବନ୍ଦରରେ ଥିବା ସର୍ବବୃହତ ପୁରାତନ ବସ୍ତି ଶଣକୁଦର ଆରାଧ୍ୟ ଦେବତା ପ୍ରଭୁ ରାମେଶ୍ୱର ମନ୍ଦିରର ପରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟର ବୁଧବାର ଦିନ ଶିଳାନ୍ୟାସ କରିଛନ୍ତି ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ। ବସ୍ତି ଆରମ୍ଭରେ କିଛି ତେଲୁଗୁ ଆଦିବାସୀ ତଥା କେତେକ ଓଡ଼ିଆ ଲୋକ ଏଠି ବସବାସ କରିବା ସହିତ ତ୍ରିନାଥ ଦେବଙ୍କ ପୂଜାର୍ଚ୍ଚନା କରିଆସୁଥିଲେ। ଧୀରେ ଧୀରେ ଏହି ତ୍ରିନାଥ ଦେବଙ୍କ ପୂଜା ଠାରୁ ଆରମ୍ଭ ହୋଇଥିଲା ପ୍ରଭୁ ରାମେଶ୍ୱର ମନ୍ଦିରର ପରିକଳ୍ପନା। ପଚାଶବର୍ଷ ପୂର୍ବରୁ ବସ୍ତିବାସିଙ୍କ ପରିକଳ୍ପନା ଆଜି ସଫଳ ହୋଇଛି। ଦୀର୍ଘ ପଚାଶବର୍ଷ ଧରି ମହାପ୍ରଭୁ ରାମେଶ୍ୱରଙ୍କ ପୂଜାର୍ଚ୍ଚନା କରିଆସୁଥିବା ଶଣକୁଦ ବସ୍ତି ବାସିନ୍ଦା ମହାଦେବଙ୍କ ମନ୍ଦିରର ଉନ୍ନତି ପାଇଁ ଲୋକଙ୍କ ପ୍ରଚେଷ୍ଟାର ପୂର୍ଣ୍ଣଚ୍ଛେଦ ପଡିଛି। ସରକାରଙ୍କ ତରଫରୁ ମନ୍ଦିର ଉନ୍ନତି ପାଇଁ ଅର୍ଥ ମଞ୍ଜୁରୀ କରାଯିବା ପରେ ମନ୍ଦିରର ଉନ୍ନତିକରଣ ପାଇଁ ଆଜି ପାରାଦୀପ ପୌରାଧକ୍ଷ ଏହାର ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ଦିରର ସମସ୍ତ କାର୍ଯ୍ୟକର୍ତ୍ତାମାନଙ୍କ ସହିତ ବସ୍ତିର ମୁରବିମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା ସହିତ ରାଜ୍ୟ ସରକାର ଏବଂ ପୌରପାଳିକାକୁ ଧନ୍ୟବାଦ ଜଣାଇଥିଲେ। ରାମେଶ୍ୱର ମହାଦେବଙ୍କ ମନ୍ଦିର ଉନ୍ନତି କାର୍ଯ୍ୟକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଏକ ଆନନ୍ଦ ପ୍ରକାଶ ପାଉଛି।

# ଲାଞ୍ଚ ନେଇ ଫସିଲେ ଆର୍‌ଆଇ ଓ ସହଯୋଗୀ





ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଜମିଜମା ସଂକ୍ରାନ୍ତୀୟ ଇନକ୍ୱାରୀ ରିପୋର୍ଟ ଦେବାକୁ ୭ହଜାର ଟଙ୍କା ଲାଞ୍ଚ ନେବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଧୀନ କେନ୍ଦ୍ରାପଟି ରାଜସ୍ୱ ନିରୀକ୍ଷକ (ଆରଆଇ)ଦୀପ୍ତିରଞ୍ଜନ ମହାପାତ୍ର ଓ ତାଙ୍କର ଜଣେ ସହଯୋଗୀ ମଙ୍ଗଳବାର ଅପରାହ୍ନରେ ଭିଜିଲାନ୍ସ ଜାଲରେ ଫସିଛନ୍ତି। ସହଯୋଗୀ ଜଣକ ହେଲେ ସମ୍ପଦ କୁମାର ଦାଶ। ଭିଜିଲାନ୍ସ ଟିମ୍ ଅଭିଯୁକ୍ତଙ୍କ ଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରିଛି। ଏ ସଂକ୍ରାନ୍ତରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ ଅଟକ ରଖାଯିବା ସହ ଅଧିକ ପଚରାଉଚରା କରାଯାଉଥିବା ସୂଚନା ଦିଆଯାଇଛି। ଭିଜିଲାନ୍ସ ସୂଚନା ଅନୁଯାୟୀ, ଅସ୍ତରଙ୍ଗ ନମାରୋ ଗ୍ରାମର ପ୍ରତାପ ସାହୁ ତାଙ୍କ ବାପାଙ୍କ ନାଁରେ ଥିବା ଏକଘରବାଡ଼ି ପ୍ଲଟକୁ ବିକ୍ରି ପାଇଁ ଜିଲ୍ଲା ନିବନ୍ଧକ (ଡିଏସଆର)ଙ୍କ ନିକଟରେ ଆବେଦନ କରିଥିଲେ। ତେବେ ଉକ୍ତ ଜମିରେ କୌଣସି ବାସଗୃହ ଅଛି କି ନାହିଁ ସନ୍ଦେହ ହେବାରୁ ଡିଏସଆର ଏହାର ଯାଞ୍ଚ ରିପୋର୍ଟ ପାଇଁ ତହସିଲ ଅଫିସକୁ ଚିଠି କରିଥିଲେ। ତେବେ ଉକ୍ତ ଘରବାଡ଼ି ଜମିର ଅନୁସନ୍ଧାନ କରି ହୋମଷ୍ଟେଡ଼ (ଘରବାରି) ଯାଞ୍ଚ ରିପୋର୍ଟ ଦେବାକୁ ତହସିଲଦାରଙ୍କ ପକ୍ଷରୁ ଆରଆଇଙ୍କୁ ନିର୍ଦ୍ଦେଶ ହୋଇଥିଲା। ହେଲେ ଏପଟେ ଉକ୍ତ ଯାଞ୍ଚ ରିପୋର୍ଟ ଦେବାକୁ ପ୍ରତାପ ବାରମ୍ବାର ଅନୁରୋଧ କରୁଥିବା ବେଳେ ମାସେ ହେବ ଆର ଆଇ ଦିନ ଗଡ଼ାଇ ଚାଲିଥିଲେ। ଏଥିପାଇଁ ଆରଆଇ ତାଙ୍କ ସହଯୋଗୀ ସମ୍ପଦଙ୍କ ଜରିଆରେ ୭ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଶେଷରେ କୌଣସି ଉପାୟ ନ ପାଇ ପ୍ରତାପ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ପୂର୍ବପ୍ରସ୍ତୁତି ଅନୁଯାୟୀ ଭିଜିଲାନ୍ସର ୫ଜଣିଆ ଟିମ୍ ମଙ୍ଗଳବାର ଅପରାହ୍ନରେ ଆରଆଇ କାର୍ଯ୍ୟାଳୟରେ ଚଢ଼ାଉ କରି ଲାଞ୍ଚ ନେବାବେଳେ ଅଭିଯୁକ୍ତ ଦ୍ୱୟଙ୍କୁ କାବୁ କରିଥିଲା। ପରେ ଏହି ଘଟଣାରେ ଦୀପ୍ତିରଞ୍ଜନ ଙ୍କ ବାସ ଭବନ ଓ ଅଫିସ ରୁମ୍ ରେ ଚଢ଼ାଉ ହେଉଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ଉଭୟଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇ ଥିବା ସୂଚନା ମିଳୁଛି। ଉଲ୍ଲେଖ ଯୋଗ୍ୟ, ୨୦୨୧ ଜୁଲାଇ ମାସରେ ଦୀପ୍ତିରଞ୍ଜନ ଅସ୍ତରଙ୍ଗ ରାଜସ୍ୱ କାର୍ଯ୍ୟାଳୟରେ ନକଲି ଅଫିସର ବସାଇ ଲାଞ୍ଚ ନେଇଥିବା ଅଭିଯୋଗ ହେବା ସହ ଗଣ ମାଧ୍ୟମରେ ଖବର ପ୍ରକାଶ ପରେ ୩ଘଣ୍ଟା ମଧ୍ୟରେ ସେ ଅନ୍ୟତ୍ର ବଦଳି ହୋଇଥିଲେ।

# ସାହିତ୍ୟ ଓ ସଂସ୍କୃତିର ପର୍ବ 'ତତ୍ତ୍ୱ' ଆୟୋଜିତ

## ସାହିତ୍ୟରେ ପରମ୍ପରା ଓ ଆଧୁନିକତାର ସମ୍ମିଶ୍ରଣ ଏକ ସୁସ୍ଥ ସମାଜର ନିର୍ଦ୍ଦେଶନ




କଟକ, (ଭାସ୍କର ନ୍ୟୁଜ୍): ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଅନ୍ତର୍ଗତ କଳା, ଯୋଗାଯୋଗ ଓ ଭାରତୀୟ ଶିକ୍ଷା ବିଭାଗ ପକ୍ଷରୁ ସାହିତ୍ୟ ପର୍ବ 'ତତ୍ତ୍ୱ' ଆୟୋଜିତ କରାଯାଇଥିଲା। ଏହି ଅବସରରେ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପତି ଯୋଗଦାନ କରି କହିଥିଲେ ଯେ, 'ଭାଷା ଉପରେ ନିର୍ଭର କରେ ସୃଜନଶୀଳତା ଓ ତଦ୍ ସମ୍ପର୍କିତ ଗବେଷଣା। ଯେଉଁ ଜାତିର ଭାଷା ଯେତେ ସମୃଦ୍ଧ, ସେ ଜାତି ଓ ଦେଶ ସେତିକି ସମୃଦ୍ଧ। ତେଣୁ ଭାଷାକୁ ଉନ୍ନତ ଓ ପରିମାର୍ଜିତ କରିବା ସଙ୍ଗେ ସଙ୍ଗେ ପରମ୍ପରାର ସଂରକ୍ଷଣ କରିବା ଏବଂ ଏହାକୁ ପ୍ରୋତ୍ସାହନ ଦେବା ଆମ ଧ୍ୟେୟ ହେବା ଉଚିତ। ଭାଷା-ସାହିତ୍ୟରେ ପରମ୍ପରା ଓ ଆଧୁନିକତାର ସମ୍ମିଶ୍ରଣ ଏକ ସୁସ୍ଥ ସମାଜର ନିର୍ଦ୍ଦେଶନ।' 'ତତ୍ତ୍ୱ: ଏସେନ୍ସ ଅଫ୍ ଆର୍ଟ ଆଣ୍ଡ କଲଚର' ଶୀର୍ଷକରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଥିଲା କଳା ଓ ସଂସ୍କୃତିର ଏକ ଉତ୍କୃଷ୍ଟ ଯୁଗଳବନ୍ଦୀ। କାର୍ଯ୍ୟକ୍ରମରେ କଳା, ଯୋଗାଯୋଗ ଓ ଭାରତୀୟ ଶିକ୍ଷା ବିଭାଗର ଡିନ୍ ତଥା ବିଭାଗୀୟ ମୁଖ୍ୟ ଗୁରୁ ରବିକାନ୍ତ ମହାପାତ୍ର ଆନୁଷ୍ଠାନିକ ଭାବରେ ଓଡ଼ିଶାର ରାଜ୍ୟପାଳ ତଥା ଅନ୍ୟମାନଙ୍କୁ ସ୍ୱାଗତ କରିଥିଲେ। ସାହିତ୍ୟ ଓ ସଂସ୍କୃତିର ଏହି ଉତ୍ସବକୁ ଯଥାର୍ଥରେ ଏକ 'ପର୍ବ' ଭାବରେ ପାଳନ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ବିଶ୍ୱବିଦ୍ୟାଳୟର ସଭାପତି ପ୍ରାଧ୍ୟାପିକା ରଜିତା କୁଲକର୍ଣ୍ଣୀ ନିଜ ଅଭିଭାଷଣରେ କହିଥିଲେ, 'ବିସ୍ତାରିତ ଜୀବନ ହେଉଛି ସେବା ଏବଂ ଅଧିକ ବିସ୍ତାରିତ ଜୀବନ ହେଉଛି ଧ୍ୟାନ। ଜୀବନର ଅନ୍ତର୍ମୁଖୀ ଯାତ୍ରାର ପରିଣତି ହେଉଛି ତପସ୍ୟା। ତେଣୁ ତତ୍ତ୍ୱ ହେଉଛି ସମସ୍ତ କଳାତ୍ମକ ସୃଜନଶୀଳତାର ସମାହାର ସ୍ୱୟଂ ଜୀବନ।' ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କଳା ଓ ସୃଜନଶୀଳତାକୁ ସର୍ବଦା ଗୁରୁତ୍ୱ ଦେଇ ଆସିଥିବା ବେଳେ 'ଆର୍ଟ ଅଫ୍ ଲିଭିଂ' ବିଭିନ୍ନ ନୃତ୍ୟକଳାରେ ୧୨ଟି ବିଶ୍ୱ ରେକର୍ଡର ଅଧିକାରୀ ହୋଇଥିବା ସେ କହିଥିଲେ। ପୂର୍ବାହ୍ନ ୧୦.୩୦ ମିନିଟରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଏକାଧିକ ଅଧିବେଶନରେ ବିଭକ୍ତ ହୋଇ ରାତି ପ୍ରାୟ ନଅଟା ପର୍ଯ୍ୟନ୍ତ ଚାଲିଥିଲା। ପ୍ରଥମ ଅଧିବେଶନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନେକ ଅଜଣା ରହସ୍ୟ ଓ ଉପମାଗୁଡ଼ିକ ସମ୍ପର୍କରେ ଆଲୋକପାତ କରିଥିଲେ ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ ରାହୁଲ ଆଚାର୍ଯ୍ୟ। ଦ୍ୱିତୀୟ ଅଧିବେଶନରେ ଗୀତା ଅଧ୍ୟୟନ କିଭଳି ମାନସିକ ଶାନ୍ତି ପ୍ରଦାନ କରେ, ତାହା ବ୍ୟାଖ୍ୟା କରିଥିଲେ ଟିସିଏସ୍, ଭୁବନେଶ୍ୱରର ଅବିନାଶ ସାମଲ। ତୃତୀୟ ଅଧିବେଶନରେ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଡ. ଇଲିଆନା ସିତାରିଷ୍ଟି ସମର ନୃତ୍ୟକଳା ସମ୍ପର୍କରେ ସୂଚନା ଦେଇଥିଲେ। ଘୁମନ୍ତମଧ୍ୟ ସଂଗୀତଙ୍କ ରୂପକ ପରିଡ଼ା ଚତୁର୍ଥ ଅଧିବେଶନରେ ସଂଗୀତ ପରିବେଷଣ କରିଥିବା ବେଳେ ପଞ୍ଚମ ଅଧିବେଶନରେ ସାହିତ୍ୟିକ ଚିନ୍ତନ ଓ କାହାଣୀ କହିବା କଳା ସମ୍ପର୍କରେ ବିଶିଷ୍ଟ ହିନ୍ଦୀ ସାହିତ୍ୟିକ ଆଲୋକ ଶ୍ରୀବାସ୍ତବ ପ୍ରାଞ୍ଜଳ ଭାବରେ ବୁଝାଇ କହିଥିଲେ। ସନ୍ଧ୍ୟାରେ ହିନ୍ଦୀ ମ୍ୟୁଜିକାଲ୍ ପ୍ଲେ "ରାମଲାଲା ମାରା" ମଞ୍ଚସ୍ଥ ହୋଇ ଦର୍ଶକୀୟ ଆଦୃତି ଲାଭ କରିଥିଲା। ଭାଷା ସାହିତ୍ୟକୁ ଉଜ୍ଜୀବିତ କରିବା ଲକ୍ଷ୍ୟରେ ଆୟୋଜିତ ଏହି ଉତ୍ସବରେ ମହାମହିମ ରାଜ୍ୟପାଳଙ୍କ ସମେତ ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ ଦୁର୍ଘଟଣାରେ ଜଣେ ମୃତ

ଉମରକୋଟ, (ଭାସ୍କର ନ୍ୟୁଜ୍): ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ଘଟିଛି ଓ ଅନ୍ୟ ଜଣେ ଆହତ ହୋଇଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକରେ। ମୃତ ଯୁବକଜଣକ ହେଲେ ଝରିଗାଁ ବ୍ଲକ ବରାଗୁଡା ଗ୍ରାମର ସୋମନାଥ ଭତରା (୩୮)। ଆହତ ଯୁବକଜଣକ ହେଲେ ପାପଡାହାଣ୍ଡିର ବୈଦ୍ୟନାଥ ଭତରା (୨୪)। ପରିବାର ଲୋକଙ୍କ କହିବାନୁଯାୟୀ ସୋମନାଥ ବାଇକ୍ ଯୋଗେ ଚାଟିଗୁଡା ଗ୍ରାମକୁ କୁକୁଡା ଆଣିବାକୁ ଯାଉଥିଲେ। ସାମ୍ନା ପଟୁ ବୈଦ୍ୟନାଥ ବାଇକ୍ ଯୋଗେ ଦେଉଳ କନା ଗ୍ରାମ ଶଶୁର ଘରକୁ ଯାଉଥିଲେ। ଏହି ସମୟରେ ନିରୁଣ୍ଡି ଗ୍ରାମ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଦୁହେଁ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଖବର ପାଇ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ଦୁହିଁଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। କିନ୍ତୁ ଡାକ୍ତରଖାନାରେ ଡାକ୍ତର ସୋମନାଥଙ୍କୁ ମୃତ ଘୋଷଣା କରିଥିଲେ। ବୈଦ୍ୟନାଥ ଙ୍କ ଡାହାଣ ହାତ ଭାଙ୍ଗି ଯାଇଥିବା ବେଳେ ମୁହଁରେ ଆଘାତ ଲାଗିଛି। ବର୍ତ୍ତମାନ ବୈଦ୍ୟନାଥ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି।

## ନିମାପଡ଼ାରେ ରାଜନୈତିକ ପାଣିପାଗରେ ଉଷ୍ମତା

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ପଞ୍ଚାୟତ ନିର୍ବାଚନ ନିକଟତର ହୋଇଆସୁଥିବା ବେଳେ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ଉଷ୍ମତା ଦେଖାଦେଇଛି। ବିଭିନ୍ନସ୍ଥାନରେ ଦଳୀୟ ନେତାମାନେ ବୈଠକ କରି ପଞ୍ଚାୟତ ନିର୍ବାଚନରେ ବ୍ଲକ ହାତେଇବା ପାଇଁ ଯୋଜନା ଚଳାଇଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଲୋକପ୍ରିୟତା ବଢିବାରେ ଲାଗିଥିବା ବେଳେ ପରିଡା ବିଭିନ୍ନ ସମୟରେ ୪୬ଟି ପଞ୍ଚାୟତର କର୍ମକର୍ତ୍ତାଙ୍କୁ ନେଇ ବିଭିନ୍ନ ସ୍ଥାନରେ ବୈଠକ ଚଳାଇଛନ୍ତି। ସାଧାରଣ ନିର୍ବାଚନ ସରିଥିବା ବେଳେ ବିଜେପି ଦଖଲରେ ନିମାପଡ଼ା ନିର୍ବାଚନମଣ୍ଡଳୀ ରହିଅଛି। ମାତ୍ର ପୌରପରିଷଦ ଓ ବ୍ଲକ ବର୍ତ୍ତମାନ ସୁଦ୍ଧା ବିଜେଡି ଦଖଲରେ ରହିଅଛି। ପୌରାଧକ୍ଷା ସସ୍ମିତା ସାହୁଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆସିଥିବା ବେଳେ ଅଧକ୍ଷା ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ବାହାର ନିର୍ବାଚନମଣ୍ଡଳୀରୁ କେତେଜଣ କର୍ମୀ ନିଜକୁ ତୁଙ୍ଗ ନେତା ବୋଲାଇ ନିମାପଡ଼ା ନିର୍ବାଚନମଣ୍ଡଳୀରେ ବିଶୃଙ୍ଖଳା ସୃଷ୍ଟି କରିବା ସହ ସାମାନ୍ୟ କେତେକ କର୍ମୀଙ୍କୁ ଧରି ଅଷ୍ଟପ୍ରହରୀ ତ୍ରିନାଥମେଳ ଶୁଦ୍ଧଘର କାମରେ ଯୋଗଦେଇ ସୋସିଆଲ ମିଡିଆରେ ନିଜକୁ ପ୍ରଭାବଶାଳୀ ନେତା ବୋଲାଉଛନ୍ତି। ନିମାପଡା ନିର୍ବାଚନମଣ୍ଡଳୀର ଜନସାଧାରଣ ବାହାର ନିର୍ବାଚନମଣ୍ଡଳୀର କର୍ମୀଙ୍କୁ ସହଜରେ ଗ୍ରହଣ କରିପାରୁନାହାଁନ୍ତି। ଯାହାକୁ ନେଇ ବର୍ତ୍ତମାନ ନିମାପଡାର ରାଜନୀତି ଉଷ୍ମତା ଦେଖାଦେଇଛି। ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ନିର୍ବାଚନମଣ୍ଡଳୀ ଏକ ପ୍ରମୁଖ ନିର୍ବାଚନମଣ୍ଡଳୀ ହୋଇଥିବା ବେଳେ ବିଜେଡି ହାତରୁ ନିର୍ବାଚନମଣ୍ଡଳୀକୁ ବିଜେପି ଛଡାଇ ନେଇଛି। ମାତ୍ର ବଦଳି ପାରିନାହାଁନ୍ତି ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷା ଓ ବ୍ଲକ ଅଧକ୍ଷ। ବର୍ତ୍ତମାନ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଜନସମର୍ଥନ ବଢୁଥିବା ବେଳେ ପଞ୍ଚାୟତ ନିର୍ବାଚନରେ ବ୍ଲକ ଦଖଲ କରିବା ପାଇଁ ବିଜେପି ସମ୍ପୂର୍ଣ୍ଣ ରଣନୀତି ଆରମ୍ଭ କରିଛି। ପ୍ରତ୍ୟେକ ପଞ୍ଚାୟତରେ ତୃଣମୂଳରୁ ସଂଗଠନକୁ ଦୃଢ କରିବାରେ ଲାଗିପଡିଛି। ସେହିପରି ବିଜେପିକୁ ଟକ୍କର ଦେବା ପାଇଁ ବିଜେଡି ଲାଗିପଡିଛି। ବିଭିନ୍ନ ପଞ୍ଚାୟତରେ ବୈଠକ କରି ପୁରୁଖା କର୍ମୀଙ୍କୁ ଗୋଟାଇବାରେ ଲାଗିପଡିଛି ବିଜେଡି। କିପରି ପଞ୍ଚାୟତ ନିର୍ବାଚନ ହାତେଇବ ତାହା ପାଇଁ ରଣନୀତି ଆରମ୍ଭ କରିଛି। ନୂତନ ପିସିସି ସଭାପତି ହେବାପରେ କଂଗ୍ରେସ ଦଳର ମନୋବଳ ବଢିବାରେ ଲାଗିଛି। କଂଗ୍ରେସ ଦଳ ମଧ୍ୟ ପଞ୍ଚାୟତ ନିର୍ବାଚନରେ ଭଲ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି। ନଗଦରେ ନିମାପଡ଼ା ନିର୍ବାଚନମଣ୍ଡଳୀରେ କଂଗ୍ରେସ ଦଳର ଜଣେ ଟାଣୁଆ ନେତା ନେତୃତ୍ୱ ନେବା ପାଇଁ ଯାଉଥିବା ଏବେ ଗଳିକନ୍ଦିରେ ଚର୍ଚ୍ଚାର ଖୋରାକ ଯୋଗାଇଛି।

# ଜାତୀୟ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ



ପାରାଦୀପ, (ଭାସ୍କର ନ୍ୟୁଜ୍): ବନ୍ଦର ନଗରୀ ପାରାଦୀପର ଜୟଦେବ ସଦନ ଠାରେ କ୍ୟାନମାସ ଦ୍ୱାରା ଆଠ ଦିନ ଧରି ଆୟୋଜିତ କ୍ୟାନଫେଷ୍ଟ-୦୨୫ ବୁଧବାର ମାର୍ଚ୍ଚ ୨୬ ତାରିଖ ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ନୂଆଦିଲ୍ଲୀର ସକ୍ଷମ୍ ଥିଏଟର ଗ୍ରୁପର କଳାକାରମାନେ ସୁନିଲ ରାଓ୍ୱତଙ୍କ ନିର୍ଦ୍ଦେଶନାରେ ହିନ୍ଦୀ ନାଟକ ଶତ୍ରୁ - ଦ ଏନ୍ମି ଓ୍ୱିଦିନ୍ ମଞ୍ଚସ୍ଥ କରିଥିଲେ। ନାଟକଟି ବୌଦ୍ଧ କିମ୍ବଦନ୍ତୀ ଏବଂ ରାଜା ଅଜାତଶତ୍ରୁଙ୍କ ଐତିହାସିକ ପୃଷ୍ଠଭୂମି ଉପରେ ଆଧାରିତଥିଲା। ଏହା ଧର୍ମନିରପେକ୍ଷତା, ନାରୀବାଦ ଏବଂ ମାନବ ପ୍ରକୃତି ମଧ୍ୟରେ ଥିବା ମାନସିକ ହତାଶା ଏବଂ ହିଂସାତ୍ମକ ପ୍ରବୃତ୍ତିର ବିଷୟ ବସ୍ତୁକୁ ସ୍ପର୍ଶ କରିଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ଯୋଗଦାନ କରି ବନ୍ଦର ଉପାଧକ୍ଷ ନୀଳାଭ୍ର ଦାସଗୁପ୍ତା,ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପିପିଏଲ ମୁଖ୍ୟ ପାଲାନିସାମୀ ଭେଲୁସାମୀ, ପଲିଟିକାଲ ବିଜିନେସ ଡେଲିର ରେସିଡେଣ୍ଟ ଏଡିଟର ବିଜୟ କେତନ ମିଶ୍ର ନାଟକ ଉପରେ ମତାମତ ରଖିବା ସଙ୍ଗେ ସଙ୍ଗେ କଳାକାର ମାନଙ୍କୁ ସମ୍ମାନିତ କରିଥିଲେ। ମୁଖ୍ୟ ଅତିଥି ନିଳାଭ୍ର ଦାସଗୁପ୍ତା ଜୀବନ ବ୍ୟାପି ସାଧନା ପାଇଁ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଦୋଳଗୋବିନ୍ଦ ରଥଙ୍କୁ ସମ୍ମାନିତ କରିଥିବା ବେଳେ କ୍ୟାନମାସ ର ମିଡ଼ିଆ ସଂଯୋଜକ ନିରୋଜ କୁମାର ପଟ୍ଟନାୟକ ଙ୍କୁ ପୌରାଧକ୍ଷ ବସନ୍ତ ବିଶ୍ୱାଳ ସମ୍ବର୍ଦ୍ଧିତ କରିଥିଲେ। ପରିଶେଷରେ କାନମାସର ସମ୍ପାଦକ ନାରାୟଣ ମିଶ୍ରଧନ୍ୟବାଦ୍‌ଅର୍ପଣ କରିଥିଲେ। ତେବେ ଜାତୀୟ ନାଟ୍ୟ ମହୋତ୍ସବର ସଫଳତା ପାଇଁ କ୍ୟାନମାସ ଅନୁଷ୍ଠାନର ଉଦ୍ୟମ ଓ ପ୍ରଚେଷ୍ଟାକୁ ସମସ୍ତ ଅତିଥି ମାନେ ଉଚ୍ଚ ପ୍ରଶଂସା କରିଥିଲେ।

## ଫସଲରେ ଘାସ ନିୟନ୍ତ୍ରଣ ସଚେତନତା ଶିବିର

ଜଗତସିଂହପୁର,(ଭାସ୍କର ନ୍ୟୁଜ୍): କେଭିକେ ଜଗତସିଂହପୁର ଓ ସର୍ବଭାରତୀୟ ସମନ୍ୱିତ ତୃଣକ ଦମନ ଗବେଷଣା ପ୍ରକଳ୍ପ, ଓୟୁଏଟି ପକ୍ଷରୁ ସାମ୍ପ୍ରତିକ ପରିସ୍ଥିତିରେ ଧାନ ଓ ମୁଗ ଫସଲରେ ଘାସ ନିୟନ୍ତ୍ରଣ ସମ୍ପର୍କରେ ଏକ ସଚେତନତା ଶିବିରର କୁଜଙ୍ଗ ବ୍ଲକ ଅଧିନସ୍ଥ ବାଗୋଇ ଗ୍ରାମର ଆୟୋଜିତ ହୋଇଯାଇ ଅଛି। ଏଥିରେ ତଣକ ପ୍ରକଳ୍ପର ଭାରପ୍ରାପ୍ତ ଅଧିକାରୀ ଡ. ରବିରନ୍ ଦାଶ ବିଭିନ୍ନ ଫସଲରେ ଘାସ ନିୟନ୍ତ୍ରଣର ଆବଶ୍ୟକତା ସମ୍ପର୍କରେ ଗୁରୁତ୍ୱ ପ୍ରଦାନ କରିଥିଲେ ଓ ଡ. ମହମ୍ମଦ ଅବଦୁଲ ଆଲିମ ସାମ୍ପ୍ରତିକ ପରିସ୍ଥିତିରେ ଅନ୍ୟାନ୍ୟ ଫସଲରେ ଘାସର ଭୟାବହତା, ପ୍ରାଦୁର୍ଭାବ ଓ ସମସ୍ୟା ସମ୍ପର୍କରେ ଜଣାଇବା ସହ ସମନ୍ୱିତ ପଦ୍ଧତିରେ ଫସଲରେ କିପରି ଘାସର ପରିଚାଳନା କରିହେବ ସେ ସମ୍ପର୍କରେ ମଧ୍ୟ ଚାଷୀ ଭାଇ ମାନଙ୍କୁ ଅବଗତ କରାଇଥିଲେ। ଗାଜର ଘାସ ସମ୍ବନ୍ଧିତ ତିନି ଗୋଟି ପୁସ୍ତିକା ଓ ଧାନ ଫସଲରେ ଘାସ ନିୟନ୍ତ୍ରଣ ପୁସ୍ତିକା ଚାଷୀ ଭାଇ ମାନଙ୍କୁ ବଣ୍ଟନ କରାଯାଇଥିଲା। ଏହି ଅବସରରେ କୋଦାଳ ହରିଜନ ଚାଷୀ ମାନଙ୍କୁ ବଣ୍ଟନ କରାଯାଇଥିଲା।

# ଯକ୍ଷ୍ମା ନିରାକରଣ ପାଇଁ ଜାତୀୟ ପ୍ରୟାସକୁ ବେଦାନ୍ତର ସମର୍ଥନ



ସୁନ୍ଦରଗଡ, (ଭାସ୍କର ନ୍ୟୁଜ୍): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ନିକଟରେ ଓଡ଼ିଶାର ସୁନ୍ଦରଗଡ ଜିଲ୍ଲାରେ ଯକ୍ଷ୍ମା (ଟିବି) ଉପରେ ଏକ ସଚେତନତା ଅଭିଯାନ ଆରମ୍ଭ କରିଛି, ଯାହା ୪୫୦୦ରୁ ଅଧିକ ବାସିନ୍ଦାଙ୍କ ନିକଟରେ ପହଞ୍ଚିଛି। ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଅବସରରେ ବିଲେଇମୁଣ୍ଡା ଗାଁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ 'ନିକ୍ଷୟ ମିତ୍ର ବାହାନ' ନାମକ ଏକ ଯକ୍ଷ୍ମା ସଚେତନତା ଯାନକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା। ଏହି ସଚେତନତା ଅଭିଯାନ ଜାମଖାନୀ ଏବଂ ଘୋଘରପଲ୍ଲୀ ଖଣି ଅଞ୍ଚଳ ସମେତ ହେମଗିର ବ୍ଲକର ଆଖପାଖ ଗ୍ରାମଗୁଡ଼ିକୁ ସାମିଲ କରିଥିଲା, ସାର୍ବଜନୀନ ଘୋଷଣା ମାଧ୍ୟମରେ ସୂଚନା ପ୍ରସାର କରିବା ଏବଂ ଯକ୍ଷ୍ମା ଏବଂ ଏହାର ଚିକିତ୍ସା ଉପରେ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ପ୍ରସ୍ତୁତ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇଇସି) ସାମଗ୍ରୀ ବଣ୍ଟନ କରିଥିଲା। ଏହାବ୍ୟତୀତ, କମ୍ପାନୀର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ (ଏମ୍‌ଏଚ୍‌ୟୁ) ଯକ୍ଷ୍ମା ଉପରେ ସଚେତନତା ଅଧିବେଶନ ଆୟୋଜନ କରିଥିଲା, ଯେଉଁଥିରେ ରୋଗୀ ମାନଙ୍କ ପାଇଁ ଶୀଘ୍ର ଚିହ୍ନଟ, ନିରାକରଣ, ପୁଷ୍ଟିକର ମାର୍ଗଦର୍ଶନ ଏବଂ ଉପଲବ୍ଧ ସରକାରୀ ସୁବିଧାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। 'ଯକ୍ଷ୍ମା ମୁକ୍ତ ଭାରତ' ପାଇଁ ପ୍ରଧାନମନ୍ତ୍ରୀଙ୍କ ସ୍ପଷ୍ଟ ଆହ୍ୱାନ ଅନୁଯାୟୀ କମ୍ପାନୀ ଏହି ଅଞ୍ଚଳରେ ନିକ୍ଷୟ ମିତ୍ର କାର୍ଯ୍ୟକ୍ରମ ପ୍ରତି ମଧ୍ୟ ନିଜର ସମର୍ଥନ ଦେବାକୁ ପ୍ରତିଶ୍ରୁତି ଦେଇଛି। ୨୦୨୫ ସୁଦ୍ଧା ଦେଶରୁ ଯକ୍ଷ୍ମାକୁ ଦୂର କରିବା ପାଇଁ 'ନିକ୍ଷୟ ମିତ୍ର' କାର୍ଯ୍ୟକ୍ରମ ହେଉଛି ଭାରତ ସରକାରଙ୍କ ଏକ ପଦକ୍ଷେପ। ବେଦାନ୍ତ ସୁନ୍ଦରଗଡ଼ ଜିଲ୍ଲାର ୬୩ ଜଣ ଯକ୍ଷ୍ମା ରୋଗୀଙ୍କୁ ବର୍ଷସାରା ପୁଷ୍ଟିକର କିଟ୍ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ। ଏହି ଅବସରରେ କୋଇଲା ଖଣିର ସିଇଓ ଡାଭିଡ ଷ୍ଟୋନ କହିଥିଲେ, ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଜରିଆରେ ଆମେ ଗୋଷ୍ଠୀ ସଚେତନତା ବୃଦ୍ଧି କରିବା ଏବଂ ଯକ୍ଷ୍ମା ସହ ଜଡ଼ିତ କଳଙ୍କ ଦୂର କରିବା ଲକ୍ଷ୍ୟ ରଖିଛୁ। ଗୋଷ୍ଠୀ ସ୍ୱାସ୍ଥ୍ୟ ହେଉଛି ଆମର ସାମାଜିକ ପ୍ରୟାସର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଲୋକଙ୍କ ଘର ନିକଟରେ ସେବା ଏବଂ ସ୍ୱାସ୍ଥ୍ୟ ଶିବିର ପାଇଁ 'ନିକ୍ଷୟ ମିତ୍ର ବାହାନ' ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ ଭଳି ପଦକ୍ଷେପ ଗ୍ରହଣ କରିଛୁ। ବିଲେଇମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚସି)ର ଚିକିତ୍ସା ଅଧିକାରୀ ଡାକ୍ତର ଅଭିଲାଷ ସାହୁ କହିଛନ୍ତି, ବେଦାନ୍ତ ଆଲୁମିନିୟମର ଯକ୍ଷ୍ମା ସଚେତନତା ଅଭିଯାନ ଯକ୍ଷ୍ମାର ଶୀଘ୍ର ନିରାକରଣ ଏବଂ ଚିକିତ୍ସା ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କମ୍ପାନୀର ଏହି ପଦକ୍ଷେପ ସୁନ୍ଦରଗଡ଼ ଜିଲ୍ଲାରୁ ଯକ୍ଷ୍ମା ଦୂରୀକରଣ ପାଇଁ ଚାଲିଥିବା ପ୍ରୟାସକୁ ସୁଦୃଢ଼ କରିଛି । ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଗ୍ରାମୀଣ ଭିତ୍ତିଭୂମି ଏବଂ ତୃଣମୂଳ ସ୍ତରର କ୍ରୀଡା ଏବଂ ସଂସ୍କୃତି ମାଧ୍ୟମରେ ସାମାଜିକ ପ୍ରଭାବ ପଦକ୍ଷେପ ଜରିଆରେ ଓଡ଼ିଶାରେ ପରିବର୍ତ୍ତନ ଆଣିବା ପାଇଁ ପ୍ରତିଶ୍ରୁତିବଦ୍ଧ। ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଗୋଷ୍ଠୀ ଅଂଶୀଦାରମାନଙ୍କ ସହିତ ଘନିଷ୍ଠ ସହଯୋଗ କରି, କମ୍ପାନୀ ନିଶ୍ଚିତ କରିଥାଏ ଯେ ଏହାର ହସ୍ତକ୍ଷେପ ବାସ୍ତବ ସାମାଜିକ, ଅର୍ଥନୈତିକ ପ୍ରଗତି ଦିଗରେ ଆଗେଇ ନେବ।

## ଗୋରୁ ଚାଲାଣ ଉଦ୍ୟମ ଭଣ୍ଡୁର

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଥାନାର ନୂତନ ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଯୋଗ ଦେବା ପରେ ବିଭିନ୍ନ ଅପରାଧକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ସନ୍ଧ୍ୟାରେ ଖର୍ଦ୍ଦାପାଟଣା ଗାଁ'ର ଏକ ବାଉଁଶବଣରେ ବେଆଇନ ଗୋରୁ ଚାଲାଣ କରିବାକୁ ଉଦ୍ୟମ କରାଯାଉଥିଲା। ପୁଲିସ ଶହୀଦନଗରର ବଜରଙ୍ଗଦଳ କର୍ମୀଙ୍କ ଠାରୁ ଖବର ପାଇ ତତ୍କ୍ଷଣାତ୍ ଘଟଣା ସ୍ଥଳରେ ପହଞ୍ଚି ୧୨ଟି ଗୋରୁଙ୍କୁ ଉଦ୍ଧାର କରି ଗୋଶାଳାକୁ ପଠାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ମାମଲା ରୁଜୁ କରାଯାଇଛି। ସେହିପରି ତାଳପଦା ଗ୍ରାମରେ ବେଆଇନ ଭାବେ ମଦ ରନ୍ଧା ପୋଚକୁ ପୁଲିସ ଜବତ କରିବାରେ ସକ୍ଷମ ହୋଇଛି। ଏଥି ସହ ୧୦ ଲିଟର ଦେଶୀ ମଦ ସହ ମଦ ରନ୍ଧା ସାମଗ୍ରୀକୁ ମଧ୍ୟ ପୁଲିସ ଜବତ କରିଥିବା ଜଣାପଡ଼ିଛି।

# ଅନ୍ଧାର ରାତିରେ ଜୋରଦାର ଚଢ଼ାଉ


## ୩ ଜେସିବି, ୭ ଟ୍ରକ-ମିନିଟ୍ରକ, ୯ବାଇକ୍ , ୫ ପାଓ୍ୱାର-ଟିଲର ଜବତ, ୨ ଗିରଫ

ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ତହସିଲ ଅଧିନରେ ବେଧଡ଼କ ଭାବେ ଚାଲିଛି ମାଙ୍କଡା ପଥର ଖନନ ଓ ଚୋରାଚାଲାଣ। ଟାଙ୍ଗୀ ତହସିଲର କିଛି କର୍ମଚାରୀ ଙ୍କୁ ମୋଟା ଅଙ୍କର ମୁନାଫା ଦେଇ ପଥର ମାଫିଆ ମାନେ ସରକାରୀ ଓ ବେ-ସରକାରୀ ଜାଗାରୁ ଏପରିକି ଜଙ୍ଗଲ ଜମିରୁ ମାଙ୍କଡା ପଥର ଖନନ କରି ଚୋରାଚାଲାଣ କରୁଛନ୍ତି, ଏପରିକି ମାଟି-ମୋରମ ମଧ୍ୟ ଚୋରାଚାଲାଣ କରୁଛନ୍ତି। ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ଲୁଟ୍ କରୁଛନ୍ତି ପଥର ମାଫିଆମାନେ। ଏ ସମସ୍ତ ଘଟଣା ଦିନରେ ଓ ରାତିରେ ବେଧଡ଼କ ଭାବେ ହେଉଥିଲେ ମଧ୍ୟ ଖଣି ବିଭାଗ ଚୁପଚାପ, ସ୍ଥାନୀୟ ପୋଲିସ ମଧ୍ୟ ଚୁପଚାପ ରହୁଛି, ଠିକ୍ ଏତିକିବେଳେ ଟାଙ୍ଗୀ ତହସିଲ କାର୍ଯ୍ୟାଳୟର କେତେକ କିରାଣୀ ଏହି ପଥର ମାଫିଆ ମାନଙ୍କ ଯୋଗସୂତ୍ର କରି ନିଜ ନିଜର ମୁନାଫା ପାଇଁ ପଥର ମାଫିଆମାନଙ୍କୁ ରାଜସ୍ୱ ଚୋରିରେ ସହଯୋଗ କରୁଛନ୍ତି। ଏଭଳି ସ୍ଥିତିରେ ଖୋର୍ଦ୍ଧା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥଙ୍କ ନିର୍ଦ୍ଦେଶ ଅନୁସାରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ୍ ସିଂ ଗତକାଲି ବିଳମ୍ବିତ ରାତ୍ରରେ ନିଜର ସ୍ୱତନ୍ତ୍ର କିଛି କର୍ମଚାରୀଙ୍କୁ ଅନ୍ଧାରିଆ ଭାବେ ଟାଙ୍ଗୀ ତହସିଲ ଅଧିନସ୍ଥ ଚଣ୍ଡେଶ୍ୱର ଛକ ନିକଟରେ ଥିବା ବେଆଇନ ପଥର ଖଣିରେ ଚଢ଼ାଉ କରିଥିଲେ। ପରେ ପରେ ଟାଙ୍ଗୀ ଥାନା ନିରୀକ୍ଷକ ସୁଶାନ୍ତ କୁମାର ବେହେରା କିଛି ସହକର୍ମୀ ସେଠାରେ ପହଞ୍ଚି ଏହି ଅପରେସନକୁ ଜୋରଦାର କରିବା ପରେ ଘଟଣା ସ୍ଥଳରୁ ୩ଟି ଜେସିବି, ୭ଟି ଟ୍ରକ-ମିନିଟ୍ରକ, ୯ ଟି ବାଇକ୍, ୫ ଟି ପଥର କଟା ମେସିନ (ପାଓ୍ୱାର-ଟିଲର) ଜବତ କରିବା ସହିତ ୨ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛନ୍ତି। ପଥର ମାଫିଆମାନେ ଅନ୍ଧାର ରାତିର ସୁଯୋଗ ନେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଛନ୍ତି। ଫେରାର ତଥା ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଟାଙ୍ଗୀ ଥାନା ନିରୀକ୍ଷକ ରବୀନ୍ଦ୍ର କୁମାର ଭୁଜବଳ ସୂଚନା ଦେଇଛନ୍ତି।

## ବାଲି ବୋଝେଇ ହାଇଓ୍ୱା, ମୋଟର ସାଇକେଲ୍ ଜବତ

ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ଥାନା ଅଧୀନ ଭାଲିଆଡିହା ସ୍କୁଲ ଛକରେ ଚଢ଼ାଉ କରି ଚୋରା ବାଲିବୋଝେଇ ହାଇଓ୍ୱା ଓ ଏହାକୁ ସୁରକ୍ଷା ଦେଉଥିବା ଏକ ମୋଟର ସାଇକେଲ ଜବତ ଘଟଣାରେ ଆଜି ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି ବେତନଟୀ ପୁଲିସ। ଘଟଣାରୁ ପ୍ରକାଶ ହାଇଓ୍ୱା ଯୋଗେ ଚୋରା ବାଲି ଚାଲାଣ ହେଉଥିବା ନେଇ ଖବର ମିଳିବା ପରେ ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତ ସଦଳବଳେ ଚଢ଼ାଉକରି ଭାଲିଆଡିହା ସ୍କୁଲ ସାମ୍ନାରେ ହାଇଓ୍ୱାକୁ କାବୁ କରିବାରେ ସଫଳ ହୋଇଥିବା ବେଳେ ଚାଳକକୁ ଅଟକ ରଖାଯାଇଛି। ଏଥିସହିତ ଚୋରବାଲି ବୋଝେଇ ହାଇଓ୍ୱାକୁ ସୁରକ୍ଷା ଯୋଗାଉଥିବା ଏକ ମୋଟର ସାଇକେଲକୁ ମଧ୍ୟ ଜବତ କରାଯାଇଥିବା ବେଳେ ଚାଳକ ଘଟଣା ସ୍ଥଳରୁ ଚମ୍ପଟ ମାରିଥିବା ସୂଚନା ମିଳିଛି। ଏନେଇ ଏକ ମାମଲା ରୁଜୁ କରିବା ସହିତ ହାଇଓ୍ୱା ଚାଳକକୁ ଗିରଫକରି ଅଧିକ ତଦନ୍ତ ଜାରି ରଖିଛି ବେତନଟୀ ପୁଲିସ।

## ଏସ୍‌ୟୁଜେ ଜିଲ୍ଲା ଶାଖାର ଆଲୋଚନା ଚକ୍ର




ଯାଜପୁର, (ଭାସ୍କର ନ୍ୟୁଜ୍): ଗଣମାଧ୍ୟମର ଭଲ ବା ସକରାତ୍ମକ ଖବର ସମାଜ ଉପରେ ଯେମିତି ସୁପ୍ରଭାବ ପକାଇ ଥାଏ, ଠିକ୍ ସେମିତି ଭୁଲ୍ ଖବର ସମାଜ ଉପରେ ନକରାତ୍ମକ ପ୍ରଭାବ ପକାଇଥାଏ। ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଶୃଙ୍ଖଳିତ ଭାବେ ଆଗକୁ ନେବା ତଥା ସମାଜ ରେ ଶାନ୍ତି ପ୍ରତିଷ୍ଠା କରିବା ଦିଗରେ ଭଲ ଖବରର ଭୂମିକା ବିଶେଷ ଗୁରୁତ୍ୱପୁର୍ଣ୍ଣ ଅଟେ। କିନ୍ତୁ ଅନେକ କ୍ଷେତ୍ରରେ ଦେଖାଯାଏ ଯେ କେତେକ ତଥ୍ୟ ଓ ସତ୍ୟ ବିହୀନ ଖବର ପରିବେଷଣ ସାମାଜିକ ବ୍ୟବସ୍ଥାକୁ ପ୍ରଭାବିତ କରିଥାଏ। ତେବେ ସମାଜ ପାଇଁ ଯାହା ଭଲ ସେପରି ଖବର ଗୁଡିକ ଗଣମାଧ୍ୟମରେ ପ୍ରକାଶ ପାଇବା ଉଚିତ ବୋଲି ଷ୍ଟେଟ ୟୁନିଅନ ଅଫ୍ ଜର୍ନାଲିଷ୍ଟସ (ଏସୟୁଜେ) ଓଡ଼ିଶାର ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ଆୟୋଜିତ ଏକ ଆଲୋଚନା ଚକ୍ରରେ ବକ୍ତା ମାନେ ମତପ୍ରକାଶ କରିଛନ୍ତି। ଜିଲ୍ଲା ସଂଘର ସଭାପତି ସୁବାଷ ଧଳଙ୍କ ଅଧ୍ୟକ୍ଷତା କ୍ରମେ ସ୍ଥାନୀୟ ରୋଟାରୀ ଭବନ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୌର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ବିଶେଷ ଅତିଥି ଭାବେ ଏସୟୁଜେ ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ, ମୁଖ୍ୟ ବକ୍ତା ଭାବେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମାଝୀ, ସମ୍ମାନିତ ବକ୍ତା ଭାବେ ଡ. ନିତ୍ୟାନନ୍ଦ ମିଶ୍ର ଏବଂ ପ୍ରଫେସର ଦାମୋଦର ବେହେରା, ଜିଲ୍ଲା ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ଅଧକ୍ଷ ସନ୍ଦିପ୍ତ ରାୟ ଓ ଜିଲ୍ଲା କଲ୍ୟାଣ ପାଣ୍ଠି ଅଧକ୍ଷ ତରୁଣ କୁମାର ନନ୍ଦ ଯୋଗ ଦେଇ ସୁସ୍ଥ ସମାଜ ପାଇଁ ସାମ୍ବାଦିକ ମାନେ ଭଲ ଖବର ପରିବେଷଣ ସହିତ ଦୁର୍ନୀତି ଅନୀତି ବିରୁଦ୍ଧରେ କଲମ ଚାଳନା କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ରାଜ୍ୟ ସଙ୍ଘର ପରିଚୟପତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀ ଏବଂ ଅନ୍ୟତମ ସମ୍ପାଦକ ପ୍ରତ୍ୟୁଷ କୁମାର ନାୟକ ସ୍ୱାଗତ ଭାଷଣ ରଖିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ସଭ୍ୟ ଶେଖ୍ ମନିରୁଦ୍ଦିନ, ପ୍ରଦୀପ କୁମାର ଜେନା, କଳିଙ୍ଗ କେଶରୀ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବା ବେଳେ ଜିଲ୍ଲା ସଂଗଠନ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।


## ନୂତନ ଥାନା ଅଧିକାରିଣୀଙ୍କ ଯୋଗଦାନ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନାରେ ନୂତନ ଥାନା ଅଧିକାରିଣୀ ଭାବେ ରୋଜାଲିନ ବେହେରା ଯୋଗଦାନ କରିଥିବା ଜଣାପଡ଼ିଛି। ସେ ବାଙ୍ଗିରିପୋଷୀ ଥାନାରେ ଥାନା ଅଧିକାରିଣୀ ଭାବେ ରହି ଦକ୍ଷତାର ସହିତ କାର୍ଯ୍ୟ ତୁଲାଇଥିଲେ। ପୀରହାଟ ଥାନାରେ ଯୋଗଦେବା ପରେ ସେ ସାଧାରଣ ଲୋକ



ମାନଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ନ୍ୟାୟ ପ୍ରଦାନ କରିବା ଦିଗରେ ପଦକ୍ଷେପ ନେବେ ବୋଲି କହିଛନ୍ତି। ଥାନା ଅଧୀନରେ ଚାଲୁଥିବା ଅପରାଧକୁ ନିୟନ୍ତ୍ରଣ କରିବା ସହିତ ଚୋରା କୋଇଲା ଚାଲାଣକୁ ରୋକିବା, ଚୋରୀ ଡକାୟତି ଇତ୍ୟାଦି ଅପରାଧକୁ ନିୟନ୍ତ୍ରଣ କରିବା ଦିଗରେ ସେ ଦୃଢ଼ ପଦକ୍ଷେପ ନେବେ ବୋଲି କହିଛନ୍ତି। ନୂତନ ଥାନା ଅଧିକାରୀଙ୍କ ଯୋଗଦାନ ଖବରପାଇ ବିଭିନ୍ନ ରାଜନୈତିକ, ସାମାଜିକ ବ୍ୟକ୍ତି ବିଶେଷ ଥାନାକୁ ଯାଇ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ଡିଏମ୍ ପବ୍ଲିକ ସ୍କୁଲରେ ହନ୍ତସନ୍ତ ଅଭିଭାବକ




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବସୁଆଘାଇ ସ୍ଥିତ ଡିଏମ୍ ପବ୍ଲିକ ସ୍କୁଲରେ ଘୋର ଅଭାବନିୟ ପରିସ୍ଥିତି ଦେଖିବାକୁ ମିଳିଛି। ଷଷ୍ଠଶ୍ରେଣୀରୁ ଉର୍ଦ୍ଧ୍ୱ ଶ୍ରେଣୀ ଗୁଡିକରେ ସରକାରୀ ବିଧି ବ୍ୟବସ୍ଥା ଅନୁଯାୟୀ ଉପଯୁକ୍ତ ପରିମାଣରେ ଶିକ୍ଷକ, ଶିକ୍ଷୟତ୍ରୀ ନାହାନ୍ତି ଆଉ ଯେଉଁମାନେ ବି ଅଛନ୍ତି ସେମାନେ ନିମ୍ନ ମାନର, ତେଣୁ ଗୁଣାତ୍ମକ ଶିକ୍ଷାର ଘୋର ଅଭାବ ଦୀର୍ଘ ଦିନଧରି ପରିଲକ୍ଷିତ ହୋଇ ଆସୁଅଛି। ବାରମ୍ବାର ଅଭିଭାବକମାନେ ଅଭିଯୋଗ କଲେ ମଧ୍ୟ ସ୍କୁଲ କର୍ତ୍ତୃପକ୍ଷ ଏବଂ ମାଲିକ ନିରବ ଦ୍ରଷ୍ଟା ସାଜିଛନ୍ତି। ତେଣୁ ଗୁଣାତ୍ମକ ଶିକ୍ଷା ଆସିବ କେଉଁଠୁ? ଛୋଟ ଛୋଟ ପିଲାମାନଙ୍କର ଭବିଷ୍ୟତ କ'ଣ ହେବ? ମାତ୍ର ଗୁଣାତ୍ମକ ଶିକ୍ଷା ନାଁ'ରେ ନୂଆ ଅଭିଭାବକମାନଙ୍କୁ ପ୍ରଲୋଭିତ କରି ସ୍କୁଲ ବିଲଡିଂ ଦେଖାଇ ମାତ୍ରାଧିକ ଫି ବୃଦ୍ଧି କରି ହରିଲୁଟ୍ କରୁଛନ୍ତି ସ୍କୁଲ କର୍ତ୍ତୃପକ୍ଷ। ଆଉ ଶେଷରେ ବଳିପଡୁଛି ନିରୀହ ଅଭିଭାବକଟିଏ। ଏଣେ ଦିନକୁ ଦିନ ବିଗିଡିବାରେ ଲାଗିଛି ସ୍କୁଲର ପରିସ୍ଥିତି। ସରକାରୀ ବାବୁ, ବାବୁଆଣୀମାନେ ଘରୋଇ ବିଦ୍ୟାଳୟମାନଙ୍କ ସହ ମଧୁଚନ୍ଦ୍ରିକା କରି ଶେଷରେ ବଦନାମ କରୁଛନ୍ତି ସରକାରଙ୍କୁ। ଏଣେ ଅଭିଭାବକ ହନ୍ତସନ୍ତ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ଫୁଟବଲ କପ ଖେଳ ଅନୁଷ୍ଠିତ ହେବାକୁ ଥିବାବେଳେ ଏହି ଖେଳ ନିମନ୍ତେ ଜିଲ୍ଲାରେ ଖେଳ ପଡିଆ ଚୟନ ପାଇଁ ପରିଦର୍ଶନ କଲେ ଓଡିଶା ଫୁଟବଲ ଆସୋସିଏସନର ମୁଖ୍ୟ ଓ ରାଜ୍ୟ ଏଥଲେଟିକ ବିଭାଗର କୋଡିନେଟର ସୁନୀଲ ମିତ୍ର। ଆସନ୍ତା ଏପ୍ରିଲ ପ୍ରଥମ ସପ୍ତାହରେ ଏହି ଖେଳ ଅନୁଷ୍ଠିତ ହେବାକୁ ଯାଉଛି। ଶ୍ରୀ ମିତ୍ର ଜିଲ୍ଲା ଗସ୍ତରେ ଆସି ସଦର ମହକୁମାରେ ଥିବା ଷ୍ଟାଡିୟମ ଖେଳ ପଡିଆର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଖେଳ ପଡିଆର ଭିରି ଭୂମି ସହ ଘାସ ଗାଲିଚା, ଗୋଲ ପୋଷ୍ଟ ଆଦି ବୁଲି ଦେଖିବା ସହ ଗୋଲ ପୋଷ୍ଟର ଉଚ୍ଚତା କମେଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଖେଳ ନିମନ୍ତେ ଜିଲ୍ଲାରୁ ପ୍ରାୟ ୭ଟି ବ୍ଲକର ୮ଟି ଦଳ ଚୟନ ହୋଇଛନ୍ତି। ଏପ୍ରିଲ ୨ ତାରିଖରୁ ୫ ତାରିଖ ଯାଏଁ ଏହି ଖେଳ ଅନୁଷ୍ଠିତ ହେବ ବୋଲି ଶ୍ରୀ ମିତ୍ର ସୂଚନା ଦେଇ ଜିଲ୍ଲା ଏଥଲେଟିକ ସଂଘର ସମ୍ପାଦକ ରାମହରି ପଣ୍ଡା, ଲାଇଫ ସଭାପତି ଗୋପୀ କୃଷ୍ଣ ପଟ୍ଟନାୟକ, ବରିଷ୍ଠ ସଦସ୍ୟ ତଥା ଭାରତ କ୍ରିକେଟ ଦଳର ପୂର୍ବତନ ମ୍ୟାନେଜର ପପୁ ସିଂ, ଦୁର୍ଗା ପ୍ରସାଦ ପଟ୍ଟନାୟକ, ରହମ ଖାନଙ୍କ ସହ ଏହି ଖେଳର ଆୟୋଜନ ପାଇଁ ଆଲୋଚନା କରିଥିଲେ। ଆଦିବାସୀ ବହୁଳ ମାଲକାନଗିରି ଜିଲ୍ଲାରେ କ୍ରୀଡା କ୍ଷେତ୍ରରେ ଅନେକ ପ୍ରତିଭା ରହିଥିବା ବେଳେ ଏପରି ସୁଯୋଗ ମିଳିଲେ ଜିଲ୍ଲାର କ୍ରୀଡାବିତ ମାନେ ଆଗକୁ ବଢିପାରିବେ ବୋଲି ଶ୍ରୀ ମିତ୍ର ପ୍ରକାଶ କରିଛନ୍ତି।



# ପୁଣି ଗଡ଼ିଲା ଲକ୍ଷ୍ମୀ ବସ୍

ଓଡ଼ିଶା ଭାସ୍କର ପ୍ରଭାବ



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ସରକାର ବଦଳିବା ସହିତ ନାମକରଣରେ ପରିବର୍ତ୍ତନ ହୋଇ ପୁଣି ଜନସାଧାରଣଙ୍କୁ ସେବା ଯୋଗାଇବାପାଇଁ ମାଲକାନଗିରି ରାଜପଥରେ ଗଡ଼ିବା ଆରମ୍ଭ କରିଛି ଲକ୍ଷ୍ମୀ ବସ୍। ଯାହାର ନାମ ପରିବର୍ତ୍ତନ କରାଯାଇ ମୁଖ୍ୟମନ୍ତ୍ରୀ ବସ୍ ସେବା ନାମ ରଖାଯାଇଛି। ମାଲକାନଗିରିରୁ ମୋଟୁ ଓ ଜୟପୁରକୁ ୨ଟି ସରକାରୀ ଶୀତ ତାପ ନିୟନ୍ତ୍ରିତ (ଏସି )ବସ୍ ଗଡ଼ିଛି। ସୋମବାର ସକାଳେ ସ୍ଥାନୀୟ ବସଷ୍ଟାଣ୍ଡରୁ ମୁଖ୍ୟମନ୍ତ୍ରୀ ବସ ସେବା ଆରମ୍ଭ ହୋଇଛି। ସେହିପରି ଗତକାଲି ଚିତ୍ରକୋଣ୍ଡା ବ୍ଲକ ଯୋଡ଼ାମ୍ବୋ ଅପରାଜନ୍ ଲାଇନରେ ୨ଟି ବସ୍ ଚଳାଚଳ ଆରମ୍ଭ କରିଛି। ଜିଲ୍ଲା ପରିବହନ ଅଧିକାରୀ ଆରାଧନା ସାହୁ, ସହକାରୀ ପରିବହନ ଅଧିକାରୀ ନିଖିଲ ଓଝା, ସୁପରଭାଇଜର ମାଣିକ ଦଳାଇ ପ୍ରମୁଖଙ୍କ ଉପସ୍ଥିତିରେ ପ୍ରଥମେ ମାଲକାନଗିରି – ମୋଟୁ ଓ ପରେ ମାଲକାନଗିରି- ଜୟପୁର ଅଭିମୁଖେ ବସ୍ ଚଳାଚଳ କରିଥିଲା। ଜିଲ୍ଲା ସଦର ମହକୁମାରୁ ୪ଟି ବସ୍ ଚଳାଚଳ ଆରମ୍ଭ ହୋଇଥିବାରୁ ଯାତ୍ରୀମାନେ ଉପକୃତ ହୋଇପାରିବେ ବୋଲି ପରିବହନ ଅଧିକାରୀ ଶ୍ରୀ ସାହୁ କହିଛନ୍ତି। ସୂଚନା ଥାଉକି, ଦୀର୍ଘ ୮ ମାସ ହେଲା ଜିଲ୍ଲାରେ ୭ଟି ଲକ୍ଷ୍ମୀ ଏସି ବସ ବନ୍ଦ ହୋଇ ରହିଥିଲା। କିଛିଦିନ ତଳେ ଏସି ବସ୍ ବନ୍ଦ ଥିବା ସତ୍ତ୍ୱେ ଯାତ୍ରୀ ହଇରାଣ ସମ୍ପର୍କରେ ଓଡ଼ିଶା ଭାସ୍କର ଦୈନିକ ଖବର କାଗଜରେ ପ୍ରକାଶିତ ହୋଇଥିଲା। ଖବର ପ୍ରକାଶ ପରେ ବିଳମ୍ବରେ ହେଲେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେଇ ଏସି ବସ୍ ଚଳାଚଳ ଆରମ୍ଭ କରିଛନ୍ତି। ଖରାଦିନେ ଏସି ବସ୍ ଚଳାଚଳ କରିଥିବାରୁ ଅଞ୍ଚଳବାସୀ ଖୁସି ପ୍ରକଟ କରିଛନ୍ତି।

## ପାପଲୁର-ଚିତ୍ରକୋଣ୍ଡା ନିର୍ମାଣଧୀନ ମୁଖ୍ୟ ରାସ୍ତା ନିମ୍ନମାନର ଅଭିଯୋଗ

# ପିଚୁ ଉଠିଯିବା ଭିଡିଓ ହେଲା ଭାଇରାଲ



ବାଲିମେଲା, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଅଧିନସ୍ଥ ପାପଲୁର-ଚିତ୍ରକୋଣ୍ଡା ଟାମାକୁ ଯୋଗାଯୋଗ କରୁଥିବା ମୁଖ୍ୟ ରାସ୍ତା ବର୍ତ୍ତମାନ ନୂତନ କରି ନିର୍ମାଣ ଚାଲିଥିବା ବେଳେ ନିମ୍ନମାନର କାର୍ଯ୍ୟ ଦେଖି ଗ୍ରାମବାସୀ ଏହି କାର୍ଯ୍ୟକୁ ବିରୋଧ କରି ଠିକାଦାରଙ୍କୁ ପ୍ରଶ୍ନ କରିଛନ୍ତି। ଏଥିସହ ଗ୍ରାମବାସୀ ମିଳିତ ଭାବେ ସେହି ନିର୍ମାଣାଧିନ ନିମ୍ନମାନର ରାସ୍ତାର ପିଚୁ ନିଜ ଗୋଡ଼ରେ ଉଠାଇ ଦେଉଛନ୍ତି, ଯାହାର ଭିଡିଓ ଗତ ୨ ଦିନ ହେଲା ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଭିଡିଓ ଭାଇରାଲ ପରେ ତୁରନ୍ତ ସମ୍ପୃକ୍ତ ଠିକାଦାରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରେ ଦାବି ଜୋର ଧରିଛି। କିନ୍ତୁ ଅପର ପକ୍ଷରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଥିଲେ ଯେ ଆମେ ଖବର ଏବେ ପାଇଲୁ ତେଣୁ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଠି ପ୍ରଶ୍ନ ଉଠୁଛି ଯେ ଠିକାଦାର ଏତେ ସବୁ କାର୍ଯ୍ୟ କରିବା ଭିତରେ ଯନ୍ତ୍ରୀ ମହୋଦୟ କଣ ଥରେ ହେଲେ କାର୍ଯ୍ୟ ସ୍ଥଳୀକୁ ଯାଇନଥିଲେ କି? ଠିକ କାର୍ଯ୍ୟ ହେଉଛି କି ନାହିଁ ତାହା ତଦାରଖ କରିନଥିଲେ କି ? ଯାହାକି ବର୍ତ୍ତମାନ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। କିଛି କ୍ଷେତ୍ରରେ ମଧ୍ୟ ଶୁଣିବାକୁ ମିଳୁଛି ଏଭଳି କାର୍ଯ୍ୟରେ ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟସ୍ଥିରେ ଏହି କାର୍ଯ୍ୟ ହେଉନାହିଁ ତ ? ଏଭଳି ଅନେକ ପ୍ରଶ୍ନ ସାଧାରଣରେ ଉଙ୍କି ମାରୁଛି। ବହୁତ ଦିନରୁ ଏହି ରାସ୍ତା କାର୍ଯ୍ୟ ହୋଇନଥିବା ବେଳେ ଯାତାୟାତ ନିମନ୍ତେ ସ୍ଥାନୀୟ ଜନତା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏଭଳି ନିମ୍ନମାନର କାମ କରି ନିରୀହ ଆଦିବାସୀ ଲୋକଙ୍କୁ ଉପହାସ କରିବା ସଦୃଶ ମନେହେଉଛି।

## ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ନିର୍ମିତ ୨ ନବୀକରଣ ପୋଖରୀ ଲୋକାର୍ପିତ



ବ୍ୟାସନଗର, (ଭାସ୍କର ନ୍ୟୁଜ): ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଯାଜପୁର ଜିଲ୍ଲା ସୁକିନ୍ଦା ଗୋବରଘାଟି ଫେଜ୍-୨ କଲୋନୀର ବାସିନ୍ଦାଙ୍କ ଉଦ୍ଦେଶ୍ୟରେ ଦୁଇଟି ନବୀକରଣ ହୋଇଥିବା ଗୋଷ୍ଠୀ ପୋଖରୀକୁ ଲୋକାର୍ପଣ କରାଯାଇଛି। ଏହି ପୋଖରୀ ଦ୍ୱାରା ଆଖପାଖ ଅଞ୍ଚଳରେ ରହୁଥିବା ୪୫୦ ପରିବାର ଉପକୃତ ହେବେ। ଟାଟା ଷ୍ଟିଲର କର୍ପୋରେଟ ସର୍ଭିସେସ ଉପାଧ୍ୟକ୍ଷ ତଥା ଟାଟା ଷ୍ଟିଲ ଫାଉଣ୍ଡେସନର ନିର୍ଦ୍ଦେଶକ ଚାଣକ୍ୟ ଚୌଧୁରୀ ଟିଏସ୍‌କେ ୱାର୍କର୍ସ ୟୁନିୟନର ସାଧାରଣ ସମ୍ପାଦକ ଦାମୋଦର ସୋଏ, ଟାଟାଷ୍ଟିଲ କଳିଙ୍ଗନଗରର କର୍ପୋରେଟ୍ ସର୍ଭିସେସ୍ ମୁଖ୍ୟ ଦେବଦୂତ ମହାନ୍ତି, କଳିଙ୍ଗନଗର ଇମ୍ପାକ୍ଟ କ୍ଲଷ୍ଟର ମୁଖ୍ୟ ଦେବାଞ୍ଜନ ମୁଖାର୍ଜୀ ଏବଂ ସ୍ଥାନୀୟ ଅଧିବାସୀଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତିରେ ଏହି ପୋଖରୀଗୁଡ଼ିକୁ ଉଦ୍‌ଘାଟନ କରାଯାଇଥିଲା। ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ଏହି ପୋଖରୀ ମରାମତି ପରେ ଏହି ଦୁଇ ପୋଖରୀର ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ସ୍ଥାନୀୟ ଅଞ୍ଚଳରେ କଂକ୍ରିଟ୍ ରାସ୍ତା, ଉପଲବ୍ଧ ଜିମ୍ ଉପକରଣ, ଖେଳ ପଡ଼ିଆ, ଷ୍ଟ୍ରିଟ୍ ଲାଇଟ୍, ବାଡ଼, ପଥର ପିଚିଂ, ଚାରାରୋପଣ ଆଦି କାର୍ଯ୍ୟ କରାଯାଇଛି। ଏହି ଅବସରରେ ଚାଣକ୍ୟ ଚୌଧୁରୀ କହିଛନ୍ତି ଯେ, ଗୋବରଘାଟି ସ୍ଥିତ ଏହି ଦୁଇଟି ପୋଖରୀ ସ୍ଥାନୀୟ ଲୋକମାନଙ୍କ ଦୈନନ୍ଦିନ ଜୀବନ ପାଇଁ ବହୁ ଗୁରୁତ୍ୱ ବହନ କରୁଛି। ପୋଖରୀଗୁଡ଼ିକ ପୁନର୍ଜୀବନ ପାଇବା ଫଳରେ ଏହା ଲୋକଙ୍କ ମଙ୍ଗଳ ଏବଂ ସ୍ଥାନୀୟ ଅଞ୍ଚଳର ପରିବେଶ ସନ୍ତୁଳନ ରକ୍ଷା କରିବାରେ ସହାୟକ ହେବ ବୋଲି ଆମେ ଆଶା କରୁଛୁ। ଟାଟା ଷ୍ଟିଲ ଓ ଟାଟା ଷ୍ଟିଲ ଫାଉଣ୍ଡେସନ ଉପରେ ଆସ୍ଥା ପ୍ରକଟ କରିଥିବାରୁ ଆମେ କଳିଙ୍ଗନଗରବାସୀଙ୍କ ପ୍ରତି କୃତଜ୍ଞ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି ପୋଖରୀରେ ମାଛ ଧରିବା ବ୍ୟତୀତ ସ୍ଥାନୀୟ ବାସିନ୍ଦାମାନେ ବହୁ ପର୍ବପର୍ବାଣୀ ଏବଂ ଉତ୍ସବ ମଧ୍ୟ ପାଳନ କରିଥାନ୍ତି। ଏହି ପାଣି ଅନ୍ୟାନ୍ୟ ଘରୋଇ କାର୍ଯ୍ୟରେ ମଧ୍ୟ ବ୍ୟବହୃତ ହୁଏ ଏବଂ ଏହି ପରିବାରଗୁଡ଼ିକର ଜୀବନ ଧାରଣ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ । ବାଲୋହାରୀ ଗ୍ରାମର ତଳିଆ ଅଂଚଳରୁ ବାରମ୍ବାର ଝର ଆସୁଥିବାରୁ ଏହି ଦୁଇଟି ପୋଖରୀରେ ବର୍ଷ ସାରା ପାଣି ରହିଥାଏ ।

## ପରୀକ୍ଷିତ ଟାଇଗର ଯୁକ୍ତ ଦୁଇ ବିଜ୍ଞାନ କଲେଜର ବାର୍ଷିକ ଉତ୍ସବ ପାଳିତ



ଖଡ଼ିଆଳ, (ଭାସ୍କର ନ୍ୟୁଜ) : ଖଡ଼ିଆଳ ପରୀକ୍ଷିତ ଟାଇଗର ଯୁକ୍ତ ଦୁଇ ବିଜ୍ଞାନ କଲେଜରେ ୧୨ତମ ବାର୍ଷିକ ଉତ୍ସବ ଅଧକ୍ଷ ଯୋଗେନ୍ଦ୍ର ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ନୂଆପଡା ଡିଏଫଓ ଆଜିଜ ଖାନ, ମୁଖ୍ୟବକ୍ତା ପୂର୍ବତନ ଅଧକ୍ଷ ତରୁଣ ପ୍ରଧାନ, ସ୍ୱତନ୍ତ୍ର ଅତିଥି ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ସମ୍ମାନୀତ ଅତିଥି ଖଡ଼ିଆଳ ବିଇଓ କାହ୍ନୁ ଚରଣ ନାଏକ, ସ୍କୁଲ ନିର୍ଦ୍ଦେଶକ ଲଳିତ ମୋହନ ବାଗ, ସ୍କୁଲ ପରିଚାଳନା କମିଟିର ଉପଦେଷ୍ଟା ସମାଜସେବୀ ଫକୀର ମୋହନ ଜଗତ, ଅନ୍ୟତମ ସମ୍ମାନିତ ଅତିଥି ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ପ୍ରମୁଖ ମଞ୍ଚାସିନ ହୋଇଥିଲେ । ଅଧକ୍ଷ ଶ୍ରୀ ମହାନନ୍ଦ ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ ଇଂରାଜୀ ଅଧ୍ୟାପିକା ଆର୍ଯ୍ୟା ମିଶ୍ର ଅତିଥି ସ୍ୱାଗତ ଓ ମଞ୍ଚ ପରିଚାଳନ କରିଥିଲେ। ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ସ୍କୁଲର ଛାତ୍ରଛାତ୍ରୀ। ସଭା ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଶେଷରେ କଲେଜର ମୁଖିଆ ତେଜରାଜ ବାଗ ଧନ୍ୟବାଦ ଦେଇଥିଲେ।

## କେନ୍ଦ୍ରୀୟ ଟିମ୍‌ର କୋରାପୁଟ ଜିଲ୍ଲା ଗସ୍ତ

କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲା ଗସ୍ତରେ ଆସିଛନ୍ତି ୨ଜଣିଆ କେନ୍ଦ୍ରୀୟ ଟିମ୍। ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଗସ୍ତ କରି ପିଏମ୍ ଆୱାର୍ଡ ନିମନ୍ତେ କରୁଛନ୍ତି ଆକଳନ। ଏହି ଟିମରେ ପ୍ରତିରକ୍ଷା ମନ୍ତ୍ରାଳୟର ନିର୍ଦ୍ଦେଶକ କେ.ବାଲନ ନାୟର ଓ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ନିର୍ଦ୍ଦେଶକ ବିକାଶ ସିଂ ରହିଛନ୍ତି। ଏହି ଟିମ୍ କୋରାପୁଟ ବ୍ଲକ, କୋରାପୁଟ ପୌରାଞ୍ଚଳ, ରାଜପୁଟ, ଲୁଙ୍ଗୁରୀ, ତୋୟାପୁଟ, ଲକ୍ଷ୍ମୀପୁର, ମାରବାଇଗୁଡା, ପଞ୍ଚଡା, କାଉଗୁଡା ଗସ୍ତ କରି ୧୧ଟି କେନ୍ଦ୍ରୀୟ ଯୋଜନାର ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ । ପ୍ରଥମେ ଏହି ଟିମ୍ କୋରାପୁଟରେ ଥିବା ଆରଏସ୍‌ଇଟିଆଇ ତାଲିମ କେନ୍ଦ୍ରରେ ପିଏମ ବିଶ୍ୱକର୍ମା ତାଲିମ ଶିବିରରେ ଯୋଗ ଦେଇଥିଲେ। ଏଥିରେ ଯୋଗଦେଇଥିବା ହିତାଧିକାରୀ, ସରପଞ୍ଚ, ଡାକ ବିଭାଗର କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ସେହିପରି କୋରାପୁଟରେ ଥିବା ବଢେଇ ୟୁନିଟ୍ ପରିଦର୍ଶନ କରିଥିଲେ। ରାଜପୁଟ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟା କରଣ ୟୁନିଟ୍ ଗସ୍ତ କରି ମାଣ୍ଡିଆ ପ୍ରକ୍ରିୟାକରଣ ସଂପର୍କରେ ବୁଝିଥିଲେ । ପୋଷଣ ୨.୦ ସମ୍ପର୍କରେ ଲୁଙ୍ଗୁରୀ, ଡୁମୁରିପଦର, ଅଙ୍ଗନବାଡି କର୍ମୀଙ୍କ ସହିତ ଆଲୋଚନା କରିଥିଲେ। ଲକ୍ଷ୍ମୀପୁରରେ ବଢେଇ ୟୁନିଟ୍ ସହ ପିଏମ ବିଶ୍ୱକର୍ମା ହିତାଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଲକ୍ଷ୍ମୀପୁର ସିଏଚସି, ମାରବାଇଗୁଡାରେ ଥିବା ସାନିଟେସନ ପାର୍କ, କାଉଗୁଡାରେ ଷ୍ଟ୍ରବେରୀ ଚାଷ ବୁଲି ଦେଖିଥିଲେ। କେନ୍ଦ୍ରୀୟ ଟିମଙ୍କ ଗସ୍ତ ସମୟରେ କୋରାପୁଟ ଜିଲ୍ଲାପାଳ ଭି କୀର୍ତି ଭାସନ, କୋରାପୁଟ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହି ଅଧିକାରୀ ବେଣୁଧର ଶବର, କୋରାପୁଟ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ, ଜିଲ୍ଲା ଯୋଜନା ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, କୋରାପୁଟ ବିଡିଓ ଦେବାଶିଷ ଗୌଡ, କୋରାପୁଟ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସୟଦ ଶବିର ସାହା ପ୍ରମୁଖଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।




# ଶିଶୁ ଗୃହରେ ରହୁଥିବା ଯୁବତୀଙ୍କ ବିବାହ ସମ୍ପନ୍ନ



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ସଦର ମହକୁମା ଶିଶୁ ଗୃହରେ ରହୁଥିବା ଯୁବତୀଙ୍କୁ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ବିବାହ ସମ୍ପନ୍ନ ହୋଇ ଯାଇଛି । ଗତକାଲି ଶିଶୁ ଗୃହ ପରିସରରେ ଏମ୍.ଭି. ୮୦ ଗ୍ରାମର ଯୁବତୀ ପିଙ୍କି ସରକାର ଯିଏକି ଶିଶୁ ଗୃହର ଜଣେ ଅନ୍ତେବାସିନୀ ଅଟନ୍ତି। ତାଙ୍କ ବିବାହ ଏମ୍.ଭି. ୬୨ ଗ୍ରାମର ପ୍ରଭାତ ବିଶ୍ୱାସଙ୍କ ସହ ସ୍ଥାନୀୟ ଶିବ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପରିବର୍ତ୍ତନ ଅନୁଷ୍ଠାନର ନିର୍ଦ୍ଦେଶକ ନିତ୍ୟାନନ୍ଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ ସଂଯୁକ୍ତା ପ୍ରଧାନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତେରେସ୍କୋଭା ମଲ୍ଲିକ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଇନ୍ଦିରା ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ଆଇନ ସେବା ପ୍ରାଧିକରଣ ଆଇନ ସଚେତକ ଅଶୋକ କୁମାର ପଟ୍ଟନାୟକ, ସଖୀ କେନ୍ଦ୍ରର କେନ୍ଦ୍ର ପରିଚାଳିକା ପୁଷ୍ପାଞ୍ଜଳୀ ଜାଲିଙ୍କ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ବେଆଇନ ଗଞ୍ଜେଇ କାରବାରରେ ମହିଳା ସ୍ୱାସ୍ଥ୍ୟକର୍ମୀ ଗିରଫ



ଗୁଣୁପୁର, (ଭାସ୍କର ନ୍ୟୁଜ୍ ) : ରାୟଗଡା ଜିଲ୍ଲା ପଦ୍ମପୁର ଥାନ ଅନ୍ତର୍ଗତା ଗୁଲୁଗୁଡା ସ୍ୱାସ୍ଥ୍ୟକର୍ମୀଙ୍କ ସରକାରୀ କ୍ୱାଟରରୁ ୨ କେଜି ୪୪୦ ଗ୍ରାମ ଗଞ୍ଜେଇ ସହ ମୋବାଇଲ ଜବତ କରିଛି ପୋଲିସ୍। ଗଂଜେଇ ଜବତ ଘଟଣାରେ ପଦ୍ମପୁର ପୋଲିସ ଦ୍ୱାରା ସ୍ୱାସ୍ଥ୍ୟକର୍ମୀ ଜୋସ୍ନାରାଣୀ ସେଠି ଗିରଫ ହୋଇଛନ୍ତି। ଜ୍ୟୋସ୍ନାରାଣୀ କିଛି ଦିନ ହେବ ଗଂଜେଇ ରଖି ବାହାରକୁ ଚାଲାଣ କରୁଥିବା ନେଇ ପୋଲିସ୍ କୌଣସି ସୂତ୍ରରୁ ସୂଚନା ପାଇଥିଲେ। ପୋଲିସ୍ ବୁଧବାର ସ୍ୱାସ୍ଥ୍ୟକର୍ମୀଙ୍କ ସରକାରୀ କ୍ୱାଟରରେ ଅଚାନକ ଚଢାଉ କରି ଗଂଜେଇ ଜବତ କରିଛି। ଗଂଜେଇ ଚୋରାଚାଲାଣକୁ ନେଇ ପୂର୍ବରୁ ଖାକିରେ ଦାଗ ଲାଗିଥିବା ନଜିର ରହିଥିବା ବେଳେ ଏବେ ସ୍ୱାସ୍ଥ୍ୟକର୍ମୀ ଗଂଜେଇ ବେପାରରେ ଲିପ୍ତ ରହୁଥିବା ସାମ୍ନାକୁ ଆସିଛି। ସ୍ୱାସ୍ଥ୍ୟକର୍ମୀଙ୍କ ନିଜ ଘର କେନ୍ଦ୍ରାପଡା ଅଞ୍ଚଳର ବୋଲି ଜଣାପଡିଛି। ଦୀର୍ଘଦିନ ଧରି ପଦ୍ମପୁର ବ୍ଲକ୍ ଗୁଲୁଗୁଡା ଅଞ୍ଚଳରେ ସ୍ୱାସ୍ଥ୍ୟକର୍ମୀ ଭାବେ ନିଯୁକ୍ତ ରହି କାର୍ଯ୍ୟ କରୁଥିଲେ। ମହିଳା ସ୍ୱାସ୍ଥ୍ୟକର୍ମୀ ଜ୍ୟୋସ୍ନାରାଣି ସେଠି ବେଆଇନ ଗଂଜେଇ ବେପାର କେତେଦିନ ଧରି କରୁଥିଲେ, କେଉଁଠୁ ଆସୁଥିଲା ଗଂଜେଇ ଆଉ କାହାର ସଂମ୍ପୃକ୍ତି ରହିଛି ତାର ତଦନ୍ତ ଚଳାଇଥିବା ପଦ୍ମପୁର ଥାନା ଅଧିକାରି ଧରଣୀଧର ପ୍ରଧାନ ସୂଚନା ଦେଇଛନ୍ତି ।

# ୨କ୍ୱିଣ୍ଟାଲ ୫୦କେଜି ଗଞ୍ଜେଇ ଜବତ, ୭ ଗିରଫ



କରଞ୍ଜିଆ, (ଭାସ୍କର ନ୍ୟୁଜ): ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ମାଦକ ଦ୍ରବ୍ୟ ବ୍ୟୁରୋ ଓ କରଞ୍ଜିଆ ପୋଲିସ ପକ୍ଷରୁ ଦୁଇଟି ସ୍ଥାନରେ ଚଢ଼ାଉ କରାଯାଇ ୭ ଗଞ୍ଜେଇ ବେପାରୀଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ୨ କ୍ୱିଣ୍ଟାଲ ୫୦ କେଜି ଗଞ୍ଜେଇ ଜବତ କରାଯାଇଛି । କରଞ୍ଜିଆ ବ୍ଲକ ତାଟୋସ୍ଥିତ ବିଉଁରିଆ ଗ୍ରାମରେ ପୋଲିସ ଚଢ଼ାଉ କରି କୁନା ପ୍ରଧାନକୁ ଗିରଫ କରିଛନ୍ତି । ଅଭିଯୁକ୍ତ ନିକଟରୁ୧୦ କେଜି ଗଞ୍ଜେଇ ଜବତ କରାଯାଇଛି। ଆଇଆଇସି ଶରତ କୁମାର ମାହାଲିକଙ୍କ ନେତୃତ୍ୱରେ ସହକାରୀ ଉପ ଆରକ୍ଷୀ ନିରୀକ୍ଷକ ବଳରାମ ମହାରଣା ଓ ପୋଲିସ ବଳ ଚଢ଼ାଉରେ ସାମିଲ ଥିଲେ। ଅଭିଯୁକ୍ତ କୁନା ପ୍ରଧାନ ବିରୋଧରେ କେଶ ନଂ ୯୨ ରୁଜୁ କରାଯିବା ସହ ଏନଡିପିଏସ ଆଇନର ଧାରା ୨୦(ବି)(୨)(ବି)ରେ କୋର୍ଟ ଚାଲାଣ କରାଯାଇଥିଲା । ସେହିପରି ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ସଂସ୍ଥା ନାରକୋଟିକ୍ସ ସେଣ୍ଟ୍ରାଲ ବ୍ୟୁରୋ ପକ୍ଷରୁ କରଞ୍ଜିଆ ଗୋଲେଇ ଛକ ନିକଟରୁ ୩ ଅଭିଯୁକ୍ତଙ୍କୁ ଗିରଫ କରାଯିବ ସହ ସେମାନଙ୍କ ନିକଟରୁ ୨କ୍ୱିଣ୍ଟାଲ ୪୦ କେଜି ଗଞ୍ଜେଇ ଜବତ କରିଛନ୍ତି। ନାରକୋଟିକ୍ସ ସେଣ୍ଟ୍ରାଲ ବ୍ୟୁରୋ ପକ୍ଷରୁ ଇନିସ୍ପେକ୍ଟର ଏକେ ପ୍ରଜାପତିଙ୍କ ନେତୃତ୍ୱରେ ଇଣ୍ଟେଲିଜେନ୍ସ ଅଫିସର ସରୋଜ କୁମାର କାଲେଟ ଓ ୭ ଅଧିକାରୀ ଚଢ଼ାଉରେ ସାମିଲ ଥିଲେ। ଗିରଫ ଆସାମୀ ଅଧିକ ପଚରାଉଚୁରା ଚାଲିଥିବା ଯୋଗୁଁ ସେମାନଙ୍କ ପରିଚୟ ମିଳିନଥିଲା। ଜବତ ମୋଟ ୨କ୍ୱିଣ୍ଟାଲ ୫୦ କେଜି ଗଞ୍ଜେଇର ମୂଲ୍ୟ ଆନୁମାନିକ ୧୪ ଲକ୍ଷ ୯୮ ହଜାର ୮୦ଟଙ୍କା ବୋଲି ଜଣାଯାଇଛି ।

## କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଦ୍ୱାରା ସହାୟକ ଉପକରଣ ବଣ୍ଟନ

ଆଳି, (ଭାସ୍କର ନ୍ୟୁଜ୍ ) : କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପ୍ରଥମ ଥର ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସହାୟକ ଉପକରଣ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଏବଂ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ରଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ପ୍ରମୋଦ କୁମାର ପ୍ରହରାଜ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ସ୍ୱାଇଁଙ୍କ ସହ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ସହ ଭିନ୍ନକ୍ଷମ କଲ୍ୟାଣ ପାଇଁ ଜିଲ୍ଲା ପ୍ରଶାସନ ନେଇଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ମୋଟ ୧୭ ଜଣଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇଥିଲା। ଉପକୃତ ହୋଇଥିବା ହିତାଧିକାରୀମାନେ ପ୍ରଭୁ ବଳଦେବଜୀଉଙ୍କ ନିକଟରେ ଜିଲ୍ଲାପାଳ ତଥା ଅନ୍ୟାନ୍ୟ ଅଧିକାରୀଙ୍କ ମଙ୍ଗଳ କାମନା କରିଥିଲେ। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରୂପାଲୀ ପ୍ରିୟଦର୍ଶିନୀଙ୍କ ତତ୍ତ୍ୱାବଧାନରେ ସଂପନ୍ନ କରାଯାଇଥିଲା।

# କଚ୍ଛପ ଗତିରେ ବିଜୁ ସେତୁ ଯୋଜନା, ଧାର୍ଯ୍ୟ ସମୟରେ ଶେଷ ହେଉନି କାମ



କେନ୍ଦୁଝର, (ଭାସ୍କର ନ୍ୟୁଜ): କଚ୍ଛପ ଗତିରେ ଚାଲିଛି କେନ୍ଦୁଝର ଜିଲ୍ଲାରେ ବିଜୁ ସେତୁ ଯୋଜନା। ବିଜୁସେତୁ ଯୋଜନା ବିଭିନ୍ନ ସ୍ଥାନରେ କାର୍ଯ୍ୟକାରୀ କରାଯାଇ ଲୋକଙ୍କୁ ଗମନାଗମନର ସୁବିଧା ଯୋଗାଇ ଦେବା ଲକ୍ଷ୍ୟରେ ରାଜ୍ୟ ସରକାର ଏହି ଯୋଜନା ପ୍ରଣୟନ କରିଛନ୍ତି । ଏଥିପାଇଁ କୋଟି କୋଟି ଟଙ୍କାର ଅନୁଦାନ ମଧ୍ୟ କେନ୍ଦୁଝର ଜିଲ୍ଲାକୁ ଯୋଗାଇ ଦିଆଯାଇଛି । ମାତ୍ର ବିଜୁସେତୁ ଯୋଜନାର ପ୍ରକଳ୍ପ କାର୍ଯ୍ୟଗୁଡିକ ଅହେତୁକ ବିଳମ୍ବ ଯୋଗୁଁ ସଂପୃକ୍ତ ଅଞ୍ଚଳବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନ୍ଦୁଝର ଜିଲ୍ଲାରେ ମୋଟ ୧୧୦ଟି ସେତୁ ପ୍ରକଳ୍ପ ଅନୁମୋଦିତ ହୋଇଥିବାବେଳେ ସେଥିମଧ୍ୟରୁ ୬୦ଟି ପ୍ରକଳ୍ପ ଶେଷ ହୋଇଛି ଏବଂ ୫୦ଟି ସେତୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲିଛି। ଧାର୍ଯ୍ୟ ସମୟ ମଧ୍ୟରେ ସେତୁ କାମ ଶେଷ ହେଉନଥିବାରୁ ଯୋଜନାର କାର୍ଯ୍ୟକାରୀତାକୁ ନେଇ ପ୍ରଶ୍ନ କରିଛନ୍ତି ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର। ଜନସାଧାରଣଙ୍କୁ ଗମନାଗମନ ସମସ୍ୟାକୁ ଆଖି ଆଗରେ ରଖି ବିଜୁ ସେତୁ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା । ସ୍ଥାନୀୟ ଜନପ୍ରତିନିଧିଙ୍କ ଦାବି ମୁତାବକ ବିଭିନ୍ନ ନଦୀ, ନାଳ ଉପରେ ପୋଲ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯିବା ପରେ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇଥିଲା। ନଦୀ ନାଳ ଗୁଡିକରେ ଗମନାଗମନ ସମସ୍ୟା ରହିଥିବା ବେଳେ ବିଜୁ ସେତୁ ଯୋଗାଯୋଗର ମାଧ୍ୟମ ପାଲଟିଥିଲା । କେନ୍ଦୁଝର ଜିଲ୍ଲାରେ ୬ଟି ନିର୍ବାଚନମଣ୍ଡଳୀ ମଧ୍ୟରୁ ସର୍ବାଧିକ ବିଜୁ ସେତୁ ପାଟଣା ନିର୍ବାଚନ ମଣ୍ଡଳୀରେ କରାଯାଇଛି। ତତ୍କାଳୀନ ପାଟଣା ବିଧାୟକ ଜଗନ୍ନାଥ ନାୟକଙ୍କ ପ୍ରଚେଷ୍ଟାରୁ ପାଟଣା ନିର୍ବାଚନମଣ୍ଡଳୀରେ ୨୫ଟି ବିଜୁ ସେତୁ ପାଇଁ ସରକାର ଅନୁଦାନ ଯୋଗାଇଥିବାବେଳେ ସେଥିମଧ୍ୟରୁ ୧୨ଟି ସଂପୂର୍ଣ୍ଣ ହୋଇଛି। ଆନନ୍ଦପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟି ୧୨ଟି ବିଜୁ ସେତୁ ନିର୍ମାଣ ପାଇଁ ସରକାର ମଞ୍ଜୁର କରିଥିବାବେଳେ ୧୨ଟି ସେତୁ ସଂପୂର୍ଣ୍ଣ ହୋଇଛି। ଘସିପୁରା ନିର୍ବାଚନମଣ୍ଡଳୀରେ ୧୬ଟି ସେତୁ ଅନୁମୋଦନ ହୋଇଥିବାବେଳେ ୯ଟି କାମ ଶେଷ ହୋଇଛି। ତେଲକୋଇ ନିର୍ବାଚନମଣ୍ଡଳୀରେ ୨୧ ଟି ବିଜୁ ସେତୁ ମଞ୍ଜୁର ହୋଇଥିବାବେଳେ ୧୪ଟି ସଂପୂର୍ଣ୍ଣ ହୋଇଛି ଓ ୭ଟି କାମ ନିର୍ମାଣ କାମ ଚାଲିଛି। କେନ୍ଦୁଝର ସଦର ବିଧାନସଭା ନିର୍ବାଚନମଣ୍ଡଳୀରେ ୧୫ଟି ବିଜୁ ସେତୁ ମଞ୍ଜୁର ହୋଇଥିବାବେଳେ ସେଥିମଧ୍ୟରୁ ୬ଟି ସଂପୂର୍ଣ୍ଣ ହୋଇଛି ଏବଂ ୯ଟି ଅସମ୍ପୂର୍ଣ୍ଣ ରହିଛି। ଚମ୍ପୁଆ ନିର୍ବାଚନମଣ୍ଡଳୀରେ ୧୫ ଟି ବିଜୁ ସେତୁ ମଞ୍ଜୁର ହୋଇଥିବା ବେଳେ ୭ଟି କାମ ଶେଷ ହୋଇଛି ଏବଂ ୮ଟି ଅସମ୍ପୂର୍ଣ୍ଣ ରହିଛି । ମିଳିଥିବା ତଥ୍ୟ ଅନୁସାରେ ଘସିପୁରା ନିର୍ବାଚନମଣ୍ଡଳୀର ବାତୋ-ଆମ୍ବୋ ରାସ୍ତାର ବୈତରଣୀ ନଦୀ ଉପରେ ସେତୁ ନିର୍ମାଣ କାର୍ଯ୍ୟ ରୟାଲ ଇନଫ୍ରାଷ୍ଟ୍ରକଚର ପ୍ରାଇଭେଟ ଲିଃ କମ୍ପାନୀକୁ କାର୍ଯ୍ୟାଦେଶ ଦିଆଯାଇଥିଲା । ୩୧କୋଟି ୯୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟାଦେଶ ମିଳିଥିଲେ ହେଁ ଠିକାଦାର ଧାର୍ଯ୍ୟ ସମୟସୀମା ମଧ୍ୟରେ କାମ ଶେଷ କରିନଥିଲା । ଚୁକ୍ତିନାମା ଅନୁଯାୟୀ କାର୍ଯ୍ୟାରମ୍ଭ ୨୪/୧୧/୨୦୧୬ ଏବଂ କାର୍ଯ୍ୟଶେଷ ୨୩/୧୧/୨୦୧୯ ରଖାଯାଇଥିଲା । କିନ୍ତୁ କାର୍ଯ୍ୟର ମନ୍ଥର ଗତି ପାଇଁ ଉକ୍ତ ଠିକାଦାରଙ୍କ ଚୁକ୍ତିନାମାକୁ ରଦ୍ଦ କରାଯାଇ ବଳକା କାର୍ଯ୍ୟକୁ ନୂତନ ଭାବେ ଟେଣ୍ଡର କରାଯାଇ ବିରଜା କନଷ୍ଟ୍ରକସନକୁ ୧୪.୩୦ କୋଟି ଟଙ୍କାର ଚୁକ୍ତିରେ କାର୍ଯ୍ୟାଦେଶ ଦିଆଯାଇଛି। ସେହିପରି ଖୁଣ୍ଟାପଡା ଠାରୁ କିଆପଡା ରାସ୍ତାର ଜହ୍ନେଇ ନାଳ ଉପରେ ପୋଲ, ନଇଗାଁଠାରୁ କଣ୍ଡରାପଶି ରାସ୍ତାର ଜଗଦଳା ନାଳ ଉପରେ ସେତୁ, ପୂର୍ତ୍ତ ବିଭାଗ ରାସ୍ତା ଠାରୁ କୁମୁଦବାହାଲି ରାସ୍ତାର ସୀତା ନାଳ ଉପରେ ସେତୁ, ସିଲସୁଆଁ ଠାରୁ କାଦଗଡ ରାସ୍ତାର ମାଛକାନ୍ଦଣା ନାଳ ଉପରେ ସେତୁ, ରେଙ୍ଗାଲବେଡା ଠାରୁ ପୁରୁଣାପାଣି ରାସ୍ତାର ବିରଳ ନଦୀ ଉପରେ ପୋଲ, କେନ୍ଦୁଝର ଏବଂ ମୟୁରଭଞ୍ଜ ମଧ୍ୟରେ ସଂଯୋଗ ପାଇଁ ଦେଓ ନଦୀ ଉପରେ ସେତୁ, ବରହମପୁର କରଞ୍ଜିଆ ଠାରୁ ଚିମୁଳି ରାସ୍ତାର ଅରଡେଇ ନଦୀ ଉପରେ ସେତୁ, ଉଚ୍ଚବାଲି ଠାରୁ ପୁରୁଣାପାଣି ରାସ୍ତାର ବୈତରଣୀ ନଦୀ ଉପରେ ସେତୁ, କାଦଗଡ ଠାରୁ ମିରିଗିସିଙ୍ଗା ରାସ୍ତାର ବୈତରଣୀ ନଦୀ ଉପରେ ପୋଲ, ଡାଣ୍ଡୁଆମୁଣ୍ଡା ଠାରୁ କମଳାଙ୍ଗ ରାସ୍ତାର ସମାକୋଇ ନଦୀ ଉପରେ ପୋଲ, ଉଲିବୁର ଠାରୁ ନାଳଦା ରାସ୍ତାର ନାଳଦା ନାଳ ଉପରେ ପୋଲ, ଅସୁରିଆ ଠାରୁ ଅସନପାଟ ରାସ୍ତାର ଅସୁରିଆ ନାଳ ଉପରେ ପୋଲ, ନୟାଗଡ ଠାରୁ ଜଳପାପଶି ରାସ୍ତାର ଜଳପା ନାଳ ଉପରେ ପୋଲ, ଖଜୁରୀମୁଣ୍ଡି ଠାରୁ କୁମୁଣ୍ଡି ରାସ୍ତାର ସ୍ଥାନୀୟ ଏକ ନାଳ ଉପରେ ପୋଲ, ବଡକୁମୁଦରୁ ଏସଏନପୁରଗୋଡା ରାସ୍ତାର ସମାକୋଇ ନଦୀ ଉପରେ ପୋଲ କାମ ମଧ୍ୟ ସଂପୂର୍ଣ୍ଣ ନହୋଇ ଅଧାପନ୍ତରିଆ ରହିଛି। ବିଶେଷ କରି ବର୍ଷା ଦିନରେ ଉପରୋକ୍ତ ନଦୀ ନାଳଗୁଡିକର ଜଳ ପ୍ରବାହ ବୃଦ୍ଧି କାରଣରୁ ସଂପୃକ୍ତ ଅଞ୍ଚଳରେ ନଦୀ ନାଳ ପାର ହେବାରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଚମ୍ପୁଆ ବିଧାୟକ ସନାତନ ମହାକୁଡ କହିଛନ୍ତି। ସରକାର ଅସଂପୂର୍ଣ୍ଣ ରହିଥିବା ବିଜୁ ସେତୁ ଗୁଡିକର କାର୍ଯ୍ୟ ତ୍ୱରାନ୍ୱିତ କରି ସଂପୂର୍ଣ୍ଣ କରିବା କ୍ଷେତ୍ରରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଚମ୍ପୁଆ ବିଧାୟକ ସରକାରଙ୍କ ନିକଟରେ ଦାବି ରଖିଛନ୍ତି।

# ଆଠ ମାସରୁ ଉର୍ଦ୍ଧ୍ୱ ବିଡିଓ ପଦବୀ ଖାଲି




ଖଡ଼ିଆଳ, ( ଭାସ୍କର ନ୍ୟୁଜ୍ ) : ବ୍ଲକରେ ଦୀର୍ଘ ଆଠ ମାସରୁ ଅଧିକ ହେବ ବ୍ଲକ ମୁଖିଆଙ୍କ ପାଇଁ ଚୌକି ଅଛି ହେଲେ ଚୌକିରେ ବସିବା ପାଇଁ ମୁଖିଆ ନାହାନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଓଡିଶା ସରକାରଙ୍କ ନୂଆପଡା ଜିଲ୍ଲା ଖଡ଼ିଆଳରେ। ଖଡ଼ିଆଳ ଏକ ହରିଜନ, ଆଦିବାସୀ, ପଛୁଆ ବର୍ଗର ଲୋକ ବସବାସ କରୁଥିବା ବ୍ଲକ ଅଟେ। ଏହି ବ୍ଲକ ୨୬ଟି ଗ୍ରାମ ପଂଚାୟତକୁ ନେଇ ଗଠିତ। କିଛି ଗ୍ରାମ ପଂଚାୟତ ବ୍ଲକ ଅଫିସରୁ ୧୭ ରୁ ୧୮ କିଲୋମିଟର ପଡିଥାଏ। ବ୍ଲକରେ ପ୍ରାୟତଃ ପ୍ରତ୍ୟେକ ଗ୍ରାମ ପଂଚାୟତର ଗାଁ ଗୁଡ଼ିକରୁ ଖଟିଖିଆ, ମଜୁରିଆ ଉଭୟ ପୁରୁଷ, ମହିଳା, ଯୁବକ, ଯୁବତୀ ଦୈନିକ ମଜୁରୀ କାମ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଲୋକଙ୍କ ପାଇଁ ବ୍ଲକ ଅଫିସ ଏକ ଗୁରୁତ୍ୱ ବହନ କରୁଥିବା ଅଫିସ। ନୂତନ ସରକାରୀ ଯୋଜନାର ଲାଭ ଉଠାଇବା ପାଇଁ ମଧ୍ୟ ବ୍ଲକର ଆବଶ୍ୟକତା ରହିଛି। ଅତି ଦୁଃଖର କଥା ଯେ ଦୀର୍ଘଦିନ ହେବ ଖଡ଼ିଆଳ ବିଡିଓ ପଦବୀ ଖାଲି ପଡିଛି। ପାଖାପାଖି ଆଠ ମାସରୁ ଉର୍ଦ୍ଧ ହେବ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡିଛି। ଏହି ଖଡ଼ିଆଳ ବ୍ଲକର ୨୬ ଗ୍ରାମ ପଂଚାୟତରେ ବସବାସ କରୁଥିବା ଜନସାଧାରଣ କଣ ଓଡିଶା ସରକାରଙ୍କ ନୁହନ୍ତି ? କାହିଁକି ଓଡିଶା ସରକାର ଖଡ଼ିଆଳ ବ୍ଲକର ଜନସାଧାରଣଙ୍କ ଅଣଦେଖା କରୁଛନ୍ତି ବୋଲି ଲୋକେ ଅଭିଯୋଗ କରୁଛନ୍ତି। ପୂର୍ବତନ ବିଡ଼ିଓ ବୀର ସେନ ବେହେରାଙ୍କ ଟ୍ରେନିଂ ପରେ ଆଉ ଖଡ଼ିଆଳ ବ୍ଲକକୁ ନୂତନ ବିଡ଼ିଓ ଆସିନାହାନ୍ତି। ତାଙ୍କ ଟ୍ରେନିଂ ସମୟରେ ଖଡ଼ିଆଳ ତହସିଲରେ କାର୍ଯ୍ୟରତ ତହସିଲଦାର ନର୍ସିଙ୍ଗ ଗଡବା ଚାର୍ଜରେ ଥିଲେ। ଟ୍ରେନିଂ ସମୟରେ ହିଁ ବିଡ଼ିଓଙ୍କ ବଦଳି ହୋଇଥିଲା। ହେଲେ ଟ୍ରେନିଂ ସାରି ବିରସେନ ବେହେରା ପୁଣି ଖଡ଼ିଆଳ ବ୍ଲକରେ କିଛି ଦିନପାଇ ଯୋଗଦାନ ପରେ ତାଙ୍କୁ ଖଡ଼ିଆଳ ବ୍ଲକରୁ ରିଲିଫ କରିଦିଆଗଲା। ସେଇ ଦିନଠାରୁ ପ୍ରାୟ ଆଠ ମାସରୁ ଉର୍ଦ୍ଧ ହେବ ବ୍ଲକରେ ସ୍ଥାୟୀ ବିଡ଼ିଓ ନାହାନ୍ତି। ଖଡ଼ିଆଳ ତହସିଲଦାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥାଇ ବ୍ଲକର ବିଡ଼ିଓ ଚାର୍ଜରେ ଅଛନ୍ତି। ସେ ତାଙ୍କ ଲେବେଲରେ ବ୍ଲକର ଯେତେ କାମ କରିବା କଥା ସେ ସେତିକି କାର୍ଯ୍ୟ ବହନ କରୁଛନ୍ତି। ହେଲେ ଏ ଅଞ୍ଚଳର ଅର୍ଥାତ ଖଡ଼ିଆଳ ବ୍ଲକର ଜନସାଧାରଣଙ୍କ ଦୁର୍ଭାଗ୍ୟ ଯେ ଓଡିଶା ସରକାରଙ୍କ ନିୟମ ଅନୁଯାୟୀ ଜଣେ ଅଫିସରଙ୍କ ବଦଳି ହେଲେ ଆଉ ଜଣେ ଅଫିସର ତାଙ୍କ ପଦବୀରେ ଯୋଗଦାନ କଲେ ତାଙ୍କୁ ରିଲିଫ କରିବା ନିୟମ ରହିଛି। କିନ୍ତୁ ନୂଆପଡା ଜିଲ୍ଲାପାଳ ଖଡ଼ିଆଳ ବିଡ଼ିଓଙ୍କୁ ତାଙ୍କୁ ତୁରନ୍ତ ରିଲିଫ କରି ଦେବା ସାଧାରଣରେ ସମସ୍ୟାଭିମୁଖୀ ହୋଇଛି। ହେଲେ ଖଡ଼ିଆଳ ବ୍ଲକକୁ ମଧ୍ୟ ତିନି ମାସରୁ ଅଧିକ ହେବ ନୂତନ ବିଡ଼ିଓ ଭାବେ ମିଳନ ଝାକରଙ୍କୁ ବଦଳି ହୋଇଛି ହେଲେ ଆଜି ପର୍ଯ୍ୟନ୍ତ ବ୍ଲକରେ ଯୋଗଦାନ କରିନାହାନ୍ତି। ତୁରନ୍ତ ଖଡ଼ିଆଳ ବ୍ଲକକୁ ନୂତନ ବିଡ଼ିଓ ନିଯୁକ୍ତି କରି ଲୋକଙ୍କ ସମସ୍ୟାକୁ ପୂରଣ କରି ଅଂଚଳର ବିକାଶ କରାଯାଉ ବୋଲି ବୁଦ୍ଧିଜୀବି ମହଲରେ ଦାବି ହେଉଛି।



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନସ୍ଥ କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟଠାରେ କାର୍ଯ୍ୟରତ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ପ୍ରକଳ୍ପ 'ଓଡିଶାର ଡିପ ଜମିରେ ପୁଷ୍ଟି ଶସ୍ୟ ଚାଷର ବିକାଶ' ତରଫରୁ କେନ୍ଦୁଝର ଜିଲ୍ଲାର ତେଲକୋଇଠାରେ ପୁଷ୍ଟି ଶସ୍ୟ ଚାଷରେ କୃଷି ଯାନ୍ତ୍ରିକରଣ ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସମ୍ପ୍ରତି ଓଡିଶା ସରକାରଙ୍କର ଆର୍ଥିକ ସହାୟତାରେ ରାଜ୍ୟର ପାଞ୍ଚୋଟି ଜିଲ୍ଲା, ଯଥା କେନ୍ଦୁଝର, ସୁନ୍ଦରଗଡ଼, ନୂଆପଡା, ନବରଙ୍ଗପୁର,ଓ କୋରାପୁଟରେ ଓ ୟୁଏଟି ଓ ଇକ୍ରିସାଟ ଦ୍ୱାରା ମିଳିତ ଭାବରେ ଉକ୍ତ ପ୍ରକଳ୍ପ ତରଫରୁ ପୁଷ୍ଟି ଶସ୍ୟର ଚାଷ, କିସମ, ଯାନ୍ତ୍ରିକରଣ ଇତ୍ୟାଦି ବିଷୟରେ ଗବେଷଣା ଓ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଚାଲୁଛି ଓ ପ୍ରକାଶ ଥାଉ କି ଚଳିତବର୍ଷ ଉକ୍ତ ପାଞ୍ଚୋଟି ଜିଲ୍ଲାରେ ବିଶ୍ୱବିଦ୍ୟାଳୟ ତରଫରୁ ବିକଶିତ ବିଭିନ୍ନ ପୁଷ୍ଟି ଶସ୍ୟର ଅମଳ ଯନ୍ତ୍ରଗୁଡିକର କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା ଓ ଏହି କ୍ରମରେ କେନ୍ଦୁଝର ଜିଲ୍ଲା ତେଲକୋଇଠାରେ ଜିଲ୍ଲାର ଅଗ୍ରଣୀ ଚାଷୀ, କୃଷି ବିଭାଗର କର୍ମଚାରୀ, ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର, ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରଦାନ ଅନୁଷ୍ଠାନ, ବିଭିନ୍ନ ବେସରକାରୀ ସଂସ୍ଥାମାନଙ୍କ ପାଇଁ ଉଦ୍ଦିଷ୍ଟ ପୁଷ୍ଟି ଶସ୍ୟ ଚାଷରେ କୃଷି ଯାନ୍ତ୍ରିକରଣ ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମରେ ଇକ୍ରିସାଟର କୃଷି ଯାନ୍ତ୍ରିକରଣ ପରାମର୍ଶଦାତା ଡ. ସଂଗ୍ରାମ କେଶରୀ ସ୍ୱାଇଁ ଯୋଗଦେଇ ପୁଷ୍ଟି ଶଷ୍ୟ ଚାଷ ନିମନ୍ତେ ବିଶ୍ୱବିଦ୍ୟାଳୟ ତରଫରୁ ବିକଶିତ ବିଭିନ୍ନ ଉନ୍ନତ କୃଷି ଯନ୍ତ୍ରପାତି ସମ୍ବନ୍ଧରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ ଓ ଉପସ୍ଥିତ ଚାଷୀମାନଙ୍କ ସହ ବିଶଦ ଆଲୋଚନା କରିଥିଲେ ।



# କୁମାରୀ ପାଟ ପୁନଃଉଦ୍ଧାର ଯୋଜନା ଧୂଆଁବାଣ

## ନେତାଙ୍କ ପ୍ରତିଶ୍ରୁତି ପାଣିର ଗାର

ଧର୍ମଶାଳା (ଭାସ୍କର ନ୍ୟୁଜ୍): ରାଜନୈତିକ ଉଦ୍ଦେଶ୍ୟରେ ନେତାମାନେ ବାରମ୍ବାର କୁମାରୀ ପାଟ ପୁନଃଉଦ୍ଧାର ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ସୌନ୍ଦର୍ଯ୍ୟକରଣ ଏବଂ ବୋଟିଂ ବ୍ୟବସ୍ଥା କରିବାକୁ ପ୍ରତିଶୃତି ଦେଇଆସୁଥିଲେ ମଧ ଏଯାବତ୍ କୌଣସି ଫଳପ୍ରଦ ହୋଇପାରିନାହିଁ । ଯାହା ନେତାମାନଙ୍କ ପ୍ରତିଶୃତି ପାଣିର ଗାର ବୋଲି ସାଧାରଣରେ ଆଲୋଚନା ହୋଉଛି । ଦୀର୍ଘ ୨ଦଶନ୍ଧି ଧରି ଏହାର ଉନ୍ନତିକରଣ ହେବ ବୋଲି କହିଆସୁଥିବା ବେଳେ ଏବେ ଦଳ ଭର୍ତ୍ତି ପୋଖରୀ ଦେଖିବାକୁ ମିଳୁଛି । କେନ୍ଦ୍ର ଓ ରାଜ୍ୟ ସରକାର ବହୁ ପୁରାତନ ଜଳାଶୟ ଗୁଡ଼ିକର ପୁନଃଉଦ୍ଧାର କରିବା ନେଇ ବ୍ୟାପକ ଅର୍ଥ ମଞ୍ଜୁର କରୁଛନ୍ତି । ସେହି ଅର୍ଥରେ ଅନେକ ଇତିହାସ ପ୍ରସିଦ୍ଧ ଜଳାଶୟ ତଥା ପୁଷ୍କରିଣୀ ଗୁଡ଼ିକର ପୁନଃଉଦ୍ଧାର କରାଯାଇଥିବା ଦେଖିବାକୁ ମିଳିଛି । ହେଲେ ଧର୍ମଶାଳା ବ୍ଲକ ଅଧୀନରେ ଥିବା ବହୁ ପୁରାତନ କୁମାରୀ ପାଟକୁ ଅଦ୍ୟାବଧି ପୁନଃଉଦ୍ଧାର କରାଯାଇ ନାହିଁ । ୧୬ନଂ ଜାତୀୟ ରାଜପଥ ସଂନ୍ନିକଟ ପୂର୍ବ ଦିଗରେ ଅବସ୍ଥିତ ଏହିପାଟ ପୂର୍ବରୁ ପଥଚାରୀଙ୍କୁ ଆକର୍ଷିତ କରିବା ସହ ଅନେକ ଲୋକଙ୍କ ଜୀବନ ଜୀବିକା ପଞ୍ଚାଇବାରେ ସହାୟକ ହେଉଥିଲା । ମାତ୍ର ସମୟକ୍ରମେ ପାଟରୁ ପଙ୍କ,ମାଟି ଓ ଦଳ କଢ଼ା ନଯିବାରୁ ପାଟ ଧିରେଧିରେ ପୋତି ହୋଇ ପଡିଥିବା ଦେଖିବାକୁ ମିଳିଛି । ଏହି ପାଟ ୩୦ଏକର ପରିମିତ ହୋଇଥିବା ବେଳେ ସବୁବେଳେ ଜଳରାଶି ଜମି ରହିଥାଏ । ଏହି ପାଟର ଗଭୀର ଅଧିକ ଥିବାରୁ ପ୍ରଚୁର ମାଛ ରହିଥାନ୍ତି । ଅନେକ ସମୟର ଲୋକେ ମାଛ ଧରି ପରିବାର ପ୍ରତିପୋଷଣ କରିଥାନ୍ତି । ସେହିପରି ମାଳି ସମ୍ପ୍ରଦାୟର ଲୋକେ ପଦ୍ମ ଫୁଲ ଓ ପତ୍ର ନେଇ ବଜାରରେ ବିକ୍ରି କରି ପରିବାର ପ୍ରତିପୋଷଣ କରିଥାନ୍ତି । ଶୀତ ଦିନେ ଏଠାକୁ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥାଏ । ବିଦେଶୀ ପକ୍ଷୀଗୁଡିକ ଆସି ପକ୍ଷୀ ମେଳି କରିଥିବା ଦେଖିବାକୁ ମିଳୁଥିଲା । ଏବେ ପାଟର ଅନେକ ଅଂଶ ପୋତି ହୋଇ ପଡ଼ିଲାଣି । କେବଳ ଦଳ ଓ ଅନାବନା ଘାସ ଭର୍ତ୍ତି ହୋଇଛି । ବିଦେଶୀ ପକ୍ଷୀ କାହାଁଭାଆଁ ଦେଖିବାକୁ ମିଳୁଛି । କୁମାରୀ ପଞ୍ଚାୟତ ଅଧୀନରେ ଥିବା ଏହି ପାଟକୁ ଧର୍ମଶାଳା ବ୍ଲକ ପକ୍ଷରୁ ପୁନଃଉଦ୍ଧାର କରିବାକୁ ଦାବି ହୋଇଛି । ବିଗତ ଦିନରେ ଶାସକ ଦଳର ରାଜନେତାମାନେ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଲାଗିବ, ପଙ୍କ ଉଦ୍ଧାର କରାଯାଇ ସୁନ୍ଦର ବିଶାଳକାୟ ପୋଖରୀ କରାଯିବ, ସେହି ପୋଖରୀର ସୌନ୍ଦର୍ଯ୍ୟକରଣ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ବୋଲି ପୂର୍ବରୁ ପ୍ରତିଶୃତି ଦେଆସୁଥିଲେ । ପ୍ରକାଶ ଥାଉ କି, ପୂର୍ବରୁ ପୁରାତନ ପାଟଟି ଚୋରାମୁହାଁ ପଞ୍ଚାୟତ ଭାଲୁଖାଇ ଗ୍ରାମ ଅଧୀନରେ ରହିଥିଲା । ପଞ୍ଚାୟତ ବୃଦ୍ଧି ପାଇବ ପରେ ପାଟ କୁମାରୀ ମୌଜା ଅଧୀନକୁ ଚାଲିଯାଇଥିଲା । ସେହି ଦିନରୁ କୁମାରୀ ପାଟ ବୋଲି ନାମ କରଣ ହୋଇଥିଲା । ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ସ୍ୱର୍ଗତ କଳ୍ପତରୁ ଦାସଙ୍କ ସମୟରେ ଉକ୍ତ ପାଟକୁ ପୁନଃଉଦ୍ଧାର କରାଯିବା ନେଇ ସରକାରୀ ଅନୁଦାନ ମଞ୍ଜୁର କରାଯାଇଥିଲା । ଜୈନିକ ଠିକାଦାର କାର୍ଯ୍ୟ ଆରମ୍ଭ କରିଥିଲା । କିଛି ମାସ ପରେ ପାଟ ପୁନଃଉଦ୍ଧାର କାର୍ଯ୍ୟ ବନ୍ଦ ହୋଇଯାଇଥିଲା । ସେଠାରେ କେତେ ଅର୍ଥ ମଞ୍ଜୁର ହୋଇଥିଲା ତାହା ଜଣା ପଡିନଥିଲା । ପରେ ଯାଜପୁରର ମହକୁମାରେ ବୃହତ କୁସୁମା ପୋଖରୀର ପୁନଃଉଦ୍ଧାର ହୋଇପାରିଲା ।ମାତ୍ର ଧର୍ମଶାଳାରେ ପ୍ରଥମରୁ ଆରମ୍ଭ ହେଇଥିବା ପୁରାତନ କୁମାରୀ ପାଟର ପୁନଃଉଦ୍ଧାର ହୋଇପାରିଲା ନାହିଁ । ଏଠାରେ ସରକାରୀ ଯୋଜନା କେବଳ ଧୂଆଁବାଣ ସଦୃଶ ହୋଇଛି । ଜାରକା ବଜାର ଓ କୁମାରୀ ଗ୍ରାମ ଦେଉଳି ପାହାଡ଼ ପାଦଦେଶରେ ଅବସ୍ଥିତ । ଏବେ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବା ପାଇଁ ସରକାର ଠୋସ ପଦକ୍ଷେପ ଗ୍ରହଣ କରୁଛନ୍ତି । ବୌଦ୍ଧମାଟି ଧର୍ମଶାଳା ସର୍ବଧର୍ମର ସମନ୍ୱୟ ପୀଠର ପରିଚୟ ବହନ କରେ । ଏଠାକୁ କିଭଳି ଅଧିକରୁ ଅଧିକ ପର୍ଯ୍ୟଟକ ଓ ଗବେଷକ ଆକର୍ଷିତ ହେବେ ସେ ଦିଗରେ ବ୍ୟାପକ ଉଦ୍ୟମ ସରକାରୀ ସ୍ତରରେ ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି ।

# ବିଜେପି କର୍ମୀଙ୍କ ପକ୍ଷରୁ ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନଙ୍କ ଦଶାହ କାର୍ଯ୍ୟ ପାଳିତ





ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ମୁକ୍ତାପଶି ଗ୍ରାମରେ ସ୍ଥାନୀୟ ବିଜେପି କର୍ମୀ ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନଙ୍କ ଦଶାହ କାର୍ଯ୍ୟ ଅବସରରେ ତାଙ୍କର କେତେକ ଅନୁଗାମୀ ନିକଟସ୍ଥ କେନାଲ କୂଳରେ ଦଶାହ କର୍ମ ଦିନକୁ ପାଳିତ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସେମାନେ ବ୍ରାହ୍ମଣ ଶ୍ରୀକାନ୍ତ ଷଡଙ୍ଗୀ ଓ ବାରିକ ଶ୍ରୀକାନ୍ତ ବାରିକଙ୍କୁ ଡକାଇ ଦଶାହ କାର୍ଯ୍ୟର ଶୁଦ୍ଧିକ୍ରିୟା ମୁତାବକ ନୂତନ ବସ୍ତ୍ର ପରିଧାନ କରି କେନାଲରେ ସ୍ନାନ କରି ତିଳତର୍ପଣ କରିଥିଲେ । ଗ୍ରାମର ବିଜେପି ସକ୍ରିୟ କର୍ମୀ ପ୍ରମୋଦ କୁମାର ବିଶ୍ୱାଳଙ୍କ ତତ୍ୱାବଧାନରେ ପ୍ରାକ୍ତନ ପଞ୍ଚାୟତ ପ୍ରମୁଖ ଦ୍ୱାରିବନ୍ଧୁ ସାହୁ, ବରିଷ୍ଠ କର୍ମୀ ପୁରୁଷୋତ୍ତମ ବେହେରା, ଟଙ୍କଧର ସାହୁ, କେଶବ ଚନ୍ଦ୍ର ସାହୁ, ବିଜୟ କୁମାର ନାୟକ, ସନ୍ତୋଷ କୁମାର ସାହୁ, ଆନନ୍ଦ ବିଶ୍ୱାଳ, ଦୋଳଗୋବିନ୍ଦ ମହାଳିକ, ବାବୁଲି ବିଶ୍ୱାଳ, ସରୋଜ ଦେହୁରୀଙ୍କ ସମେତ ଦଶ ଜଣରୁ ଉର୍ଦ୍ଧ ବିଜେପିକର୍ମୀ ଶୁଚି ହୋଇ ସ୍ୱର୍ଗତ ପ୍ରଧାନଙ୍କ ଅମର ଆତ୍ମାର ସଦଗତି କାମନା କରି ଦଶାହ କ୍ରିୟାକର୍ମ ସମାପନ କରିଥିଲେ ।

# ପଡୋଶୀଙ୍କ ଦୌରାତ୍ମ୍ୟକୁ ନେଇ ଜିଲ୍ଲାପାଳଙ୍କୁ ସୁରକ୍ଷା ମାଗିଲେ ପରିବାର



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଯୋଡ଼ା ସହର ବନେଇକଳା ଅଞ୍ଚଳର ଏକ ପରବାର ସୁରକ୍ଷା ଲାଗି କେନ୍ଦୁଝର ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡିଛନ୍ତି । ସେମାନେ ସପରିବାରେ ଜିଲ୍ଲାପାଳ ବିଶାଳ ସିଂହଙ୍କ ଦପ୍ତରରେ ପହଞ୍ଚି ନ୍ୟାୟ ଭିକ୍ଷା କରିଥିଲେ । ସୂଚନା ମିଳିଛି କି ଯୋଡ଼ା, ବନେଇକଳା, ବ୍ଲକ୍ ବସ୍ତିର ବୈଦେହୀ ସେଠୀ, ସ୍ୱାମୀ – ପୂର୍ଣ୍ଣଚନ୍ଦ୍ର ସେଠୀ ଅଭିଯୋଗ କରିଛନ୍ତି କି କିଛି ପଡୋଶୀ ତାଙ୍କ ପରିବାର ଉପରେ ଆକ୍ରମଣ କରିଛନ୍ତି । ଏହି ବ୍ୟକ୍ତିମାନେ ମଦ ପିଇ ତାଙ୍କ ଘରେ ପଶି ଝିଅ ସୁନନ୍ଦାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେଇ ଘର ଛାଡ଼ି ଚାଲିଯିବାକୁ କହିଥିଲେ । ସେମାନେ ନାତି ସୌମ୍ୟରଞ୍ଜନକୁ ପ୍ରବଳ ମାଡ଼ ମାରିଥିଲେ । ହେଲେ ସ୍ଥାନୀୟ ପୋଲିସ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ସେମାନେ ଅତି ଭୟଭୀତ ହୋଇ ରହିଛନ୍ତି । ଗୋଟେ ସଭ୍ୟ ଦେଶରେ ନିଜ ଜୀବନ ଅସୁରକ୍ଷିତ ମନେ କରି ଜିଲ୍ଲାପାଳଙ୍କ ପାଖେ ଶରଣ ପଶି ନ୍ୟାୟ ଭିକ୍ଷା କରିଛନ୍ତି । ଦେଖିବାକୁ ବାକି ରହିଲା କେବେ କେନ୍ଦୁଝର ପ୍ରଶାସନ ଏହି ପରିବାରର ସୁରକ୍ଷା ବ୍ୟବସ୍ଥା କିପରି କରୁଛି ।

# ଜିଲ୍ଲାପାଳଙ୍କ ଚକଲାପଦର ପଞ୍ଚାୟତ ଗସ୍ତ

ଉମରକୋଟ, (ଭାସ୍କର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଅନ୍ତର୍ଗତ ଚକଲାପଦର ପଞ୍ଚାୟତ ବାସୀଙ୍କ ନେଟୱର୍କ ସୁବିଧା ପାଇଁ ବିଭିନ୍ନ ସ୍ଥାନରେ ୪ଟି ବିଏସଏନଏଲ ଓ ଗୋଟିଏ ଜିଓ ଟାୱାର ସ୍ଥାପନ ହୋଇଛି । ତେବେ ବିଏସଏନଏଲ ଟାୱାର ପ୍ରାୟ ୬ମାସ ହେବ ଅଚଳ ଥିବା ବେଳେ ଜିଓ ଟାୱାର କାର୍ଯ୍ୟକ୍ଷମ ହୋଇ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଚକଲାପଦର ପଞ୍ଚାୟତରେ ନେଟୱର୍କ ସୁବିଧା ନଥିବା ଯୋଗୁଁ ଚାଉଳ ନେଉଥିବା ହିତାଧିକାରୀଙ୍କ ଇ-କେୱାଇସି ହୋଇ ପାରୁନାହିଁ । ଆସନ୍ତା ୩୧ ତାରିଖ ସୁଦ୍ଧା ଇକେୱାଇସି କରିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦେଇଥିବା ବେଳେ ନେଟୱର୍କ ନଥିବା ଯୋଗୁଁ ଇ-କେୱାଇସ କରିବାରେ ସମସ୍ୟା ଦେଖାଦେଇଛି । ଆଜି ଜିଲ୍ଲାପାଳ ଡ଼ ଶୁଭଙ୍କର ମହାପାତ୍ର ନିଜେ ଚକଲାପଦର ଗସ୍ତ କରି ସମସ୍ୟା ଦେଖିବା ସହ ତଦାରଖ କରିଥିଲେ । ଏଠାରେ ପ୍ରକାଶ ଯେ ଚକଲାପଦର ପଞ୍ଚାୟତରେ ମୋଟ ୪୬୯୫ ଜଣ ହିତାଧିକାରୀ ଥିବା ବେଳେ ନେଟୱର୍କ ସୁବିଧା ନଥିବା ଯୋଗୁଁ ମାତ୍ର ୩୦୬୨ ଜଣ ହିତାଧିକାରୀଙ୍କ ଇ-କେୱାଇସି ହୋଇ ପାରିଛି । ସେହିପରି ଚକଲାପଦର ପଞ୍ଚାୟତରେ ବହୁ ଲୋକଙ୍କ ଆଧାର ଭୁଲ ଥିବା ଦେଖିବାକୁ ମିଳିଛି । ତେଣୁ ପ୍ରଶାସନ ପକ୍ଷରୁ ଆଧାର ସଂଶୋଧନ ଏବଂ ଇ-କେୱାଇସି କାମ ଚାଲିଛି । ଚକଲାପଦର ପଞ୍ଚାୟତ ଯିବା ପୂର୍ବରୁ ପାହାଡ଼ ତଳେ ଥିବା ଏକ ନିର୍ଦ୍ଦିଷ୍ଟ ରାସ୍ତା କଡରେ ନେଟୱର୍କ ଆସୁଥିବା ବେଳେ ସେଠାରେ କିଛି ଯୋଗାଣ ସହାୟକ ମାନଙ୍କୁ ନେଇ ଇକେୱାଇସି କାମ ହେଉଥିବା ବେଳେ ଅଫ ଲାଇନରେ ଆଧାର ସଂଶୋଧନ କରାଯାଉଛି ।ଆଜି ଜିଲ୍ଲାପାଳ ଶ୍ରୀ ମହାପାତ୍ର ଚକଲାପଦର ଗସ୍ତ କରି ତଦାରଖ କରିଥିଲେ ।

# ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନରେ ଚିକିଟି ତହସିଲ ଶତକଡ଼ା ୮୫.୨୫ ପ୍ରତିଶତ ଟପିଛି

ଚିକିଟି, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଚିକିଟି ତହସିଲରେ ଚଳିତ ଖରିପ ଋତୁରେ ଚାଷୀ ନିଜର କଷ୍ଟ ଉତ୍ପାଦିତ ଧାନ ଅଦିନିଆ ବର୍ଷାରେ ଉଜାଡି ଦେଇଥିଲା । ଚାଷୀ ନିଜର ଜମିରେ ଧାନ ଚାଷ କରି ଏକରକୁ ଟ୍ରାକ୍ଟର ଯୋଗେ ଚାଷ କରିବା ସକାଶେ ତିନି ହଜାର, ଧାନ ରୁଆ କରିବା ସକାଶେ ଏକରକୁ ପ୍ରାୟ ତିନିହଜାର, ସାର ଓ କୀଟନାଶକ ବାବଦକୁ ଆଉ ଦୁଇ ହଜାର ଟଙ୍କା ବ୍ୟୟ କରି ଫସଲ ଆମଦାନୀ କରିବାକୁ ବସିଥିଲା । ଠିକ ଧାନ କାଟି ଆଣିବା ସମୟରେ ଅଦିନିଆ ଲଗାଣ ବର୍ଷା ଚାଷୀର ମେରୁଦଣ୍ଡ ଭାଙ୍ଗି ଦେଇଥିଲା । ପରେ ପରେ ବର୍ଷା ଛାଡିବା ବେଳେ ଚାଷୀ ଧାନ ବିଲରୁ କଟାଯାଇଥିବା ଧାନକୁ କେତେକ ପାଣିରୁ ଛାଣି ଆଣି ହିଡରେ ଗାଦୀ କରିଥିଲେ । ଆଉ କେତେକ ଚାଷୀଙ୍କର ଧାନ ବିଲରେ ହିଁ ଗଜା ହୋଇଥିଲା । ଏଭଳି ସ୍ଥିତିରେ ସ୍ଥାନୀୟ ପ୍ରଶାସନ ଘନ ଘନ ସ୍ଥିତି ପରଖି ପ୍ରକୃତ ତଥ୍ୟ ପ୍ରେରଣ କରିବା ପରେ ଉପର ମୁଣ୍ଡରୁ ଆଦେଶ ଆସିଥିଲା ଚାଷୀଙ୍କୁ ଇନପୁଟ ଦେବାକୁ । ଉକ୍ତ ଇନପୁଟ




ରାଶିକୁ ପ୍ରଦାନ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସକାଶେ ସମସ୍ତ ରାଜସ୍ୱ ନିରକ୍ଷକ ଅଧିକାରୀ ଆଉ ସ୍ଥାନୀୟ ତହସିଲଦାର ବିଶ୍ୱରଞ୍ଜନ କହଁରଙ୍କ ମିଳିତ ଅଭିଯାନ ଜାରି ରଖି ପ୍ରକୃତ କ୍ଷତି ସହିଥିବା ଚାଷୀଙ୍କୁ ଚିହ୍ନଟ କରାଯାଇଥିଲା । ପରେ ପରେ ରାଜ୍ୟ ସରକାରଙ୍କ ଘୋଷଣା ପରେ ଚିକିଟି ତହସିଲର ମୋଟ୧୩୨ଟି ରାଜସ୍ୱ ଗ୍ରାମରେ ଥିବା ପାଞ୍ଚ ହଜାର ଆଠସହ ଅଠାଅଶି ଚାଷୀଙ୍କୁ ଇନପୁଟ ପ୍ରଦାନ କରାଯାଇଥିଲା । ମଂଜୁର ହୋଇ ଆସିଥିବା ଅର୍ଥ ହେଲା ୪,୩୭,୭୯,୨୫୦ କୋଟି ହୋଇଥିବା ବେଳେ ୩,୭୩, ୨୪,୦୮୨ କୋଟି ଟଙ୍କା ଚାଷୀଙ୍କୁ ବ୍ୟାଙ୍କ ଖାତା ମାଧ୍ୟମରେ ପ୍ରେରଣ କରାଯଇଥିଲା । ଏହି ରାଶି ମୋଟ ଧାନ ଓ ନନ ଧାନ ଚାଷୀଙ୍କର ୨୪୫୪.୭୬ ହେକ୍ଟର ଜମିରେ ଚାଷ ହୋଇଥିବା ସୂଚନା ପ୍ରକାଶ ପାଇଥିଲା । ବଳକା ୬୫,୫୫, ୧୬୮ ଲକ୍ଷ ଟଙ୍କା ବିଭିନ୍ନ କ୍ଷେତ୍ରରେ ଥିବା ଚାଷୀଙ୍କ ଅସୁବିଧା ହେତୁ ଟଙ୍କା ଫେରସ୍ତ କରାଯାଇଥିବା ସୂଚନା ମିଳିଛି । ମୋଟ ଉପରେ କହିବାକୁ ଗଲେ ଇନପୁଟ ରାଶି ପ୍ରଦାନ କରିବାରେ ଚିକିଟି ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

# ପୂର୍ବତନ କେନ୍ଦ୍ରମନ୍ତ୍ରୀ ୰ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା

ତାଳଚେର, (ଭାସ୍କର ନ୍ୟୁଜ୍): ତାଳଚେରର ଟ୍ରକ ମାଲିକ ସଂଘ ପକ୍ଷରୁ, ତାଳଚେରର ସୁଯୋଗ୍ୟ ସନ୍ତାନ ତଥା ବିଶିଷ୍ଟ ରାଜନେତା ଭାରତ ସରକାରଙ୍କ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ଗତ ମାର୍ଚ୍ଚ ମାସ ୧୭ତାରିଖ ସୋମବାର ଦିନ ଦିଲ୍ଲୀ ସ୍ଥିତ ବାସଭବନରେ ପରଲୋକ ହୋଇଥିଲା । ତାଙ୍କ ଆତ୍ମାର ସଦଗତି ନିମନ୍ତେ ବିଭିନ୍ନ ଅନୁଷ୍ଠାନ ରାଜନୈତିକ ଦଳ ଏପରିକି ବିଭିନ୍ନରାଜ୍ୟ ଓ ଦେଶର ନେତୃମଣ୍ଡଳୀଙ୍କ ପକ୍ଷରୁ ଶ୍ରଦ୍ଧା ସୁମନ ଅର୍ପଣ କରାଯାଉଛି । ଏହି ପରିପ୍ରେକ୍ଷୀରେ ତାଳଚେର ଟ୍ରକ ମାଲିକ ସଂଘ ପକ୍ଷରୁ ଏକ ଶୋକ ଓ ଶ୍ରଦ୍ଧାଞ୍ଜଳୀ ସଭା ଟ୍ରକ ମାଲିକ ସଂଘର ହଲ ଠାରେ ଅନୁଷ୍ଠିତ ହୋଇଥିଲା । ଟ୍ରକ ମାଲିକ ସଂଘର ସଭାପତି ଅରବିନ୍ଦ ଭୂତିଆଙ୍କ ନେତୃତ୍ୱରେ ଆୟୋଜିତ ଏହି ଶୋକ ସଭାରେ ସାଧାରଣ ସମ୍ପାଦକ ରତନ ଶତପଥୀ, ପୂର୍ବତନ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ନିରଞ୍ଜନ ପ୍ରଧାନ ନରେନ୍ଦ୍ର ସିଂହ, ବଜରଙ୍ଗ ଅଗରୱାଲା, ସୁରେଶ ଚନ୍ଦ୍ର ସାହୁ, ପ୍ରଫୁଲ୍ଲ କୁମାର ଦାସ, ହୃଦାନନ୍ଦ ଭୂଟିଆ, ଦିଲୀପ ମହାପାତ୍ର, ତ୍ରିଲୋଚନ ସ୍ୱାଇଁ ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ସଦସ୍ୟ ମାନେ ଉପସ୍ଥିତ ରହି ତାଳଚେରର ଗର୍ବ ଗୌରବ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ସ୍ୱର୍ଗତ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ ନିରବ ପ୍ରାର୍ଥନା କରିବା ସହିତ ସ୍ୱର୍ଗତ ପ୍ରଧାନଙ୍କ କାର୍ଯ୍ୟଶୈଳୀ ନିଷ୍ଠା ଓ ସାଂଗଠାନିକ ଦକ୍ଷତା ସହିତ ଅନେକ ଗୁଡ଼ିଏ ସୁଗୁଣାବଳିକୁ ଉଲ୍ଲେଖ କରିଥିଲେ ।

# ଅଚିହ୍ନା ଯୁବକଙ୍କ ଶବ ଉଦ୍ଧାର ଘଟଣା: ମିଳିଲା ପରିଚୟ

ଉମରକୋଟ (ଭାସ୍କର ନ୍ୟୁଜ୍): ଜଣେ ଅଚିଂହା ଯୁବକର ଝୁଲନ୍ତା ଶବ ଉଦ୍ଧାର କରିଛି ଉମରକୋଟ ପୋଲିସ । ଉକ୍ତ ଯୁବକଙ୍କ ପରିଚୟ ମିଳିଛି । ଯୁବକ ଜଣକ ହେଲେ ପଡୋଶୀ ଛତିଶଗଡ ରାଜ୍ୟର ଫରସ ଗାଁ ଥାନା ଅନ୍ତର୍ଗତ ଜୁଗାନି ଗ୍ରାମର ଆକାଶ ମିସ୍ତ୍ରୀ (୨୪) । ମିଳିଥିବା ସୂଚନା ଅନୁସାରେ ଆକାଶ କୌଣସି କାମରେ ଉମରକୋଟ ଆସିଥିଲେ । ଗତକାଲି ସକାଳେ ପ୍ରାୟ ୮ ଘଂଟିକା ସମୟରେ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ଜାମରୁଣ୍ଡା ପଂଚାୟତ ଅଧୀନରେ ଥିବା ଦଣ୍ଡେସରା ନିକଟରେ ଥିବା ଜଙ୍ଗଲରେ ଆକାଶଙ୍କ ମୃତ ଶରୀର ଝୁଲନ୍ତା ଅବସ୍ଥାରେ ଗ୍ରାମର କିଛି ଲୋକ ଦେଖିଥିଲେ । ଗ୍ରାମବାସୀ ଏ ବିଷୟରେ ସ୍ଥାନୀୟ ସରପଞ୍ଚଙ୍କୁ ଜଣେଇଥିଲେ । ସରପଞ୍ଚ ଘଟଣା ସ୍ଥଳକୁ ଆସି ଉମରକୋଟ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ଏସ୍‌ଆଇ ଶିବଜି ପଣ୍ଡା, ଅକ୍ଷୟ ମିଶ୍ର, ସୌମେନ୍ଦ୍ର ସେଠ ଓ ପୋଲିସ ଫୋର୍ସ ଘଟଣା ସ୍ଥଳକୁ ଯାଇ ଝୁଲନ୍ତା ଶବ ଉଦ୍ଧାର କରି ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ । ପରିବାର ଲୋକେ ଘଟଣା ସମ୍ପର୍କରେ ଖବର ଉମରକୋଟ ଥାନାରେ ଆସି ଶବ ଚିହ୍ନଟ କରିଥିଲେ । ଏନେଇ ପରିବାର ଲୋକଙ୍କ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ଏହାକୁ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି । ତଦନ୍ତ ଭାର ଏସ ଆଇ ସୌମେନ୍ଦ୍ର ସେଠ ସମ୍ଭାଳିଛନ୍ତି ।

# ବନବାସୀଙ୍କ ଜୀବନ ଜୀବିକାରେ ମହୁଲ ଫୁଲ: ପରିଶ୍ରମ ଅନୁସାରେ ମିଳୁନି ସଠିକ୍ ମୂଲ୍ୟ


କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ବଣପାହାଡ ଘେରରେ ଅବସ୍ଥିତ ଥିବାରୁ ପ୍ରତ୍ୟେକ ବ୍ଲକରେ ବସବାସ କରୁଥିବା ଅଧିବାସୀମାନେ ମହୁଲ ଫୁଲ ସଂଗ୍ରହ କରିବାରେ ଏବେ ବ୍ୟସ୍ତ ଥିବା ଦେଖିବାକୁ ମିଳୁଛି । ଗ୍ରାମାଚଂଳରେ ବସବାସ କରୁଥିବା ଲୋକମାନଙ୍କ ମୁଖ୍ୟ ରୋଜଗାର ପନ୍ଥା ଜଙ୍ଗଲଜାତ ଦ୍ରବ୍ୟ ଓ ଚାଷ । ଜଙ୍ଗଲଜାତ ଦ୍ରବ୍ୟ ମଧ୍ୟରୁ ରୋଜଗାରର ମହୁଲ ଫୁଲ ହେଉଛି ଏକ ଉତ୍ସ । ଆଦିବାସୀଙ୍କ ଜୀବନଶୈଳୀ ଓ ଜୀବନଜୀବିକା ସହିତ ମହୁଲ ଫୁଲ ଅଙ୍ଗାଅଙ୍ଗୀ ଭାବେ ଜଡିତ । ବଣଜଙ୍ଗଲ ଘେରା ଆଦିବାସୀ ପଡା ଓ ପଲ୍ଲୀଗୁଡିକରେ ବସନ୍ତ ଋତୁରେ ଆଗମନ ସହିତ ମହୁଲ ଗଛମାନଙ୍କରେ ମହୁଲ ଫୁଲର ସମ୍ଭାର ଦେଖିବାକୁ ମିଳିଥାଏ । ବିଶେଷ କରି ଫଗୁଣ-ଚୈତ୍ର ଦୁଇ ମାସ ଧରି ଜିଲ୍ଲାର ଆଦିବାସୀମାନେ ମହୁଲ ସାଉଁଟିବା କାର୍ଯ୍ୟରେ ବ୍ୟସ୍ତ ରୁହନ୍ତି । ଗାଁରୁ ଦୂରରେ ଜଙ୍ଗଲରେ ଥିବା ମହୁଲ ଗଛ ମୂଳକୁ ପ୍ରତିଦିନ ଚାଲିଯାନ୍ତି ମହୁଲ ସାଉଁଟିବା ପାଇଁ । ଦିନକୁ ଏମାନେ ଜଣେ ପ୍ରାୟ ୫ ରୁ ୭ କିଲୋ ପର୍ଯ୍ୟନ୍ତ କଞ୍ଚା ମହୁଲ ସାଉଁଟିଥାଏ । ସେହିପରି ଗୋଟିଏ ଗୋଟିଏ ପରିବାର ମିଶି ୨୦/୨୫ କିଗ୍ରା ମହୁଲ ସଂଗ୍ରହ କରନ୍ତି । ଆଦିମ ଜନଜାତିର ଲୋକେ ମହୁଲକୁ ଏକ ଲାଭଦାୟକ ବନଜାତ ଦ୍ରବ୍ୟ ଭାବେ ଗ୍ରହଣ କରିଥାନ୍ତି । କେନ୍ଦୁଝର ଜିଲ୍ଲାରେ ପ୍ରଚୁର ପରିମାଣରେ ମହୁଲ ଗଛ ରହିଛି । ପ୍ରତିବର୍ଷ ମାର୍ଚ୍ଚ ଓ ଏପ୍ରିଲ ମାସରେ ମହୁଲ ଗଛଗୁଡିକରେ ଫୁଲ ଫୁଟି ତଳେ ଝଡି ପଡେ । ଏହି ମହୁଲ ଫୁଲ ଗୋଟାଇବା ପାଇଁ ଛୋଟରୁ ବଡ ପର୍ଯ୍ୟନ୍ତ ସମସ୍ତେ ଏଥିରେ ସାମିଲ ହୋଇଥାନ୍ତି । ଗାଁ ଗାଁରେ ମହୁଲ ଫୁଲ ଗୋଟାଇବା ଦୃଶ୍ୟ ଦେଖିଲେ ଯେମିତି ଲାଗେ ତାଙ୍କ ମାନଙ୍କ ମଧ୍ୟରେ ମହୁଲ ଫୁଲ ଗୋଟାଇବାରେ ଏକ ପ୍ରକାର ପ୍ରତିଯୋଗିତା ଚାଲିଛି । ସକାଳୁ ସକାଳୁ ଗ୍ରାମାଚଂଳର ଲୋକମାନେ ନିକଟରେ ଥିବା ବଣ ଜଙ୍ଗଲ ଗୁଡିକରେ ମହୁଲ ଫୁଲ ଗୋଟାଇବା କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି । ଆଦିବାସୀ ସଂପ୍ରଦାୟର ସହିତ ଅନ୍ୟ ସଂପ୍ରଦାୟର ମହିଳା, ପୁରୁଷ ଏବଂ ପିଲାମାନେ ମଧ ହାତରେ ଲୁଗା, କୁଲା, ଝୁଡି, ଚାଙ୍ଗୁଡି ଧରି ଫୁଲ ସଂଗ୍ରହ କରନ୍ତି । ମହୁଲ ଫୁଲ ସଂଗ୍ରହ ଏଠିକାର ଲୋକମାନଙ୍କ ମନରେ ଖୁସି ଦେଉଥିବା ସହିତ ଏହାକୁ ଖାଦ୍ୟ ରୂପେ ମଧ ବ୍ୟବହାର କରନ୍ତି । ସେଥିପାଇଁ ଏହି ଅଂଚଳର ଲୋକମାନେ ପ୍ରତିବର୍ଷ ଏହି



ସମୟକୁ ଅପେକ୍ଷା କରି ରହିଥାନ୍ତି । ରାତି ପାହିବା ମାତ୍ରେ ପିଲା ଠାରୁ ବୁଢା ଯାଏ ସମସ୍ତେ ହାତରେ ଚାଙ୍ଗୁଡି ଧରି ଗୋଟିଏ ଗଛରୁ ଅନ୍ୟ ଗଛକୁ ଯାଇ ମହୁଲ ଫୁଲ ସଂଗ୍ରହ କରନ୍ତି । ସକାଳୁ ଠାରୁ ଆରମ୍ଭ କରି ସନ୍ଧ୍ୟା ପର୍ଯ୍ୟନ୍ତ ମହୁଲ ଗଛ ମୂଳରେ ଜଗି ରହି ମହୁଲ ଫୁଲକୁ ସଂଗ୍ରହ କରନ୍ତି । ଏଥିପାଇଁ ଦିନ ତମାମ ଗଛ ପାଖରେ ଜଗି ରହିବାକୁ ପଡିଥାଏ । ନହେଲେ ଏହି ମହୁଲ ଫୁଲ କୁ ଛେଳି ଓ ଗାଈ ଖାଇ ଦିଅନ୍ତି । ବହୁ ସମୟରେ ଭୋର ସକାଳୁ ମହୁଲ ଫୁଲ ଗୋଟାଇବାକୁ ଯାଉଥିବା ଲୋକମାନେ ଜଙ୍ଗଲୀ ଜୀବଜନ୍ତୁ ବିଶେଷ କରି ଭାଲୁ ହାବୁଡରେ ପଡନ୍ତି । ତଥାପି ଲୋକେ ଏହି ଅଭ୍ୟାସକୁ ବନ୍ଦ କରନ୍ତି ନାହିଁ । ଭାଲୁର ଏହି ଫୁଲ ପ୍ରତି ଆଗ୍ରହ ରହିଥାଏ । ମହୁଲ ଫୁଲର ମିଠା ବାସ୍ନା ତାକୁ ଗଛ ନିକଟକୁ ଟାଣି ଆଣିଥାଏ । ଏବେ ମହୁଲ ଫୁଲ ଏକ ବ୍ୟବସାୟରେ ପରିଣତ ହୋଇଛି । ବ୍ୟବସାୟୀମାନେ ଗୋଟାଳିଙ୍କଠାରୁ ଶସ୍ତାରେ କିଣି ନେଇ ବାହାରେ ଏହାକୁ ଚଢା ଦରରେ ବିକ୍ରି କରିଥାନ୍ତି । ଏଥିରେ ବ୍ୟବସାୟୀମାନେ ଲାଭବାନ ହେଉଥିବାବେଳେ ମହୁଲ ଫୁଲ ସଂଗ୍ରହକାରୀମାନେ କ୍ଷତି ସହୁଛନ୍ତି ।

## ରାଶିଫଳ

ଗୁରୁବାର, ୨୭ ମାର୍ଚ୍ଚ ୨୦୨୫



**ମେଷ:** ଆଜି ଆପଣଙ୍କୁ ମାନ-ସମ୍ମାନ ପ୍ରତିଷ୍ଠା ମିଳିବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ, ଋଣ ପରିଶୋଧ କରିବାର ସୁଯୋଗ ପାଇବେ । କର୍ମ କ୍ଷେତ୍ରରେ ସହକର୍ମୀ ମାନଙ୍କଠାରୁ ସାହାଯ୍ୟ ଓ ସହଯୋଗ ପାଇବେ । ବିଦ୍ୟାର୍ଥୀମାନେ ପ୍ରତିଯୋଗିତା ଓ ସାକ୍ଷାତ୍କାରରେ ସଫଳ ହେବେ ।




**ବୃଷ:** ଶୁଭ ସମାଚାର ଶୁଣି ଆନନ୍ଦିତ ହେବେ । ପାରିବାରିକ ଓ ଦାମ୍ପତ୍ୟ ଜୀବନ ସୁଖପ୍ରଦ ହେବ । ରାଜନୀତି କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରିବା ସହିତ ପ୍ରଶଂସିତ ହେବେ । ବ୍ୟବସାୟ ବାଣିଜ୍ୟ ପାଇଁ ଦିନଟି ଶୁଭ ପ୍ରଦ ହେବ । ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଶେଷ ପର୍ଯ୍ୟାୟରେ ପହଞ୍ଚାଇବେ ।



**ମିଥୁନ:** ଆଜି ଆପଣ ପ୍ରତ୍ୟେକ କାର୍ଯ୍ୟରେ ଶୁଭ ଫଳ ପାଇବେ । ମାଲି ମୋକଦ୍ଦମାରେ ବିଜୟୀ ହେବେ । ଶାରୀରିକ ମାନସିକ ପାରିବାରିକ ଅଭିବୃଦ୍ଧି ଘଟିବ । ଭଲଭାବରେ ଚିନ୍ତା କରି କାମରେ ଆଗେଇ ଚାଲନ୍ତୁ କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ ।



**କର୍କଟ:** ଆଜି ଆପଣଙ୍କୁ ସମସ୍ତ ଦିଗରେ ସଫଳତା ମିଳିବ । ମାନସିକ ଦୁଃଶ୍ଚିନ୍ତା ଦୂର ହୋଇଯିବ । ବ୍ୟବସାୟରେ ଉନ୍ନତି ଓ ଆର୍ଥିକ ସ୍ଥିତିରେ ବୃଦ୍ଧି ଘଟିବ ।କର୍ମକ୍ଷେତ୍ରରେ ସମ୍ମାନ ଲାଭ କରିବେ । ପାରିବାରିକ କ୍ଷେତ୍ରରେ ସୁଖଶାନ୍ତି ମିଳିବ । ଧାର୍ମିକ କାର୍ଯ୍ୟରେ ରୁଚି ବଢ଼ିବ ।




**ସିଂହ:** ଆଜି ଶୁଭ ସମାଚାର ଶୁଣି ଖୁସିହେବେ । ପାରିବାରିକ ସମସ୍ୟାକୁ ସଜାଡିଦେଇ ଆନନ୍ଦ ପାଇବେ । ରାଜନୀତି କ୍ଷେତ୍ରରେ ସାମାଜିକ ପ୍ରତିଷ୍ଠା ବଢ଼ିବ । ଜାଗା, ଜମି ଓ ଗୃହସମ୍ବନ୍ଧୀୟ ମାମଲାର ସମାଧାନ ଫଳରେ ଅଧିକ ଲାଭବାନ୍ ହେବେ ।




**କନ୍ୟା:** ଯେଉଁ କାର୍ଯ୍ୟରେ ହାତ ଦେବେ ସେଥିରେ ବିଜୟୀ ହେବେ । ବ୍ୟବସାୟ ବାଣିଜ୍ୟ ପାଇଁ ଦିନଟି ଅନୁକୂଳ ରହିବ ଆୟ ବୃଦ୍ଧି ଘଟିବ । କର୍ମ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ହେବା ଫଳରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଶେଷ ପର୍ଯ୍ୟାୟରେ ପହଞ୍ଚାଇବେ । ଜାଗା, ଜମି, ଗୃହ, ବାହନ ଆଦି କ୍ରୟ କରିବାର ସୁଯୋଗ ପାଇବେ ।



**ତୁଳା:** ଆଜି ପରିବାରରେ ସୁଖ ଶାନ୍ତି ପୂର୍ବ ପରି ଅତୁଟ ରହିବ । ଛାତ୍ର-ଛାତ୍ରୀମାନେ ପରୀକ୍ଷା ଓ ପ୍ରତିଯୋଗିତା କ୍ଷେତ୍ରରେ ବିଜୟୀ ହେବେ । ଆୟ ତୁଳନାରେ ବ୍ୟୟ ଅଧିକ ହେବ । ବ୍ୟବସାୟରେ କୌଣସି ଚୁକ୍ତି ସ୍ୱାକ୍ଷରିତ କରିବା ପୂର୍ବରୁ ବୁଝିବିଚାରି କରନ୍ତୁ । ଠକାମୀରେ ପଡ଼ିବାର ସମ୍ଭାବନା ରହିଛି ।



**ବିଛା:** ଆଜି ସନ୍ତାନର ଶୁଭ ଖବର ଶୁଣି ଖୁସି ହେବେ । ଜନସେବାଦ୍ୱାରା ଓ ସାମାଜିକ ଅନୁଷ୍ଠାନରେ ଯୋଗ ଦେବାର ସୁଯୋଗ ମିଳିବ । ପ୍ରତିଯୋଗିତା ପରୀକ୍ଷାରେ ସଫଳ ହେବେ । ସାମାନ୍ୟ ଚେଷ୍ଟା ସତ୍ତ୍ୱେ ଜମି, ଜମା ବିବାଦ ମେଣ୍ଟିଯିବ । ସାଂସ୍କୃତିକ କାର୍ଯ୍ୟରେ ଯୋଗଦାନ କରିପାରନ୍ତି । ଛାତ୍ର-ଛାତ୍ରୀମାନେ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ ।



**ଧନୁ:** ଆଜି ଆପଣଙ୍କୁ ଯଶ-ମାନ ସମ୍ମାନ ମିଳିବ । ନିଜର ବୁଦ୍ଧି ବିବେକ ନିଷ୍ଠା ଉଦ୍ୟମ ବଳରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ସମର୍ଥ ହେବେ । ବ୍ୟବସାୟରେ ଲାଭବାନ୍ ହେବେ । ଗୁରୁଜନଙ୍କ ସ୍ନେହ ଶ୍ରଦ୍ଧା ସହାନୁଭୁତି ଲାଭ କରିବେ । ଅଳ୍ପ ପରିଶ୍ରମରେ ଅଧିକ ଲାଭବାନ ହେବେ ।



**ମକର:** ଆଜି ଆପଣଙ୍କ ପାଇଁ ଦିନଟି ଅନୁକୂଳ ରହିବ ମନମୁତାବକ କାର୍ଯ୍ୟ କରିବା ପାଇଁ ସମର୍ଥ ହେବେ । ଆର୍ଥିକ ଅଭିବୃଦ୍ଧି ଘଟିବ ଭବିଷ୍ୟତ ଯୋଜନାରେ ନିବେଶ କରିବେ । ମହିଳାମାନେ ଆଶା କରୁଥିବା ଦିଗରୁ ଅର୍ଥ ମାନ ସମ୍ମାନ ଲାଭ କରିବେ । କୋର୍ଟ କଚେରୀ ମାମଲାର ଶୁଣାଣି ନିଜ ସପକ୍ଷରେ ମିଳିବ । ଧାର୍ମିକ କାର୍ଯ୍ୟରେ ରୁଚି ବଢ଼ିବ ।



**କୁମ୍ଭ:** ଆଜି ଆପଣ ଯଗିରଖି ଚଳନ୍ତୁ ଶାରୀରିକ ପୀଡ଼ା ମାନସିକ ଦୁଶ୍ଚିନ୍ତା କର୍ମକ୍ଷେତ୍ରରେ ଅସ୍ଥିରତା ଦେଖାଦେଇପାରେ । ନିଜର ଲୋକ ବିରୁଦ୍ଧାଚରଣ କରିପାରନ୍ତି । ଭ୍ରାତୃ ବିବାଦ, ଦେଖାଦେଇପାରେ ।ଆୟ ତୁଳନାରେ ବ୍ୟୟ ଅଧିକ ହୋଇଯିବ । ବିଦ୍ୟାର୍ଥିମାନେ ପଢାପଢିରେ କୃତକାର୍ଯ୍ୟ ହେବେ ।



**ମୀନ:** ଆଜି ଜନ ସମାଜରେ ପ୍ରତିଷ୍ଠା, ପ୍ରତିପତ୍ତି ବୃଦ୍ଧି ପାଇବ । ଶତ୍ରୁମାନେ ପରାଜିତ ହେବେ । ବ୍ୟବସାୟ ବାଣିଜ୍ୟ ପାଇଁ ଦିନଟି ଶୁଭ ପ୍ରଦ ହେବ ଆୟ ବୃଦ୍ଧି ଘଟିବ । ଦାମ୍ପତ୍ୟ ଜୀବନ ସୁଖପ୍ରଦ ହେବ । ଛାତ୍ର-ଛାତ୍ରୀମାନେ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲାର ସହିଦ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ଜୁନିଅର ରେଡକ୍ରସ୍ ଅଧକ୍ଷ ଶ୍ରୀଯୁକ୍ତ ଛତ୍ରପତି ସାହୁଙ୍କ ତତ୍ତ୍ୱାବଧାନରେ ରାଜ୍ୟ ଜୁନିଅର ରେଡକ୍ରସ୍ ଓ ଜିଲ୍ଲା ଜୁନିଅର ରେଡକ୍ରସ୍ ମିଳିତ ଆନୁକୂଲ୍ୟରେ ନବରଙ୍ଗପୁର ଜିଲ୍ଲା ରେ ଏକ ତ୍ରିଦିବସୀୟ ଜେଆରସି ପରାମର୍ଶଦାତା ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଛତ୍ରପତି ସାହୁ ପତାକା ଉତ୍ତୋଳନ କରି ଆନୁଷ୍ଠାନିକ ଉଦ୍ଘାଟନ କରିଥିଲେ। ଶିକ୍ଷା ଅଧିକାରୀ ତଥା ଜୁନିଅର ରେଡକ୍ରସ୍ ଅଧକ୍ଷ ଛତ୍ରପତି ସାହୁ ,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଶେଷ ଲାଲ ନାୟକ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶ୍ରୀ ପ୍ରଭାତ ପଟ୍ଟନାୟକ ଓ ଶ୍ରୀ ଅଜିତ୍ କୁମାର ଦାସ ଚିକିତ୍ସା ଅଧିକାରୀ ଧୋଡ୍ରା ,ବୈଷୟିକ ପରାମର୍ଶ ଦାତା ଆଦି ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ଯୋଗଦେଇଥିଲେ।ସେ ରେଡକ୍ରସରେ ନିଜକୁ ଉଦ୍ ବୁଦ୍ଧ କରିବାକୁ ଆହ୍ୱାନ କରିଥିଲେ।ସହିଦ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଜୁନିଅର ରେଡକ୍ରସ୍ ଅଫିସର ପ୍ରକାଶିନୀ ଚୌଧୁରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସାଧନ କର୍ମୀ ଭାବରେ ଅବସରପ୍ରାପ୍ତ ପ୍ରାକ୍ତନ ଜୁନିଅର ରେଡକ୍ରସ୍ ଅଫିସର୍ କେଦାରେଶ୍ୱର ପଟ୍ଟନାୟକ, ପ୍ରଭାବିନୀ ମହାନ୍ତି କାଉନସିଲର ନଳିନୀକାନ୍ତ ପାତ୍ର,କାଉନସିଲର ଇନ୍ଦ୍ରମାଳୀ ଓ କାଉନସିଲର ସଚିନ୍ ସତ୍ ଗୋପନ ସାହୁ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷକ ବଂଶୀଧର ଭୂୟାଁ ପୂର୍ଣ୍ଣ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୋଟ ୬୦ ଜଣ କାଉନସିଲର ଯୋଗ ଦେଇଥିଲେ।

# ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ୨୦୨୪-୨୫ ଉଦ୍ଯାପିତ




ବଲାଙ୍ଗୀର (ଭାସ୍କର ନ୍ୟୁଜ) : ବଲାଙ୍ଗୀର ଠାରେ ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ୨୦୨୪-୨୫ ଉଦଯାପିତ ହୋଇଯାଇଛି। ପାଞ୍ଚ ଦିନ ଧରି ଚାଲିଥିବା ଏହି ମେଳାକୁ କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଦଘାଟନ କରିଥିଲେ। ଏହି ମେଳାରେ ବଲାଙ୍ଗୀର ଜିଲ୍ଲା ସହ ବିଭିନ୍ନ ଜିଲ୍ଲା ର ଚାଷୀମାନେ ମଧ୍ୟ ସାମିଲ ହୋଇ ଥିଲେ। ଏହି ମେଳା ରେ ବହୁତ ପ୍ରକାର କୃଷି ଯନ୍ତ୍ରପାତି ପ୍ରଦର୍ଶିତ ହୋଇଥିଲା । ଚାଷୀମାନଙ୍କୁ ପାଠ୍ୟଶାଳା ମାଧ୍ୟମରେ କୃଷି ସମ୍ବନ୍ଧୀୟ ଅନେକ ଲୋକାଭିମୁଖୀ ଯୋଜନା ତଥା କୃଷି କାର୍ଯ୍ୟକୁ ସହଜ କରିବା ପାଇଁ ବିଭିନ୍ନ କୃଷି ଯନ୍ତ୍ରପାତି ଉପରେ ରିହାତି ଇତ୍ୟାଦି ବିଷୟରେ ଅବଗତ କରା ଯାଇଥିଲା । ଏହି ମେଳା ରେ ବଲାଙ୍ଗୀର ବ୍ଲକର ବାରପୁଡୁଗିଆ ଗ୍ରାମ ପଂଚାୟତର ୧୦୦ରୁ ଊର୍ଦ୍ଧ୍ୱ ଚାଷୀ ଓ ମହିଳା ଚାଷୀ ଯୋଗ ଦେଇଥିଲେ ବାରପୁଡୁଗିଆ ଗ୍ରାମ ପଂଚାୟତର କର୍ଣ୍ଣପିଟା (ଆମପାଲି) ଗ୍ରାମର ସଫଳ ଚାଷୀ ନିର୍ମଳ ପଲେଇଙ୍କୁ କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଠିକ ସେହିପରି ପାଠ୍ୟଶାଳାରେ ପଢା ଯାଉଥିବା ପାଠ ଉପରେ ପଚରା ଯାଉଥିବା ପ୍ରଶ୍ନ ର ସଠିକ ଉତ୍ତର ରଖି ଏହି ପଂଚାୟତ ର ଜଣେ ଚାଷୀ ଏବଂ ଦୁଇ ଜଣ ମହିଳା ଚାଷୀଙ୍କୁ ବଲାଙ୍ଗୀର ସି. ଡ଼ି ଏ. ଓ, ଉପରାୟ ପ୍ରଧାନ ପୂର୍ବକ ସମ୍ମାନିତ କରିଥିଲେ ଉଦ୍ୟାନପାଳି ଦିବସରେ ବାରପୁଡୁଗିଆ ଗ୍ରାମ ପଞ୍ଚାୟତରେ କାର୍ଯ୍ୟରତ କୃଷି ଓଭରସିୟର ସମସ୍ତଙ୍କ ପ୍ରିୟ ପୂର୍ଣ୍ଣିମା ମିଶ୍ରଙ୍କୁ ସଚିଦାନନ୍ଦ ପଣ୍ଡା ଷ୍ଟେଟ କନ୍ସଲଟାଣ୍ଟ, ସି.ଡ଼ି ପି ଏମ.ଏଲ. ଆଇ. ପି, ରବୀନ୍ଦ୍ର ପାଇକରାୟ ଷ୍ଟେଟ ମ୍ୟାନେଜର ସି. ଡ଼ି. ପି. ଏମ.ଏଲ.ଆଇ ପି, ଏବଂ ଏ ଡ଼ି ଓ ବଲାଙ୍ଗୀର, ପ୍ରମୋଦ କୁମାର ବଡ଼ପଣ୍ଡା ମିଳିତ ଭାବରେ ମଞ୍ଚରେ ସମ୍ମାନିତ କରିଥିଲେ। ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ବଲାଙ୍ଗୀର ୨୦୨୪-୨୫ ରେ ବାରପୁଡୁଗିଆ ପଂଚାୟତର ସଫଳ ଚାଷୀ ଓ ମହିଳା ଚାଷୀ ସର୍ବୋପରି କୃଷି ଓଭର ସିୟର ପୂର୍ଣ୍ଣିମା ମିଶ୍ର ମାତାମାନଙ୍କ ମଞ୍ଚରେ ସମ୍ମାନିତ କରି ବାରପୁଡୁଗିଆ ଗ୍ରାମ ପଞ୍ଚାୟତକୁ ଗୌରବାନ୍ୱିତ କରି ଥିବାରୁ ବାରପୁଡୁଗିଆ ଗ୍ରାମ ପଞ୍ଚାୟତର ସମସ୍ତ ଚାଷୀମାନଙ୍କ ତରଫରୁ କୃଷି ବିଭାଗ ବଲାଙ୍ଗୀରର ବ୍ଲକ ଏଗ୍ରିକଲଚର ଅଫିସର ସୁଜାତା ଛତ୍ରିଆ , ସ୍କିମ ଅଫିସର ସୁଧାକର ନନ୍ଦ ତଥା ସି ଡ଼ି ଏ ଓ, ବାବୁଲି ଚରଣ ସେଠିଙ୍କୁ ବାରପୁଡୁଗିଆ ଚାଷୀ ମାନଙ୍କ ତରଫରୁ କୃଷକ ସାଥୀ ଜୟକୃଷ୍ଣ ମିଶ୍ର ଧନ୍ୟବାଦ ଜଣାଇଛନ୍ତି।

## ବନ ବିଭାଗ ପକ୍ଷରୁ ଦୁଇଦିନିଆ ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ

# ଉଜୁଡ଼ା ପ୍ରକୃତିକୁ ସଜାଡ଼ିବେ ଛାତ୍ରଛାତ୍ରୀ




ମାଲକାନଗିରି (ଭାସ୍କର ନ୍ୟୁଜ) : ବିଶ୍ୱରେ ବର୍ତ୍ତମାନ ପ୍ରକୃତି ତାର ଭାରସାମ୍ୟ ହରାଇବା ସହ ପ୍ରକୃତି ବିଗିଡି ଯିବାରୁ ପରିବେଶ ଉପରେ ଏହାର କୁପ୍ରଭାବ ଦେଖିବାକୁ ପଡୁଛି ପ୍ରକୃତି ଦ୍ୱାରା ସୃଷ୍ଟି ବିଶ୍ୱ ଜଗତରେ ଜୀବ ଜଗତ ଓ ପ୍ରାଣୀ ଜଗତ ବଂଚି ରହିବା ପାଇଁ ସୁସ୍ଥ ପରିବେଶ, ସମସ୍ତ ପ୍ରାକୃତିକ ଜିନିଷ ଉପଯୋଗ ଯୋଗୁଁ ଛଅଟି ଋତୁ ନିୟମିତ ପ୍ରଭାବିତ ହେବା ସହ କୃଷି, ଚାଷ, ପାରମ୍ପରିକ କୃଷଲତା ଉପରେ ନିର୍ଭର କରି ଆସୁଥିଲେ କିନ୍ତୁ କାଳକ୍ରମେ ଜନସଂଖ୍ୟା ବୃଦ୍ଧି, କଳ କାରଖାନା ପ୍ରତିଷ୍ଠା, ଜଳଭଣ୍ଡାର ସୃଷ୍ଟି, ରାସ୍ତା, ବୃହତ ଅଟାଳିକା ନିର୍ମାଣ, ଇତ୍ୟାଦି ନିର୍ମାଣ ଯୋଗୁଁ ଜଙ୍ଗଲ କ୍ରମଶଃ ଧ୍ୱଂସ ହେବାରେ ଲାଗିଛି ପୂର୍ବରୁ ଜନବସତି ଯେତିକି ଥିଲା କାଳକ୍ରମେ ତାହାର ଶତଗୁଣ ବୃଦ୍ଧି ପାଇବା ଜଙ୍ଗଲ କ୍ଷୟର ମୁଖ୍ୟ କାରଣ ପ୍ରକୃତି ଦ୍ରୁଷ୍ଟିହେଉଥିବା ପ୍ରାକୃତିକ ସମ୍ପଦ କ୍ଷୟ ଯୋଗୁଁ ଅମ୍ଳଜାନର ଅଭାବ, ଶରୀର ପକ୍ଷେ କ୍ଷତିକାରକ ବାଷ୍ପ ଠାରୁ ଆରମ୍ଭ କରି ସୁସ୍ଥ ଶରୀର, ସୁସ୍ଥ ଜଳବାୟୁ, ସୁସ୍ଥ ପରିବେଶ ଆଦି ନଷ୍ଟ ହେବା ଯୋଗୁଁ ବିଭିନ୍ନ ସମସ୍ୟା ମାନବ ସମାଜରେ ଦେଖାଦେଇ ମିଳିଛି ଏହି ପ୍ରକୃତିକୁ କିପରି ସଜଡା ଯାଇପାରିବ ସେଥିପାଇଁ ଚିତ୍ରକୋଣ୍ଡା ବନାଂଚଳ ତରଫରୁ ବନାଂଚଳ ଅଧିକାରୀ ବଳରାମ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରଥମ ଦିବସ କାର୍ଯ୍ୟକ୍ରମରେ ପରିବେଶବିତ୍ ରତ୍ନାକର ଦାସ, ସବୁଜ ବାହିନୀ ପ୍ରଶିକ୍ଷକ ଦୁର୍ଯ୍ୟୋଧନ ପାତ୍ର, କୃଷି ବିଭାଗ ଅଧିକାରୀ ବିଶ୍ୱନାଥ ମଣ୍ଡଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, ଚିତ୍ରକୋଣ୍ଡା ବାଳକ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଶୋକ କୁମାର ମାଝୀ, ଚିତ୍ରକୋଣ୍ଡା ଏସ୍ଏସ୍ଡି ଉଚ୍ଚ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମୁଲ୍ୟ କୁମାର ସାହୁ , ଉଭୟ ବିଦ୍ୟାଳୟର ୫୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରଶିକ୍ଷଣ ଦେଇଥିଲେ। ପ୍ରାକୃତିକ ଜଙ୍ଗଲ ସୁରକ୍ଷା ସହ ନୂତନ ବୃକ୍ଷ ରୋପଣର ସୁରକ୍ଷା, ଜଙ୍ଗଲରେ କିପରି ନିଆଁ ଲାଗିବ ନାହିଁ,ଜଙ୍ଗଲ ରେ ବସବାସ କରୁଥିବା ବନ୍ୟଜନ୍ତୁ ଓ ପଶୁ ପକ୍ଷୀଙ୍କ ସୁରକ୍ଷା, ପ୍ରାକୃତିକ ଜଙ୍ଗଲରେ ଔଷଧ ବୃକ୍ଷ ଚିହ୍ନଟ ଓ ତାହାର ବ୍ୟବହାର, ଉନ୍ନତ ଗଛରୁ ମଂଜି ସଂଗ୍ରହ, ମଂଜି ବିଶୋଧନ, ଚାରାରୋପଣ, ଏବଂ ତାହାର ରକ୍ଷଣା ବେକ୍ଷଣ ଇତ୍ୟାଦି କିପରି ପ୍ରସ୍ତୁତ କରାଯିବ ସେ ସମ୍ବନ୍ଧରେ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ଦେଇଥିଲେ। ଆଗାମୀ ପୀଢି ପ୍ରତ୍ୟେକ ଗ୍ରାମବାସୀଙ୍କ ସହ ସୁସମ୍ପର୍କ ରଖି ଉଜୁଡି ଯାଇଥିବା ପ୍ରକୃତିକୁ ସଜାଡିବା, ପୂର୍ବରୁପରିବେଶକୁ କିପରି ଫେରାଇ ଆଣିବା ସେ ସମ୍ବନ୍ଧରେ ଶିକ୍ଷାଦାନ କରିଥିଲେ। ଗତ ଦୁଇଦିନ ପୂର୍ବେ ଅଦିନିଆ ବର୍ଷା ଯୋଗୁଁ ଓଡିଶାର ୧୨ଟି ଜିଲ୍ଲାରେ କିପର ଘରଦ୍ୱାର ନଷ୍ଟ ହେବା ସହ ଫସଲ ନଷ୍ଟ ହୋଇଛି ଏହାର କାରଣ ସମ୍ବନ୍ଧରେ ବୁଝାଇଥିଲେ। ଅପରାହ୍ନରେ ସ୍ଥାନୀୟ ନର୍ସରିକୁ ଯାଇ ସେଠାରେ ପ୍ରସ୍ତୁତ ହୋଇଥିବା ବିଭିନ୍ନ ଚାରା ସମ୍ବନ୍ଧରେ ଜ୍ଞାନ ଆହରଣ କରିବା ସହ ଏପରି ଚାରା ନେଇ ବିଦ୍ୟାଳୟ ଓ ନିଜର ଘରେ ଲଗାଇବେ ସେ ସମ୍ବନ୍ଧରେ ବନାଧିକାରୀ ଶ୍ରୀ ନାୟକ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନପାଳ ନିରଂଜନ ସାରକା, ସରୋଜ ଘଡେଇ, ହରି ହନ୍ତାଳ, ଫକିର ଚରଣ ମହାଲିକ୍, ରାମା ମାଝି, ବନରକ୍ଷୀ ଶଶାଙ୍କ ଦାସ, ସୁନିଲ ସାହୁ, ସିଦ୍ଧାନ୍ତ ରାଉତ, ରଂଜିତ ପୂଜାରୀ, ରାଜୁ ମାଡକାମି ଉପସ୍ଥିତ ଥିଲେ। ଆସନ୍ତା କାଲି ଛାତ୍ରଛାତ୍ରୀମାନଙ୍କୁ ନେଇ ବିଭିନ୍ନ ଜଙ୍ଗଲ ପରିଭ୍ରମଣ ସହ ବନ ସୁରକ୍ଷା ସମିତି ସମ୍ବନ୍ଧୀୟ ଆଲୋଚନା ଏବଂ ଔଷଧୀୟ ବୃକ୍ଷ ସମ୍ବନ୍ଧରେ ଗ୍ରାମବାସୀଙ୍କୁ ସଚେତନ କରିବା କାର୍ଯ୍ୟକ୍ରମ ରହିଛି।

# ରୋଜଗାରର ପନ୍ଥା ପାଲଟିଛି କେନ୍ଦୁଫଳ



ଖଡ଼ିଆଳ(ଭାସ୍କର ନ୍ୟୁଜ) : ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକର ଜଙ୍ଗଲ ତଳି ଅଞ୍ଚଳରେ ରୋଜଗାର ପନ୍ଥା ସାଜିଛି କେନ୍ଦୁ ଫଳ । କେନ୍ଦୁ ଫଳ ବର୍ଷକୁ ଦୁଇ ମାସ ଫେବୃଆରୀ ମଧ୍ୟ ଭାଗରୁ ଏପ୍ରିଲ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ମିଳିଥାଏ । ହେଲେ କେନ୍ଦୁ ଫଳ ପାଇଁ ସ୍ୱତନ୍ତ୍ର ବଜାର ନଥିବା ଯୋଗୁଁ କେନ୍ଦୁ ଫଳ ସଂଗ୍ରହ କାରୀମାନେ ଗାଁ ଗାଁ ବୁଲି ବୁଲି ବିକ୍ରି କରିବା ସହିତ ଖଡ଼ିଆଳ ସହରର ବିଭିନ୍ନ ଛକରେ ବସି ବିକ୍ରି କରୁଛନ୍ତି । କେନ୍ଦୁ ପ୍ରଥମ ପର୍ଯ୍ୟାୟରେ କିଲୋ ପ୍ରତି ୮୦ ରୁ ୧୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ବର୍ତ୍ତମାନ ଏହାର ମୂଲ୍ୟ ୪୦ ରୁ ୫୦ ଟଙ୍କାରେ ରହିଛି। କେନ୍ଦୁ ଫଳ କିଣିବା ପାଇଁ ବଜାର ଭିଡ ରହିଥିବା ବେଳେ ଜଙ୍ଗଲ ତଳି ଗ୍ରାମର ଶତାଧିକ ଲୋକେ ଭଲ ଦୁଇ ପଇସା ରୋଜଗାର କରିଥାନ୍ତି । ଏହି ଚାଷ କରିବା ପାଇଁ ନିର୍ଦ୍ଦିଷ୍ଟ କମ ଲୋକଙ୍କ କେନ୍ଦୁଗଛ ଥିବାବେଳେ ଅର୍ଦ୍ଧାଧିକ ଲୋକ ଜଙ୍ଗଲ ତଳି ଅଞ୍ଚଳରେ ଥିବା ଗଛରୁ କେନ୍ଦୁ ଫଳ ସଂଗ୍ରହ କରି ଦୁଇ ମାସରେ ଜଣେ ଜଣେ କେନ୍ଦୁ ଫଳ ସଂଗ୍ରହ କରି କୋଡିଏ ରୁ ପଚିଶ ହଜାର ହଜାର ଟଙ୍କା ରୋଜଗାର କରି ପାରୁଥିବା କେନ୍ଦୁ ବିକାଳୀମାନେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କେନ୍ଦୁଫଳ ସଂଗ୍ରହ କରିବାରେ ମଧ୍ୟ ବିପଦର ସମ୍ମୁଖୀନ ହେବାକୁ ପଡିଥାଏ । କାରଣ ବନ୍ୟାଜନ୍ତୁ ବିଶେଷ କରି ଭାଲୁ କେନ୍ଦୁ ଖାଇବାକୁ କେନ୍ଦୁ ଗଛ ନିକଟକୁ ଚାଲି ଆସିଥାଏ। କେନ୍ଦୁ ଫଳ ସଂଗ୍ରହ କରିବାକୁ ମଧ୍ୟ ବହୁ ସତର୍କତା ଅବଲମ୍ବନ କରିବା ପଡୁଥିବା ପ୍ରକାଶ କରିଛନ୍ତି । ଖଡ଼ିଆଳ ବଜାରକୁ ବିଶେଷ କରି ବୋଡ଼େନ ବ୍ଲକରୁ ଅଧିକ ପରିମାଣର କେନ୍ଦୁ ଆସୁଥିବା ବେଳେ ଖଡ଼ିଆଳ ବ୍ଲକ, କିରିକିଟା, କେନ୍ଦୁପାଟି, ରାଣୀମୁଣ୍ଡା, ସରଧାପୁର, ଦାବ୍ରି, ଲାଞ୍ଜି, ଖାସବାହାଲ, ଦୋହେଲ ପଡା, ଅଞ୍ଚଳରୁ ଖଡ଼ିଆଳ ସହରକୁ ଆସୁଥିବା ବେଳେ ଏହି ଗ୍ରାମ ଗୁଡିକରେ ରାସ୍ତା ପାର୍ଶ୍ୱରେ କେନ୍ଦୁ ଫଳର ପସରା ମେଲାଇ ବିକ୍ରି କରି ଠିକ ଦୁଇ ପଇସା ରୋଜଗାର କରୁଥିବା ପ୍ରକାଶ କରିଛନ୍ତି। କେନ୍ଦୁ ଫଳର ବିକ୍ରି ବ୍ୟବସ୍ଥା ନଥିବା ଯୋଗୁ ବିଶେଷ କରି ଗ୍ରାମର ରାସ୍ତା କଡରେ ବସି ବିକ୍ରି କରିଥିବା ନଜରକୁ ଆସିଛି । ଏହି ଋତୁ କାଳୀନ ବ୍ୟବସାୟ ପାଇଁ ସ୍ୱତନ୍ତ୍ର ବଜାର ବ୍ୟବସ୍ଥା କରିବାକୁ କେନ୍ଦୁ ବିକାଳୀ ମାନେ ଦାବୀ କରୁଛନ୍ତି।

## ଲିଙ୍ଗ ନିରୂପଣ ନିରାକରଣ ଓ ବେଟି ବଚାଓ ବେଟି ପଢ଼ାଓ ସଚେତନତା

ନୂଆପଡା(ଭାସ୍କର ନ୍ୟୁଜ) : ନୂଆପଡା ଜିଲ୍ଲା ସଦରମହକୁମାରେ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ଓ କନ୍ୟାଭ୍ରୂଣ ହତ୍ୟା ନିରାକରଣ ତଥା ବେଟି ବଚାଓ ବେଟି ପଢ଼ାଓ ସଚେତନତା କର୍ମଶାଳା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥି ନିମନ୍ତେ ସକାଳୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ରାଲିକୁ ଜିଲ୍ଲାପାଳ ମଧୁସୂଦନ ଦାଶ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକ୍ ରୁ ଶତାଧିକ ସଂଖ୍ୟାରେ ଅଙ୍ଗନୱାଡ଼ିସିଡିପିଓ, ସୁପରଭାଇଜର, କର୍ମୀ, ଆଶା କର୍ମୀ, ମିଶନ ଶକ୍ତି,ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ଶୋଭାଯାତ୍ରା ଟି ବିଭିନ୍ନ ସଚେତନତା ସ୍ଲୋଗାନ ଦେଇ ଏକତା ଛକରୁ ପୁଣି ଫେରିଥିଲା। ସ୍ଥାନୀୟ ସଦଭାବନା ସଭା ଗୃହରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ଧରଣୀଧର ସେନାପତି, ଜିଲ୍ଲା ଶିକ୍ଷାଧିକାରୀ କରୁଣାକର ଭୁଏ ପ୍ରମୁଖ ଯୋଗ ଦେଇଥିଲେ।

# ପାୟୋନୀର କମ୍ପାନୀକୁ କୋଡିଙ୍ଗା ମାଳି ବକ୍ସାଇଟ ପ୍ରଦାନକୁ ବିରୋଧ




ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର କୋଡୀଙ୍ଗା ମାଳିରୁ ଓଏମସି ଜରିଆରେ ୨୫ ପ୍ରତିଶତ ଖଣି ନେବାକୁ ଚୁକ୍ତି କରିଥିବା ପାୟୋନୀର କମ୍ପାନୀ ପ୍ରତି ବିରୋଧ ଥମିବାର ନା ଧରୁନି।କମ୍ପାନୀ ପ୍ରତି ପୁଣି ଉଠିଛି ବିରୋଧର ସ୍ୱର। ଏନେଇ ଆଜି ସନ୍ଧ୍ୟାରେ ଲକ୍ଷ୍ମୀପୁର ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା ସ୍ଥାନୀୟ ପୂର୍ତ୍ତ ବିଭାଗ ବଙ୍ଗଳା ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସଫା ସଫା ବିରୋଧ କରିଛନ୍ତି। ଓଡ଼ିଶାର ଖଣି ଆନ୍ଧ୍ରକୁ ଯିବାକୁ ଦେବୁନି। ଏନେଇ ବୁଧବାର ଦିନ ପୟୋନୀର ବିରୋଧରେ ଏକ ରାଲି କରାଯିବ ବୋଲି ବି କହିଛନ୍ତି। ଏହି ଅଞ୍ଚଳରେ କାରଖାନା କରାଯାଇ ବିନିଯୋଗ କରାଯାଉ ଓ ସ୍ଥାନୀୟ ଅଞ୍ଚଳ ର ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ଦିଆଯାଉ, କାରଖାନା ପ୍ରତିଷ୍ଠା ହେଲେ ବିରୋଧ କରାଯିବ ନାହିଁ।ଯଦି ପାୟୋନୀର କମ୍ପାନୀକୁ ଏଠାକାର କାଞ୍ଚାମାଲ ପ୍ରଦାନ କରାଯାଏ ତେବେ ଆଗାମୀ ଦିନରେ ଦରକାର ପଡିଲେ ଆନ୍ଦୋଳନର ପନ୍ଥା ଆପଣାଇବାକୁ ବାଧ ହେବୁ ବୋଲି ଶ୍ରୀଯୁକ୍ତ କୁଲେସିକା କହିଛନ୍ତି।ଏହି ସମ୍ମିଳନୀ ରେ ଶ୍ରୀଯୁକ୍ତ କୁଲେସିକାଙ୍କ ସହ ଜିଲ୍ଲା ଯୁବ ମୋର୍ଚ୍ଚା ଉପ ସଭାପତି ମନୋଜ ସାହୁ,ଲକ୍ଷ୍ମୀପୁର ମଣ୍ଡଳ ସଭାପତି ଅନନ୍ତ ହୁଇକା,ପ୍ରସାଦ ଖରା, ପରମା ଖରା,ହେମନ୍ତ ହଲବା,ପୁୟୁ ମିଣିଆକା,ଜୁଜି ମିଣିଆକା, ଦେବ ଖରାଙ୍କ ସମେତ ବହୁ ସଂଖ୍ୟାରେ ଜନ ସାଧାରଣ ଉପସ୍ଥିତ ଥିଲେ।

## ୩ ସିରିଜ ଚୋରି

ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାର ଉମରକୋଟ ଥାନା ଅଧିନରେ ୩ ଟି ସିରିଜ୍ ଚୋରି ହୋଇଯାଇଛି, ଯାହାକୁ ନେଇ ପୋଲିସ ର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୧୩ ନଂ ୱାର୍ଡ ଠାରେ ଥିବା ତ୍ରିନାଥ ମନ୍ଦିର ସାହିରେ ଥିବା ବାବା ଇଶାନେଶ୍ୱର ମନ୍ଦିର ଠାରୁ ରବିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ କଳାକନା ବୁଲାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ରବିବାର ବିଳମ୍ବିତ ରାତିରେ ବାବା ଇଶାନେଶ୍ୱର ମନ୍ଦିରରୁ ବଡ଼ ଦାନବାକ୍ସକୁ କେହି ନେଇ ଯାଇଥିବା ବେଳେ ରକ୍ତଦାନ ବକ୍ସ ରେ ୬୦, ୦୦୦ ରୁ ଉର୍ଦ୍ଧ୍ୱ ଟଙ୍କା ନେଇ ଯାଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ପ୍ରକାଶ ଥାଉକି ପୂର୍ବରୁ ୭/୮ ମାସ ମଧ୍ୟରେ ଉକ୍ତ ମନ୍ଦିର ରୁ ଛୋଟ ଦାନବାକ୍ସ ଚୋରି ହୋଇଥିଲା।

## କନ୍ଧମାଳରେ ହଲିଉଡ୍ ତାରକା ନାକାସ ଅଜିଜ ଓ ସ୍ନେହା ଭଟ୍ଟାଚାର୍ଯ୍ୟ



କନ୍ଧମାଳ(ଭାସ୍କର ନ୍ୟୁଜ) : କନ୍ଧମାଳ ମହୋତ୍ସବ ଓ ପଲିଶ୍ରୀ ମେଳାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରଶାସନ ଆୟୋଜନ କରିଥିଲେ। ଏଥିରେ ସୁନାମଧନ୍ୟ ଗୀତିକାର ନାକାସ ଅଜିଜ ଓ ସ୍ନେହା ଭଟ୍ଟାଚାର୍ଯ୍ୟ ହଲିଉଡ଼ ତାରକା ଯୋଗଦାନ କରି ୨୦ ହଜାର ଦର୍ଶକଙ୍କୁ ଗୀତ ଓ ତାଳରେ ମନ କିଣି ନେଇଥିଲେ। ନାକାସ ଅଜିଜ ଗୀତ ଓ ନାଚରେ ମଞ୍ଚ ଦୋହାଲାଇବା ସହିତ ଗୀତ ପ୍ରେମୀ ଦର୍ଶକମାନଙ୍କ ପାଖକୁ ଯାଇ ହାତମିଶାଇ ତାଙ୍କ ସହିତ ମଜା ନେଇଥିଲେ। ହଲିଉଡ଼ ତାରକା ନାକାସ ଅଜିଜ ପ୍ରାୟ ୩ ଘଣ୍ଟା ନନ୍ ଷ୍ଟପ ଗୀତ ଓ ନାଚ କରି ନିଜର ନାଁ ଓ ଗୌରବ କୁ ଦ୍ୱିଗୁଣ କରିପାରିଛନ୍ତି। ସେହିପରି ସ୍ନେହା ଭଟାଚାର୍ଯ୍ୟଙ୍କ ଗୀତରେ ଦର୍ଶକ ଟିକେ ଫିକା ପଡିଯାଇଥିଲେ କାରଣ ନାକାସ ଅଜିଜ ଗୀତ ଓ ନାଚରେ ଦର୍ଶକ ପାଖକୁ ପହଞ୍ଚି ଧୂମାଲ କରିଥିଲେ। ଜିଲ୍ଲା ପ୍ରଶାସନ ଓ ଜିଲ୍ଲାପାଳ ଅମିରିତ ଋତୁରାଜଙ୍କ ଏହି କାର୍ଯ୍ୟକ୍ରମ କୁ ଜିଲ୍ଲାବାସୀ ପ୍ରଶଂସା କରିଥିଲେ।

# ଜିଲ୍ଲାସ୍ତରୀୟ ସାରସ୍ୱତ ସମାରୋହ

ଉମରକୋଟ(ଭାସ୍କର ନ୍ୟୁଜ) : ଉମରକୋଟ ସ୍ଥିତ ଫକୀରମୋହନ ପଠନଶାଳା ଓ ବାଲେଶ୍ୱର ଜିଲ୍ଲାରୁ ପ୍ରକାଶିତ ଦୈନିକ ଖବରକାଗଜ 'ଅପରାହ୍ନ' ର ମିଳିତ ସହଯୋଗରେ ଅଲେଖ ମହିମା ମହାବିଦ୍ୟାଳୟ , ଧୋଡ୍ରା ଠାରେ ନବରଙ୍ଗପୁର ଜିଲ୍ଲାସ୍ତରୀୟ ସାରସ୍ୱତ ସମାରୋହ-୨୦୨୫ ଅନୁଷ୍ଠିତ ହୋଇ ଯାଇଛି।ଓଡିଆ ସାହିତ୍ୟର ବିକାଶରେ ଖବରକାଗଜ ଓ କ୍ଷୁଦ୍ର ପତ୍ର ପତ୍ରିକାର ଭୂମିକା ବିଷୟ ଉପରେ ଆୟୋଜିତ ଆଲୋଚନା ଚକ୍ରରେ ଫକୀରମୋହନ ପଠନଶାଳାର ସଂପାଦକ ପ୍ରଫୁଲ୍ଲ କୁମାର ରାଉତ ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡ଼େମୀ ପ୍ରାକ୍ତନ ସଦସ୍ୟ ବଲ୍ଲଭ ରାଉତ ମୁଖ୍ୟ ବକ୍ତାଭାବେ ନାରାୟଣ ପଣ୍ଡା, ବରେଣ୍ୟ ଅତିଥି ଭାବେ ବଂଶୀଧର ଜେନା ସମ୍ପାଦକ ଅପରାହ୍ନ ଖବରକାଗଜ,ସମ୍ମାନିତ ଅତିଥି ଭାବେ ଭାବେ ସର୍ବଶ୍ରୀ ଅଧ୍ୟାପକ ପରୀକ୍ଷିତ ସାହୁ,ଦୁର୍ଗା ପ୍ରସାଦ ପାଢୀ, ମହାନନ୍ଦ ମହାଳିକ,ଶ୍ରୀନିବାସ ପଟ୍ଟନାୟକ ଓ ଲକ୍ଷ୍ମୀପ୍ରିୟା ଦାସ ପ୍ରକାଶିକା ଅପରାହ୍ନ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପୂର୍ଣ୍ଣଚନ୍ଦ୍ର ସେଠୀ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ମିନତୀ ନାୟକ ଧନ୍ୟବାଦ ଦେଇଥିଲେ। ନବରଙ୍ଗପୁର ଜିଲ୍ଲାର ଦଶଟି ବ୍ଲକ୍ରୁ ଶତାଧିକ ସାହିତ୍ୟିକ ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଦୁଇଟି ପର୍ଯ୍ୟାୟ କବିତା ଆସରରେ ସଭାପତି ଭାବେ କେଦାରେଶ୍ୱର ପଟ୍ଟନାୟକ ଓ ବିଜୟ ଚୈଧୁରୀ ସମ୍ମାନିତ ଅତିଥି ଭାବେ ସର୍ବଶ୍ରୀ ସହଦେବ ପରିଡା, ଅନନ୍ତ ବାରିକ, ରାମଚନ୍ଦ୍ର ରାମ,ଜଗଦୀଶ ଚନ୍ଦ୍ର ତ୍ରିପାଠୀ, ରାମ ପ୍ରସାଦ ପାତ୍ର, ଅଧ୍ୟାପକ ଗୋପାଳ ମହାରଣା, ତ୍ରିପତି ବାଲାଜୀ ସାହୁ, ପ୍ରଭାତୀ ଦେବନାଥ,ଜାହ୍ନବୀ ପଣ୍ଡା, ଡ ସନ୍ତୋଷ କୁମାର ଖମାରୀ ଓ ମନୋରମା ମହାପାତ୍ର ପ୍ରମୁଖ ଓଡିଆ ଭାଷା ସାହିତ୍ୟ ର ବିକାଶରେ ପତ୍ରପତ୍ରିକାର ଭୂମିକା ଉପରେ ଆଲୋଚନା କରିଥିଲେ। କବିତା ଗୁଡ଼ିକ ସଂଯୋଜନା କରିଥିଲେ ସର୍ବଶ୍ରୀ ସାଗର କୁମାର ପରିଡା, ବିବେକାନନ୍ଦ ପଟ୍ଟନାୟକ, ସ୍ୱାଗତିକା ସାହୁ, ସୁଶୋଭିତା ମେରିଲିନ ତୁରୁକ, ସ୍ୱର୍ଣ୍ଣ ଲତା ପଟ୍ଟନାୟକ, ବାସନ୍ତୀ ଲତା ଜେନା ଓ ବୈଜୟନ୍ତୀ ମାଳା ରାଉତ। ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅପରାହ୍ନର ଜିଲ୍ଲା ପ୍ରତିନିଧି ସାଗର କୁମାର ପରିଡା, ତାଙ୍କୁ ସହଯୋଗ କରିଥିଲେ ରାଜ କିଶୋର ନାୟକ, ବିବେକାନନ୍ଦ ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ବେହେରା ,ବଂଶୀଧର ଭୂୟାଁ ରୂପ ସିଂ ନାୟକ, ପ୍ରଦୀପ୍ତ କୁମାର ବେହେରା ନଗେନ୍ଦ୍ର କୁମାର ରାଉତ,ରଶ୍ମିତା ସ୍ୱାଇଁ, ପ୍ରକାଶ ସାମଲ, ସରୋଜିନୀ କର, ସନ୍ତୋଷ କୁମାର ସାହୁ,ଚନ୍ଦନ କୁମାର ପାତ୍ର। ନବରଙ୍ଗପୁର ଜିଲ୍ଲାରେ ଓଡିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାରରେ ବ୍ରତୀ ଥିବା ବହୁ ସାରସ୍ୱତ ସାଧକ ସାଧିକା ମାନଙ୍କୁ ମାନପତ୍ର ଓ ଉପାୟନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇ ଥିଲା।

## ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି

ପାରଳାଖେମଣ୍ଡି(ଭାସ୍କର ନ୍ୟୁଜ) : ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅନ୍ତର୍ଗତ ଶିଆଳି ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଆରକ୍ଷୀ ଅଧିକ୍ଷକ ଶ୍ରୀ ଯତୀନ୍ଦ୍ର କୁମାର ପଣ୍ଡା , ଶ୍ରୀ ଶଙ୍କର କେରକେଟା,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି ଓ ଶ୍ରୀ ଅଂଶୁମାନ ମହାପାତ୍ର, ସମ୍ପୃକ୍ତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ,ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ଶିଆଳି ଗ୍ରାମ ପଞ୍ଚାୟତ ସମେତ ଅଳଡା, କିଡ଼ିଗାଁ, ଖଣ୍ଡଭା ଓ ଗୋରିବନ୍ଧା ପଞ୍ଚାୟତର ସମୁଦାୟ ମୋଟ- ୭୯ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୫୦ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା- ୨୯ ଓ ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା,ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଏହି ଅବସରରେ କାଶୀନଗର ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ବାଲା ସାୟାମା , ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଡମ୍ବରୁଧର ମଲ୍ଲିକ୍,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ,ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ଓ ସ୍ଥାନୀୟ ସରପଞ୍ଚ ଓ ଜନପ୍ରତିନିଧି ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ଓ ଆମ ବସ୍ଷ୍ଟାଣ୍ଡ ନୋଡାଲ କମିଟି ବୈଠକ



ନୂଆପଡା (ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲାପାଳଙ୍କ ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟୀ ଓ ଆମ ବସ୍ଷ୍ଟାଣ୍ଡ ନୋଡାଲ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜି.ଆର.ରାଘବେନ୍ଦ୍ର, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ସି ଡି ଏମ୍ ଓ ଡଃ ଧରଣୀଧର ସେନାପତି ପ୍ରମୁଖ ଯୋଗଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ସମ୍ବୋଧନ କରି ଜିଲ୍ଲାରେ ଦୁର୍ଘଟଣାରେ ବହୁ ଅମୂଲ୍ୟ ଜୀବନ ଚାଲି ଯାଉଛି । ଏଥିପାଇଁ ଆମକୁ ସଚେତନତା ସହ ବ୍ୟବସ୍ଥାରେ ସୁଧାର ଆଣିବାକୁ ହେବ । ସମସ୍ତଙ୍କ ଜୀବନ ରକ୍ଷା କରିବା ପ୍ରଶାସନର ଦାୟିତ୍ୱ ଏବଂ କର୍ତ୍ତବ୍ୟ ବୋଲି କହିଥିଲେ । ବୈଠକରେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଶଶାଙ୍କ ଶେଖର ଶୁକ୍ଳା ପୂର୍ବ ବୈଠକର ବିବରଣୀ ସହ ଆଗାମୀ ମାସର ବହୁବିଧ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ । ଜିଲ୍ଲାପାଳ ଏବଂ ଏସପି ଆଗକୁ କିପରି ଜିଲ୍ଲାକୁ ଦୁର୍ଘଟଣାଶୂନ୍ୟ କରାଯିବ ସେ ଉପରେ ସମସ୍ତେ ଆଗକୁ ଆସି କାମ କରିବାକୁ ହେବବୋଲି ଆହ୍ୱାନ ଦେଇଥିଲେ । ଆମକୁ ସଚେତନ ହେବା ସହ ଅବସ୍ଥାରେ ସୁଧାର ଆଣିବାକୁ ହେବ। ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆଣିବା ଜରୁରୀ ବୋଲି କହିଥିଲେ । ଜିଲ୍ଲାପାଳ କହିଲେଯେ ଆଗାମୀ ଦିନରେ ହେଲମେଟ୍ ଚେକିଂ ଉପରେ ଗୁରୁତ୍ୱ ଦେବା ସହ ସପ୍ତାହର ପ୍ରତି ବୁଧବାର ଦିନ ହେଲମେଟ ନାହିଁ ତ ପେଟ୍ରୋଲ ନାହିଁ (ନୋ ହେଲମେଟ ନୋ ପେଟ୍ରୋଲ) କଡ଼ାକଡ଼ି କରାଯିବ । ନାବାଳକ ଏବଂ ମଦ୍ୟପ ଗାଡିଚାଳକମାନଙ୍କ ଉପରେ ବିଶେଷ ନଜର ରଖାଯିବ। ଏକତା ଛକରେ ଖୁବଶିଘ୍ର ଅଟୋ ଟ୍ରାଫିକ ସିଗ୍ନାଲ ଲାଇଟ୍ ଲଗାଯିବ। ରାସ୍ତା କଡର ଅବୈଧ ପାର୍କିଂ ଗାଡ଼ି ଏବଂ ଦୁର୍ଘଟଣା ଗ୍ରସ୍ତ ଗାଡ଼ି ଉଠାଇବା ପାଇଁ ଏନ୍ଏ ସି ନୂଆପଡା ଗୋଟିଏ କ୍ରେନ୍ କିଣିବେ। ବର୍ଷାଦିନ ଆଗରୁ ସବୁ ପଟ୍ ହୋଲ୍ ମରାମତି ହେବ। ବିଜୁ ଏକ୍ସପ୍ରେସ ୱେ ରେ ଯେଉଁ ଜାଗାମାନଙ୍କୁ ବେଶି ଦୁର୍ଘଟଣା ହେଉଛି ସେଇଠି ଜନ ସଚେତନତା ସୃଷ୍ଟି କରାଯିବ। ଦିନର ବ୍ୟସ୍ତ ସମୟରେ ସହରରେ ଭାରିଯାନ ଚଳାଚଳ ଉପରେ କଟକଣା ଲାଗିବ। ଜାତୀୟ ରାଜପଥ ୩୫୩ ଅନ୍ତର୍ଗତ ଖରିଆରରୋଡ ଏବଂ ନୂଆପଡା ସହର ରାସ୍ତାକଡର ଉଠାଦୋକାନ ଉଚ୍ଛେଦ କରାଯିବ । ଏହାପରେ ଡିଏମ୍ ଓଏସ୍ ଆର୍ ଟି ସି ନଚିକେତା ତାଣ୍ଡି ଜିଲ୍ଲାର ପରିବହନ କ୍ଷେତ୍ର ଏବଂ ବସ୍ଷ୍ଟାଣ୍ଡ ମାନଙ୍କ ସୁଧାର ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ଆମ ବସ୍ ମାନଙ୍କ ନୂତନ ରୁଟ୍ ଚାର୍ଟ,ବସଷ୍ଟାଣ୍ଡ ମାନଙ୍କରେ ମହିଳା ଯାତ୍ରୀ ମାନଙ୍କ ସୁରକ୍ଷା ପାଇଁ ମହିଳା ପୋଲିସ୍ ମୁତୟନ, ବେସରକାରୀ ବସ୍ ମାନଙ୍କ ଠାରୁ ପ୍ରବେଶ ଶୁଳ୍କ ଆଦାୟ, ବସ୍ ମାନଙ୍କରେ ସରପ୍ରାଇଜ ଚେକିଂ, ଜଳଛତ୍ର ପରିଚାଳନା ଇତ୍ୟାଦି ବିଷୟରେ ଆଲୋଚନା ହୋଇଥଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ବ୍ଲକ୍ ବିଡ଼ିଓ,ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶେଖ୍ ନସିମ, ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ,ପରିବହନ ଅଧିକାରୀ ମାନ ସିଂ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଏମଭିଆଇ ଉପେନ୍ଦ୍ର କୁମାର ପୁସିକା, ପିଡବ୍ଲ୍ୟୁଡି ବିଭାଗ ସହ-ନିର୍ବାହୀ ଯନ୍ତ୍ରୀ ସୁକାନ୍ତ କୁମାର ଗର୍ଡିଆ, ଟିଏସଆଇ ପ୍ରଜ୍ଞା ପରିମିତା ଧଳ, ନୂଆପଡା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୁରୁକ୍ଷେତ୍ର ନାୟକ, ଖରିଆରରୋଡ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କମଳାସନ ରଥ,ଖରିଆର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା, କ୍ଷିରୋଦ କୁମାର ପାଢ଼ୀ, ଯାଜ୍ଞସେନୀ ମହାପାତ୍ର, କଦମ, ବିଜୟ କୁମାର ରାଉତରାୟ, ସାମ୍ବାଦିକ ସଂଘ ତରଫରୁ ଘନଶ୍ୟାମ ଭୋଇ, ବେସରକାରୀ ବସ ଆସୋସିଏସନ ଖଡିଆଳ ସଭାପତି ରବିନ୍ଦ୍ର ସିଂ ଖଣ୍ଡୁଜା,ନୂଆପଡା ବସ ଆସୋସିଏସନ ସଭାପତି ପ୍ରକାଶ କୁମାର ସ୍ୱାଇଁ ,ଅକ୍ଷୟ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ ।

# ଡୁମରଡିହି ବିଦ୍ୟାଳୟର ବାର୍ଷିକ ଉତ୍ସବ



ରାଇଘର(ଭାସ୍କର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଡୁମର ଡ଼ିହି ବିଦ୍ୟାଳୟ ର ୫୪ ବର୍ଷ ଉପଲକ୍ଷେ ପ୍ରଥମ ଥର ପାଇଁ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ମହାପାତ୍ରଙ୍କ ସଭାପତିତ୍ୱ ରେ ଆୟୋଜିତ ବାର୍ଷିକ ଉତ୍ସବରେ ଅତିଥି ଭାବେ ଗଞ୍ଜାପାରା ସରପଞ୍ଚ ମୋତିଲାଲ୍, ମାଝୀ , ଏସ ଏମ ସି କମିଟିର ଅଧକ୍ଷ, ଶିବଲାଲ ଗଣ୍ଡ, ପୂର୍ବତନ ଏସ ଏମ୍ ସିର ପୂର୍ବତନ ଅଧକ୍ଷ ପତିଆରି ଗଣ୍ଡ, ମୋ ସ୍କୁଲ ଅଭିଯାନର ଅଧକ୍ଷ ଯଶବନ୍ତ୍ ମାଝି ଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରି ଅତିଥି ପରିଚୟ କରିଥିଲେ। ତାପରେ ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରଯାଇଥିବା ଦେଖିବାକୁ ମିଳିଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବିଦ୍ୟାଳୟ ର ପରିଚାଳନା କମିଟିର ସମସ୍ତ ସଦସ୍ୟ ତଥା ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷକ ଜ୍ୟୋତି ପ୍ରକାଶ ପଲାଇ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ କାଳିନ୍ଦୀ ଚରଣ ପ୍ରଧାନ ସହଯୋଗ କରିଥିଲେ।



ପୁରୀ (ଭାସ୍କର ନ୍ୟୁଜ) : ଅଣସରର ସମସ୍ତ ଗୁପ୍ତନୀତି ସହ ଗୁଣ୍ଡିଚା ଠାରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ସ୍ଥିରୀକୃତ ସମସ୍ତ ନୀତିକାନ୍ତିକୁ ଅନୁପାଳନ କରାଯିବ ବୋଲି କହିଛନ୍ତି ନବନିର୍ବାଚିତ ଦଇତାପତି ନିଯୋଗ ସଂପାଦକ । ପହଣ୍ଡି ସମୟରେ ଯୁବ ଓ ଅଭିଜ୍ଞ ଦଇତାପତିଙ୍କ ମଧ୍ୟରେ କିଭଳି ସମନ୍ୱୟ ରକ୍ଷା ହେବ ସେ ନେଇ ସର୍ବାଧିକ ଗୁରୁତ୍ୱ ଦିଆଯିବ ।ଦଇତାପତିଙ୍କ ସେବା ଏକ ଗୋଷ୍ଠୀଗତ ସେବା ହୋଇଥିବାରୁ ସବୁ ଦଇତାପତିଙ୍କ ମଧ୍ୟରେ ଉଚିତ ବୁଝାମଣା ରଖି ମହାପ୍ରଭୁଙ୍କ ସେବା କରିବା ମୂଳ ପ୍ରାଥମିକତା ବୋଲି କହିଛନ୍ତି ନବନିର୍ବାଚିତ ସଂପାଦକ ରାମକୃଷ୍ଣ ଦାସ ମହାପାତ୍ର । ଏଥର ଦଇତାପତି ନିଯୋଗ କାର୍ଯ୍ୟନିର୍ବାହୀ କମିଟିକୁ ଅନେକ ଯୁବ ଦଇତାପତି ନିର୍ବାଚିତ ହୋଇଯାଇଛନ୍ତି ।ନିର୍ବାଚିତ ୧୫ ସଦସ୍ୟଙ୍କ ମଧ୍ୟରୁ ପୁନର୍ବାର ରାମକୃଷ୍ଣ ଦାସ ମହାପାତ୍ର ସମ୍ପାଦକ ମନୋନିତ ହୋଇଥିବାବେଳେ ଗଣେଶ ଦାସ ମହାପାତ୍ର ସଭାପତି ହୋଇଛନ୍ତି । ନିଯୋଗର ଉପସଭାପତି ଭାବେ ଗଣପତି ଦାସ ମହାପାତ୍ର,ସହ ସମ୍ପାଦକ ଭାବେ ଜଗବନ୍ଧୁ ଦାସ ମହାପାତ୍ର ନିର୍ବାଚିତ ହୋଇଛନ୍ତି ।

## ମହାମହିମଙ୍କୁ ଭେଟିଲେ ସାଂସଦ ଅପରାଜିତା
# ବାଲକାଟିର କଂସା ଥାଳିରେ ନିର୍ମିତ ଚତୁର୍ଦ୍ଧାମୂର୍ତ୍ତିଙ୍କ ଉପହାରକୁ ନେଇ ଚର୍ଚ୍ଚା



ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ଆଜି ନୂଆଦିଲ୍ଲୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ଏହି ଅବସରରେ ଭୁବନେଶ୍ୱର ସାଂସଦ ନିଜ ସୋସିଆଲ୍ ହ୍ୟାଣ୍ଡଲରେ ରାଷ୍ଟ୍ରପତିଙ୍କ ସହ ସାକ୍ଷାତର ସୌଭାଗ୍ୟ ପ୍ରାପ୍ତ ହୋଇଥିବା ଉଲ୍ଲେଖ କରିଛନ୍ତି । ଦେଶର ପ୍ରଥମ ନାଗରିକଙ୍କୁ ମହାପ୍ରଭୁ ଜଗନ୍ନାଥ, ମାଆ ସୁଭଦ୍ରା ଏବଂ ପ୍ରଭୁ ବଳଭଦ୍ରଙ୍କ ଚିତ୍ର ଅଙ୍କିତ ଥିବା, ଆମ ମାଟିର ପ୍ରସିଦ୍ଧ ବାଲକାଟିର କଂସା ଥାଳି ଉପହାର ଦେଇଛନ୍ତି । ରାଷ୍ଟ୍ରପତିଙ୍କ ଦୀର୍ଘ ଓ ନିରାମୟ ଓ ସୁସ୍ଥ ଜୀବନ କାମନା କରିଛନ୍ତି ଭୁବନେଶ୍ୱର ସାଂସଦ ।

ଓଡ଼ିଶାର ବାଲକାଟିର କଂସା ଓ ପିତ୍ତଳ ବାସନର ସାରାଦେଶରେ ବେଶ୍ ନାଁ ରହିଛି । ନିଜ ମାଟିର କାରିଗରଙ୍କ ଏ ହସ୍ତକଳାକୁ ବିଶ୍ୱ ଦରବାରରେ ପହଁଚାଇବା ତଥା ଓଡ଼ିଆ କାରିଗରଙ୍କ ହାତ ତିଆରି ସାମଗ୍ରୀକୁ ରାଷ୍ଟ୍ରପତିଙ୍କୁ ଉପହାର ଦେବା ମଧ୍ୟ ବେଶ୍ ଚର୍ଚ୍ଚା ସୃଷ୍ଟି କରିଛି । ବାଲକାଟିର କଂସା ତିଆରି ଥାଳି ଭୁବନେଶ୍ୱର ସାଂସଦ ରାଷ୍ଟ୍ରପତିଙ୍କୁ ଉପହାର ଆକାରରେ ଦେବା ଘଟଣା ବାଲକାଟିର କାରିଗରଙ୍କ ମଧ୍ୟରେ ବେଶ୍ ଉତ୍ସାହ ସୃଷ୍ଟି କରିଛି । ସାଂସଦଙ୍କ ଏପରି କାର୍ଯ୍ୟକୁ ବାଲକାଟି ଅଂଚଳରେ ବେଶ୍ ପ୍ରଶଂସା କରାଯାଉଛି । ରାଷ୍ଟ୍ରପତି ମଧ୍ୟ ନିଜ ମାଟିର ହସ୍ତଶିଳ୍ପର ସାମଗ୍ରୀ ଉପହାରକୁ ବେଶ୍ ଖୁସିର ସହିତ ଗ୍ରହଣ କରିଥିଲେ । ଏହି ଗସ୍ତ କାଳରେ ରାଷ୍ଟ୍ରପତିଙ୍କ ସହିତ ଭୁବନେଶ୍ୱର ସାଂସଦଙ୍କ ସାକ୍ଷାତ ସୌଜନ୍ୟମୂଳକ ରହିଥିଲା ।

# ଚେମିନି ଲଗାଇ କାରଖାନାରୁ ଛଡାଯାଉଛି କଳା ଧୂଆଁ

କଟକ(ଭାସ୍କର ନ୍ୟୁଜ୍): କଟକର ଜଗତପୁର ଅଞ୍ଚଳ ଶିଳ୍ପାଞ୍ଚଳ ଭାବେ ପରିଚିତ ହୋଇଥିବାବେଳେ ଏଠାରେ ଛୋଟ ବଡ଼ କରି ପ୍ରାୟ ୫ ଶହରୁ ଉର୍ଦ୍ଧ କଳ କାରଖାନା ରହିଛି । ଏହାକୁ ଆଧାର କରି ଜଗତପୁର ଅଞ୍ଚଳରେ ଜନସଂଖ୍ୟା ପ୍ରାୟ ୩୦ ହଜାର ଟପିଲାଣି । କେତେକ କାରଖାନା ମାଲିକ ଚେମିନି ନ ଲଗାଇ କଳା ଧୂଆଁ ଛାଡିବା ଦ୍ୱାରା ଅଞ୍ଚଳରେ ପ୍ରଦୂଷଣ ବୃଦ୍ଧି ପାଉଛି । ଏଥି ସହ କାରଖାନା ଓ ଆଖପାଖ ଗାଁ ଗହଳିରୁ ବାହାରୁଥିବା ଅଳିଆ ଆବର୍ଜନା ଗୁଡିକ କଟକ ମହାନଗର ନିଗମ ପକ୍ଷରୁ ଟ୍ରାକ୍ଟର ଏବଂ କାରଖାନା ମାଲିକ ମାନେ ଟ୍ରକ, ଟାଟା ଏସିଇ ଓ ଅଟୋ ଯୋଗେ ମହାନଦୀ ବନ୍ଧ ଓ ବାଣିଜ୍ୟ ସୌଧ ପଛ ପଟେ ଢାଳି ଦେଇ ଯାଉଛନ୍ତି । ଯାହାଦ୍ୱାରା ସେହି ରାସ୍ତା ଦେଇ ଯାତାୟତ କରୁଥିବା ବସ୍ତି ବାସିନ୍ଦା ଓ ଶ୍ରମିକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଆବର୍ଜନା ଗଦାରେ କେହି ଅସାମାଜିକ ବ୍ୟକ୍ତି ନିଆଁ ଲଗାଇ ଦେବା ଫଳରେ ଘଣ୍ଟା ଘଣ୍ଟା ଧରି ଅଗ୍ନିତାପ ସହିତ ବିଷାକ୍ତ ଧୂଆଁରେ ଜଗତପୁର ଅଞ୍ଚଳର ପ୍ରଦୂଷଣ ଚରଣ ସୀମାରେ ପିଁଚିଛି । ଯାହାଫଳରେ ମେଡିକାଲ, ସ୍କୁଲ, କଲେଜ, ବସ୍ତି ବାସିନ୍ଦା ଓ ସ୍ଥାନୀୟ ଲୋକେ ରୋଗାକ୍ରାନ୍ତ ହେବାର ସମ୍ଭାବନା ରହିଛି । ପ୍ରତ୍ୟେକ ଦିନ ଏହି ଭଳି ପ୍ରଦୂଷଣ ଜଗତପୁର ଅଞ୍ଚଳରେ ବଢ଼ି ଚାଲିଥିବା ବେଳେ ବିଭାଗୀୟ ଅଧିକାରୀମାନେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଥିବା ବୃଦ୍ଧିଜୀବୀ ମହଲରେ ଚର୍ଚ୍ଚା ଚାଲିଛି ।

## ରାଉରକେଲା ଅଗ୍ନିକାଣ୍ଡ ଘଟଣାରେ ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଉରକେଲା ଅଗ୍ନିକାଣ୍ଡ ଘଟଣାରେ ଜଣେ ନାବାଳକଙ୍କ ପ୍ରାଣହାନି ବିଷୟରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିଛନ୍ତି । ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସହ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪ ଲକ୍ଷର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି ।

## କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀ ଗିରଫ । ଖୋର୍ଦ୍ଧା ଜିଲ୍ଲା ଜଟଣି ମ୍ୟୁନସିପାଲଟିର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀଙ୍କୁ ଆୟ ବହିର୍ଭୁତ ସମ୍ପତି ଠୁଳ କରିବା ଅଭିଯୋଗରେ ଭିଜିଲାନ୍ସ ଗିରଫ କରିଛି । ଗତକାଲି ରେଡ୍ ବେଳେ ତାଙ୍କ ନିକଟରୁ ବିପୁଳ ସମ୍ପତି ଠାବ ହୋଇଥିଲା । ଭୁବନେଶ୍ୱରରେ ୪ଟି ଉଚ୍ଚମୂଲ୍ୟର ଫ୍ଲାଟ, ବ୍ରହ୍ମପୁରରେ ୨ଟି ବହୁମହଲା ବିଲ୍ଡିଂ, ୧୧ଟି ପ୍ଲଟ, ୪୭୫ ଗ୍ରାମର ସୁନା ଅଳଙ୍କାର, ୧୭ଲକ୍ଷ ନଗଦ ଟଙ୍କା, ୯୦ ଲକ୍ଷର ବ୍ୟାଙ୍କ ଜମା ଠାବ ହୋଇଛି ।

# ବିନା ପ୍ରାଇମରରେ ବିଦ୍ୟାଳୟରେ ହେଉଛି ରଙ୍ଗ କାମ



ନିଆଳି (ଭାସ୍କର ନ୍ୟୁଜ): ନିଆଳି ହାଇସ୍କୁଲ ର ସମସ୍ତ ଘରର ରଙ୍ଗ କାର୍ଯ୍ୟ ହେଉଥିବା ବେଳେ ରଙ୍ଗ ମରାଯାଉଥିବା କାନ୍ଥ ଗୁଡିକରେ ପ୍ରାଇମର ମରା ନଯାଇ ରଙ୍ଗ ମରାଯାଉଛି । ଏମିତିକି କାନ୍ଥ ଗୁଡିକରୁ ଶିଉଳି ଓ ମଇଳା ଛଡା ଯାଉନାହିଁ । ନିମ୍ନ ମାନର ରଙ୍ଗ ଆଣି ମାତ୍ରାଧିକ ଲିକୁଇଡ ପକାଇ ରଙ୍ଗ ମରାଯାଉଥିବାରୁ ସ୍ଥାନୀୟ ଅଞ୍ଚଳ ବାସି ଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ରଙ୍ଗ ମାରୁଥିବା ବ୍ୟକ୍ତି ଙ୍କୁ ପଚାରିବାରୁ ସେ ଠିକାଦାର ପ୍ରାଇମର ମାରିବା କଥା ମନା କରିଛନ୍ତି । ୨୬ ତାରିଖ ଦିନ କାମ କରିବା ପୂର୍ବରୁ ପ୍ରାଇମର ମାରିବା ପାଇଁ ନିଆଳି ସହକାରୀ ଯନ୍ତ୍ରୀ ରମା ରଂଜନ ଭୂୟାଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଠିକାଦାର ଏହାକୁ ନମାନି ଖାଲି ରଙ୍ଗ ମାରୁଛନ୍ତି । ଅପରାହ୍ନ ରେ ସହକାରୀ ଯନ୍ତ୍ରୀ ଶ୍ରୀ ଭୂୟାଁ ପ୍ରାଇମର ମରା ନ ଗଲେ କାମ ବନ୍ଦ କର ବୋଲି ନିର୍ଦ୍ଦେଶ ଦେଇଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି ୫ ଟି ରେ ବିଦ୍ୟାଳୟ ଗୁଡିକ ରଙ୍ଗ କରାଯାଇ ବିଦ୍ୟାଳୟ ଗୁଡିକ ଚିତ୍ର ବିଚିତ୍ର କରାଯାଇଥିବା ବେଳେ ଏବେ ପୁଣି ରଙ୍ଗ ମରାଯାଉଛି ତାହା ପୁଣି ବିନା ପ୍ରାଇମର ରେ ନିମ୍ନ ମାନର ରଙ୍ଗ ଦ୍ୱାରା । ଏହି ରଙ୍ଗ ମରା କାର୍ଯ୍ୟରେ ମୋଟା ଅଙ୍କର ଅର୍ଥ ହେର ଫେର ହେବ ବୋଲି ଅଭିଯୋଗ ହେଉଛି ।

## କ୍ରିପ୍ଟୋ କରେନ୍ସି ଟ୍ରେଡିଂ ସାଇବର ଠକେଇ ମାମଲା
# ସୁରଟରୁ ଗିରଫ ହେଲେ ୫ ଅଭିଯୁକ୍ତ

କଟକ(ଭାସ୍କର ନ୍ୟୁଜ୍): ୬,୧୬,୩୭,୦୮୪ ଟଙ୍କା ଅନ୍‌ଲାଇନରେ କ୍ରିପ୍ଟୋ କରେନ୍ସି ଟ୍ରେଡିଂ ସାଇବର ଠକେଇ ମାମଲାରେ କ୍ରାଇମବ୍ରାଞ୍ଚ୍ ଗୁଜୁରାଟରୁ ୫ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଗୁଜୁରାଟ ସୁରଟ ଅଞ୍ଚଳର ସେଜଲ ରବିକୁମାର ସଭୟା(୩୨), ସଭୟା ରବି କୁମାନଭାଇ(୩୨), ସଭୟା କୁମନଭାଇ(୫୮), ପାରସ ଧୀରୁଭାଇ ଜେସାନି(୩୨) ଓ ଧର୍ମେଶ ନାନୁଭାଇ ସଭଲିୟା(୨୬) । ସେମାନଙ୍କ ନିକଟରୁ ମୋବାଇଲ ଫୋନ୍, ସିମ କାର୍ଡ, ହ୍ୱାଟ୍ସ ଆପ ଚାର୍ଟଂର ସ୍କ୍ରିନ୍ ସଟ୍, ଆଧାର କାର୍ଡ, ପାନ କାର୍ଡ, ବ୍ୟାଙ୍କ ପାସ୍ ବୁକ୍, ଚେକ୍ ବୁକ୍ ଓ ଡେବିଟ୍ କାର୍ଡ ଆଦି ଜବତ କରାଯାଇଛି । ସୂଚନାନୁସାରେ, ସାଇବର ଠକେଇର ଶୀକାର ହୋଇଥିବା ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରର ଜନୈକ ବ୍ୟକ୍ତି ସାଇବର ଥାନାରେ ୨୦୧୪ ଜୁଲାଇ ୯ ତାରିଖରେ ଏତଲା ଦେଇଥିଲେ । ଫେସ୍‌ବୁକ୍ ଫ୍ରେଣ୍ଡ ହୋଇ ନିଜକୁ ହଙ୍କଂରେ ଥିବା ଆଇବିଏମ୍ କମ୍ପାନିର ସଫ୍ଟୱେର ଡେଭଲପର ଭାବେ ପରିଚୟ ଦେଇ ଅଭିଯୋଗକାରୀଙ୍କୁ ଲୁଟିଥିଲେ ମିସ୍ ସନା ଶ୍ରୀନିବାସନ । ସେ ଜେଡ୍‌ଏଆଇଏଫ୍ ପ୍ଲାଟଫର୍ମରେ ଡିଜିଟାଲ କରେନ୍ସି ବିନିଯୋଗ ଜରିଆରେ ଅଧିକ ଲାଭ ପାଇବାର ଲୋଭ ଦେଖାଇଥିଲେ । ଯଦ୍ୱାରା ପିଡ଼ିତ ବ୍ୟକ୍ତି ୨୦୨୪ ମେ ୨୩ ତାରିଖରୁ ଜୁନ୍ ୨୪ ତାରିଖ ମଧ୍ୟରେ ସନାଙ୍କ ଆକାଉଣ୍ଟକୁ ୬,୧୬,୩୭,୦୮୪ ଟଙ୍କା ଟ୍ରାନ୍ସଫର କରିଦେଇଥିଲେ । ପ୍ରାଥମିକ ଅବସ୍ଥାରେ ବହୁ କ୍ଷତି ହୋଇଥିଲେ ବି ସେ ଅଧିକ ଅର୍ଥ ବିନିଯୋଗ ପାଇଁ ପିଡ଼ିତଙ୍କୁ ପ୍ରବର୍ତାଇ ଥିଲେ । ପିଡ଼ିତ ବିନିଯୋଗ କରିଥିବା ଅର୍ଥକୁ ଉଠାଇବାକୁ ଚାହିଁଥିଲେ । ମାତ୍ର ଜେଡ୍‌ଏଆଇଏଫ୍ ଏହି ଉଠାଣ ପାଇଁ ୮୯,୦୦,୦୦୦ ଟଙ୍କା ଅତିରିକ୍ତ ଦେବାକୁ ଦାବି କରିଥିଲା ଏବଂ ଅର୍ଥ ଉଠାଣ ପାଇଁ ମନା କରିଦେଇଥିଲା । ଫଳରେ ପିଡ଼ିତ ଜଣକ ସାଇବର ଠକେଇର ଶୀକାର ହୋଇଥିବା ହୃଦବୋଧ କରି ଏତଲା ଦାୟର କରିଥିଲେ । ଏନେଇ କ୍ରାଇମବ୍ରା ରେ ଜିଆର କେସ୍ ନଂ ୧୪୩୪/୨୦୨୪ ରୁଜୁ ହୋଇଥିଲା । ଡିଏସ୍‌ପି ରତ୍ନପ୍ରଭା ଶତପଥୀଙ୍କ ନେତୃତ୍ୱରେ ଗଠିତ ତଦନ୍ତକାରୀ ଦଳ ବିଭିନ୍ନ ପ୍ରମାଣପତ୍ର ଯୋଗାଡ଼ କରିବା ପରେ ଅଭିଯୁକ୍ତମାନେ ଗୁଜୁରାଟର ବୋଲି ଜାଣିବାକୁ ପାଇଥିଲେ । ଗିରଫ ଅଭିଯୁକ୍ତମାନେ ନିଜକୁ ଜେଡ୍‌ଏଆଇଏଫ୍ ଜାପାନ କଷ୍ଟମର ସର୍ଭିସର କର୍ମଚାରୀ ଭାବେ ଅନ୍ୟମାନଙ୍କ ଆଗରେ ଦର୍ଶାଉଥିଲେ । ତେବେ କ୍ରାଇମବ୍ରା ଗୁଜୁରାଟ ଯାଇ ସେମାନଙ୍କୁ ଗିରଫ କରିବା ପରେ ସେଠାକାର ସୁରଟସ୍ଥିତ ୧୨ତମ ଅତିରିକ୍ତ ସିନିୟର ସିଭିଲ ଜଜ ଆଣ୍ଡ ଏସିଜେଏମ୍ ଅଦାଲତରେ ହାଜର କରାଇଥିଲା । ସେଠାରୁ ଟ୍ରିଟ୍ ରିମାଣ୍ଡ ଆଣି ଓଡ଼ିଶାରେ ପହିଁଚିଛି । ଏନେଇ ଅଧିକ ତଦନ୍ତ କରାଯାଉଛି । କ୍ରାଇମବ୍ରାଞ୍ଚ୍ ପକ୍ଷରୁ ଲୋକମାନଙ୍କୁ ସାମାଜିକ ଗଣମାଧ୍ୟମ ଓ ବିଭିନ୍ନ ଆପ୍‌ରେ ଅର୍ଥ ବିନିଯୋଗ କରି ଅଧିକ ପାଇବାର ଲୋଭରୁ ଦୂରେଇ ରହିବା ପାଇଁ ପରାମର୍ଶ ଦିଆଯାଇଛି ।

## ୩ ଲୁଟେରା ଗିରଫ

କଟକ(ଭାସ୍କର ନ୍ୟୁଜ୍): କଟକରେ ଆପାର୍ଟମେଣ୍ଟ୍‌ରେ ଲୁଟେରାଙ୍କ ଆତଙ୍କ ଖେଳିଯାଇଥିଲା । ବାଦାମବାଡି ଥାନା ଅଂଚଳରୁ ୨ଟି ଆପାର୍ଟମେଣ୍ଟ୍‌ରୁ ଲୁଟର ୪୮ ଘଣ୍ଟା ଭିତରେ ଧରା ପଡିଲେ ଲୁଟେରା । ବାଦାମବାଡ଼ି ବିକାଶନଗର ଅଞ୍ଚଳର ଏକ ଆପାର୍ଟମେଣ୍ଟ୍ ପରିସରରୁ ୫ ଲକ୍ଷ ଟଙ୍କା ଲୁଟ ଘଟଣାର ପର୍ଦ୍ଦାଫାସ ହୋଇଛି । ତିନି ଅଭିଯୁକ୍ତଙ୍କୁ ବାଦାମବାଡ଼ି ଥାନା ପୁଲିସ ଗିରଫ କରିଛି ।

**PUBLIC NOTICE**

"I, Rama Chatterjee @ Pagli Senapatu, wife of late Mahendra Senapati @ Chatterjee like to inform all concerned that I have deprived /discarded my elder son Monmatha Senapati @ Chatterjee of all my movable and immovable properties by executing a notarized declaration dated 06.09.2024. Any claim by my said elder son to my properties shall stand null and void."

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜି କଂଗ୍ରେସର...

ପରାମର୍ଶ ଦିଆଯାଇଛି । ଅନ୍ୟପକ୍ଷରେ କଂଗ୍ରେସ ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ କଂଗ୍ରେସର ଘେରାଉକୁ ନେଇ ରାଜ୍ୟ ସରକାର ଦାଉ ସାଧିବା ଆରମ୍ଭ କରିଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରୁ ଭୁବନେଶ୍ୱର ଆସିବାକୁ ଥିବା ଗାଡ଼ି ଓ କର୍ମକର୍ତ୍ତାଙ୍କୁ ପୋଲିସ ଅଟକାଇଥିବା ସେ କହିଛନ୍ତି ।

### ଶପଥ ନେଲେ...

ବିଶ୍ୱବିଦ୍ୟାଳୟରୁ ୧୯୮୯ରେ ଏଲଏଲବି ଡିଗ୍ରୀ ହାସଲ ପରେ ସେ ସେ ବର୍ଷ ସେପ୍ଟେମ୍ବର ୨୬ରେ ଆଇନଜୀବୀ ଭାବେ କାର୍ଯ୍ୟ ଆରମ୍ଭ କରିବା ସହିତ ସିଭିଲ କୋର୍ଟ, ଡିଆରଟି ଓ ସୁପ୍ରିମକୋର୍ଟରେ ମଧ୍ୟ ମାମଲା ପରିଚାଳନା କରିଥିଲେ । ୨୦୧୦ ଏପ୍ରିଲ ୧୩ରେ ତାଙ୍କୁ କୋଲକାତା ହାଇକୋର୍ଟର ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ଦିଆଯାଇଥିଲା । ସେ ଓଡ଼ିଶା ହାଇକୋର୍ଟର ୩୫ତମ ମୁଖ୍ୟ ବିଚାରପତି ଭାବେ ଯୋଗ ଦେଇଛନ୍ତି ।

### ବିରୋଧୀଙ୍କୁ...

ବିଲୁଆଖାଇ ନଦୀ ଘଟଣା, ନନ୍ଦନକାନନ ପାଖ ଲଜ୍ଜା ଘଟଣା କୁଆଡେ ଗଲା ? କଂଗ୍ରେସର ନାରୀ ସୁରକ୍ଷା ପ୍ରବଚନ ସରକାରଙ୍କୁ ଦରକାର ନାହିଁ । ସେହିପରି ବିଜେଡି ଗୋଟିଏ ଆଙ୍ଗୁଳି ସରକାରକୁ ଦେଖାଇଲେ ତିନୋଟି ଆଙ୍ଗୁଳି ତାଙ୍କ ଆଡକୁ ଯିବ । ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ହତ୍ୟା କରାଗଲା । ଏହାର ତଦନ୍ତ ଠିକ୍‌ଭାବେ ହେଲା ନାହିଁ । ସେମାନେ ଯଦି ଗୃହରେ ଉପସ୍ଥିତ ରହିଥାନ୍ତେ ତେବେ ମୁଁ ପଚାରିଥାନ୍ତି । ସେମାନଙ୍କ ପାଖରେ କୌଣସି ପ୍ରସଙ୍ଗ ନଥିବାରୁ ସେମାନେ କକ୍ଷତ୍ୟାଗ କରିଛନ୍ତି । କିଛି ନିର୍ଦ୍ଦିଷ୍ଟ ମାମଲା ଉପସ୍ଥାପନ ନ କରି କାଦୁଅ ଫିଙ୍ଗି ଫାଇଦା ନେବାକୁ ଚାହୁଁଛନ୍ତି । କଂଗ୍ରେସର ନୂଆ ସଭାପତି ଆସୁଛନ୍ତି । ନିଜ ଦଳକୁ ପୁନର୍ଜୀବିତ କରିବାକୁ ଚାହୁଁଛନ୍ତି । ସେହିପରି ବିଜେଡିକୁ ଟାର୍ଗେଟ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମମିତା ମେହେରା, ପରୀ, ସ୍ମିତାରାଣୀ ଇତ୍ୟାଦି ମହିଳାଙ୍କୁ ପୂର୍ବ ସରକାର ନ୍ୟାୟ ଦେଇ ପାରିନାହାନ୍ତି । ମୁଖ୍ୟମନ୍ତ୍ରୀ ଥିବାବେଳେ ନବୀନ ବାବୁ ବିଧାନସଭାକୁ ଆସୁନଥିଲେ । ଏବେ ମଧ୍ୟ ବିରୋଧୀଦଳ ନେତାଭାବେ ତାଙ୍କର ଦେଖା ମିଳୁନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

### ବିଧାନସଭା ସମ୍ମୁଖ...

ସେ କହିଛନ୍ତି, ବିଧାନସଭା ହେଉଛି ପବିତ୍ର ଗୃହ । ଯେଉଁଠି ରାଜ୍ୟର ବିକାଶ ପାଇଁ ନୀତି ପ୍ରଣୟନ ହେବା କଥା । କିନ୍ତୁ ରାଜନୈତିକ ସ୍ୱାର୍ଥକୁ ଚରିତାର୍ଥ କରିବା ପାଇଁ ଗତ ୭ ତାରିଖଠାରୁ ବିଧାନସଭାରେ ହାଇଡ୍ରାମା କରାଯାଉଛି, ଯାହାକି କେବେ ବି ଗ୍ରହଣୀୟ ନୁହେଁ । ଯେତେବେଳେ ବାଚସ୍ପତି କଂଗ୍ରେସ ଦଳର ଜଣେ ବରିଷ୍ଠ ବିଧାୟକଙ୍କୁ ନିଜର ଅନିଚ୍ଛାସତ୍ତ୍ୱେ ନିଲମ୍ବନ କଲେ, ସେତେବେଳେ ଆଶା କରାଯାଉଥିଲା କଂଗ୍ରେସ ବିଧାୟକମାନେ ନିଜ ଆଚରଣ ଓ ଉଚ୍ଚାରଣରେ ପରିବର୍ତ୍ତନ ଆଣିବେ । ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ହରିଚନ୍ଦନ କହିଛନ୍ତି, କଂଗ୍ରେସ ରାଜନୈତିକ ଚକ୍ରାନ୍ତ କରି ଓଡ଼ିଶା ବିଧାନସଭାକୁ ବନ୍ଦ କରିବାକୁ ଷଡ଼ଯନ୍ତ୍ର କରୁଛି । କଂଗ୍ରେସ ଯେଉଁ ନାରୀ ନିର୍ଯାତନା ପ୍ରସଙ୍ଗ ଉଠାଉଛି ସେ ନେଇ ଆମ ସରକାର ସଚେତନ ରହିଛନ୍ତି । ଅନ୍ୟପକ୍ଷରେ ବିଧାନସଭାରେ ବିରୋଧୀ ବିଧାୟକମାନେ କରୁଥିବା ହଙ୍ଗାମା ନେଇ ବାଚସ୍ପତି ବୁଧବାର ଗୃହରେ ବିବୃତି ରଖିଛନ୍ତି । ସେ କହିଛନ୍ତି, ଗତ ୭ ତାରିଖ ଗୃହକାର୍ଯ୍ୟର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭରୁ ବିରୋଧୀ ସଦସ୍ୟ ବିଭିନ୍ନ ଉପାୟରେ ପ୍ରତିବାଦ କରୁଛନ୍ତି । ତେବେ ୨୦ ମାର୍ଚ୍ଚରୁ କଳାବ୍ୟାଚ, କଳା ପୋଷାକ ପରିଧାନ କରି ତୂରୀ, ଘଣ୍ଟ ଓ ବଂଶୀ ବଜାଇ ଗୃହକାର୍ଯ୍ୟରେ ବାଧା ଉପୁଜାଉଛନ୍ତି । ସେ କହିଥିଲେ ଯେ ୧୨ଟି କାର୍ଯ୍ୟ ଦିବସ ମଧ୍ୟରୁ ଦୁଇଟିରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଚାଲିଥିଲା । ୨୫ ତାରିଖ ସୁଦ୍ଧା ନିର୍ଦ୍ଧାରିତ ସମୟରୁ ୩୧ଘଣ୍ଟା ୨ ମିନିଟ୍ ଗୃହକାର୍ଯ୍ୟ ଚାଲିପାରି ନଥିଲା । ସେଥିପାଇଁ ୧୦, ୧୩, ୨୪ ଓ ୨୫ ତାରିଖରେ ସର୍ବଦଳୀୟ ବୈଠକ ଡକାଯାଇଥିଲା । କିନ୍ତୁ ଏହାସତ୍ତ୍ୱେ ବିରୋଧୀଦଳର ବିଧାୟକମାନେ ବିଶୃଙ୍ଖଳିତ ଆଚରଣ ଜାରି ରଖିଥିଲେ । ଏସବୁ ସତ୍ତ୍ୱେ ବିଶୃଙ୍ଖଳିତ ଆଚରଣ ଜାରି ରଖିବାରୁ କଂଗ୍ରେସର ୧୨ଜଣ ସଦସ୍ୟଙ୍କୁ ମଙ୍ଗଳବାର ନିଲମ୍ବନ କରାଯାଇଥିଲା । ଏହାପରେ ବି ସେମାନେ ଗୃହ ଛାଡ଼ିନଥିଲେ । ଗୃହ ପରିତ୍ୟାଗ ନ କରି ଅହୋରାତ୍ର ଧାରଣାରେ ବସିବେ ବୋଲି ଜଣାଇବା ପରେ ସୁରକ୍ଷା ସହିତ ସବୁପ୍ରକାର ବ୍ୟବସ୍ଥା କରିବାକୁ ବିଧାନସଭା ସଚିବାଳୟକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ରାତି ୯ଟାରେ କିଛି କଂଗ୍ରେସ ବିଧାୟକ ଓ କେତେକ ରାଜନୈତିକ କର୍ମୀ ମାର୍ଶାଲ ଓ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ କରିଥିଲେ । ବାଚସ୍ପତି କହିଥିଲେ ଯେ ବିରୋଧୀମାନେ ଯେଉଁ ଅଭିଯୋଗ ଆଣୁଛନ୍ତି ତାହା ଠିକ୍ ନୁହେଁ । ତେବେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ ପୋଲିସ ଆମକୁ ଟେକିନେଇ ମାଡ଼ ମାରିଛି । ଆମେ କେବଳ ମହିଳାମାନଙ୍କ ସୁରକ୍ଷା ଦାବି କରିଥିଲୁ । ଗୃହକମିଟି ଗଠନ କରିବା ପାଇଁ କହିଥିଲୁ । କିନ୍ତୁ ଆମକୁ କହିବାର ସୁଯୋଗ ଦେଲେ ନାହିଁ । ସିଧା ସସ୍‌ପେଣ୍ଡ କରିଥିଲେ । ତେଣୁ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନରୁ ଓହରିବୁ ନାହିଁ ବୋଲି ସେ କହିଥିଲେ ।

Phone : 06815-222580
Mail ID : dcpo.gajapati.od@nic.in / dcpu.gajapati@gmail.com

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଜପତି, ପାରଳାଖେମୁଣ୍ଡି**
**(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)**
**ବିଜ୍ଞପ୍ତି**

g-200

ପତ୍ରସଂଖ୍ୟା ୫୨୫/ଡ଼ି.ସି.ପି.ୟୁ    ତାରିଖ : ୨୬ /୦୩/୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ଶିଶୁମାନଙ୍କୁ ଶିଶୁ କଲ୍ୟାଣ ସମିତି, ଗଜପତି ପିତୃମାତୃହୀନ ଦର୍ଶାଇ "ଡେ ଷ୍ଟାରହୋମ୍ ଫର ଡେଷ୍ଟିଚ୍ୟୁଟ୍ କିଡ୍", ଜରଉ, ମୋହନା,ଗଜପତି, ଶିଶୁ ଯତ୍ନ ଅନୁଷ୍ଠାନ ଠାରେ ରଖିଛନ୍ତି । ଯଦି ଏହି ଶିଶୁମାନଙ୍କର ପିତା, ମାତା, ଅଭିଭାବକ କିମ୍ବା କେହି ଆଇନତଃ ଦାବିଦାର ଥାଆନ୍ତି, ଉକ୍ତ ଖବର ପ୍ରକାଶନର ୩୦ ଦିନ ମଧ୍ୟରେ ଆବଶ୍ୟକ ପ୍ରମାଣ ପତ୍ର ସହ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଜପତି, ପାରଳାଖେମୁଣ୍ଡି, ବାର୍ତ୍ତାଳାପ ସଂଖ୍ୟା- ୦୬୮୧୫-୨୨୨୫୮୦ ରେ ଯୋଗାଯୋଗ କରି ଦାବି ଉପସ୍ଥାପନ କରିବା ପାଇଁ ଅନୁରୋଧ କରାଯାଉଛି । ଦିଆଯାଇଥିବା ସମୟ ଅବଧି ପରେ ଏହି ଶିଶୁ ମାନଙ୍କ ଉପରେ କୌଣସି ଦାବି ଗ୍ରହଣ ହେବ ନାହିଁ ଏବଂ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ ଧାରା ୩୮(୪) ଓ ପୋଷ୍ୟ ନିୟନ୍ତ୍ରଣ ୨୦୨୨ ଅନୁଯାୟୀ ଶିଶୁ ମାନଙ୍କୁ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ମୁକ୍ତ ଘୋଷଣା କରାଯିବ ।

| କ୍ରସଂ. | ନାମ | ଲିଙ୍ଗ | ବୟସ | ଫଟୋ |
|---|---|---|---|---|
| ୧ | ସିବାରାମ ଭୂୟାଁ | ପୁଅ | ୧୬ ବର୍ଷ |  |
| ୨ | ଚନ୍ଦନ ସବର | ପୁଅ | ୧୩ ବର୍ଷ |  |

ସ୍ୱା/-ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍,
ଗଜପତି

OIPR 33024/11/0011/2425

C-2001

GOVERNMENT OF ODISHA
HOUSING & URBAN DEVELOPEMENT
**OFFICE OF THE EXECUTIVE OFFICER,**
**NAC TARBHA**
**E-mail Id –** nactarbha@gmail.com

"e-Procurement Notice"

Tender Id-2025_ORULB_111923

*BID IDENTIFICATION No- TRV-NAC-02/2024-25*

No. **495** Dt. **26.3.2025**

| | | |
|---|---|---|
| 1 | Type of the work | : CIVIL WORKS |
| 2 | No of works | : 01 (One) Nos. |
| 3 | Class of contractor | : "B" & A |
| 4 | Bid identification No | : *TRV-NAC-02/2024-25* |
| 5 | Estimated cost | : Rs. 1,25,58,078/- |
| 6 | Period of completion | : As per DTCN. |
| 7 | Date and time of availability of bid documents in the portal | : Dt. 27.03.2025 at 11.00 AM to Dt. 21.04.2025 upto 5.30 PM |
| 8 | Last date/ time for receipt of bids in the portal | : Dt. 21.04.2025 upto 5.30 PM. |
| 9 | Date of opening of Bid (Technical) | : Dt. 22.04.2025 at 11.00 AM Office of the Executive Officer , NAC Tarbha At/Po : Tarbha Dist : Subarnapur 767016 |
| 10 | Name and Address of the Officer inviting Bid | Executive Officer , NAC Tarbha At/Po : Tarbha Dist : Subarnapur 767016 Email Id: nactarbha@gmail.com |

1 Any addendum/Corrigendum/cancellation/erratum of tender can also be seen in the said Website.
2 Further details can be seen from Government Website-http://tenderodisha.gov.in.

**Sd/- Executive Officer**
**NAC Tarbha**

**OIPR 13199/11/0004/2425**

**मानगो नगर निगम का कार्यालय, जमशेदपुर**

**आम सूचना**

ई० निविदा आमंत्रण सूचना संख्या UDHD/MMC/03/2024-25 दिनांक 13.07.2024 के ग्रुप संख्या 08, (PR No. 329604), कार्य का नाम – मानगो नगर निगम अन्तर्गत वार्ड नं० 10, पोस्ट ऑफिस रोड़ जेनुल हक घर से सरोज स्टोर, रामलखन पाल से तरूण इन्कलेव तक एवं क्रॉस रोड़ में कालीकृत पथ के साथ सड़क का चौड़िकरण कार्य पथ निर्माण विभाग, जमशेदपुर द्वारा सम्पादित कर दिया गया है।
इस कारण उक्त कार्य को रद्द किया जाता है।

उप नगर आयुक्त
मानगो नगर निगम, जमशेदपुर।

PR.NO.349279 Urban Development(24-25):D

**कार्यालय जिला परिषद, हजारीबाग**

**ई–निविदा आमंत्रण सूचना संख्या :– 45 / 2024–25**
**दिनांक 25 / 03 / 2025**
**मद का नाम :– जिला खनिज फाउण्डेशन ट्रस्ट**

| क्र0 | प्रखण्ड | योजना का नाम | प्राक्कलित राशि | परिमाण विपत्र का मूल्य | अग्रधन की राशि | योजना पूर्ण करने की तिथि |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | कटकमदाग | ग्राम मसरातु में एन0एच0–100 से रामु कच्छप के घर तक पी0सी0सी0 पथ निर्माण। | 22914000.00 | 10000.00 | 459000.00 | एक वर्ष |

1.वेबसाईट में निविदा प्रकाशन की तिथि 03.04.2025
2.ई–निविदा प्राप्ति की तिथि एवं समय 04.04.25 से 18.04.2025 अपराहन् 5:00 बजे तक।
3.निविदा खोलने का स्थान– जिला परिषद, हजारीबाग।
4.निविदा खोलने की तिथि एवं समय 21.04.2025 पूर्वाहन् 10:00 बजे।
5.निविदा आमंत्रित करने वाले पदाधिकारी का नाम एवं पता – जिला अभियंता, जिला परिषद, हजारीबाग।
6.निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
7.ई–निविदा प्रकोष्ठ का दूरभाष सं0–06546 261406 ई–मेल – districtboardhazaribag@gmail.com
8.निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता बंद कर दिया जाता है तो उसकी सारी जवाबदेही आपकी होगी।
9.निविदा की शर्तें कार्यालय के सूचना पट्ट या www.jharkhandtenders.gov.in पर देखा जा सकता है।

जिला अभियंता,
जिला परिषद, हजारीबाग

PR 349289 (District)24-25*D

**Ministry of Road Transport and Highways**
**Government of India**

**NOTICE INVITING TENDER (NIT)**
**Tender reference no. - NH/HAZARIBAGH/2024-25/09dated 20.03.2025**

Executive Engineer National Highway Division, Hazaribagh has been assigned the work of DPR Preparation for **reconstruction of Minor bridge at Km 92 and Km 96 of NH-522(including complete Land acquisition, Forest clearance and utility shifting if any) in the state of Jharkhand under EPC mode**

1. (as per **Annexure-I**).
Proposals are hereby invited from eligible Consultants who meet the guidelines contained in Public Procurement (Preference to Make in India) Order, 2017 (amended on 16.09.2020) for preparation of Detailed Project Report of DPR Preparation for **reconstruction of Minor bridge at Km 92 and Km 96 of NH-522(including complete Land acquisition, Forest clearance and utility shifting if any) in the state of Jharkhand under EPC mode**
2. Consultant submitting Proposal in sole capacity or as a member of joint venture or as an associate shall meet the guidelines contained in Public Procurement (Preference to Make in India) Order, 2017 (amended on 16.09.2020).The Letter of Invitation (LOI) and Terms of Reference (ToR) including Request for Proposal (RFP) is available online on e-tender portal of https://eprocure.gov.in.The document can also be downloaded from https://infracon.nic.in. Cost of the Document in the form of a Non-refundable document fee of Rs.5,000 (Rupees Five Thousand only) in the form of Non-Tax receipt through NTRP portal i.e. www.bharatkosh.gov.in and 18 % GST in favour of Regional Pay & Accounts Officer Kolkata in the form of DD. Non-Tax receipt must be furnished in a separate envelop while submitting the proposal.
3. **The RFP has also been uploaded on "INFRACON"** (www.infracon.nic.in). As such before submitting the proposal the Consultant shall mandatorily register and enlist themselves (the firm and all key personnel), on the MoRTH portal "INFRACON" and furnish registration details along with its RFP. A copy of Infracon Operation Procedure is also enclosed for bidder's reference.
4. **All the bidders registered on Infracon shall form a Team on Infracon and which would be assigned unique Infracon Team ID. Bidders while submitting the proposal shall quote the Infracon Team ID.**
5. Bid must be submitted online at e-tender portal of Executive Engineer National Highway Division, Hazaribagh https://eprocure.gov.in on or before 15:00, **11.04.2025.**
6. The following schedule is to be followed for this assignment:
i)Deadline for downloading of bid: **15:00, 11.04.2025**
ii)Last date for submission of queries: **12:00, 04.04.2025**
iii)Pre bid meeting: **12:30, 04.04.2025**
iv)Deadline for Submission of bids (Bid Due date) : **15:00, 11.04.2025**
**v)Date of opening of Bid : 17:00, 15.04.2025.**
**vi)Place of Opening : Office of the Chief Engineer,National Highway Wing, Jharkhand, Ranchi**

**Mob No. :** 9905573705
**E-mail:** nhdivisionhazaribagh@gmail.com

**Yours sincerely,**
**Executive Engineer National Highway Division, Hazaribagh**

**PR 349295 (Road)24-25*D**

ADITYA BIRLA CAPITAL
PROTECTING INVESTING FINANCING ADVISING

**ଆଦିତ୍ୟ ବିରଲା ଫାଇନାନ୍ସ ଲିମିଟେଡ୍**
ପଞ୍ଜିକୃତ କାର୍ଯ୍ୟାଳୟ: ଇଣ୍ଡିଆନ୍ ରେୟନ୍ କମ୍ପାଉଣ୍ଡ, ଭେରାଭାଲ୍, ଗୁଜରାଟ-୩୦୨ ୨୬୬
ଶାଖା କାର୍ଯ୍ୟାଳୟ: ୧୨ତମ ମହଲା, ଆରଟେକ୍ ପାର୍କ, ନିରିଅନ୍ କମ୍ପ୍ଲେକ୍ସ, ଏନ୍‌ଆର୍ ହବ୍ ମଲ୍, ଗୋରେଗାଉଁ (ପୂର୍ବ), ମୁମ୍ବାଇ-୪୦୦ ୦୬୩, ମହାରାଷ୍ଟ୍ର

ଡିମାଣ୍ଡ ନୋଟିସ୍

**ଆର୍ଥିକ ସମ୍ପତ୍ତିର ସୁରକ୍ଷା ଏବଂ ପୁନଃନିର୍ମାଣ ଏବଂ ସୁରକ୍ଷା ସ୍ୱାର୍ଥ ଆଇନ, ୨୦୦୨ ('ଆଇନ୍') ର ଧାରା ୧୩(୨) ଅନୁଯାୟୀ, ଯାହା ସୁରକ୍ଷା ସ୍ୱାର୍ଥ (ପ୍ରବର୍ତ୍ତନ) ନିୟମ, ୨୦୦୨ ('ନିୟମ') ର ନିୟମ ୩ ସହିତ ପଠିତ ।**

ଆଇନ ଅନୁଯାୟୀ ଏବଂ ନିୟମ ୩ ସହିତ ପଠିତ ଆଇନର ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ବ୍ୟବହାର କରି, ନିମ୍ନଲିଖିତ ରଣଗ୍ରହୀତାଙ୍କ ଠାରୁ ଉକ୍ତ ନୋଟିସ୍ ପ୍ରାପ୍ତି ତାରିଖରୁ ୬୦ ଦିନ ମଧ୍ୟରେ ସମ୍ପୃକ୍ତ ନୋଟିସ୍ (ଗୁଡ଼ିକ) ରେ ଉଲ୍ଲେଖିତ ପରିମାଣ ପରିଶୋଧ କରିବାକୁ ଆହ୍ୱାନ କରିଛନ୍ତି । ନିମ୍ନ ସ୍ୱାକ୍ଷରକାରୀ ଯୁକ୍ତିଯୁକ୍ତ ଭାବରେ ବିଶ୍ୱାସ କରନ୍ତି ଯେ ରଣଗ୍ରହୀତା(ମାନେ) ଦାବି ନୋଟିସ(ଗୁଡ଼ିକ) ପ୍ରଦାନ କରିବାକୁ ଏଡ଼ାଇ ଯାଉଛନ୍ତି, ତେଣୁ ନିୟମ ଅନୁଯାୟୀ ନୋଟିସ୍ ଜାରି କରାଯାଉଛି । ଦାବି ନୋଟିସ(ଗୁଡ଼ିକ)ର ବିଷୟବସ୍ତୁ ଏଠାରେ ନିମ୍ନରେ ଉଦ୍ଧୃତ କରାଯାଇଛି :


ଉପରୋକ୍ତ ସମ୍ପର୍କରେ, ପୁନର୍ବାର ଉକ୍ତ ରଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଆଇନଗତ ପ୍ରତିନିଧିଙ୍କୁ ନୋଟିସ୍ ଦିଆଯାଇଛି ଯେ ସେମାନେ ସମ୍ପୃକ୍ତ ନୋଟିସ/ଗୁଡ଼ିକ ୬୦ଦିନ ମଧ୍ୟରେ ଏବିଏଫ୍‌ଏଲ୍‌କୁ ଏଠାରେ ସୂଚିତ ପରିମାଣର ଅର୍ଥରାଶି ପ୍ରଦାନ କରନ୍ତୁ, ଯାହା ନିମ୍ନରେ ଉଲ୍ଲେଖ କରାଯାଇଥିବା ସମ୍ପର୍କିତ ତାରିଖରୁ ଦେୟ ଏବଂ/ଅଥବା ଆଦାୟ ତାରିଖ ପର୍ଯ୍ୟନ୍ତ ନିମ୍ନରେ ଉଲ୍ଲେଖ କରାଯାଇଥିବା ଅଧିକ ସୁଧ ସହିତ, ରଣ ଚୁକ୍ତିନାମା ଏବଂ ଅନ୍ୟାନ୍ୟ ଡକ୍ୟୁମେଣ୍ଟ/ଲେଖା ସହିତ ପଠିତ, ଯଦି କୌଣସି ଥାଏ ଉକ୍ତ ରଣଗ୍ରହୀତାଙ୍କ ଦ୍ୱାରା ସମ୍ପାଦିତ । ରଣର ବକେୟା ପରିଶୋଧର ସୁରକ୍ଷା ଭାବରେ, ନିମ୍ନଲିଖିତ ସୁରକ୍ଷିତ ସମ୍ପତ୍ତି(ଗୁଡ଼ିକ) ଯଥାକ୍ରମେ ଉକ୍ତ ରଣଗ୍ରହୀତାଙ୍କ ଦ୍ୱାରା ଏବିଏଫ୍‌ଏଲ୍‌କୁ ବନ୍ଧକ ରଖାଯାଇଛି ।

| ରଣ ଗ୍ରହୀତାଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ ଏବଂ ଏନ୍‌ପିଏ ତାରିଖ / ସମୁଦାୟ ବକେୟା ଦେୟ | ଅସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|
| ୧. ଶ୍ରୀ ବିଜୟ କୁମାର ମହାନ, ପିତା:ମୁରଲିଧର ପରିଡ଼ା, ଚାନ୍ଦୋଳ, କେନ୍ଦ୍ରାପଡା, ଶିବ ମନ୍ଦିର ନିକଟରେ, ଓଡ଼ିଶା -୭୫୪୨୦୮; ଆହୁରି ମଧ୍ୟ : ଅରାଗୁଲା, ଦେଉଳବସ୍ତା ଖୋର୍ଦ୍ଧା, ଓଡ଼ିଶା, ଜଟନି-୭୫୨୦୫୦: ଆହୁରି ମଧ୍ୟ: ଏମ୍.ଏସ୍. ନିମଳ ମେଡିସିନ୍ ଷ୍ଟୋର, ପ୍ଲଟ୍ ନମ୍ବର ୧୯୩/୧୧୯୧, ମଉଜା-ଦେଉଳବସ୍ତା, ଜଟନି, ଖୋର୍ଦ୍ଧା, ଓଡ଼ିଶା -୭୫୨୦୫୦, ଇ-ମେଲ୍: bijaymahan93@gmail.com, ଯୋଗାଯୋଗ: ୯୭୭୬୦ ୮୪୨୩୦; ଆହୁରି ମଧ୍ୟ- ପ୍ଲଟ୍ ନଂ.-୨୦୫, ଖାତା ନଂ.-୨୩୧/୫୦୬, ମଉଜା-ଦେଉଳବସ୍ତା, ତହସିଲ-ଜଟନି, ସାଇବାବା ମନ୍ଦିର ନିକଟ, ଦେଉଳବସ୍ତା, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା-୭୫୨୦୫୦ । ୨. ଶ୍ରୀମତୀ ଅଞ୍ଜଳି ମହାନା, ପିତା: କସ୍ତୁରୀ ସ୍ୱାଇଁ, ଅରଗୁଳ, ଦେଉଳବସ୍ତା, ଖୋର୍ଦ୍ଧା, ଓଡ଼ିଶା, ଜଟନି-୭୫୨୦୫୦, ଇ-ମେଲ୍: anjalimahana1976 @ gmail, ଯୋଗାଯୋଗ: ୯୩୪୮୩୭୨୯୪୭; ଆହୁରି ମଧ୍ୟ: ପ୍ଲଟ୍ ନମ୍ବର ୨୦୫, ଖାତା ନମ୍ବର -୨୩୧/୫୦୬, ମଉଜା-ଦେଉଳବସ୍ତା, ତହସିଲ-ଜଟନି, ଶିବ ମନ୍ଦିର ନିକଟ, ଦେଉଳବସ୍ତା, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା-୭୫୨୦୫୦ । ଲୋନ୍ ଆକାଉଣ୍ଟ ନଂ.-ଏବିଇ_ବିଏମ୍‌ଏଲ୍‌ଏ୦୦୦୦୦୦୭୧୮୭୨୭ | ୧୩.୦୩.୨୦୨୫ ଏବଂ ୦୫.୦୩.୨୦୨୫ / ୧୧.୦୩.୨୦୨୫ ସୁଦ୍ଧା ଟ.୨୫,୯୮,୭୨୬ - | ସମସ୍ତ ସେହି ଖଣ୍ଡ ଏବଂ ପାର୍ସଲ୍ ଅସ୍ଥାବର ସମ୍ପତ୍ତି ସମ୍ବଳିତ ମୌଜାର: ଦେଉଳବସ୍ତା, ପି. ଏସ୍. ଜଟଣୀ, ପି.ଏସ୍. ନଂ. ୨୩, ତହସିଲ ଜଟଣୀ, ଜିଲ୍ଲା. ଖୋର୍ଦ୍ଧା, ଖାତା ନଂ. ୨୩୧/୫୦୬, ପ୍ଲଟ୍ ନଂ. ୨୦୫, କ୍ଷେତ୍ରଫଳ: ଏ ୦.୦୭୫ ଦଶମିକ ସୀମା ମଧ୍ୟରେ ଅବସ୍ଥିତ ନିମ୍ନଲିଖିତ ଭାବରେ: ବୈଷୟିକ ରିପୋର୍ଟ ଅନୁଯାୟୀ ପୂର୍ବ ଦିଗରେ: ରାସ୍ତା; ପଶ୍ଚିମ ଦିଗରେ : ଖାଲି ଜମି, ଦକ୍ଷିଣ ଦିଗରେ: ଆବାସିକ କୋଠା, ଉତ୍ତର ଦିଗରେ: ଆବାସିକ କୋଠା । ସମ୍ପତ୍ତି କ୍ଷେତ୍ରଫଳ: ମୋଟ କ୍ଷେତ୍ରଫଳ: ଏକର. ୦.୦୭୫ ଡିସିମିଲ |

ଅଧିକ ସୁଧ ସହିତ, ଉପରେ ଉଲ୍ଲେଖିତ ତାରିଖ ଅନୁଯାୟୀ ସମ୍ପୃକ୍ତ ଡିମାଣ୍ଡ ନୋଟିସରେ ଉଲ୍ଲେଖ କରାଯାଇଥିବା ହାରରେ ଅତିରିକ୍ତ ସୁଧ, ଦେୟ ଏବଂ/କିମ୍ବା ଆଦାୟ ତାରିଖ ପର୍ଯ୍ୟନ୍ତ ହୋଇଥିବା ଆନୁଷଙ୍ଗିକ ଖର୍ଚ୍ଚ, ଖର୍ଚ୍ଚ, ଦେୟ ଇତ୍ୟାଦି । ଯଦି ଉକ୍ତ ରଣଗ୍ରହୀତା ଉପରୋକ୍ତ ଅନୁଯାୟୀ ଏବିଏଫ୍‌ଏଲ୍‌କୁ ଦେୟ ଦେବାରେ ବିଫଳ ହୁଅନ୍ତି, ତେବେ ଏବିଏଫ୍‌ଏଲ୍ ଉକ୍ତ ଆଇନର ଧାରା ୧୩(୪) ଏବଂ ପ୍ରଯୁଜ୍ୟ ନିୟମ ଅନୁଯାୟୀ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତି/ଅସ୍ଥାବର ସମ୍ପତ୍ତି ବିରୁଦ୍ଧରେ କାର୍ଯ୍ୟ କରିବ, ଯାହା ସମ୍ପୂର୍ଣ୍ଣ ଭାବରେ ଉକ୍ତ ରଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଆଇନଗତ ପ୍ରତିନିଧିଙ୍କ ବିପଦରେ ରହିବ ଏବଂ ଖର୍ଚ୍ଚ ଏବଂ ପରିଣାମ ସମ୍ପର୍କରେ ମଧ୍ୟ ବିଚାର କରାଯିବ ।
ଉକ୍ତ ରଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଆଇନଗତ ପ୍ରତିନିଧିଙ୍କୁ ଉକ୍ତ ଆଇନ ଅନୁଯାୟୀ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତି/ଅସ୍ଥାବର ସମ୍ପତ୍ତି ସ୍ଥାନାନ୍ତର କରିବାକୁ ନିଷେଧ କରାଯାଇଛି, ବିକ୍ରୟ, ଲିଜ୍ କିମ୍ବା ଅନ୍ୟଥା ଏବିଏଫ୍‌ଏଲ୍‌ର ପୂର୍ବ ଲିଖିତ ସମ୍ମତି ବିନା । ଦୟାକରି ଧ୍ୟାନ ଦିଅନ୍ତୁ ଯେ ଏହା ଆର୍ଥିକ ସମ୍ପତ୍ତିର ନିରାପତ୍ତା ଏବଂ ପୁନଃନିର୍ମାଣ ଏବଂ ସୁରକ୍ଷା ସ୍ୱାର୍ଥ ପ୍ରବର୍ତ୍ତନ ଆଇନ, ୨୦୦୨(୨୦୦୨ର ୫୪)ର ଧାରା ୧୩(୨) ଅନୁଯାୟୀ ଏକ ଚୂଡ଼ାନ୍ତ ନୋଟିସ । କହିବା ବାହୁଲ୍ୟ ଯେ, ଏବିଏଫ୍‌ଏଲ୍‌ର ରଣଗ୍ରହୀତା(ମାନଙ୍କ) ବିରୁଦ୍ଧରେ ସମ୍ପୂର୍ଣ୍ଣ ଭାବରେ ସେମାନଙ୍କର ବିପଦ, ଦାୟିତ୍ୱ ଏବଂ ଖର୍ଚ୍ଚରେ ଉପରୋକ୍ତ ଯେକୌଣସି କିମ୍ବା ସମସ୍ତ ଅଧିକାର ପ୍ରୟୋଗ କରିବାର ଅଧିକାର ମଧ୍ୟରେ ରହିବ ।

**ସ୍ଥାନ: ଖୋର୍ଦ୍ଧା, ଓଡ଼ିଶା**
**ତାରିଖ: ୨୭.୦୩.୨୦୨୫**

**ସ୍ୱା/-ପ୍ରାଧିକୃତ ଅଧିକାରୀ,**
**ଆଦିତ୍ୟ ବିର୍ଲା ଫାଇନାନ୍ସ ଲିମିଟେଡ୍**



ନୂଆଦିଲ୍ଲୀ: ଭାରତର ସବୁଠୁ ଧନୀ ବ୍ୟବସାୟୀ ମୁକେଶ ଅମ୍ବାନୀଙ୍କ କାରବାର ତେଲଠାରୁ ଆରମ୍ଭ କରି ଖେଳ ଯାଏ ବ୍ୟାପ୍ତ । କିନ୍ତୁ ସାରା ଦୁନିଆରେ ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ୱାରକୁ ନେଇ ଭୟ ରହିଛି । ଟ୍ରମ୍ପ ସ୍ପଷ୍ଟ ଶବ୍ଦରେ କହିଦେଇଛନ୍ତି ଯେ ଭେନେଜୁଏଲାରୁ ତେଲ କିଣିବା ଦେଶକୁ ଟାରିଫ୍ ଦେବାକୁ ପଡ଼ିବ । ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ଉପରେ ମୁକେଶ ଅମ୍ବାନୀ ବି କଡ଼ା ଜବାବ ଦେଇଛନ୍ତି । ମୁକେଶ ଅମ୍ବାନୀଙ୍କ ଅଭିମୁଖ୍ୟରୁ ଜଣାପଡୁଛି ଯେ ସେ ଟ୍ରମ୍ପଙ୍କୁ ଟାରିଫ୍ ଦେବାକୁ ଚାହୁଁନାହାନ୍ତି । ଉଲ୍ଲେଖଯୋଗ୍ୟ, ସାରା ଦୁନିଆରେ ଟାରିଫ୍ ୱାରକୁ ନେଇ ମୁକେଶ ଅମ୍ବାନୀ ବଡ଼ ନିଷ୍ପତ୍ତି ନେଇଛନ୍ତି ଓ ସାଉଥ ଆମେରିକୀୟ ଦେଶରୁ ତେଲ କିଣିବା ଉପରେ ନିଷ୍ପତ୍ତି ନେଇଛନ୍ତି । ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ (ଆରଆଇଏଲ) ଦେଶର ସବୁଠୁ ବଡ଼ ଅୟଲ ରିଫାଇନରୀ । ଏବେ କମ୍ପାନି ଭେନେଜୁଏଲାରୁ ଅଶୋଧିତ ତେଲ କିଣିବା ଉପରେ ଅସ୍ଥାୟୀ ରୋକ ଲଗାଇଛି । ଏହି ନିଷ୍ପତ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭେନେଜୁଏଲାରୁ ତେଲ କିଣୁଥିବା ଦେଶ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇବା ଘୋଷଣା ପରେ ନିଆଯାଇଛି ।

## ଶାହାଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ୍



ନୂଆଦିଲ୍ଲୀ: ଦଳର ମହାସଚିବ ଜୟରାମ ରମେଶ ବୁଧବାର ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ଉପରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ମନ୍ତବ୍ୟକୁ ନେଇ ରାଜ୍ୟ ସଭାରେ ଏକ ବିଶେଷାଧିକାର ପ୍ରସ୍ତାବ ଆଗତ କରିଛନ୍ତି । ଜୟରାମ ରମେଶ ତାଙ୍କ ଚିଠିରେ ଲେଖିଛନ୍ତି ଯେ ରାଜ୍ୟ ସଭାରେ ଉତ୍ତର ଦେବା ସମୟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଯାହା ବି କହିଥିଲେ, ତାହା ସୋନିଆ ଗାନ୍ଧୀଙ୍କ ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ କୁହାଯାଇଥିଲା । ରାଜ୍ୟ ସଭା ଏମପି ଜୟରାମ ରମେଶ ଅଧ୍ୟକ୍ଷ ଜଗଦୀପ ଧନଖଡ଼ଙ୍କୁ ଲେଖିଥିବା ଚିଠିରେ କହିଛନ୍ତି, 'ରାଜ୍ୟ ସଭାର କାର୍ଯ୍ୟପଦ୍ଧତି ଏବଂ କାର୍ଯ୍ୟ ଆଚରଣର ନିୟମ ୧୮୮ ଅନୁଯାୟୀ ମୁଁ ଅମିତ ଶାହାଙ୍କ ବିରୋଧରେ ଏକ ବିଶେଷାଧିକାର ପ୍ରଶ୍ନର ନୋଟିସ ଦେଉଛି । ସେ ରାଜ୍ୟ ସଭା ସଦସ୍ୟ ଏବଂ କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି । କଂଗ୍ରେସ ନେତା ଜୟରାମ ରମେଶ ଚିଠିରେ କହିଛନ୍ତି, 'ଯଦିଓ ସ୍ୱରାଷ୍ଟ୍ରମନ୍ତ୍ରୀ ସୋନିଆ ଗାନ୍ଧୀଙ୍କ ନାମ ନେଇ ନାହାନ୍ତି, ସେ ସ୍ପଷ୍ଟ ଭାବରେ ତାଙ୍କର ନାମ ଉଲ୍ଲେଖ କରିଛନ୍ତି । ସ୍ୱରାଷ୍ଟ୍ରମନ୍ତ୍ରୀ ସୋନିଆ ଗାନ୍ଧୀଙ୍କ ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଇବା ପାଇଁ ପୂର୍ବ ଯୋଜନାବଦ୍ଧ ଉଦ୍ଦେଶ୍ୟ ରଖି ତାଙ୍କ ବିରୁଦ୍ଧରେ ଭିତ୍ତିହୀନ ଅଭିଯୋଗ ଆଣିଛନ୍ତି । ତାଙ୍କ ବକ୍ତବ୍ୟ ସମ୍ପୂର୍ଣ୍ଣ ମିଥ୍ୟା ଏବଂ ମାନହାନିଜନକ ।' ରାଜ୍ୟ ସଭାରେ ବିପର୍ଯ୍ୟୟ ପରିଚାଳନା ବିଲ, ୨୦୨୪ ଉପରେ ଆଲୋଚନାର ଉତ୍ତର ଦେଇ ଅମିତ ଶାହ କହିଥିଲେ, 'ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ ପାଣ୍ଠି କଂଗ୍ରେସ ଶାସନ ସମୟରେ ପ୍ରତିଷ୍ଠିତ ହୋଇଥିଲା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଏନଡିଏ ଶାସନ ସମୟରେ ପିଏମ କେୟାରସ ପାଣ୍ଠି ପ୍ରତିଷ୍ଠିତ ହୋଇଥିଲା । କଂଗ୍ରେସ ଶାସନ ସମୟରେ କେବଳ ଗୋଟିଏ ପରିବାର ଦେଶକୁ ନିୟନ୍ତ୍ରଣ କରୁଥିଲା ।' କାହାରି ନାମ ନ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଦାବି କରିଛନ୍ତି ଯେ ସେତେବେଳେ ଜଣେ କଂଗ୍ରେସ ନେତା ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠିର ଅଂଶ ଥିଲେ ।

## ଆହ୍ଲାବାଦ ହାଇକୋର୍ଟଙ୍କ ବିବାଦୀୟ ଆଦେଶ ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ : ଆହ୍ଲାବାଦ ହାଇକୋର୍ଟଙ୍କ ଦୁଷ୍କର୍ମ ଉପରେ ଦେଇଥିବା ବିବାଦୀୟ ଆଦେଶ ଉପରେ ରୋକ ଲଗାଇଛନ୍ତି ସୁପ୍ରିମକୋର୍ଟ । ଆହ୍ଲାବାଦ ହାଇକୋର୍ଟଙ୍କ ବିବାଦୀୟ ଆଦେଶରେ କୁହାଯାଇଥିଲା ଯେ ସ୍ତନ ସ୍ପର୍ଶ କରିବା କିମ୍ବା ପାଇଜାମାର ଡୋର ଖୋଲିବା ଭଳି କାର୍ଯ୍ୟ ଦୁଷ୍କର୍ମ ଉଦ୍ୟମ ନୁହେଁ ଏବଂ ଦୁଷ୍କର୍ମ ଅଭିଯୁକ୍ତଙ୍କ ବିରୋଧରେ ନିଜର ଅଭିଯୋଗ ପ୍ରମାଣ କରିବା ପାଇଁ ପ୍ରସିକ୍ୟୁସନ୍ ଏହି 'ପ୍ରସ୍ତୁତିର ପର୍ଯ୍ୟାୟ'ରୁ ବାହାରକୁ ଯିବା ଉଚିତ୍ । ଆହ୍ଲାବାଦ ହାଇକୋର୍ଟଙ୍କ ମାର୍ଚ୍ଚ ୧୭ ତାରିଖ ଆଦେଶ ବିରୋଧରେ 'ୱି ଦ ୱୋମେନ୍' ନାମକ ଏକ ସଂଗଠନ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ସୁପ୍ରିମକୋର୍ଟ ଏହି ମାମଲାକୁ ନିଜଆଡୁ ଗ୍ରହଣ କରିଥିଲେ । ଜଷ୍ଟିସ ବିଆର୍ ଗାଭାଇ ଏବଂ ଅଗଷ୍ଟିନ ଜର୍ଜ ମସିହଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଏହି ରାୟ ହାଇକୋର୍ଟ ବିଚାରପତିଙ୍କ ସମ୍ବେଦନଶୀଳତାର ଅଭାବକୁ ଦର୍ଶାଉଛି । ସୁପ୍ରିମକୋର୍ଟ କେନ୍ଦ୍ର ଓ ଉତ୍ତରପ୍ରଦେଶ ସରକାରଙ୍କ ଠାରୁ ଜବାବ ମାଗିବା ସହ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଓ ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରମଣିଙ୍କ ସହାୟତା ଲୋଡ଼ିଛନ୍ତି । ଚଳିତ ମାସ ୧୭ ତାରିଖରେ ଜଷ୍ଟିସ ରାମ ମନୋହର ନାରାୟଣ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ କାସଗଞ୍ଜରେ ଜଣେ ଅଭିଯୁକ୍ତଙ୍କ ଅପରାଧିକ ସଂଶୋଧନ ଆବେଦନକୁ ମଞ୍ଜୁର କରି ବିବାଦୀୟ ଆଦେଶ ଦେଇଥିଲେ । ଅଭିଯୁକ୍ତ ପବନ ଓ ଆକାଶଙ୍କ ବିରୋଧରେ ଆସିଥିବା ଅଭିଯୋଗ ଏବଂ ମାମଲାର ତଥ୍ୟ ଦୁଷ୍କର୍ମ ଉଦ୍ୟମ ଅପରାଧ ନୁହେଁ ବୋଲି କୋର୍ଟ କହିଥିଲେ ।

## ମାତା କର୍ମାଙ୍କ ଉପରେ ସ୍ମାରକ ଡାକ ଟିକେଟ ଜାରି କଲା ଡାକ ବିଭାଗ

ନୂଆଦିଲ୍ଲୀ: ଡାକ ବିଭାଗ ପ୍ରଖ୍ୟାତ ସନ୍ଥ, ସମାଜ ସଂସ୍କାରକ ତଥା ଭଗବାନ କୃଷ୍ଣଙ୍କ ଅନନ୍ୟ ଭକ୍ତ ମାତା କର୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ତାଙ୍କ ୧୦୦୯ତମ ଜୟନ୍ତୀ ଅବସରରେ ଏକ ସ୍ମାରକ ଡାକ ଟିକେଟ ଜାରି କରିଛନ୍ତି । ମାତା କର୍ମାଙ୍କ ଭଗବାନ କୃଷ୍ଣଙ୍କ ପ୍ରତି ଅତୁଟ ଭକ୍ତି ଓ ସମାଜ ସଂସ୍କାର ପ୍ରତି ତାଙ୍କ ଆଜୀବନ ପ୍ରତିବଦ୍ଧତା ପାଇଁ ଜଣାଯାଇଥାଏ । ସଂଚାର ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରାଳୟ ବୁଧବାର ଏକ ବୟାନରେ କହିଛି ଯେ, ଡାକ ବିଭାଗ ମଙ୍ଗଳବାର ରାୟପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ମାତା କର୍ମାଙ୍କ ୧୦୦୯ତମ ଜୟନ୍ତୀ ଅବସରରେ ତାଙ୍କ ସମ୍ମାନରେ ଏକ ସ୍ମାରକ ଡାକ ଟିକେଟ ଜାରି କରିଛନ୍ତି ।

## ବିଷ୍ଣୁଦେବଙ୍କୁ ଭେଟିଲେ କର୍ଣ୍ଣାଟକ ଚାମ୍ବର ଅଫ୍ କର୍ମସର ପ୍ରତିନିଧିମଣ୍ଡଳୀ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଫେଡେରେସନ ଅଫ୍ କର୍ଣ୍ଣାଟକ ଚାମ୍ବର୍ସ ଅଫ୍ କର୍ମସ ଏବଂ ଇଣ୍ଡଷ୍ଟ୍ରିର ପ୍ରତିନିଧି ମଣ୍ଡଳକୁ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ବୈଠକରେ କର୍ଣ୍ଣାଟକ ଏବଂ ଛତିଶଗଡ ମଧ୍ୟରେ ଔଦ୍ୟୋଗିକ ବିକାଶ, ରୋଜଗାର ସୃଜନ ଏବଂ ବ୍ୟବସାୟ ସହଯୋଗ ନେଇ ଆଲୋଚନା କରାଯାଇଥିଲା । କର୍ଣ୍ଣାଟକ ସରକାରଙ୍କ ୨୦୨୫-୩୦ ଔଦ୍ୟୋଗିକ ନୀତି ଅନୁଯାୟୀ ଛତିଶଗଡରେ ପୁଞ୍ଜି ନିବେଶ ପାଇଁ ବିଚାର କରାଯିବ ବୋଲି ପ୍ରତିନିଧିମଣ୍ଡଳୀ ପ୍ରତିଶ୍ରୁତି ଦେଇଥିଲେ । ସୂଚନାଯୋଗ୍ୟ ଯେ, ଛତିଶଗଡରେ ବିଷ୍ଣୁଦେବଙ୍କ ନେତୃତ୍ୱରେ ଶାସନ କରୁଥିବା ବିଜେପି ସରକାର ରାଜ୍ୟରେ ଶିଳ୍ପର ବିକାଶ ପାଇଁ ଠୋସ ପଦକ୍ଷେପମାନ ଗ୍ରହଣକରୁଛନ୍ତି । ଏହି ପରିପ୍ରେକ୍ଷିରେ କର୍ଣ୍ଣାଟକ ଚାମ୍ବର ଅଫ୍ କର୍ମସର ପ୍ରତିନିଧିମାନେ ରାଜ୍ୟରେ ପୁଞ୍ଜିନିବେଶ ପାଇଁ ଆଗ୍ରହୀ ଥିବା ସୂଚନା ଦେଇଛନ୍ତି ।

## ରିଫାଇନ୍ଡ ତେଲ ଏବଂ ମାତ୍ରାଧିକ ପ୍ରକ୍ରିୟାକୃତ ଖାଦ୍ୟ ଉପରେ କଠୋର ଆଇନ ଆବଶ୍ୟକ: ନବୀନ ଜିନ୍ଦଲ




ନୂଆଦିଲ୍ଲୀ: ସାଂସଦ ନବୀନ ଜିନ୍ଦଲ ବୁଧବାର ସଂସଦରେ ରିଫାଇନ୍ଡ ତେଲ ଏବଂ ମାତ୍ରାଧିକ ପ୍ରକ୍ରିୟାକୃତ ଖାଦ୍ୟ (ଅଲ୍ଟ୍ରା ପ୍ରୋସେସ୍ଡ ଫୁଡ) ଦ୍ୱାରା ସୃଷ୍ଟି ହେଉଥିବା ସ୍ୱାସ୍ଥ୍ୟ ସମସ୍ୟା ପ୍ରସଙ୍ଗ ଉଠାଇଛନ୍ତି । ଜନସାଧାରଣଙ୍କ ସୁସ୍ଥ ଜୀବନଯାପନ ପାଇଁ ସେ ଅଧିକ ସ୍ୱଚ୍ଛତା, କଠୋର ନିୟମ ଏବଂ ଗ୍ରାହକ ସଚେତନତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଥିଲେ ବାରମ୍ବାର ରିଫାଇନ୍ ପ୍ରକ୍ରିୟା ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱକୁ ନଷ୍ଟ କରିଦିଏ ଏବଂ କ୍ଷତିକାରକ ଟ୍ରାନ୍ସଫ୍ୟାଟ୍ ସୃଷ୍ଟି କରେ, ଯାହା ହୃଦରୋଗ, ମଧୁମେହ ଏବଂ ମେଦ ବହୁଳତା ପରି ଜୀବନ ଶୈଳୀ ଜନିତ ରୋଗର ଆଶଙ୍କାକୁ ଯଥେଷ୍ଟ ବୃଦ୍ଧି କରିଥାଏ । ଏହି ଖାଦ୍ୟ ପଦାର୍ଥରେ ଅତ୍ୟଧିକ ରାସାୟନିକ ପ୍ରିଜେଭ୍‌ଟିଭ୍ ଏବଂ କ୍ଷତିକାରକ ଫ୍ୟାଟ୍ ରହିଥାଏ, ଯାହା ସ୍ୱାସ୍ଥ୍ୟ ସମସ୍ୟାକୁ ବଢ଼ାଇଥାଏ । ଭ୍ରମାତ୍ମକ ପ୍ୟାକେଜିଂ ଯୋଗୁଁ ଅନେକ ଉପଭୋକ୍ତା କ'ଣ ଖାଉଛନ୍ତି ସେ ବିଷୟରେ ଅଜ୍ଞ ଥା'ନ୍ତି । ଶ୍ରୀ ଜିନ୍ଦଲ ସରକାରଙ୍କୁ କଠୋର ଖାଦ୍ୟ ଲେବଲିଂ ଆଇନ ପ୍ରଣୟନ କରିବାକୁ ଅନୁରୋଧ କରିଥିଲେ, ଯେଉଁଥିପାଇଁ ଉତ୍ପାଦନକାରୀମାନେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବା ଆବଶ୍ୟକ ଯେ ଉତ୍ପାଦରେ ରିଫାଇଣ୍ଡ ତେଲ ବ୍ୟବହାର ହୋଇଛି କି ନାହିଁ ଏବଂ ଏହା ମାତ୍ରାଧିକ ପ୍ରକ୍ରିୟାକୃତ ଖାଦ୍ୟ ବର୍ଗରେ ଆସୁଛି କି ନାହିଁ । ରିଫାଇଣ୍ଡ ତେଲ ଏବଂ ମାତ୍ରାଧିକ ପ୍ରକ୍ରିୟାକୃତ ଖାଦ୍ୟର ସ୍ୱାସ୍ଥ୍ୟ ପ୍ରଭାବ ଉପରେ ଏକ ଶ୍ୱେତପତ୍ର ଜାରି କରିବାକୁ ସେ ଅନୁରୋଧ କରିଛନ୍ତି, ଯାହା ଦ୍ୱାରା ଏହାର ଅଧିକ ବୈଜ୍ଞାନିକ ଅଧ୍ୟୟନ କରାଯାଇପାରିବ । ପାରମ୍ପାରିକ ଏବଂ କୋଲ୍ଡ ପ୍ରେସ୍ଡ ତେଲ, ପ୍ରାକୃତିକ ଏବଂ ଜୈବିକ ଖାଦ୍ୟକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ଉପରେ ଶ୍ରୀ ଜିନ୍ଦଲ ଗୁରୁତ୍ୱାରୋପ କରିଥିଲେ । ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ କରିବା ପାଇଁ ଦେଶର ନାଗରିକମାନେ ସୁସ୍ଥ ରହିବା ନିତାନ୍ତ ଜରୁରୀ ବୋଲି ଶ୍ରୀ ଜିନ୍ଦଲ କହିଛନ୍ତି ।ଲୁକ୍କାୟିତ ସ୍ୱାସ୍ଥ୍ୟ ସଂକଟରୁ ଉପଭୋକ୍ତାଙ୍କ ସୁରକ୍ଷା ଏବଂ ଏବଂ ଏକ ପ୍ରଭାବଶାଳୀ ଆଇନ ପ୍ରଣୟନ ପାଇଁ ପଦକ୍ଷେପ ନେବାକୁ ସେ ଅପିଲ୍ କରିଛନ୍ତି ।

## ବେଆଇନ ଭାବେ କାଟିଥିଲେ ଗଛ, ୪.୫୪ କୋଟି ଟଙ୍କା ଜରିମାନା ଲଗାଇଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ: ପରିବେଶ ସୁରକ୍ଷା ପାଇଁ ଏକ ଐତିହାସିକ ରାୟରେ ବେଆଇନ ଭାବେ ଗଛ କାଟିଥିବା ଜଣେ ବ୍ୟକ୍ତିଙ୍କ ଉପରେ ସୁପ୍ରିମକୋର୍ଟ ଜରିମାନା ଲଗାଇଛନ୍ତି । ସୁପ୍ରିମକୋର୍ଟ ସଂରକ୍ଷିତ ତାଜ ଟ୍ରାପିଜିୟମ୍ ଜୋନରେ ୪୫୪ଟି ଗଛ ବେଆଇନ ଭାବରେ କାଟିଥିବା ଜଣେ ବ୍ୟକ୍ତିଙ୍କ ଉପରେ ମୋଟ ଅଙ୍କର ଜରିମାନା ଲଗାଇଛନ୍ତି । ପ୍ରତ୍ୟେକ ଗଛ ପାଇଁ ୧ ଲକ୍ଷ ଟଙ୍କା ହିସାବରେ ମୋଟ ୪.୫୪ କୋଟି ଟଙ୍କା ଜରିମାନା ଲଗାଇଛନ୍ତି । ଶିବ ଶଙ୍କର ଅଗ୍ରୱାଲ ମଥୁରା-ବୃନ୍ଦାବନର ଡାଲମିଆ ଫାର୍ମରେ ବ୍ୟକ୍ତିଗତ ଜମିରେ ଥିବା ୪୫୪ଟି ଗଛକୁ ବେଆଇନ ଭାବରେ କାଟି ଦେଇଥିଲେ । ଏଥିରୁ ୩୨ଟି ଗଛ ରାସ୍ତା କଡ଼ରେ ସଂରକ୍ଷିତ ଜଙ୍ଗଲ ଜମିରେ ଥିଲା । ଅଗ୍ରୱାଲ ତାଙ୍କର ଭୁଲ ସ୍ୱୀକାର କରିବା ସହ ଜରିମାନା ହ୍ରାସ କରିବାକୁ ଅନୁରୋଧ କରିଥିଲେ । ଏହା ସତ୍ତ୍ୱେ ବିଚାରପତି ଅଭୟ ଏସ୍ ଓକା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ ଏହି ମାମଲାରେ କୌଣସି ପ୍ରକାରର ଅନୁକମ୍ପା ଦେଖାଇବାକୁ ମନା କରିଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ ଆହୁରି କହିଛନ୍ତି ଯେ ପରିବେଶକୁ କ୍ଷତି ପହଞ୍ଚାଇବା ମାନବ ଜୀବନକୁ କ୍ଷତି ପହଞ୍ଚାଇବା ପରି ଗୁରୁତର । ଖଣ୍ଡପୀଠ କହିଛନ୍ତି, 'ପରିବେଶ ମାମଲାରେ କୌଣସି ଦୟା ରହିବା ଉଚିତ୍ ନୁହେଁ । ବହୁ ସଂଖ୍ୟକ ଗଛ କାଟିବା ମଣିଷକୁ ହତ୍ୟା କରିବାଠାରୁ ମଧ୍ୟ ଖରାପ ।'

## ସାରାଦେଶରେ ପାରଦ ଉପରମୁହାଁ: ଲୋକେ କଲବଲ



ନୂଆଦିଲ୍ଲୀ : ମାର୍ଚ୍ଚ ମାସ ନସରୁଣୁ ପୃଥିବୀ ତାତି ଗଲାଣି । ଭାରତର ଅନେକ ସ୍ଥାନରେ ତାପମାତ୍ରା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଦିଲ୍ଲୀ-ଏନସିଆରରେ ତାପମାତ୍ରା ୪୦ ଡିଗ୍ରୀ ପାର୍ କରିବାର ସମ୍ଭାବନା ରହିଛି । ଉତ୍ତର ଭାରତର ସମତଳ ଅଞ୍ଚଳରେ ଗରମ ପ୍ରଭାବ ବୃଦ୍ଧି ପାଉଥିବାବେଳେ ପାହାଡିଆ ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ରହିଛି । ପାଣିପାଗ ବିଭାଗ ଅନେକ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଏବଂ ପ୍ରବଳ ବର୍ଷାର ସତର୍କତା ଜାରି କରିଛି । ଆଗାମୀ ଦିନରେ ପାଗରେ ଆହୁରି ପରିବର୍ତ୍ତନ ଆସିବାର ଆଶା କରାଯାଉଛି । ଦିଲ୍ଲୀ-ଏନସିଆରରେ ହିଟ୍ ୱେଭ ଆଲର୍ଟ ଜାରି ହୋଇଛି । ଲୋକଙ୍କ ଜନ ଜୀବନ ଅସ୍ତବ୍ୟସ୍ତ ହେବାରେ ଲାଗିଛି । ଆଜିଠୁ ମେ ଓ ଜୁନ୍ ଭଳି ପରିସ୍ଥିତି ସୃଷ୍ଟି ହେବା ଆରମ୍ଭ ହୋଇସାରିଛି । ପାଣିପାଗ ବିଭାଗ ଅନୁଯାୟୀ, ଗରମ ଯୋଗୁଁ ଆଗକୁ ପରିସ୍ଥିତି ସାଂଘାତିକ ହେବାର ସମ୍ଭାବନା ରହିଛି । ବୁଧବାର ଦିନ, ଦିଲ୍ଲୀ-ଏନସିଆରରେ ସର୍ବାଧିକ ତାପମାତ୍ରା ୩୯ ରୁ ୪୦ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ପାଣିପାଗ ବିଭାଗ ଅନୁଯାୟୀ, ଦିଲ୍ଲୀରେ ଖରାର ପ୍ରକୋପ ବଢ଼ିବ । ଆକାଶ ମେଘମୁକ୍ତ ରହିବ । ସର୍ବନିମ୍ନ ତାପମାତ୍ରା ମଧ୍ୟ ୧୮ ଡିଗ୍ରୀ ସେଲସିୟସକୁ ବୃଦ୍ଧି ପାଇବ । ଏହା ପରେ, ଆଗାମୀ ତିନି ଦିନ ପାଇଁ ପାଗରେ ପରିବର୍ତ୍ତନ ହେବ । ସାଧାରଣତଃ ତାପମାତ୍ରାରେ ୩ ରୁ ୪ ଡିଗ୍ରୀ ସେଲସିୟସ୍ ହ୍ରାସ ରେକର୍ଡ କରାଯାଇପାରିବ । ପାଣିପାଗ ବିଭାଗ କହିଛି ଯେ ବୁଧବାର ଜମ୍ମୁ-କାଶ୍ମୀର, ଲଦାଖର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ପ୍ରବଳ ପବନ (ପ୍ରତି ଘଣ୍ଟା ୪୦-୫୦ କିଲୋମିଟର ବେଗ) ସହିତ ଝଡ଼ବର୍ଷା ଏବଂ ବିଜୁଳି ମାରିବାର ସମ୍ଭାବନା ମଧ୍ୟ ଅଛି । ଏହା ବ୍ୟତୀତ ହିମାଚଳ ପ୍ରଦେଶ, ପଞ୍ଜାବ, କର୍ଣ୍ଣାଟକ ଏବଂ କେରଳର ବିଭିନ୍ନ ସ୍ଥାନରେ ବଜ୍ରପାତ ହେବାର ସମ୍ଭାବନା ରହିଛି ।

# ବାଣିଜ୍ୟ



ନୂଆଦିଲ୍ଲୀ : ଦିଲ୍ଲୀ ବଜେଟ ଉପସ୍ଥାପନ କରିବା ସମୟରେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଥିଲେ ଯେ ସରକାର ବରିଷ୍ଠ ନାଗରିକଙ୍କ ପାଇଁ ଆର୍ଥିକ ସହାୟତା ଯୋଜନାକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧ । ସେ କହିଛନ୍ତି, ୬୦ ରୁ ୬୯ ବର୍ଷ ବୟସର ବରିଷ୍ଠ ନାଗରିକଙ୍କ ପାଇଁ ମାସିକ ସହାୟତା ୨,୫୦୦ ଟଙ୍କାକୁ ବୃଦ୍ଧି କରାଯାଉଛି, ଏବଂ ୭୦ ବର୍ଷରୁ ଅଧିକ ବୟସର ବ୍ୟକ୍ତିମାନେ ଏବେ ପ୍ରତି ମାସରେ ୩,୦୦୦ ଟଙ୍କା ପାଇବେ । ଏହା ବ୍ୟତୀତ, ୬୦ ରୁ ୬୯ ବର୍ଷ ବୟସ ବର୍ଗର ଅନୁସୂଚିତ ଜାତି (SC), ଜନଜାତି (ST) ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟର ବରିଷ୍ଠ ନାଗରିକମାନଙ୍କୁ ପ୍ରତି ମାସରେ ଅତିରିକ୍ତ ୫୦୦ ଟଙ୍କା ମିଳିବ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଯୋଜନାଗୁଡ଼ିକ ପାଇଁ ମୋଟ ୩,୨୨୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ୫ ନଭେମ୍ବର, ୨୦୨୪ରେ, ତତ୍କାଳୀନ ଆମ ଆଦମୀ ପାର୍ଟି ସରକାର ବୃଦ୍ଧମାନଙ୍କୁ ଏହି ଉପହାର ଦେଇଥିଲେ । ନାଗରିକ ପେନସନ ଯୋଜନା ଅନୁଯାୟୀ, ୬୦ ବର୍ଷରୁ ଅଧିକ ବୟସର ସମସ୍ତ ଦିଲ୍ଲୀ ବାସିନ୍ଦାଙ୍କୁ ପେନସନ ମିଳିବାର ଥିଲା । ଏହି ଯୋଜନାରେ, ୬୦ ରୁ ୬୯ ବର୍ଷ ବୟସର ବରିଷ୍ଠ ନାଗରିକମାନଙ୍କୁ ପ୍ରତି ମାସରେ ୨,୦୦୦ ଟଙ୍କା ମିଳିବାର ଥିଲା, ଯେତେବେଳେ ୬୯ ବର୍ଷରୁ ଅଧିକ ବୟସର ବରିଷ୍ଠ ନାଗରିକମାନଙ୍କୁ ୨,୫୦୦ ଟଙ୍କା ମିଳିବାର ଥିଲା ।

## ସେଲ ଏବଂ ମ୍ୟାକକିନ୍ସି ଆଣ୍ଡ୍ କମ୍ପାନୀ ଇଣ୍ଡିଆ ଏଲ୍ଏଲ୍ପି ମଧ୍ୟରେ ସହଭାଗିତା




ରାଉରକେଲା (ଭାସ୍କର ନ୍ୟୁଜ୍) : ଭାରତର ମହାରତ୍ନ ରାଷ୍ଟ୍ରାୟତ ଇସ୍ପାତ ଉତ୍ପାଦକ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ), କମ୍ପାନୀରେ ଏକ ବ୍ୟାପକ ଡିଜିଟାଲ୍ ପରିବର୍ତ୍ତନ କାର୍ଯ୍ୟକ୍ରମର ନେତୃତ୍ୱ ନେବା ପାଇଁ ମାର୍ଚ୍ଚ ୨୪ ତାରିଖରେ ମ୍ୟାକକିନ୍ସି ଆଣ୍ଡ୍ କମ୍ପାନୀ ଇଣ୍ଡିଆ ଏଲଏଲପି ସହିତ ଏକ ରଣନୈତିକ ଚୁକ୍ତି ସ୍ୱାକ୍ଷର କରିଛି । ସେଲ ଡିଜିଟାଲ୍ ରୂପାନ୍ତରଣ ପାଇଁ ପରାମର୍ଶଦାତାଙ୍କ ନିଯୋଜନ ନିମନ୍ତେ ଏହି ସହଭାଗିତା କାର୍ଯ୍ୟକ୍ଷମ ଦକ୍ଷତା, ଗ୍ରାହକ ଅଭିଜ୍ଞତା ଏବଂ ପ୍ରଯୁକ୍ତିବିଦ୍ୟା ନବସୃଜନ ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ଚୁକ୍ତିନାମା ବ୍ୟବସାୟିକ ପ୍ରକ୍ରିୟାଗୁଡ଼ିକୁ ଆଧୁନିକୀକରଣ କରିବା, କାର୍ଯ୍ୟଦକ୍ଷତାକୁ ସର୍ବଶ୍ରେଷ୍ଠ ଗଢ଼ିବା ଏବଂ ଏକ ବର୍ଦ୍ଧିତ ଡିଜିଟାଲ୍ ଦୃଶ୍ୟପଟରେ ସ୍ଥାୟୀ ଅଭିବୃଦ୍ଧି ହାସଲ ପାଇଁ ଲକ୍ଷ୍ୟ ରଖିଛି ଯାହା ସେଲକୁ ଅତ୍ୟାଧୁନିକ ଡିଜିଟାଲ୍ କ୍ଷମତାଗୁଡ଼ିକୁ ଏକୀକୃତ କରିବାକୁ ସକ୍ଷମ କରିବ ଏବଂ ଏହା ନିଶ୍ଚିତ କରିବ ଯେ କମ୍ପାନୀ ପ୍ରତିଯୋଗିତାମୂଳକ ରହିବ ଏବଂ ଗ୍ରାହକମାନଙ୍କୁ ଉତ୍କୃଷ୍ଟ ମୂଲ୍ୟ ପ୍ରଦାନ କରିବ । ସେଲଖ ଏବଂ ମ୍ୟାକକିନ୍ସି କୃତ୍ରିମ ବୁଦ୍ଧିମତ୍ତା (ଏଆଇ), କ୍ଲାଉଡ୍ କମ୍ପ୍ୟୁଟିଂ ଏବଂ ଡାଟା ଆନାଲିଟିକ୍ସ ଭଳି ଉନ୍ନତ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରି ଅତ୍ୟାଧୁନିକ ଡିଜିଟାଲ୍ ସମାଧାନ କାର୍ଯ୍ୟକାରୀ କରିବା ପାଇଁ ଏକାଠି କାମ କରିବେ । ଡିଜିଟାଲ୍ ରୂପାନ୍ତରଣ ପ୍ରକଳ୍ପ ଖଣି ଠାରୁ ଆରମ୍ଭ କରି ମାର୍କେଟିଂ ପର୍ଯ୍ୟନ୍ତ ପ୍ରକ୍ରିୟା ମୂଲ୍ୟ ଶୃଙ୍ଖଳର ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ଧ୍ୟାନ ଦେବ, ସୁରକ୍ଷା ଏବଂ ଅନୁପାଳନର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖି ଅଭିନବ ସମାଧାନଗୁଡ଼ିକର ସୁଗମ ସମନ୍ୱୟକୁ ସୁନିଶ୍ଚିତ କରିବ ଏବଂ ୩ ବର୍ଷର ସମୟସୀମା ସହିତ ବାର୍ଷିକ ୧୦୦୦କୋଟି ଟଙ୍କାର ମୂଲ୍ୟ ପ୍ରାପ୍ତିର ଏକ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ହାସଲ କରିବ ।

## ଓପୋ ଏଫ୍ ୨୯ ସିରିଜର ଶୁଭାରମ୍ଭ



ନୂଆଦିଲ୍ଲୀ: ଓପୋ ଇଣ୍ଡିଆ ପ୍ରକୃତ ଡ୍ୟୁରାବୁଲ ଚାମ୍ପିଅନ ଓପୋ ଏଫ୨୯ ସିରିଜର ଶୁଭାରମ୍ଭ କରିଛି । ଭାରତ ପାଇଁ ନିର୍ମିତ ଓ ଭାରତରେ ପରୀକ୍ଷଣ କରାଯାଇଥିବା ଏଫ୨୯ ସିରିଜ ବିଶ୍ୱସ୍ତରୀୟ ଇନିୟରିଂ, ମିଲିଟାରୀ-ଗ୍ରେଡ ଦୃଢତା, ଉତ୍କୃଷ୍ଟ ସଂଯୋଗ ଓ ଶକ୍ତିଶାଳୀ ବ୍ୟାଟେରୀ ପ୍ରଦର୍ଶନକୁ ଏକତ୍ରିତ କରିଛି, ଏହି ସମସ୍ତ ଫିଚର ଏକ ପତଳା ଓ ସୁନ୍ଦର ଡିଜାଇନରେ ସୁସଜ୍ଜିତ ରହିଛି । ଏହି ଉତ୍ପାଦ ସମ୍ପର୍କରେ ଓପୋ ଇଣ୍ଡିଆର ପ୍ରଡକ୍ଟ କମ୍ୟୁନିକେଶନ୍ସ ବିଭାଗର ମୁଖ୍ୟ ସାଭିଓ ଡି'ସୁଜା କହିଛନ୍ତି ଓପୋ ଏଫ୨୯ ସିରିଜ ଭାରତ ପାଇଁ ନିର୍ମିତ ଅଟେ - ଏହା ଏକ ପ୍ରକୃତ ଡ୍ୟୁରାବୁଲ ଚାମ୍ପିଅନ ଅଟେ ଯାହା ଶକ୍ତି, ସଂଯୋଗ ଓ ପ୍ରଦର୍ଶନକୁ ଏକତ୍ରିତ କରିଛି । ଏହି ସିରିଜ ପ୍ରଥମ ଥର ପାଇଁ ଏଫ ସିରିଜରେ ଏଫ୨୯ ବେସ୍ ମଡେଲରେ ଏକ ବିଶାଳ ୬୫୦୦ମେଗାଆମ୍ପିୟର ୪୫ୱାଟ ସୁପରଭିଓଓସି ଫାଷ୍ଟ-ଚାର୍ଜିଂ ବ୍ୟାଟେରୀ ଏବଂ ପ୍ରୋ ଭର୍ସନରେ ୬୦୦୦ମେଗାଆମ୍ପିୟର ୮୦ୱାଟ ସୁପରଭିଓଓସି ଫାଷ୍ଟ ଚାର୍ଜିଂ ବ୍ୟାଟେରୀର ଶୁଭାରମ୍ଭ କରି ଏକ ନୂଆ ବେଂଚମାର୍କ ସ୍ଥିର କରିଛି । ଓପୋ ଏଫ୨୯ ଏକ ପ୍ରିମିୟମ ସଲିଡ ପର୍ପଲ କଲର ଏବଂ ଆଇସି ବ୍ଲୁ ଦ୍ୱାରା ଅନୁପ୍ରାଣିତ ଏକ ଗ୍ଲାସିୟର ବ୍ଲୁ କଲର୍‌ରେ ଉପଲବ୍ଧ ହେବ । ସେହିପରି ଏଫ୨୯ ୫ଜି ଦୁଇଟି ଭାରିଆଂଟ ୮ଜିବି+୧୨ଜିବି ଓ ୮ଜିବି+୨୫୬ଜିବି ଭାରିଆଂଟ ପାଇଁ ୨୩୯୯୯ ଟଙ୍କା /୨୫୯୯୯ ଟଙ୍କାରେ, ଯଥାକ୍ରମେ ଓପୋ ଇ-ଷ୍ଟୋର, ଫ୍ଲିପକାର୍ଟ, ଆମାଜନ ଓ ମେନ୍‌ଲାଇନ ଆଉଟଲେଟରେ ଆସନ୍ତା ମାର୍ଚ୍ଚ ୨୭ ତାରିଖରୁ ଉପଲବ୍ଧ ହେବ । ଓପୋ ଇଣ୍ଡିଆ ଏସ୍‌ବିଆଇ କାର୍ଡ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆକ୍ସିସ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା ଓ ଆଇଡିଏଫ୍‌ସି ଫାର୍ଷ୍ଟ ବ୍ୟାଙ୍କର କ୍ରେଡିଟ୍ କାର୍ଡ ଉପରେ୧୦% ପର୍ଯ୍ୟନ୍ତ ତତ୍କାଳ କ୍ୟାଶବ୍ୟାକ ପ୍ରଦାନ କରୁଛି । ୬ ମାସ ପର୍ଯ୍ୟନ୍ତ ନୋ କଷ୍ଟ୍ ଇଏମ୍‌ଆଇ ଏବଂ ୮ ମାସ ପର୍ଯ୍ୟନ୍ତ ଜିରୋ ଡାଉନ ପେମେଂଟ ସ୍କିମ ପାଇଁ ଉପଭୋକ୍ତା ଋଣ ପାଇପାରିବେ । ଗ୍ରାହକମାନେ ୧୦% ପର୍ଯ୍ୟନ୍ତ ଏକ୍ସଚେଞ୍ଜ ବୋନସ ମଧ୍ୟ ପାଇପାରିବେ ।

## ଗୋଦରେଜ୍ ପକ୍ଷରୁ ବଜାରରେ ପ୍ରବେଶ କଲା ନୂଆ ଏସି




ନୂଆଦିଲ୍ଲୀ: ଗ୍ରୀଷ୍ମ ଋତୁର ଆଗମନ ସହିତ ତାପମାତ୍ରା ବଢୁଥିବା ବେଳେ ଗୋଦରେଜ୍ ଏଂଟରପ୍ରାଇଜେସ୍ ଗ୍ରୁପ୍‌ର ଅଂଶ ଗୋଦରେଜ୍ ଆଣ୍ଡ୍ ବଏସ୍‌ର ଆପ୍ଲାଏନ୍‌ସେସ୍ ବ୍ୟବସାୟ ପକ୍ଷରୁ ନୂଆ ଏସି ବର୍ଗମାଳାକୁ ଉନ୍ମୋଚନ କରାଯାଇଛି । ସେଥିରେ ଏକାଧିକ ପ୍ରକାରର କ୍ଷମତା, ଟନେଜ୍, ପାୱାର ରେଟିଂ ଓ ପ୍ରଯୁକ୍ତି ରହିଛି । ଚଳିତ ବର୍ଷ ଏହି କ୍ଷେତ୍ରରେ ୨ ଗୁଣା ବୃଦ୍ଧି ହୋଇଥିବାବେଳେ କମ୍ପାନି ଚଳିତ ଗ୍ରୀଷ୍ମ ଋତୁରେ ୫୦ ପ୍ରତିଶତ ବ୍ୟବସାୟିକ ଅଭିବୃଦ୍ଧି ହାସଲ କରିବାକୁ ଲକ୍ଷ୍ୟ ରଖିଛି । ୫-ଷ୍ଟାର୍ ଏସି ପୋର୍ଟଫୋଲିଓରେ ଅଧିକ ଏସ୍‌କେୟୁ ସହିତ ଉଚ୍ଚ କ୍ଷମତାର ଏସି ୩ରୁ ୪ ଟନ୍ ପର୍ଯ୍ୟନ୍ତ ରହିଛି । ନୂଆ ଡିଜାଇନର୍ ମଡେଲ୍, ଆଂଟି ଲିକ୍ ଏସି ସହିତ ଏଆଇର ଶକ୍ତି ଥିବା ଏସି, ହଟ୍ ଓ କୋଲ୍ଡ ଏସି ପର୍ଯ୍ୟ' କମ୍ପାନି ଏହାର ଅଭିବୃଦ୍ଧି ଅଭିଳାଷ ପୂରଣ କରିବା ଲାଗି ଏହାର ଦୃଢ଼ ଉତ୍ପାଦ ପୋର୍ଟଫୋଲିଓ ଉପରେ ଭରସା ପ୍ରକଟ କରିଛି । ଚଳିତ ବର୍ଷ କମ୍ପାନି ପକ୍ଷରୁ ସ୍ମାର୍ଟ ଏସି ବର୍ଗରେ ଏକାଧିକ ମଡେଲ୍ ଉନ୍ମୋଚନ କରି ଏହି କ୍ଷେତ୍ର ଉପରେ ଅଧିକ ଗୁରୁତ୍ୱାରୋପ କରାଯାଉଛି । ଏଆଇର ଶକ୍ତି ଥିବା ଗୋଦରେଜ୍ ସ୍ମାର୍ଟ ଏସି, ଆଇଓଟି ସଂଯୋଗ ଏବଂ ୱାଇ-ଫାଇ ନିୟନ୍ତ୍ରଣ ଭଳି ସୁବିଧା ବ୍ୟବହାରକାରୀଙ୍କ ସହଜତା ବଢ଼ାଇଛି । ଏକ ୩୬୦ ଡିଗ୍ରି ଅଭିଯାନ ସହିତ ଗ୍ରାହକଙ୍କ ପାଖରେ ତାହାକୁ ପହଂଚାଯାଇଛି । ଏହି ଅବସରରେ ଗୋଦରେଜ୍ ଏଂଟରପ୍ରାଇଜେସ୍ ଗ୍ରୁପ୍‌ର ଆପ୍ଲାଏନ୍‌ସେସ୍ ବ୍ୟବସାୟର ବ୍ୟବସାୟ ମୁଖ୍ୟ ଓ ଇଭିପି କମଲ ନନ୍ଦୀ କହିଛନ୍ତି ଯେ, 'ଗ୍ରାହକମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ କରିବା ପାଇଁ ଚିନ୍ତାଶୀଳ ନବସୃଜନକୁ ନେଇ ରହିଥିବା ଆମ ଦର୍ଶନକୁ ଆମେ ପାଳନ କରୁଛୁ । ରିମୋଟ ଜରିଆରେ ସଂଯୋଗ ଓ ଭଏସ କମାଣ୍ଡ ଭଳି ନିୟମିତ ସୁବିଧାଠାରୁ ଆଗକୁ ବଢ଼ି ଆମ ସ୍ମାର୍ଟ ଏସି ବର୍ଗମାଳା ଚମତ୍କାର ସମାଧାନ ପ୍ରଦାନ କରୁଛି ଯାହା ମୂଳ ଶୀତଳତା ପ୍ରଦର୍ଶନକୁ ବଢ଼ାଇବ କିମ୍ବା ବାସ୍ତବ ସୁବିଧାରେ ଉନ୍ନତି ଆଣିବ । ଗୋଦରେଜ୍ ଏଂଟରପ୍ରାଇଜେସ୍ ଗ୍ରୁପ୍‌ର ଆପ୍ଲାଏନ୍‌ସେସ୍ ବ୍ୟବସାୟର ଉତ୍ପାଦ ଗ୍ରୁପ୍ ମୁଖ୍ୟ-ଏସି ସବ୍ୟସାଚୀ ଗୁପ୍ତା କହିଛନ୍ତି ଯେ, 'ଗ୍ରାହକମାନେ ଆଜିକାଲି ଶୈଳୀ, ପ୍ରଦର୍ଶନ ଏବଂ ସ୍ମାର୍ଟ ସୁବିଧାର ମିଶ୍ରଣ ଚାହୁଁଛନ୍ତି । ଆମେ ଆମର ବ୍ୟାପକ ନୂତନ ଏସି ପୋର୍ଟଫୋଲିଓ ପ୍ରଚଳନ କରି ଖୁସି ଅନୁଭବ କରୁଛୁ ଯାହା ଉଚ୍ଚ ଶକ୍ତି ରେଟିଂ, ଡିଜାଇନ୍, ଏଆଇ ଚାଳିତ, ସ୍ମାର୍ଟ କନେକ୍ଟେଡ୍ ପୋର୍ଟଫୋଲିଓଠାରୁ ଆରମ୍ଭ କରି ବାଣିଜ୍ୟିକ ଏସି ପର୍ଯ୍ୟନ୍ତ ଉଚ୍ଚ ଶୀତଳ କ୍ଷମତା ଥିବା ଆମର ଉପଭୋକ୍ତାଙ୍କ ଭିନ୍ନ ଭିନ୍ନ ଆବଶ୍ୟକତାକୁ ପୂରଣ କରୁଛି । ନୂଆ ସ୍ମାର୍ଟ ଏସିର ଦାମ୍ ୪୨,୯୦୦ ଟଙ୍କାରୁ ଆରମ୍ଭ ହୋଇଛି ଏବଂ ସାରା ଭାରତରେ ସ୍ୱୀକୃତିପ୍ରାପ୍ତ ଷ୍ଟୋର୍ ଓ ଇ-କମର୍ସ ପ୍ଲାଟଫର୍ମରେ ଉପଲବ୍ଧ ହେବ ।

## ଡାଲମିଆ ପକ୍ଷରୁ ଜିପ୍ରୋକ୍ ଇଣ୍ଡିଆ ସହିତ ସହଯୋଗିତା




ନୂଆଦିଲ୍ଲୀ: ଭାରତର ଅଗ୍ରଣୀ ସିମେଣ୍ଟ କମ୍ପାନୀ ଡାଲମିଆ ଭାରତ ଲିମିଟେଡ (ଡିବିଏଲ୍)ର କର୍ପୋରେଟ ସାମାଜିକ ଦାୟିତ୍ୱ ନିର୍ବାହ ଶାଖା ଡାଲମିଆ ଭାରତ ଫାଉଣ୍ଡେସନ (ଡିବିଏଫ) ଡ୍ରାଏୱାଲ ଓ ଫଲ୍ସ ସିଲିଂ ବ୍ୟବସ୍ଥା ସମ୍ପର୍କରେ ସ୍ୱତନ୍ତ୍ର ତାଲିମ ପ୍ରଚଳନ କରିବାକୁ ଲାଇଟ ଓ ଦୀର୍ଘସ୍ଥାୟୀ ନିର୍ମାଣରେ ବିଶ୍ୱସ୍ତରରେ ଅଗ୍ରଣୀ ସେଣ୍ଟ-ଗୋବେନ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ (ଜିପ୍ରୋକ୍ ବିଜନେସ୍) ସହିତ ସହଯୋଗୀତା ଘୋଷଣା କରିଛି । ଏହି କାର୍ଯ୍ୟକ୍ରମ ଡିବିଏଫର ଓଡ଼ିଶାର ରାଜଗାଙ୍ଗପୁରସ୍ଥିତ ଦୀକ୍ଷା କୌଶଳ ବିକାଶ କେନ୍ଦ୍ରରେ ପରିଚାଳିତ ହେବ । ଏହି ସହଯୋଗୀତା ଜିପ୍ରୋକ୍ ଇଣ୍ଡିଆର ଶିଳ୍ପରେ ଅଗ୍ରଣୀ ବୈଷୟିକ ବିଦ୍ୱତା ଏବଂ ଦୀକ୍ଷାର ଦମ୍‌ଦାର ତାଲିମ ବ୍ୟବସ୍ଥାକୁ ବାର୍ଷିକ ୧୨୦ ଜଣ ଯୁବକଙ୍କୁ ଶିଳ୍ପ ଉପଯୋଗୀ କୌଶଳରେ ପୂର୍ଣ୍ଣ ସୁସଜ୍ଜିତ କରିବାକୁ ଏକତ୍ରିତ କରୁଛି, ଯାହା ନିର୍ମାଣ କ୍ଷେତ୍ରରେ ତାଲିମପ୍ରାପ୍ତ ବୃତ୍ତିଧାରୀଙ୍କର ବର୍ଦ୍ଧିତ ଚାହିଦା ପୂରଣ ପ୍ରତି ଦୃଷ୍ଟି ଦେଉଛି । ଅଶୋକ ଗୁପ୍ତା, ସିଇଓ, ଡାଲମିଆ ଭାରତ ଫାଉଣ୍ଡେସନ କହିଥିଲେ, ଦ୍ରୁତ ସହରୀକରଣ ଆଧୁନିକ ନିର୍ମାଣ କୌଶଳ ଚାହିଦାକୁ ଆଗେଇ ନେଉଛି, ଯାହା ଡ୍ରାଏୱାଲ ଓ ଫଲ୍ସ ସିଲିଂ ବ୍ୟବସ୍ଥାରେ ସ୍ୱତନ୍ତ୍ର ଜ୍ଞାନଥିବା କୌଶଳକୁ ଆବଶ୍ୟକ କରିଛି । ସୁଦୀପ କୋଲଟେ, ମ୍ୟାନେଜିଂ ଡାଇରେକ୍ଟର, ସେଣ୍ଟ-ଗୋବେନ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ, ଜିପ୍ରୋକ୍ ବିଜନେସ, ଏହି ପ୍ରୟାସର ଗୁରୁତ୍ୱ ଉପରେ ଜୋରଦେଇ କହିଥିଲେ, ଜିପ୍ରୋକ୍‌ରେ ଆମେ ବିଶ୍ୱାସ କରୁଛୁ ଯେ ଭବିଷ୍ୟତ ପାଇଁ ପ୍ରସ୍ତୁତ ନିର୍ମାଣ ଶିଳ୍ପ ଗଢ଼ିତୋଳିବା ନିମନ୍ତେ କୌଶଳତାର ବିକାଶ ମୁଖ୍ୟ ଭୂମିକା ନେଉଛି । ଡାଲମିଆ ଭାରତ ଫାଉଣ୍ଡେସନ ସହିତ ଆମର ସହଯୋଗୀତା ବ୍ୟକ୍ତିବିଶେଷଙ୍କୁ ଶିଳ୍ପ ଆବଶ୍ୟକ କରୁଥିବା ବିଶେଷ ଜ୍ଞାନକୌଶଳରେ ସଶକ୍ତ କରିବା ନିମନ୍ତେ ଆମର ପ୍ରତିବଦ୍ଧତାକୁ ପୁନଃସୁଦୃଢ କରୁଛି । ଶିଳ୍ପ ମୁତାବକ ତାଲିମ ଯୋଗାଇଦେଇ ଆମେ କେବଳ କୁଶଳୀ ବୃତ୍ତିଧାରୀଙ୍କୁ ପ୍ରସ୍ତୁତ କରୁନାହୁଁ ତାହାସହିତ ନବସୃଜନ ଏବଂ ପାରଦର୍ଶିତା ସହିତ ଏହି କ୍ଷେତ୍ରକୁ ମଜଭୁତ କରୁଛୁ । ଏହି ପ୍ରୟାସ ଦୀର୍ଘସ୍ଥାୟୀ, ଉଚ୍ଚ ପ୍ରଦର୍ଶନକାରୀ ନିର୍ମାଣ ସମାଧାନକୁ ଆଗେଇନେବା ଏବଂ ସେହି ସମୟରେ ଜନସାଧାରଣଙ୍କ ଉପରେ ଏକ ଦୀର୍ଘସ୍ଥାୟୀ ପ୍ରଭାବ ପକାଇବା ନିମନ୍ତେ ଆମର ଲକ୍ଷ୍ୟ ସହିତ ସଠିକ ମେଳ ଖାଉଛି ।ଏହି ମିଳିତ ଉଦ୍ୟୋଗ ଜରିଆରେ ଡିବିଏଫ୍ ଏବଂ ସେଣ୍ଟ-ଗୋବେନ ଇଣ୍ଡିଆ ଯୁବବର୍ଗଙ୍କୁ ଶିଳ୍ପ ଉପଯୋଗୀ କୌଶଳରେ ସଶକ୍ତ କରି, ପ୍ରତିଭା କ୍ଷେତ୍ରରେ ରହୁଥିବା ତାରତମ୍ୟ ଦୂରୀକରଣ ଏବଂ ନିର୍ମାଣ କ୍ଷେତ୍ରକୁ ସୁଦୃଢ କରି ଜୀବନରେ ରୂପାନ୍ତରଣ ଆଣିବାକୁ ଲକ୍ଷ୍ୟ ରଖିଛନ୍ତି ।

## ଜଳଜୀବନ ମିସନ ୫ଟ୍ରିଲିୟନ୍ ଲିଟର ଜଳ ପୁନରୁଦ୍ଧାର କରିଛି ହିନ୍ଦୁଜା



ନୂଆଦିଲ୍ଲୀ: ବିଶ୍ୱଜଳ ଦିବସରେ ୧୧୦ବର୍ଷ ପୁରୁଣା ହିନ୍ଦୁଜା ଗ୍ରୁପ୍‌ର ଶାଖା ହିନ୍ଦୁଜା ଫାଉଣ୍ଡେସନ ଏହାର ପ୍ରମୁଖଜଳ ଜୀବନ ମିସନ ଅଭିଯାନରେ ୧୮ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ୪୦୦୦ରୁ ଅଧିକଗ୍ରାମରେ ୫ ନିୟୁତ ଲୋକଙ୍କ ସକାରାତ୍ମକ ଭାବେ ପ୍ରଭାବିତ କରିଛି । ଫାଉଣ୍ଡେସନର ଏହି ଜଳ ସୁରକ୍ଷା ଅଭିଯାନରେ୪ ନିୟୁତଏକର ଚାଷ ଜମିରେ ୫ ଟ୍ରିଲିୟନ ଲିଟର ଜଳ ପୁନରୁଦ୍ଧାର କରାଯାଇଛି । ଏହା ୧୦୦ ହ୍ରଦ ପୁନରୁଦ୍ଧାର, ୨୦,୦୦୦ ଖୋଲା କୂପକୁ ପୁନରୁଦ୍ଧାର କରାଯାଇଥିବା ବେଳେ ଭୂତଳ ଜଳ ରିଚାର୍ଜ ପାଇଁ ୭୬୫ ଚେକ୍-ଡ୍ୟାମ୍‌ସ୍ଥାପନ କରାଯାଇଛି । ହିନ୍ଦୁଜା ଫାଉଣ୍ଡେସନର ସଭାପତି ପଲ ଆବ୍ରାହମ୍ କହିଛନ୍ତି ଯେ, 'ଜଳାଭାବ ହେଉଛି ଭାରତର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ । ଜଳ ସଂରକ୍ଷଣ ଉଦ୍ୟମକୁ ବଢ଼ାଇବା, ଗୋଷ୍ଠୀକୁ ସଶକ୍ତ କରିବା ପାଇଁ ଫାଉଣ୍ଡେସନ ପ୍ରତିବଦ୍ଧ ରହିଛି । ଫାଉଣ୍ଡେସନ ପକ୍ଷରୁ ରୁଫଟପ୍ ଜଳ ଅମଳ ଢ଼ାଂଚା ଜରିଆରେ ସୁରକ୍ଷିତ ପାନୀୟଜଳ ପହଂଚାଇବାର ପ୍ରସାର କରିବ ଯାହା ଗ୍ରାମୀଣ ଅଂଚଳରେ ମହିଳାଙ୍କ ଚାପକୁ ଦୂର କରିବ ଏବଂ ମହିଳାସଶକ୍ତୀକରଣ ଏବଂ ଜୀବନଜୀବିକା ସୁଯୋଗକୁ ବଢ଼ାଇବ । ଭାରତୀୟ ସେନାସହିତ ନୀଳଗିରି ୱେଲିଙ୍ଗଟନ ୱେଟଲ୍ୟାଣ୍ଡ, ପୁଣେରେ ରାଜ୍ୟ ସଂରକ୍ଷିତ ପୋଲିସ ବଳ ସହିତ ପୋଖରୀର ପୁନରୁଦ୍ଧାର, ଦିଲ୍ଲୀରେ ୧୦୦୦ ବର୍ଷ ପୁରୁଣା ହଜ୍‌ଶାମସି, ଅହମ୍ମଦାବାଦର ମକର୍ବାଟାଙ୍କି, ରାଜସ୍ଥାନ ଅଲୱରରରା ନିମୋସିସାଗର, ଯୋଦ୍ଧପୁରର ନବଲଖାବାୱରିଭଳି ଅନେକଉଲ୍ଲେଖନୀୟଜଳାଶୟ ପୁନରୁଦ୍ଧାରକରିବାଭଳି ଉଦ୍ୟମରେଫାଉଣ୍ଡେସନ ପ୍ରତ୍ୟକ୍ଷଭାବେ ନିୟୋଜିତ ରହିଛି ।




ନୂଆଦିଲ୍ଲୀ: ଭାରତୀୟ ଦଳର ଦ୍ରୁତ ବୋଲର ମହମ୍ମଦ ଶାମି ଭଉଣୀ ଏବଂ ଭିଣୋଇ କେନ୍ଦ୍ର ସରକାରଙ୍କ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅଧୀନରେ ପଞ୍ଜିକୃତ ହୋଇ ମଜୁରୀ ଗ୍ରହଣ କରିଥିବା ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଏହି ରିପୋର୍ଟରେ ଦାବି କରାଯାଇଛି ଯେ, ୨୦୨୧ରୁ ୨୦୨୪ ମଧ୍ୟରେ ଶାମୀଙ୍କ ଭଉଣୀ ଶାବିନା ଏହି ଯୋଜନା ଅଧୀନରେ ଏକ ଶ୍ରମିକ ଭାବେ ପଞ୍ଜିକୃତ କରି ଟଙ୍କା ଗ୍ରହଣ କରିଥିଲେ। ତେବେ ଏହି ଖବର ବିଷୟରେ ଶାମିଙ୍କ ପରିବାର ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ନିକଟରେ ଶେଷ ହୋଇଥିବା ଚାମ୍ପିୟନ୍ସ ଟ୍ରଫି ଫାଇନାଲ ମୁକାବିଲାରେରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଶାମି ଏକ ନିଆରା ରେକର୍ଡ ନିଜ ନାମରେ ସାମିଲ କରିଥିଲେ। ଏହି ଟୁର୍ଣାମେଣ୍ଟରେ ଭାରତ ପାଇଁ ମିଳିତ ଭାବେ ସର୍ବାଧିକ ଉଇକେଟ ନେଇଥିବା ଶାମି କିନ୍ତୁ ଫାଇନାଲ ମୁକାବିଲାରେ ଅଧିକ ରନ୍ ବ୍ୟୟ କରିଥିଲେ। ୯ ଓଭର ବୋଲିଂ କରି ଶାମି ୭୪ ରନ୍ ବ୍ୟୟରେ ମାତ୍ର ଗୋଟିଏ ଉଇକେଟ ପାଇଥିଲେ। ଏଥିସହିତ ଶାମି ଦ୍ୱିତୀୟ ସର୍ବାଧିକ ରନ୍ ବ୍ୟୟ କରିଥିବା ବାହାରତୀୟ ବୋଲର ହୋଇଥିଲେ। ପୂର୍ବରୁ ୨୦୧୩ରେ ଉମେଶ ଯାଦବ ୭୫ ରନ୍ ବ୍ୟୟରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୨ ଉଇକେଟ ନେଇଥିଲେ।

**୬ଷ୍ଠ ମ୍ୟାଚ୍ | ରାଜସ୍ଥାନ ରୟାଲ୍ସ ବନାମ କୋଲକାତା ନାଇଟ୍ ରାଇଡର୍ସ**


# କୋଲକାତା ନାଇଟ୍ ରାଇଡର୍ସ ୮ ୱିକେଟ୍‌ରେ ବିଜୟୀ






ଗୁଆହାଟୀ: ଆଇପିଏଲ ୨୦୨୫ ସିଜିନ୍ -୧୮ର ଷଷ୍ଠ ମ୍ୟାଚ୍ ବୁଧବାର ଗୁଆହାଟୀର ବରସାପାରା କ୍ରିକେଟ ଷ୍ଟାଡିୟମରେ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍) ଏବଂ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌କୁ କେକେଆର୍ ୮ୱିକେଟରେ ଜିତି ନେଇଛି। କେକେଆର ଅଧିନାୟକ ଅଜିଙ୍କ୍ୟା ରାହାଣେ ଟସ୍ ଜିତି ରାଜସ୍ଥାନକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ । ପ୍ରଥମେ ବ୍ୟାଟିଂ ପାଇଁ ଓହ୍ଲାଇଥିବା ରାଜସ୍ଥାନ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ଚାଲିଥିଲା । ଦଳ ପକ୍ଷରୁ କୌଣସି ବଡ଼ ଭାଗୀଦାରି ହୋଇପାରି ନଥିଲା । ଓପନର ଯଶସ୍ୱୀ ଜୈସ୍ୱାଲ ୨୯, ସଞ୍ଜୁ ସାମସନ ୧୩, ରିୟାନ ପରାଗ ୨୫, ଧ୍ରୁବ ଜୁରେଲ ୩୩ ରନ୍ କରିଥିଲେ । ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ମାତ୍ର ୧୫୧ ରନ୍ କରିବାରେ ସକ୍ଷମ ହୋଇଥିଲା । ଅନ୍ୟପଟେ କୋଲକାତା ନାଇଟ୍ ରାଇଡର୍ସ ପାଇଁ ବୈଭବ ଅରୋରା, ହର୍ଷିତ୍ ରାଣା, ମୋଇନ୍ ଅଲି, ବରୁଣ ଚକ୍ରବର୍ତ୍ତୀ ଦୁଇଟି ଲେଖାଏ ୱିକେଟ୍ ନେଇଥିଲେ । ୧୫୨ ରନ୍‌ର ସାଧାରଣ ବିଜୟ ଲକ୍ଷ୍ୟ ହାସଲ ପାଇଁ ପଡ଼ିଆକୁ ଓହ୍ଲାଇଥିବା କେକେଆରକୁ ଭଲ ଆରମ୍ଭ ଦେଇଥିଲେ ଓପନର ଡି କକ୍ । ତାଙ୍କ ସହ ମିଶି ମୋଇନ୍ ଅଲି ୪୧ ରନ୍ ପାର୍ଟନରଶିପ୍ କରିଥିଲେ । ୫ ରନ୍ କରି ସେ ଆଉଟ୍ ହେବା ପରେ ପଡ଼ିଆକୁ ଓହ୍ଲାଇଥିଲେ କ୍ୟାପଟ୍ନେ ରାହାଣେ । ତାଙ୍କ ବ୍ୟାଟରୁ ୧୮ ରନ୍ ବାହାରିଥିଲା । ଶେଷରେ କ୍ୱିଣ୍ଟନ୍ ଡି କକ୍ ୯୭ ଓ ରଘୁବଂଶୀ ୨୨ ରନ୍ କରି ଅପରାଜିତ ରହି ଟିମ୍‌କୁ ବିଜୟୀ କରାଇଥିଲେ। ରାଜସ୍ଥାନ ପାଇଁ ୱାନିନ୍ଦୁ ହାସରଙ୍ଗା କେବଳ ଗୋଟିଏ ୱିକେଟ୍ ନେଇଥିଲେ ।

## ଭାରତ ଆସିବେ ମେସିଙ୍କ ସହ ଆର୍ଜେଣ୍ଟିନାର ଫୁଟବଲ ଦଳ



ନୂଆଦିଲ୍ଲୀ: ଭାରତର ଫୁଟବଲ୍ ପ୍ରେମୀମାନଙ୍କ ପାଇଁ ଖୁସି ଖବର। ବିଶ୍ୱର ସବୁଠାରୁ ପ୍ରସିଦ୍ଧ ଫୁଟବଲ୍ ଖେଳାଳି ଲିଓନେଲ୍ ମେସି ଆର୍ଜେଣ୍ଟିନା ଫୁଟବଲ୍ ଦଳ ସହିତ ଭାରତ ଆସିବେ। ଅକ୍ଟୋବରରେ କେରଳରେ ଏକ ପ୍ରଦର୍ଶନୀ ମ୍ୟାଚ୍‌ରେ କିମ୍ବଦନ୍ତୀ ଲିଓନେଲ୍ ମେସି ଏବଂ ଆର୍ଜେଣ୍ଟିନା ଦଳକୁ ଦେଖିବାର ସୁଯୋଗ ପାଇବେ। ୧୪ ବର୍ଷ ପରେ ବିଶ୍ୱକପ୍ ବିଜେତା ଅଧିନାୟକ ୨୦୧୧ ପରେ ଭାରତ ଗସ୍ତରେ ଆସିବେ। ଗତ ବର୍ଷ ନଭେମ୍ବରରେ, କେରଳର କ୍ରୀଡା ମନ୍ତ୍ରୀ ଭି ଅବଦୁରାହିମାନ ଘୋଷଣା କରିଥିଲେ ଯେ ଆର୍ଜେଣ୍ଟିନା ଦଳ କେରଳ ଗସ୍ତ କରିବ ଏବଂ କୋଚିରେ ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ। ବୁଧବାର ଏଚ୍‌ଏସ୍‌ବିସି ଇଣ୍ଡିଆ ଆର୍ଜେଣ୍ଟିନା ଦଳର ଆଧିକାରିକ ଅଂଶୀଦାର ହୋଇ ଘୋଷଣା କରିଛି ଯେ ମ୍ୟାଚ୍ ଅକ୍ଟୋବରରେ ଅନୁଷ୍ଠିତ ହେବ, ଭାରତରେ ଫୁଟବଲ୍‌କୁ ସହଯୋଗ ଏବଂ ପ୍ରୋତ୍ସାହନ କରିବ। ଏହି ସହଭାଗୀତା ଅଧୀନରେ, କିମ୍ବଦନ୍ତୀ ଖେଳାଳି ଲିଓନେଲ୍ ମେସିଙ୍କ ସମେତ ଆର୍ଜେଣ୍ଟିନା ଜାତୀୟ ଫୁଟବଲ୍ ଦଳ ଅକ୍ଟୋବର ୨୦୨୫ରେ ଏକ ଅନ୍ତର୍ଜାତୀୟ ପ୍ରଦର୍ଶନୀ ମ୍ୟାଚ୍ ପାଇଁ ଭାରତ ଗସ୍ତ କରିବେ ବୋଲି ଏଚ୍‌ଏସ୍‌ବିସି ଇଣ୍ଡିଆର ଏକ ବିଜ୍ଞପ୍ତିରେ କୁହାଯାଇଛି। ଆର୍ଜେଣ୍ଟିନା ଫୁଟବଲ୍ ଆସୋସିଏସନ୍ (ଏଏଫ୍‌ଏ) ଏବଂ ଏଚ୍‌ଏସ୍‌ବିସି ବୁଧବାର ଭାରତ ଏବଂ ସିଙ୍ଗାପୁର ପାଇଁ ଏକ ନୂତନ ଏକ ବର୍ଷର ସହଭାଗୀତା ସ୍ୱାକ୍ଷର ଘୋଷଣା କରିଛନ୍ତି, ଯାହା ୨୦୨୬ ବିଶ୍ୱକପ୍ ଯୋଗ୍ୟତା ଫାଇନାଲ ମ୍ୟାଚ୍ ପୂର୍ବରୁ ୨୦୨୫ରେ ପ୍ରତିଯୋଗିତାମୂଳକ ଋତୁକୁ କଭର କରିବ। ମେସିଙ୍କ ପ୍ରଥମ ଭାରତ ଯାତ୍ରା ସେପ୍ଟେମ୍ବର ୨୦୧୧ରେ ହୋଇଥିଲା, ଯେତେବେଳେ ସେ କୋଲକାତାରେ ଭେନେଜୁଏଲା ବିପକ୍ଷରେ ଏକ ବିଶ୍ୱକପ୍ ଯୋଗ୍ୟତା ମ୍ୟାଚ୍ ଖେଳିଥିଲେ। ସଲ୍ଟ ଲେକ୍ ଷ୍ଟାଡିୟମରେ ଆର୍ଜେଣ୍ଟିନା ୧-୦ ବିଜୟ ହାସଲ କରିଥିଲା।

## ମ୍ୟାକ୍ସୱେଲଙ୍କ ଅଲୋଡା ରେକର୍ଡ



ମୁମ୍ବାଇ: ଅଷ୍ଟ୍ରେଲିଆର ଷ୍ଟାର ବ୍ୟାଟ୍ସମ୍ୟାନ ଗ୍ଲେନ ମ୍ୟାକ୍ସୱେଲ ଆଇପିଏଲରେ ଏକ ଅଲୋଡା ରେକର୍ଡ କରିଛନ୍ତି। ସେ ସର୍ବାଧିକ ଥର ୧୯ ଥର ଶୂନରେ ଆଉଟ ହୋଇ ଭାରତର ରୋହିତ ଶର୍ମା ଓ ଦୀନେଶ କାର୍ତ୍ତିକଙ୍କୁ ପଛରେ ପକାଇ ଦେଇଛନ୍ତି । ରୋହିତ, ଦୀନେଶ ୧୮ଥର ଶୂନରେ ଆଉଟ ହୋଇଛନ୍ତି । ପୀୟୂଷ ଚାୱଲା ଓ ସୁନୀଲ ନାରିନ ୧୬ ଥର ସହ ତୃତୀୟ ସ୍ଥାନରେ ରହିଛନ୍ତି । ଏଥର ମେଗା ନିଲାମରେ ପଞ୍ଜାବ କିଙ୍ଗସ ୪.୨୦ କୋଟିରେ ମ୍ୟାକ୍ସୱେଲଙ୍କୁ ଦଳରେ ନେଇଥିଲା। ଗୁଜରାଟ ଟାଇଟାନ୍ସ ବିପକ୍ଷ ମୁକାବିଲାରେ ମ୍ୟାକ୍ସୱେଲ ୫ମ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିଲେ। ତାଙ୍କୁ ଦାଇ କିଶୋର ପ୍ରଥମ ବଲରେ ଆଉଟ କରିଥିଲେ । ପଞ୍ଜାବ ପ୍ରଥମେ ବ୍ୟାଟିଂ କରି ୨୪୪ ରନ କରିଥିଲା । ଜବାବରେ ଗୁଜରାଟ କଡା ସଂଘର୍ଷ କରିବା ସତ୍ତ୍ୱେ ୨୩୨ ରନ କରିବାକୁ ସକ୍ଷମ ହୋଇଥିଲା । ସାଇ ସୁଦର୍ଶନ ୭୪ ରନର ଇନିଂସ ଖେଳିଥିଲେ ।

## ଅଲ୍ ଓଡ଼ିଶା ଚେସ୍ ଚାମ୍ପିଅନସିପ୍ ଉଦ୍‌ଯାପିତ



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସପି) ର କ୍ରୀଡା ୟୁନିଟ୍ ଦ୍ୱାରା ଆୟୋଜିତ ଅଲ୍ ଓଡ଼ିଶା ଚେସ୍ ଚାମ୍ପିଅନସିପ୍-୨୦୨୫ ମାର୍ଚ୍ଚ ୨୩ ତାରିଖ ଦିନ ସେକ୍ଟର-୫ ସ୍ଥିତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ ଠାରେ ଉଦଯାପିତ ହୋଇଯାଇଛି । ଏହି ଉଦଯାପନୀ ସମାରୋହରେ ଟିଏ ଏଣ୍ଡ ସିଏସଆର ବିଭାଗର ସିଜିଏମ ପିକେ ସ୍ୱାଇଁ ମୁଖ୍ୟ ଅତିଥି ଏବଂ ଟାଉନ ଇଞ୍ଜିନିୟରିଂ ଓ ଉଦ୍ୟାନ କୃଷି ବିଭାଗର ସିଜିଏମ ବି.କେ. ଜୋଜୋ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟର ବିଜେତା ଏବଂ ରନର୍ସ ଅପ୍ ମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ସହର ସେବା ଓ କ୍ରିଡା ବିଭାଗର ଜିଏମ ଇନଚାର୍ଜ ଟି ଜି କାନେକର, ଏଓସିଏର ପୂର୍ବତନ ସଭାପତି ଜିସି ମହାପାତ୍ରଙ୍କ ସମେତ ଆରଏସ୍‌ପିର ଅନ୍ୟ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଗଜପତି ଜିଲ୍ଲାର କାର୍ଜୀ ମନୀନ୍ଦ୍ର ଚାମ୍ପିଅନ ହୋଇଥିଲେ। ଗଜପତି ଜିଲ୍ଲାର ବାଦାମୁଣ୍ଡିର ତପନ ପ୍ରଥମ ରନର୍ସ-ଅପ୍ ହୋଇ ଥିବା ବେଳେ ଯାଜପୁର ଜିଲ୍ଲାର ସୁମିତ ସାମନ୍ତରାୟ ସାମଗ୍ରିକ ଇଭେଣ୍ଟର ଦ୍ୱିତୀୟ ରନର୍ସ-ଅପ୍ ହୋଇଥିଲେ। ଇଭେଣ୍ଟ-ବି ବର୍ଗରେ, ରାଉରକେଲାର ଦେବପ୍ରିୟା ବିଶ୍ୱାଲ ବିଜେତା ହୋଇଥିଲେ ହୋଇ ଥିବାବେଳେ ଖୋର୍ଦ୍ଧା ଜିଲ୍ଲାର ସାର୍ଥକ ମହାନ୍ତି ଏବଂ ଗଞ୍ଜାମ ଜିଲ୍ଲାର ହୃଦେଶ ପାଣିଗ୍ରାହୀ ଯଥାକ୍ରମେ ରନର୍ସ-ଅପ୍ ଏବଂ ଦ୍ୱିତୀୟ ରନର୍ସ-ଅପ୍ ହୋଇଥିଲେ। ଉଭୟ ବର୍ଗରେ ୫ ଏବଂ ୧୫ ବର୍ଷରୁ କମ୍ ସମସ୍ତ ବର୍ଗର ବିଜେତା ଏବଂ ରନର୍ସ-ଅପ୍‌ଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି, କଳାହାଣ୍ଡି ଜିଲ୍ଲାର ରବୀନ୍ଦ୍ର ସାହୁ ଭେଟେରାନ୍ ବର୍ଗର ବିଜେତା ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲାର ହେମନ୍ତ କୁମାର ପାଣିଗ୍ରାହି ରନର୍ସ-ଅପ୍ ହୋଇଥିଲେ। ଏହି ଇଭେଣ୍ଟରେ ରାଉରକେଲାର ଶ୍ରେଷ୍ଠ ୩ ରେଙ୍କଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ରେଙ୍କଧାରୀ ଏବଂ ବିଜେତାଙ୍କ ମଧ୍ୟରେ ୮୫,୦୦୦ ଟଙ୍କା ର ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଲ୍ଲେଖନୀୟ ଯେ, ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨୪୦ ଜଣ ଖେଳାଳି ଏହି ଚାମ୍ପିଅନସିପରେ ଅଂଶଗ୍ରହଣ କରିଥିଲେ। ଏହି ମ୍ୟାଚ ଟି ବାଳକ ଏବଂ ବାଳିକା ପାଇଁ ୫ ବର୍ଷରୁ କମ୍, ୬ ବର୍ଷରୁ କମ୍, ୭ ବର୍ଷରୁ କମ୍, ୮ ବର୍ଷରୁ କମ୍, ୯ ବର୍ଷରୁ କମ୍, ୧୦ ବର୍ଷରୁ କମ୍, ୧୧ ବର୍ଷରୁ କମ୍, ୧୪ ବର୍ଷରୁ କମ୍, ୧୫ ବର୍ଷରୁ କମ୍ ବର୍ଗ ପାଇଁ ପ୍ରଯୁଜ୍ୟ ଥିବା ସହିତ ଭେଟେରାନ ବର୍ଗରେ ମଧ୍ୟ ଖେଳାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କ୍ରିଡା ବିଭାଗର ଡେପୁଟି ମ୍ୟାନେଜର ରଘୁନନ୍ଦନ ପାଢ଼ୀ, ସଂଯୋଜନା କରିଥିଲେ।


XXI-75

ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
****

**ଅଧିସୂଚନା**

No RDM-LAA-MBJ-0005-2025- 3582 / R&DM, Dated 31 JAN 2025

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଦୁର୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ , ମେରଦା ସବ୍-ମାଇନର, କୁସୁନପୁରା ସବ୍-ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା- **ମେରଦା**, ଥାନା- ବୈଶିଙ୍ଗା, ନଂ. ୧୧୭, ତହସିଲ-ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ରେ ନିମ୍ନ ତଫସିଲ ମତେ ପ୍ରାୟ **ଏ. ୪.୨୬** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

**୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ-** ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଦୁର୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ , ମେରଦା ସବ୍-ମାଇନର, କୁସୁନପୁରା ସବ୍-ମାଇନର ନିର୍ମାଣ ନିମନ୍ତେ ।

**୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-** ଅଧିକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।

**୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-** ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।

**୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।

**୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-** ଉପ ଜିଲ୍ଲାପାଳ, ବାରିପଦା ।

୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେତନଟୀ | ମେରଦା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୩୧.୦୫ | ଏ. ୪.୨୬ | ଏଥି ସହିତ ସଂଲଗ୍ନ |

**ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ୦.୨୧ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।**

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ. ୨, ବହଳଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି **ମୟୂରଭଞ୍ଜ** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/-(ସୁରଞ୍ଜନ ପ୍ରଧାନ)
ଅତରିକ୍ତି ଶାସନ ସଚିବ

**ଭୂମି ଅନୁସୂଚୀ**

ଭୂଅର୍ଜନ ମାମଲା ସଂଖ୍ୟା- ୩୮/୨୦୨୨
ଏ.୪.୨୬ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଦୁର୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ, ମେରଦା ସବ୍-ମାଇନର, କୁସୁନପୁରା ସବ୍-ମାଇନର ନିମନ୍ତେ
ମୌଜା- ମେରଦା, ଥାନା- ବୈଶିଙ୍ଗା ନଂ-୧୧୭, ତହସିଲ- ବେତନଟୀ, ଜିଲ୍ଲା-ମୟୂରଭଞ୍ଜ

| ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୨ | ୧୧୪୯ | ୦.୨୨ | ୦.୦୮ | ଶାରଦ ଏକ | ଅଜୟ କୁମାର ଦାସ ପି:କୃଷ୍ଣଚନ୍ଦ୍ର ଦାସ ଜା: ବ୍ରାହ୍ମଣ ବା: ନିଜଗାଁ |
| ୩ | ୭୨୪ | ୦.୬୬ | ୦.୦୨ | ଶାରଦ ଏକ | ଅଜିତ କୁମାର ଦାସ ପି:କୃଷ୍ଣଚନ୍ଦ୍ର ଦାସ ଜା: ବ୍ରାହ୍ମଣ ବା: ନିଜଗାଁ |
| | ୭୩୭ | ୨.୬୩ | ୦.୦୨ | ଶାରଦ ଏକ | |
| ୬ | ୭୪୮ | ୦.୨୫ | ୦.୦୨ | ଶାରଦ ଏକ | ଅଚ୍ଛିତ କୁମାର ଡଗରା ପି: ମାଧବ ଡଗରା, ଜୟନ୍ତୀ ଡଗରା ପି: ଗଜେନ୍ଦ୍ର ଡଗରା, ସୀତାରାଣୀ ଡଗରା ସ୍ୱା: ଗଜେନ୍ଦ୍ର ଡଗରା, ସୁଦାମ ଡଗରା ପି: କୃଷ୍ଣଚନ୍ଦ୍ର ଡଗରା, ରାଧାମଣୀ ଡଗରା ସ୍ୱା: କୃଷ୍ଣଚନ୍ଦ୍ର ଡଗରା ଜା: ଖଣ୍ଡାୟତ ବା: ନିଜଗାଁ |
| | ୮୦୧ | ୦.୧୫ | ୦.୦୧ | ଶାରଦ ଦୁଇ | |
| ୮ | ୫୨୧ | ୦.୩୦ | ୦.୦୧ | ପଡିଆ | ଅନ୍ତର୍ଯ୍ୟାମି ବୋର୍ଡ, ଅନାଦି କୁମାର ବୋର୍ଡ, ଅମୂଲ୍ୟ କୁମାର ବୋର୍ଡ ପି: ମହେନ୍ଦ୍ର ବୋର୍ଡ ଜା: ଖଣ୍ଡାୟତ ବା: ନିଜଗାଁ |
| ୯ | ୨୯୮ | ୦.୩୧ | ୦.୧୦ | ଆଖୁ | ଅନ୍ତର୍ଯ୍ୟାମି ବୋର୍ଡ, ଅନାଦି ବୋର୍ଡ, ଅମୂଲ୍ୟ ବୋର୍ଡ ପି: ମହେନ୍ଦ୍ର ବୋର୍ଡ, ତୁମୁଣି ବୋର୍ଡ ସ୍ୱା: ମହେନ୍ଦ୍ର ବୋର୍ଡ ଜା: ଖଣ୍ଡାୟତ ବା: ନିଜଗାଁ |
| | ୮୩୩ | ୦.୩୦ | ୦.୦୩ | ଶାରଦ ତିନି | |
| | ୨୯୯ | ୦.୪୫ | ୦.୨୬ | ଆଖୁ | |
| ୧୨ | ୮୧୮ | ୦.୨୩ | ୦.୦୪ | ଡାହି ଏକ | ଅନାଦି ଚରଣ ଲେଙ୍କା ପି: ଦିନବନ୍ଧୁ ଲେଙ୍କା, ଲକ୍ଷ୍ମୀଧର ଲେଙ୍କା ପି: କୃପାସିନ୍ଧୁ ଲେଙ୍କା ଜା: ଖଣ୍ଡାୟତ ବା: ନିଜଗାଁ |
| ୧୪ | ୬୮୧ | ୦.୨୫ | ୦.୦୫ | ଶାରଦ ଦୁଇ | ଅନାମ ଡଗରା ପି:କସ୍ତୁରୀ ଡଗରା ଜା: ଖଣ୍ଡାୟତ ବା: ନିଜଗାଁ |
| ୧୯ | ୬୮୬ | ୦.୩୧ | ୦.୦୪ | ଶାରଦ ଦୁଇ | ଅଲେଖ ଚନ୍ଦ୍ର ବୋର୍ଡ ପି:ଅପ୍ରତି ବୋର୍ଡ ଜା: ଖଣ୍ଡାୟତ ବା: ନିଜଗାଁ |
| ୪୫ | ୮୬୮/ ୧୫୧୫ | ୦.୨୧ | ୦.୦୯ | ଶାରଦ ଏକ | କ୍ଷିତିଶ ଚନ୍ଦ୍ର ମହାନ୍ତି, ଜତିଶ ଚନ୍ଦ୍ର ମହାନ୍ତି ପି: ଗିରିଶଚନ୍ଦ୍ର ମହାନ୍ତି ଜା: କରଣ ବା: ନିଜଗାଁ |
| ୫୦ | ୭୯୪ | ୦.୯୮ | ୦.୦୧ | ଶାରଦ ଏକ | ଗଙ୍ଗାଧର ଲେଙ୍କା, ନିଶାକର ଲେଙ୍କା, ପ୍ରଭାକର ଲେଙ୍କା, ଗଣେଶ୍ୱର ଲେଙ୍କା ପି: ଅକ୍ଷୟ ମୋହନ ଲେଙ୍କା ଜା: ଖଣ୍ଡାୟତ ବା: ନିଜଗାଁ |
| ୫୬ | ୮୦୪ | ୦.୧୬ | ୦.୦୫ | ଶାରଦ ଦୁଇ | ଗଣେଶ୍ୱର ଖୁଣ୍ଟିଆ ପି:ମାଗୁଣି ଚରଣ ଖୁଣ୍ଟିଆ ଜା: ଖଣ୍ଡାୟତ ବା: ନିଜଗାଁ |
| | ୮୪୦ | ୦.୨୬ | ୦.୦୪ | ଶାରଦ ତିନି | |
| | ୮୪୧ | ୦.୨୮ | ୦.୦୪ | ଶାରଦ ତିନି | |
| | ୭୪୩ | ୦.୬୯ | ୦.୦୨ | ଶାରଦ ଏକ | |
| ୬୦ | ୭୫୦/ ୧୪୮୨ | ୦.୨୮ | ୦.୦୧ | ଶାରଦ ଏକ | ଗିରିଶ୍ଚନ୍ଦ୍ର ଡଗରା, ଅଗିରି ଡଗରା ପି: ନେତ୍ରାନନ୍ଦ ଡଗରା ଜା: ଖଣ୍ଡାୟତ ବା: ନିଜଗାଁ |
| ୭୪ | ୮୨୫ | ୦.୧୯ | ୦.୦୧ | ଡାହି ଏକ | ଗୋବିନ୍ଦ ଲେଙ୍କା, ଗୋପାଳ ଲେଙ୍କା, ଯଶୋଦା ଲେଙ୍କା, ଲକ୍ଷ୍ମୀ ଲେଙ୍କା ପି: ଶକୁରୁ ଲେଙ୍କା, ରୁକ୍ମଣି ଲେଙ୍କା ସ୍ୱା: ଶକୁରୁ ଲେଙ୍କା ଜା: ଖଣ୍ଡାୟତ ବା: ନିଜଗାଁ |
| ୭୯ | ୮୮୦/ ୧୪୯୫ | ୦.୩୪ | ୦.୦୧ | ଶାରଦ ଏକ | ଚନ୍ଦ୍ରମଣି ବୋର୍ଡ ସ୍ୱା:ନରହରି ବୋର୍ଡ ଜା: ଖଣ୍ଡାୟତ ବା: ନିଜଗାଁ |
| ୮୫ | ୮୭୩/ ୧୪୮୫ | ୦.୪୪ | ୦.୦୭ | ଶାରଦ ଏକ | ଚିନ୍ତା ମଣି ମାହାନ୍ତି ପି: ଭାଗବତ ମାହାନ୍ତି, ପଦ୍ମ ଲାଭ ମାହାନ୍ତି ପି: ଅଗଣି ମାହାନ୍ତି, ଅମ୍ବି ମଣି ମାହାନ୍ତି ସ୍ୱା: ଅଗଣି ମାହାନ୍ତି ଜା: ଖଣ୍ଡାୟତ ବା: ନିଜଗାଁ |
| | ୮୭୩ | ୦.୪୪ | ୦.୦୭ | ଶାରଦ ଏକ | |
| ୮୬ | ୮୦୬ | ୦.୨୨ | ୦.୦୩ | ଶାରଦ ଦୁଇ | ଚେମି ମଣି ଡଗରା ପି:ଗୋପି ନାଥ ଲେଙ୍କା ଜା: ଖଣ୍ଡାୟତ ବା: ନିଜଗାଁ |
| ୯୫ | ୭୭୩ | ୦.୮୬ | ୦.୦୧ | ଶାରଦ ଏକ | ଯୋଗେନ୍ଦ୍ର ଲେଙ୍କା, ନରେନ୍ଦ୍ର ଲେଙ୍କା ପି: ଗୌର ଲେଙ୍କା ଜା: ଖଣ୍ଡାୟତ ବା: ନିଜଗାଁ |
| ୧୦୨ | ୮୧୩ | ୦.୬୮ | ୦.୦୧ | ଶାରଦ ଦୁଇ | ଦୁର୍ଗା ଚରଣ ରାଉତ ପି: ଜଗ ମୋହନ ରାଉତ, ବାଞ୍ଛା ରାଉତ, ଉପେନ୍ଦ୍ର ରାଉତ ପି: ହରି ରାଉତ, ଇଶରୀ ରାଉତ ସ୍ୱା: ହରି ରାଉତ, ସପନୀ ରାଉତ ପି: ଧ୍ରୁବ ରାଉତ ଜା: ଖଣ୍ଡାୟତ ବା: ନିଜଗାଁ |
| ୧୨୮ | ୮୦୨ | ୦.୬୫ | ୦.୧୫ | ଶାରଦ ଦୁଇ | ପ୍ରତାପ ଚନ୍ଦ୍ର ଲେଙ୍କା ପି: ଦୈତ୍ୟାରି ଲେଙ୍କା, ଗଙ୍ଗାଧର ଲେଙ୍କା ପି: ଗୋକୁଳ ଲେଙ୍କା, ଖଗେଶ୍ୱର ଲେଙ୍କା, କାର୍ତ୍ତିକ ଲେଙ୍କା, ଗଣେଶ୍ୱର ଲେଙ୍କା ପି: ଗୋକୁଳ ଲେଙ୍କା ଜା: ଖଣ୍ଡାୟତ ବା: ନିଜଗାଁ |
| | ୭୪୯ | ୦.୪୦ | ୦.୦୧ | ଶାରଦ ଏକ | |
| ୧୧୩ | ୨୭୮ | ୦.୩୪ | ୦.୧୪ | ଶାରଦ ଦୁଇ | ନର ହରି ବୋଡ ପି:ଭାଗବତ ବୋଡ ଜା: ଖଣ୍ଡାୟତ ବା: ନିଜଗାଁ |
| | ୩୦୦ | ୦.୪୪ | ୦.୩୦ | ଆଖୁ | |
| ୧୩୩ | ୨୭୫ | ୦.୨୪ | ୦.୦୯ | ଶାରଦ ଦୁଇ | ପ୍ରଭାସ ଚନ୍ଦ୍ର ଖୁଣ୍ଟିଆ ପି:ଭରତ ଚରଣ ଖୁଣ୍ଟିଆ ଜା: ଖଣ୍ଡାୟତ ବା: ନିଜଗାଁ |
| | ୩୦୨/ ୧୪୬୭ | ୦.୦୫ | ୦.୦୨ | ରାସ୍ତା | |
| ୧୩୭ | ୩୦୨ | ୦.୧୭ | ୦.୦୪ | ଶାରଦ ଦୁଇ | ପ୍ରାଣ କୃଷ୍ଣ ଲେଙ୍କା,ଭଗବାନ ଲେଙ୍କା ପି: ସାନ ଭାଗବତ ଲେଙ୍କା,ଜା:ଖଣ୍ଡାୟତ,ବା:ନିଜଗାଁ |
| ୧୪୧ | ୮୦୮ | ୦.୬୯ | ୦.୦୮ | ଶାରଦ ଦୁଇ | ପୁରୁଷୋତ୍ତମ ସାହୁ ପି:ମୋହନ ସାହୁ ଜା: ଖଣ୍ଡାୟତ ବା: ନିଜଗାଁ |
| | ୫୨୦ | ୦.୨୨ | ୦.୦୧ | ଘରବାରୀ | |
| ୧୫୨ | ୭୪୨ | ୦.୨୮ | ୦.୦୧ | ଶାରଦ ଏକ | ବଂଶିଧର ଲେଙ୍କା ପି:କୃପାସିନ୍ଧୁ ଲେଙ୍କା ଜା: ଖଣ୍ଡାୟତ ବା: ନିଜଗାଁ |
| ୧୬୩ | ୫୦୫ | ୦.୨୬ | ୦.୦୧ | ଜଳାଶୟ ଦୁଇ | ବୀଣା ପାଣି ଦାସ ସ୍ୱା:କୃଷ୍ଣ ଚନ୍ଦ୍ର ଦାସ ଜା: ବ୍ରାହ୍ମଣ ବା: ନିଜଗାଁ |
| | ୫୦୮ | ୦.୩୧ | ୦.୦୧ | ଘରବାରୀ | |
| ୧୬୫ | ୨୯୮/ ୧୪୩୫ | ୦.୪୦ | ୦.୧୪ | ଶାରଦ ଏକ | ବିଶ୍ୱନାଥ ଲେଙ୍କା ପି:ଶଚିନ୍ଦ୍ର ଲେଙ୍କା ଜା: ଖଣ୍ଡାୟତ ବା: ନିଜଗାଁ |
| | ୧୧୨୬ | ୦.୫୧ | ୦.୧୫ | ଶାରଦ ଦୁଇ | |
| ୧୬୯ | ୬୮୪ | ୦.୪୬ | ୦.୧୦ | ଶାରଦ ଦୁଇ | ବୈଦ୍ୟ ନାଥ ଲେଙ୍କା ପି:ଶଚିନ୍ଦ୍ର ଲେଙ୍କା ଜା: ଖଣ୍ଡାୟତ ବା: ନିଜଗାଁ |
| ୧୭୩ | ୧୧୨୯ | ୧.୫୬ | ୦.୧୨ | ଶାରଦ ଦୁଇ | ଭଗବାନ ସାହୁ, ଭୂପତି ସାହୁ, ବିଦ୍ୟାଧର ସାହୁ ପି: ବନମାଳି ସାହୁ ଜା: ଖଣ୍ଡାୟତ ବା: ନିଜଗାଁ |
| | ୮୨୬ | ୦.୭୪ | ୦.୦୫ | ଶାରଦ ତିନି | |
| | ୮୨୨ | ୦.୨୨ | ୦.୦୨ | ଶାରଦ ତିନି | |
| | ୮୨୪ | ୦.୦୯ | ୦.୦୩ | ଶାରଦ ତିନି | |
| | ୭୫୧ | ୦.୬୮ | ୦.୦୧ | ଶାରଦ ଏକ | |
| ୧୭୮ | ୮୩୦ | ୦.୧୩ | ୦.୦୨ | ଶାରଦ ତିନି | ଭୀମ ଲେଙ୍କା, ନକୁଳ ଲେଙ୍କା, ଖୋଲଣା ଲେଙ୍କା ପି: କାହ୍ନୁ ଲେଙ୍କା, କୁନ୍ତଳା ଲେଙ୍କା ସ୍ୱା: କାହ୍ନୁ ଲେଙ୍କା ଜା: ଖଣ୍ଡାୟତ ବା: ନିଜଗାଁ |
| ୧୮୫ | ୮୧୨/ ୧୪୧୮ | ୦.୧୯ | ୦.୦୪ | ଶାରଦ ଦୁଇ | ମଣି ଧର ଲେଙ୍କା ପି:କୃପା ସିନ୍ଧୁ ଲେଙ୍କା ଜା: ଖଣ୍ଡାୟତ ବା: ନିଜଗାଁ |
| ୧୮୬ | ୨୭୪ | ୧.୧୨ | ୦.୧୪ | ପଡିଆ | ମହନ ବିଶ୍ୱାଳ ପି:ରାଧୁ ବିଶ୍ୱାଳ ଜା: କମାର ବା: ନିଜଗାଁ |
| ୧୯୨ | ୮୦୭ | ୦.୬୮ | ୦.୦୯ | ଶାରଦ ଦୁଇ | ରତ୍ନାକର ଲେଙ୍କା ପି: ଲକ୍ଷ୍ମନ ଲେଙ୍କା, ସୁମିତ୍ରାଲେଙ୍କା ସ୍ୱା: ଲକ୍ଷ୍ମନ ଲେଙ୍କା, ହାଡିଆଣି ଲେଙ୍କା ସ୍ୱା: ଫକିର ଲେଙ୍କା, ଲକ୍ଷ୍ମୀଧର ଲେଙ୍କା, ଶଶଧର ଲେଙ୍କା, ବିଦ୍ୟା ଧର ଲେଙ୍କା, ଚକ୍ର ଧର ଲେଙ୍କା ପି: ପ୍ରାଣ କୃଷ୍ଣ ଲେଙ୍କା, ଶୁକ୍ଳିକା ଲେଙ୍କା ସ୍ୱା: ପ୍ରାଣ କୃଷ୍ଣ ଲେଙ୍କା, ଶ୍ରୀନିବାସ ଲେଙ୍କା, ବଂଶାଧର ଲେଙ୍କା, ସର୍ବେଶ୍ୱର ଲେଙ୍କା, ଗେହ୍ଲା ମଣି ଲେଙ୍କା, ଛାୟା ମଣି ଲେଙ୍କା, ମାୟାମଣି ଲେଙ୍କା, ସୌଦାମିନି ଲେଙ୍କା, ଗୟାମଣି ଲେଙ୍କା ପି: ଫକିର ଲେଙ୍କା, ରଜନିକାନ୍ତ ଲେଙ୍କା ପି: ମହନ ଲେଙ୍କା, ଅମ୍ବି ଲେଙ୍କା ସ୍ୱା: ମହନ ଲେଙ୍କା, ରାଧାମଣି ଲେଙ୍କା ସ୍ୱା: କପିଳ ଲେଙ୍କା, ମହେଶ୍ୱର ଲେଙ୍କା ପି: ପିତାମ୍ବର ଲେଙ୍କା ବା:, ବଉଡା ଲେଙ୍କା ସ୍ୱା: ପିତାମ୍ବର ଲେଙ୍କା ଜା: ଖଣ୍ଡାୟତ ବା: ନିଜଗାଁ |
| ୨୦୧ | ୮୧୧ | ୦.୬୬ | ୦.୦୧ | ଶାରଦ ଦୁଇ | ରାମଚନ୍ଦ୍ର ରାଉତ ପି: ପହଲି ରାଉତ,କିସ୍ମତ ଆଠଅଣା :,ନାଲୁ ରାଉତ କିସ୍ମତ ଆଠଅଣା :,ପି. ପହଲି ରାଉତ ଜା. ଖଣ୍ଡାୟତ ବା. ନିଜଗାଁ ବା: |
| | ୮୧୨ | ୦.୩୯ | ୦.୦୮ | ଡାହି ଏକ | |
| ୨୧୦ | ୭୭୬ | ୦.୨୮ | ୦.୦୭ | ଶାରଦ ଦୁଇ | ରାଶ ବିହାରୀ ଡଗରା, ଭଗବାନ ଡଗରା, ବୃନ୍ଦାବନ ଡଗରା ପି: କେଶବ ଡଗରା, ରତ୍ନମଣି ଡଗରା ସ୍ୱା: କେଶବ ଡଗରା ଜା: ଖଣ୍ଡାୟତ ବା: ନିଜଗାଁ |
| ୨୧୫ | ୭୫୦ | ୦.୪୯ | ୦.୦୧ | ଶାରଦ ଏକ | ଲକ୍ଷ୍ମଣ କୁମାର ଡଗରା ପି:କ୍ଷେତ୍ରମୋହନ ଡଗରା ଜା: ଖଣ୍ଡାୟତ ବା: ନିଜଗାଁ |
| | ୮୪୨ | ୦.୩୦ | ୦.୦୩ | ଶାରଦ ତିନି | |
| ୨୧୭ | ୧୧୨୮ | ୦.୪୩ | ୦.୦୧ | ଶାରଦ ଦୁଇ | ଲକ୍ଷ୍ମୀଧର ଲେଙ୍କା, ଶଶୀଧର ଲେଙ୍କା, ବିଦ୍ୟାଧର ଲେଙ୍କା, ଚକ୍ରଧର ଲେଙ୍କା ପି: ପ୍ରାଣକୃଷ୍ଣ ଲେଙ୍କା ଜା: ଖଣ୍ଡାୟତ ବା: ନିଜଗାଁ |
| ୨୧୯ | ୮୧୨ | ୦.୧୮ | ୦.୦୫ | ଶାରଦ ଦୁଇ | ଲମ୍ବୋଦର ଲେଙ୍କା ପି:କୃପାସିନ୍ଧୁ ଲେଙ୍କା ଜା: ଖଣ୍ଡାୟତ ବା: ନିଜଗାଁ |
| ୨୬୫ | ୮୦୫ | ୦.୪୦ | ୦.୦୬ | ଶାରଦ ଦୁଇ | ସୃଷ୍ଟିଧର ଲେଙ୍କା, ପୂର୍ଣ୍ଣଚନ୍ଦ୍ର ଲେଙ୍କା, ଦୟାନିଧି ଲେଙ୍କା ପି: ଯୋଗେନ୍ଦ୍ର ଲେଙ୍କା ଜା: ଖଣ୍ଡାୟତ ବା: ନିଜଗାଁ |
| ୨୬୯ | ୭୪୧ | ୦.୬୫ | ୦.୦୧ | ଶାରଦ ଏକ | ସୌଭାଗ୍ୟ ମହାନ୍ତି ସ୍ୱା:ଗିରିଶ ଚନ୍ଦ୍ର ମହାନ୍ତି ଜା: କରଣ ବା: ନିଜଗାଁ |
| | ୮୭୫ | ୦.୪୮ | ୦.୧୦ | ଶାରଦ ଏକ | |
| ୨୭୦ | ୮୦୮/ ୧୪୫୨ | ୦.୩୭ | ୦.୦୪ | ଶାରଦ ଦୁଇ | ହରିହର ଦାଶ ପି:ଶ୍ରୀଧର ଦାଶ ଜା: ବ୍ରାହ୍ମଣ ବା: ସିଙ୍ଗାରପୁର |
| ୨୭୭/୮୧ | ୨୭୬ | ୦.୨୮ | ୦.୧୧ | ଶାରଦ ଦୁଇ | ଶିବ ସିଂ, ଚେମା ସିଂ ପି: ରାମହରି ସିଂ ଜା: ଭୂମିଜ ବା: ନିଜଗାଁ |
| | ୨୭୭/ ୧୫୬୮ | ୦.୦୭ | ୦.୦୨ | ଶାରଦ ଦୁଇ | |
| ୨୭୭/୧୩୫ | ୮୦୦ | ୦.୨୧ | ୦.୦୧ | ଶାରଦ ଏକ | ଶକୁନ୍ତଳା ଲେଙ୍କା ସ୍ୱା:ଗଣେଶ୍ୱର ଲେଙ୍କା ଜା: ଖଣ୍ଡାୟତ ବା: ମେରଦା |
| ୨୭୭/୧୬୩ | ୨୭୭ | ୦.୭୨ | ୦.୪୦ | ଶାରଦ ଦୁଇ | ପ୍ରବୀର କୁମାର ବୋଡ ପି:ଅନାଦି କୁମାର ବୋଡ ଜା: ଖଣ୍ଡାୟତ ବା: ନିଜଗାଁ |
| ୨୭୭/୨୧୦ | ୮୭୮ | ୦.୨୧ | ୦.୦୮ | ଶାରଦ ଦୁଇ | ସତ୍ୟବାନ ବୋଡ଼, ସଂଜୟ କୁମାର ବୋଡ଼, ସନ୍ତୋଷ କୁମାର ବୋଡ଼, ସୁବାସ ଚନ୍ଦ୍ର ବୋଡ଼, ସୁଶାନ୍ତ କୁମାର ବୋଡ଼, ସ ପି:ନରହରି ବୋଡ ଜା: ଖଣ୍ଡାୟତ ବା: ମେରଦା |
| ୨୭୭/୧୮୧ | ୬୮୨ | ୦.୩୬ | ୦.୦୩ | ଶାରଦ ଏକ | ସୂର୍ଯ୍ୟକାନ୍ତ ରାଉତ ପି:ଦୁର୍ଗା ଚରଣ ରାଉତ ଜା: ଖଣ୍ଡାୟତ ବା: ନିଜଗାଁ |
| | | | ସମପରିମାଣ ଗୋଚର ପ୍ରତିବଦଳ | | |
| ୩୯ | ୧୦୨୨ | ୦.୨୧ | ୦.୦୩ | ଶାରଦ ଦୁଇ | କାହ୍ନୁ ଲେଙ୍କା, ଜଗନ୍ନାଥ ଲେଙ୍କା, ଗୋବିନ୍ଦ ଲେଙ୍କା, ଗୋପାଳ ଲେଙ୍କା ପି: ସୁନ୍ଦର ଲେଙ୍କା, ଇନ୍ଦ ଲେଙ୍କା ସ୍ୱା: ସୁନ୍ଦର ଲେଙ୍କା ଜା: ଖଣ୍ଡାୟତ ବା: ନିଜଗାଁ |
| ୭୪ | ୧୦୨୧ | ୦.୨୨ | ୦.୦୩ | ଶାରଦ ଦୁଇ | ଗୁରୁବାରି ଲେଙ୍କା, ହେମଲତା ଲେଙ୍କା, ପ୍ରାଣକୃଷ୍ଣ ଲେଙ୍କା, ଭଗବାନ ଲେଙ୍କା ପି: ସାନଭଗବାନ ଲେଙ୍କା, ଆସନ ଲେଙ୍କା ସ୍ୱା: ସାନଭାଗବତ ଲେଙ୍କା ଜା: ଖଣ୍ଡାୟତ ବା: ନିଜଗାଁ, ପ୍ରଭାସ ସାହୁ, ଲକ୍ଷ୍ମୀ ସାହୁ ପି: ବନମାଳି ସାହୁ, ବନମାଳି ସାହୁ ପି: ଏକାଦଶୀ ସାହୁ ଜା: ଖଣ୍ଡାୟତ ବା: ଦେଓପଡା |
| ୧୩୪ | ୧୦୧୫ | ୦.୩୦ | ୦.୦୨ | ଶାରଦ ଦୁଇ | ପ୍ରଭାସ ଖୁଣ୍ଟିଆ, କୈଶଲ୍ୟା ଖୁଣ୍ଟିଆ, କୈକଇ ଖୁଣ୍ଟିଆ, ସୁମିତ୍ରା ଖୁଣ୍ଟିଆ ପି: ଭରତ ଖୁଣ୍ଟିଆ, ବଂଶିଧର ଖୁଣ୍ଟିଆ, ପ୍ରମିଳା ଖୁଣ୍ଟିଆ, ଉର୍ମିଳା ଖୁଣ୍ଟିଆ ପି: ତ୍ରିଲୋଚନ ଖୁଣ୍ଟିଆ, ଶିରିଷ ଭୋଳ, ବିନୋଦ ଭୋଳ, କଟି ବାବୁ ଭୋଳ, ହଂସୀ ଭୋଳ ପି: ବାଙ୍କ ବିହାରୀ ଭୋଳ, ବାଙ୍କ ବାହାରୀ ଭୋଳ ପି: ଭିକାରୀ ଭୋଳ ଜା: ଖଣ୍ଡାୟତ ବା: ନିଜଗାଁ |
| ୧୫୪ | ୧୦୨୦ | ୦.୧୬ | ୦.୦୪ | ଶାରଦ ଦୁଇ | ବଂଶାଧର ଖୁଣ୍ଟିଆ ପି:ତ୍ରିଲୋଚନ ଖୁଣ୍ଟିଆ ଜା: ଖଣ୍ଡାୟତ ବା: ନିଜଗାଁ |
| ୨୩୬ | ୧୦୨୩ | ୦.୧୬ | ୦.୦୭ | ଶାରଦ ଦୁଇ | ସନା ସିଂ ପି: ଫକିର ସିଂ, ଗୁହିନ ସିଂ, ମଉନ ସିଂ ପି: କାଳିଆ ସିଂ ଜା: ଦଣ୍ଡଛତ୍ର ମାଝୀ,ବା.ନିଜଗାଁ ଦେଆଇନ ପୋଲା କବଲା ଦ୍ୱାରା ଖରିଦସୂତ୍ରେ ଦଖଲ, ଜଗନ୍ନାଥ ଲେଙ୍କା, ଗୋବିନ୍ଦ ଲେଙ୍କା, ଗୋପାଳ ଲେଙ୍କା, କାହ୍ନୁ ଲେଙ୍କା ପି: ସୁନ୍ଦର ମୋହନ ଲେଙ୍କା ଜା: ଖଣ୍ଡାୟତ,ବା. ନିଜଗାଁ ତା.7.6.62 ଜରସମନ ଟ.900.00 ବା: |
| ୨୭୭/୯୦ | ୧୦୧୮ | ୦.୩୦ | ୦.୦୨ | ଶାରଦ ଦୁଇ | ଅଭିମନ୍ୟୁ ରାଉତ, ରାଧା ମୋହନ ରାଉତ ପି: ସପନି ରାଉତ ଜା: ଖଣ୍ଡାୟତ ବା: ନିଜଗାଁ |
| ମୋଟ | ୭୩ପ୍ଲଟକୁ | ଏ. ୩୧.୦୫ ଡେ.ମି. | ଏ.୪.୨୬ ଡେ.ମି. | | |

OIPR 24001/14/0164/2425



ଆଜିକାଲିର ଅସ୍ୱାସ୍ଥ୍ୟକର ଜୀବନଶୈଳୀ ଏବଂ ଖାଦ୍ୟପେୟ ଅଭ୍ୟାସ ମଣିଷ ପାଇଁ ସାଂଘାତିକ ପ୍ରମାଣିତ ହେଉଛି। ଏହିପରି ଅନେକ ଗମ୍ଭୀର ସମସ୍ୟା ଯୋଗୁ ଜୀବନଶୈଳୀ ଖରାପ ହେବାର କାରଣ ପାଲଟିଛି। ଶରୀରରେ ରକ୍ତ ଜମାଟ ବାନ୍ଧିବା ମଧ୍ୟ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ରକ୍ତ ଜମାଟ ବାନ୍ଧିବାର ଅର୍ଥ ହେଉଛି ଶରୀରରେ ଗୋଟିଏ ସ୍ଥାନରେ ରକ୍ତ ଜମା ହେବା। ଶିରା ପ୍ରଶିରାରେ ରକ୍ତ ଜମାଟ ବାନ୍ଧିବା ଯୋଗୁ ଶରୀରରେ ଖରାପ ପ୍ରଭାବ ପଡିଥାଏ। ଏହି ସମସ୍ୟା ଗମ୍ଭୀର ରୂପ ମଧ୍ୟ ନେଇଥାଏ। ତୁରନ୍ତ ଏହାର ଲକ୍ଷଣ ଚିହ୍ନଟ କରି ଏହାକୁ ରୋକିବା ଅତ୍ୟନ୍ତ ଜରୁରି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଆମେ କିପରି ଜାଣିବା ଶରୀରରେ ରକ୍ତ ଜମାଟ କିପରି ବାନ୍ଧିଥାଏ ଏବଂ ଏହାର ଚିକିତ୍ସା ପଦ୍ଧତି କ'ଣ। ଏକ ରିପୋର୍ଟ ଅନୁଯାୟୀ ଶରୀରରେ ରକ୍ତ ଜମାଟ ବାନ୍ଧିବା ସ୍ୱାସ୍ଥ୍ୟ ପାଇଁ ଯେତିକି ଲାଭଦାୟକ ହୁଏ ସେତିକି ସାଂଘାତିକ ମଧ୍ୟ ହୋଇଥାଏ। ଶରୀରରେ ରକ୍ତ ଜମାଟ ବାନ୍ଧିଲେ ଯଦି କିଛି କ୍ଷତ ହୁଏ ବା କଟି ଯାଏ ତେବେ ରକ୍ତ ବାହାରିବା ବନ୍ଦ ହୋଇଥାଏ। ସେହି ସମୟରେ ଯଦି ଶରୀରରେ ରକ୍ତ ଜମାଟ ବାନ୍ଧେ ତେବେ ଏହା ସାଂଘାତିକ ପ୍ରମାଣିତ ହୁଏ। ତେଣୁ ସଠିକ୍ ସମୟରେ ଚିକିତ୍ସା କରିବା ଜରୁରି।

## କାନ୍ଦିଲେ ନେହା



ବଲିଉଡର ଲୋକପ୍ରିୟ ଗାୟିକାଙ୍କ ମଧ୍ୟରୁ ନେହା କକ୍କର ଜଣେ। ଏକଦା ଇଣ୍ଡିଆନ ଆଇଡଲ୍ ଶୋ'ରେ ପ୍ରତିଯୋଗୀ ଭାବେ ସାମିଲ ହୋଇଥିବା ଏହି ଗାୟିକା ଆଜି ସଫଳତାର ଶୀର୍ଷରେ। ଲୋକପ୍ରିୟତା ଯୋଗୁ ସମାନ ଶୋ'ରେ ବିଚାରପତି ଆସନ ସେ ଅଳଙ୍କୃତ କରିଛନ୍ତି। ସାରା ବିଶ୍ୱରେ ନେହା ଲାଇଭ୍ କନସର୍ଟ କରିଥାନ୍ତି। ହେଲେ ଏବେ ଏକ ଲାଇଭ୍ ଶୋ'ରେ ତାଙ୍କୁ ଭୋ ଭୋ ହୋଇ କାନ୍ଦୁଥିବା ଦେଖାଯାଇଛି। ପ୍ରଶଂସକମାନେ ତାଙ୍କ ଉପରେ ରାଗିଯାଇ ପଳାଇଯାଅ ବୋଲି ମଧ୍ୟ କହିଛନ୍ତି। ଅଷ୍ଟ୍ରେଲିଆର ମେଲବର୍ଣ୍ଣରେ ଏକ ଲାଇଭ୍ ଶୋ' ସମୟରେ ନେହା ବଡ଼ ଭୁଲ କରିଦେଇଥିଲେ। ଶୋ'ରେ ସେ ତିନି ଘଣ୍ଟା ବିଳମ୍ବରେ ପହଞ୍ଚିଥିଲେ। ପ୍ରଶଂସକ ଗାୟିକାଙ୍କ ଅପେକ୍ଷା କରି ନିରାଶ ହୋଇଯାଇଥିଲେ। ପରେ ଯେତେବେଳେ ସେ ପହଞ୍ଚିଥିଲେ ପ୍ରଶଂସକ ଖପ୍ପା ହୋଇଯାଇଥିଲେ। ରାଗରେ ତାଙ୍କୁ ଚାଲିଯିବାକୁ କହିଥିଲେ। ଏହାଶୁଣି ନେହା ଭୋ ଭୋ ହୋଇ କାନ୍ଦିଥିଲେ। ବିଳମ୍ବରେ ପହଞ୍ଚିଥିବା ଲାଗି ସେ କ୍ଷମା ମାଗିଥିଲେ ହେଁ ପ୍ରଶଂସକଙ୍କ ରାଗ ଶାନ୍ତ ହୋଇ ନଥିଲା। ସୋସିଆଲ ମିଡିଆରେ ନେହାଙ୍କ ଏକ ଭିଡିଓ ଭାଇରାଲ ହେଉଛି। ଭିଡିଓରେ ସେ ଲାଇଭ କନସର୍ଟ ସମୟରେ କାନ୍ଦୁଥିବା ନଜର ଆସୁଛନ୍ତି।



# ଶାଢ଼ି ଲୁକ୍‌ରେ ପ୍ରଶଂସକଙ୍କ ହୃଦୟ ଚୋରି କଲେ ଶ୍ରୀଲୀଲା





ବଲିଉଡ୍ ଅଭିନେତ୍ରୀ ଶ୍ରୀଲୀଲା ଶାଢି ଲୁକ୍‌ରେ ପ୍ରଶଂସକଙ୍କ ହୃଦୟ ଚୋରି କରିଛନ୍ତି। 'ପୁଷ୍ପା ୨'ରେ 'କିସିକ୍' ଗୀତରେ ନିଜର ଦମଦାର ଡ୍ୟାନ୍ସ ଷ୍ଟେପ୍ ନେଇ ଲୋକଙ୍କ ମଧ୍ୟରେ ଏକ ଉତ୍ସାହ ସୃଷ୍ଟି କରିଥିବା ଶ୍ରୀଲୀଲା ତାଙ୍କ ସୌନ୍ଦର୍ଯ୍ୟରେ ପ୍ରଶଂସକଙ୍କୁ ପ୍ରଭାବିତ କରନ୍ତି। ଅଭିନେତ୍ରୀ ତାଙ୍କ ଫଟୋ ସହିତ ପ୍ରଶଂସକଙ୍କ ହୃଦୟ ଜିତନ୍ତି। ବର୍ତ୍ତମାନ ଆଗାମୀ ଚଳଚ୍ଚିତ୍ର 'ରବିନ୍‌ହୁଡ୍'ର ପ୍ରମୋସନ ସମୟରେ ଅଭିନେତ୍ରୀ ତାଙ୍କର ଶାଢି ଲୁକ୍ ଶେୟାର କରିଛନ୍ତି। ଅଭିନେତ୍ରୀଙ୍କ ଏହି ଶାଢି ଲୁକ୍ ଦେଖି ପ୍ରଶଂସକଙ୍କ ଆଖିର ପଲକ ପଡୁନି। ଏକ ନୀଳ ନେଟ୍ ଶାଢିରେ ଶ୍ରୀଲୀଲା ବହୁତ ସୁନ୍ଦର ଦେଖାଯାଉଛନ୍ତି। ଶ୍ରୀଲୀଲା ଶାଢି ସହିତ ଏକ ମ୍ୟାଚିଂ ବ୍ୟାକ୍‌ଲେସ୍ ବ୍ଲାଉଜ୍ ପିନ୍ଧିଛନ୍ତି। ବ୍ଲାଉଜର ସ୍ଲିଭ୍‌ରେ ମଲ୍ଟି ଲେୟାର ମୋତି ଲାଗିଛି। ନେଟ୍ ଶାଢି ସହିତ ଏହି ମୋତି ଡିଜାଇନ୍ ହୋଇଥିବା ବ୍ଲାଉଜ୍ ତାଙ୍କ ଲୁକ୍‌କୁ ଚମତ୍କାର କରୁଛି। ଶ୍ରୀଲୀଲା ଶାଢି ସହିତ ଲମ୍ବା କାନଫୁଲ ପିନ୍ଧିଛନ୍ତି। ସେ ତାଙ୍କ ଚୁଟିକୁ ଖୋଲା ରଖିଛନ୍ତି। ତାଙ୍କ ଆଖିର ମେକ୍‌ଅପ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି। ତାଙ୍କ କପାଳରେ ଥିବା ବିନ୍ଦି ତାଙ୍କ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଛି। ଗୋଟିଏ ଫଟୋରେ ଶ୍ରୀଲୀଲା ତାଙ୍କ ବ୍ୟାକ୍‌ଲେସ୍ ଲୁକ୍ ଚିତ୍ରଣ କରୁଥିବା ଦେଖିବାକୁ ମିଳେ। ଫଟୋ ଦେଖି ପ୍ରଶଂସକମାନେ ତାଙ୍କୁ ପସନ୍ଦ କରୁଛନ୍ତି। କେତେକ ପ୍ରଶଂସକ 'ଚାନ୍ଦନୀ' ତ ଆଉ କେତେଜଣ ପ୍ରଶଂସକମାନେ ଅଭିନେତ୍ରୀଙ୍କୁ 'ପରି' ବୋଲି ମଧ୍ୟ କହୁଛନ୍ତି। କାର୍ତ୍ତିକ ଆର୍ଯ୍ୟନଙ୍କ ସହ ଫିଲ୍ମରେ ଶ୍ରୀଲୀଲା ନଜର ଆସିବେ। ଏହି ଫିଲ୍ମ ଦୀପାବଳିରେ ମୁକ୍ତିଲାଭ ପାଇଁ ପ୍ରସ୍ତୁତ ହେଉଛି। ଏହା ବ୍ୟତୀତ ଅଭିନେତ୍ରୀ ଏବଂ କାର୍ତ୍ତିକଙ୍କ ମଧ୍ୟରେ ଆଫେୟାର୍ସ ଖବର ମଧ୍ୟ ସାମ୍ନାକୁ ଆସୁଛି।

## ୧୪ବର୍ଷ ପରେ ବଡ଼ ପରଦାକୁ ଫେରିଲେ ଈଶା



ବଲିଉଡ୍ ଅଭିନେତ୍ରୀ ଈଶା ଦେଓ୍ୱଲ ଦୀର୍ଘ ୧୪ ବର୍ଷ ପରେ ବଡ଼ ପରଦାକୁ ଫେରିଛନ୍ତି। ବିକ୍ରମ ଭଟ୍ଟଙ୍କ ନିର୍ଦ୍ଦେଶିତ 'ତୁମ୍‌କୋ ମେରି କସମ୍' ମାଧ୍ୟମରେ ସେ ପୁଣି ଥରେ ଅଭିନୟ ଦୁନିଆକୁ ଫେରିଛନ୍ତି। ଈଶା ଅନେକ ହିଟ୍ ସିନେମା ଭେଟି ଦେଇଥିଲେ ମଧ୍ୟ ତାଙ୍କ ମା' ହେମାମାଲିନୀଙ୍କ ଭଳି ତାଙ୍କୁ ଆଶାତୀତ ସଫଳତା ମିଳିନାହିଁ। ସେ ୨୦୦୨ ମସିହାରେ 'କୋଇ ମେରେ ଦିଲ୍ ସେ ପୁଛେ'ରୁ ଫିଲ୍ମ ଦୁନିଆରେ ପାଦ ଥାପିଥିଲେ। ଏହାପରେ ସେ ଗୋଟିଏ ପରେ ଗୋଟିଏ ସିନେମା ଦର୍ଶକଙ୍କୁ ଭେଟି ଦେଇଥିଲେ। ସେ ଦୁଇଟି ସନ୍ତାନର ଜନନୀ ହେବା ପରେ ସିନେମାରୁ ବ୍ରେକ୍ ନେଇଥିଲେ। ଅନ୍ୟପକ୍ଷରେ ସ୍ୱାମୀ ଭରତ ତଖତାନୀଙ୍କ ସହ ବିବାହ ବିଚ୍ଛେଦ ଘଟିବାରୁ ସେ ଏବେ ଫିଲ୍ମ ଉପରେ ଧ୍ୟାନ କେନ୍ଦ୍ରିତ କରିଛନ୍ତି।

## ଚାପରୁ ମୁକ୍ତି ଚାହୁଁଥିଲେ ୧୨ ମିନିଟ୍ ନିରବ ରୁହନ୍ତୁ

ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ଅଧିକାଂଶ ଲୋକ ଚାପରେ ରହୁଥିବା ଦେଖାଯାଉଛି। ପାରିବାରିକ ସମସ୍ୟା, ବୃତ୍ତିଗତ ଜୀବନରେ କାର୍ଯ୍ୟ ଭାର ଚିନ୍ତା, ଆର୍ଥିକ ସମସ୍ୟା, ସ୍ୱାସ୍ଥ୍ୟଗତ ସମସ୍ୟା ଆଦି ବିଭିନ୍ନ କାରଣରୁ ଲୋକମାନେ ଅଶାନ୍ତିରେ ଜୀବନଯାପନ କରୁଛନ୍ତି। ତେବେ ଆପଣମାନେ ଯଦି ଦିନକୁ କେବଳ ୧୨ ମିନିଟ୍ ନିରବରେ ବିତାଇ ପାରିବେ ତେବେ ଆପଣଙ୍କୁ ଅନେକ ଫାଇଦା ମିଳିବ। ମୌନ ରହିଲେ ଷ୍ଟ୍ରେସନ ହର୍ମୋନ କୋର୍ଟିସୋଲ ସ୍ତରର ହ୍ରାସ ପାଇଥାଏ। ଏଥିସହିତ ଏହା ଆପଣଙ୍କୁ ନିଦକୁ ବଢ଼ାଇବା ସହିତ ବିପିକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ। ପ୍ରକାଶ ପାଇଥିବା ଏକ ରିପୋର୍ଟ ମୁତାବକ, ମୌନ ରହିବା ଆପଣଙ୍କୁ ମାନସିକ ଭାବେ ମଜବୁତ କରିଥାଏ। ଯେତେବେଳେ ଆପଣ ୧୨ ମିନିଟ୍ ଧରି ନିରବ ରହିଥାନ୍ତି ସେତେବେଳେ ଆପଣଙ୍କର ବ୍ରେନ ଶାନ୍ତ ହୋଇଥାଏ ଓ ରିଲାକ୍ସ ମୁଡ୍‌କୁ ଚାଲିଯାଇଥାଏ। ୧୨ ମିନିଟ୍ ଧରି ନିରବରେ ରହିଲେ ଆପଣଙ୍କର କ୍ରିଏଟିଭିଟି ଓ କନସେନଟ୍ରେସନକୁ ଆକ୍ଟିଭ ରଖିବାରେ ସହାୟକ ହୋଇଥାଏ।

## ସକାଳ ଜଳଖିଆ ଛାଡ଼ୁଛନ୍ତି କି?

ଅଧିକାଂଶ ମହିଳା ସକାଳ ଜଳଖିଆ ସ୍କିପ୍ କରୁଥିବା ଦେଖିବାକୁ ମିଳେ। ଅପରପକ୍ଷେ କାର୍ଯ୍ୟବ୍ୟସ୍ତତା ହେଉ ଅବା ଅନ୍ୟ କାରଣ ପାଇଁ ଏପରି ବଦଭ୍ୟାସ ଗ୍ୟାସ୍, ଏସିଡିଟି ଠାରୁ ଆରମ୍ଭ କରି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ତେଣୁ ଦିନସାରା ଶରୀରକୁ ଏନର୍ଜେଟିକ୍ ରଖିବା ଲାଗି ସକାଳ ଜଳଖିଆ ଖାଇବା ନିହାତି ଆବଶ୍ୟକ। ତେବେ ସକାଳ ଜଳଖିଆରେ କେତୋଟି ଖାଦ୍ୟକୁ ସାମିଲ କଲେ ବେଶ୍ ଉପକୃତ ହୋଇପାରିବେ ଜାଣି ରଖନ୍ତୁ ସେ ସମ୍ପର୍କରେ...

**ଓଟ୍ସ:** ଓଟ୍ସ ସକାଳ ଜଳଖିଆ ପାଇଁ ଏକ ଭଲ ଅପ୍ସନ। ଏଥିରେ ପନିପରିବା ପକାଇ ଉପମା କିମ୍ବା କ୍ଷୀର, ଗୁଡ ଆଦି ପକାଇ ଖାଇପାରିବେ। ଏଥିରେ ପ୍ରଚୁର ପରିମାଣରେ ଫାଇବର ଥିବାରୁ ପେଟ ଅଧିକ ସମୟ ଭର୍ତ୍ତି ରହିବା ଭଳି ଲାଗିଥାଏ। ତା'ଛଡା ଏହା ବ୍ଲଡ୍ ସୁଗାର ନିୟନ୍ତ୍ରଣରେ ରଖିବା ସହିତ ମେଦବହୁଳତା ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିଥାଏ।



**ଫଳ :** ପୁଷ୍ଟିବିଜ୍ଞାନୀଙ୍କ ମତରେ ଫଳରେ ଫାଇବର, ଭିଟାମିନ୍, ମିନେରାଲ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ସକାଳ ଜଳଖିଆରେ ଏହାକୁ ସାମିଲ କଲେ ଶରୀରକୁ ଉର୍ଜା ପ୍ରଦାନ କରିଥାଏ ଏବଂ ଇମ୍ୟୁନିଟି ପାୱାର ବୃଦ୍ଧି କରିଥାଏ।



**ଦହି :** ଜଳଖିଆ ସହିତ ପ୍ରତିଦିନ ଦହି ଖାଇବା ବେଶ୍ ଲାଭଦାୟକ। କାରଣ ଏହା ପ୍ରୋବାୟୋଟିକ୍ ହୋଇଥିବାରୁ ପାଚନତନ୍ତ୍ରକୁ ମଜଭୁତ କରିଥାଏ। ତା'ଛଡା ଏହାକୁ ଖାଇଲେ କ୍ୟାଲ୍‌ସିଅମ୍, ପ୍ରୋଟିନ୍, ଭିଟାମିନ୍ ବି-୧୨ ମିଳିଥାଏ।



**ମାଞ୍ଜି :** ପ୍ରତିଦିନ ସକାଳ ଜଳଖିଆରେ ବାଦାମ, ଅଖରୋଟ, ପିସ୍ତା, ଆଲମଣ୍ଡ, ଚିଆ ସିଡ୍, ଫ୍ଲାକ୍‌ସିଡ୍ ଭଳି ମାଞ୍ଜି ଜାତୀୟ ଖାଦ୍ୟ ଅଳ୍ପ ଅଳ୍ପ ଖାଇବା ବି ଖୁବ୍ ଲାଭଦାୟକ। କାରଣ ଏଥିରେ ଭଲ ଫ୍ୟାଟ୍, ପ୍ରୋଟିନ୍, ଫାଇବର, ଆଣ୍ଟିଅକ୍ସିଡାଣ୍ଟ ଭରପୂର ମାତ୍ରାରେ ରହିଛି। ଯାହାକି ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ବାଲିମେଲା, (ଭାସ୍କର ନ୍ୟୁଜ): ଜଳସମ୍ପଦ ବିଭାଗର ବୃହତ ଉଠା ଜଳସେଚନ ପ୍ରକଳ୍ପ ମାଲକାନଗିରି ବିଭାଜନ ପକ୍ଷରୁ କୋରୁକୋଣ୍ଡା ବ୍ଲକ ସୋର୍ଲୁକୋଣ୍ଡା ବେରେଜ ନିକଟରେ ଚାଷୀମାନଙ୍କୁ ନେଇ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ବେଦବାର ପ୍ରଧାନ, ସମ୍ମାନୀତ ଅତିଥି ଭାବେ ଜିଲ୍ଲା କୃଷି ଅଧିକାରୀ ମହେଶ କୁମାର ପାଢୀ, ପଟେରୁ ଜଳସେଚନ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପୀତବାସ ସେଠୀ, ବୃହତ ଉଠା ଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀ କରୁଣା ସାଗର ବେହେରା, ଅତିରିକ୍ତ ଉଦ୍ୟାନ ଅଧିକାରୀ ପ୍ରତ୍ୟୁଷ ମହାନନ୍ଦୀୟା ଓ ଅଶୋକ ମହାନ୍ତି ଯୋଗଦେଇ କେନାଲ ମାଧ୍ୟମରେ ପାଣି ଯାଉଛି ମାତ୍ର ଉଚ୍ଚା ଜମିଗୁଡ଼ିକରେ ପାଣି ପହଞ୍ଚି ପାରୁ ନଥିଲା। ମାତ୍ର ବର୍ତ୍ତମାନ ଚାଷୀମାନେ କିପରି ଉଠା ଜଳସେଚନର ସଦୁପଯୋଗ କରି ଆର୍ଥିକ ସ୍ଥିତିକୁ ମଜବୁତ କରିବେ, ପାଣିର ଠିକ ଭାବେ ବ୍ୟବହାର କରିବେ, ତଳ ମୁଣ୍ଡରେ ଥିବା ଚାଷୀମାନେ ଯେପରିକି ପାଣି ପାଇପାରିବେ ଏଥିପ୍ରତି ଧ୍ୟାନ ଦେବା ଦରକାର। ଜଳସେଚିତ ଗ୍ରାମ ଗୁଡ଼ିକରେ ପାଣି ପଞ୍ଚାୟତ ଗଠନ କରି ସମସ୍ତେ ଯେପରି ପାଣି ଠିକ ଭାବରେ ପାଇପାରିବେ ଏଥିପାଇଁ ସଚେତନ କରାଯିବ। ଗତ ୨୨ତାରିଖ ଜଳ ଦିବସ ଠାରୁ ବିଭିନ୍ନ ଗ୍ରାମରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା କରାଯାଉଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଗ୍ରାମର ଶତାଧିକ ଚାଷୀମାନେ ଯୋଗ ଦେଇଥିଲେ।

# ନିଖୋଜ ମହିଳାଙ୍କ କଙ୍କାଳ ଜବତ



ବେଲପାହାଡ଼, (ଭାସ୍କର ନ୍ୟୁଜ୍): ଝାରସୁଗୁଡା ଜିଲ୍ଲା ବନହରପାଲି ଥାନା ଅଞ୍ଚଳରେ ଜଣେ ଯୁବକ ନିଜର ମାଁଙ୍କ ତଣ୍ଟିରେ ଚଢ଼ିଯାଇ ହତ୍ୟା କରିଥିବା ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଛି। ମୃତା ମହିଳା କୁମାରବନ୍ଧ ପଞ୍ଚାୟତ ଅନ୍ତର୍ଗତ କଣ୍ଟାଟିକିରା ଗାଁ'ର ରଘୁମଣି ମାଲିକଙ୍କ ପତ୍ନୀ ରହିତ ମଲ୍ଲିକ (୫୩) ଓ ଅଭିଯୁକ୍ତ ତାଙ୍କ ବଡ଼ ପୁଅ ରାଜକୁମାର ମଲ୍ଲିକ (୩୩) ବୋଲି ଜଣାପଡ଼ିଛି। ପୋଲିସ ଘଟଣାସ୍ଥଳରୁ ମୃତ ମହିଳାଙ୍କ ନରକଙ୍କାଳ ଜବତ କରିଛି ଓ ହତ୍ୟା ଅଭିଯୁକ୍ତ ପୁଅକୁ ଗିରଫ କରାଯାଇଛି ବୋଲି ଥାନା ଅଧିକାରୀ ରଞ୍ଜିତ ନାଏକ କହିଛନ୍ତି। ମୃତ ମହିଳାଙ୍କ ସ୍ୱାମୀ ଥାନାରେ କରିଥିବା ଅଭିଯୋଗ ମୁତାବକ ଗତ ୩ ବର୍ଷ ହେଲା ସେ, ତାଙ୍କ ପତ୍ନୀ ଓ ସାନପୁଅ ସରୋଜ ମଲ୍ଲିକଙ୍କ ସହ କରପାବାହାଲରେ ରହି ଆସୁଛନ୍ତି। ଗତ ୮ତାରିଖ ତାଙ୍କ ପତ୍ନୀଙ୍କୁ ସୁଭଦ୍ରା ଟଙ୍କା ମିଳିଥିଲା। ଗତ ୧୧ତାରିଖ ଦିନ ସେଥିରୁ ୧ ହଜାର ଟଙ୍କା ଉଠାଇ ସ୍ୱାମୀ, ସ୍ତ୍ରୀ କଣ୍ଟାଟିକିରାରେ ରହୁଥିବା ବଡ଼ପୁଅ ଘରକୁ ମାଂସ ଧରି ଯାଇଥିଲେ। ରନ୍ଧାବଢ଼ା କରି ଖିଆପିଆ କଲେ। ସନ୍ଧ୍ୟା ପ୍ରାୟ ସାଢ଼େ ୫ ସମୟରେ ତିନି ଜଣଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ହୋଇଥିଲା। ବଡ଼ପୁଅ ନିଶାସକ୍ତ ଅବସ୍ଥାରେ ମାଁ'କୁ ମାଡ଼ପିଟ କରିଥିଲା। ମା' ତଳେ ପଡ଼ିଯିବାରୁ ତଣ୍ଟିକୁ ଗୋଡ଼ରେ ମାଡ଼ି ଦେଇଥିଲା ମଦ୍ୟପ ପୁଅ। ବାପା ପ୍ରତିରୋଧ କରିବାରୁ ତାଙ୍କୁ ମଧ ମାଡ଼ପିଟ କରିଥିଲା। ସେ ପଡ଼ୋଶୀମାନଙ୍କୁ ସହାୟତା ମାଗିଥିଲେ। କିନ୍ତୁ କେହି ନ ଆସିବାରୁ ଘରକୁ ଫେରି ଆସିଥିଲେ। କିନ୍ତୁ ସେତେବେଳକୁ ଘରେ ପୁଅ କି ସ୍ତ୍ରୀ ନଥିଲେ। କିଛି ସମୟ ପରେ ପୁଅ ଘରକୁ ଫେରି ଆସିବାରୁ ମା'କୁଆଡ଼େ ଗଲା ବୋଲି ପଚାରିବାରୁ ମା'ଟେମ୍ପରିପଡ଼ାକୁ ଯାଇଛି ବୋଲି ଅଭିଯୁକ୍ତ ପୁଅ କହିଥିଲା। ସେ ସେଠାକୁ ଯାଇ ଖୋଜାଖୋଜି କରି ପତ୍ନୀଙ୍କୁ ପାଇ ନଥିଲେ। ପତ୍ନୀ ହଜିଯାଇଥିବା ସେ ଭାବିଥିଲେ। କିନ୍ତୁ ଗତ ୨୨ତାରିଖ ଗାଁ'ର ଜଣେ ବ୍ୟକ୍ତି ଗାଁ'ପାଖ କଟାକୁ କୌଣସି କାମରେ ଯାଇଥିବା ବେଳେ ସେଠାରେ ନରକଙ୍କାଳ ପଡ଼ିଥିବା ଦେଖିଥିଲେ। ଗାଁ'କୁ ଆସି ସମସ୍ତଙ୍କୁ କହିଥିଲେ। ରଘୁମଣି ମଧ ସେଠାକୁ ଯାଇଥିଲେ। କଙ୍କାଳ ପାଖରେ ପଡ଼ିଥିବା କପଡ଼ା ଦେଖି ଏହା ତାଙ୍କ ପତ୍ନୀଙ୍କ କଙ୍କାଳ ବୋଲି ପିନ୍ଧା ଶାଢ଼ୀରୁ ଚିହ୍ନଟ କରିଥିଲେ। ଗତ ୮ତାରିଖରୁ ଦାଦନ ଖଟି ତାମିଲନାଡୁ ଯାଇଥିବା ସାନପୁଅକୁ ସେ ଫୋନ କରି ସବୁ କଥା ଜଣାଇଥିଲେ। ସାନପୁଅ ତାମିଲନାଡୁରୁ ଟ୍ରେନରେ ଫେରିଆସି ୨୪ ତାରିଖରେ ପହଞ୍ଚିଥିଲେ। ରଘୁମଣିଙ୍କ କହିବା ଅନୁସାରେ ଗତ ୧୧ତାରିଖରେ ବଡ଼ପୁଅ ତା' ମାଁ'କୁ ମାରିଦେଇ ଶବକୁ ପାଖ କଣ୍ଟାରେ ଫିଙ୍ଗି ଦେଇଛି। ସାନପୁଅ ଏ ବାବଦରେ ବନହରପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସାଇଣ୍ଟିଫିକ ଟିମ୍ ସାହାଯ୍ୟରେ ତଦନ୍ତ ଚଳାଇଥିବା ବେଳେ ଶବ ବ୍ୟବଚ୍ଛେଦ କରେଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଭ୍ରୂଣ ଲିଙ୍ଗ ନିରୂପଣ ଆଇନ ଉପରେ କର୍ମଶାଳା




କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦୁଝର ଜିଲ୍ଲା ପ୍ରଶାସନ ତରଫରୁ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଏବଂ ଭ୍ରୂଣ ଲିଙ୍ଗ ନିରୂପଣ ଆଇନ ଉପରେ କର୍ମଶାଳା ଦରବାର ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଶିଶୁମାନଙ୍କ ସୁରକ୍ଷା ଓ ବିକାଶ ଦିଗରେ କାର୍ଯ୍ୟ କରୁଥିବା କମିଟି ଯଥା ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା କମିଟି, କିଶୋରୀ ସଶକ୍ତିକରଣ ଓ ବାଲ୍ୟ ବିବାହ ପ୍ରତିରୋଧ, ଟାସ୍କଫୋର୍ସ, ଶିଶୁଶ୍ରମିକ ନିରାକରଣ ଏବଂ ଚାଇଲ୍ଡ ଲାଇନ ପରାମର୍ଶଦାତା କମିଟିର ମିଳିତ ବୈଠକ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଭ୍ରୂଣ ଲିଙ୍ଗ ନିରୂପଣ କରିବା ଏକ ଦଣ୍ଡନୀୟ ଅପରାଧ ଏବଂ ଏହି ବାର୍ତ୍ତା ଉପରେ ସାରା ଜିଲ୍ଲାରେ ସମସ୍ତେ ସଚେତନ ହେବା ଦରକାର। ଏହି କାର୍ଯ୍ୟକ୍ରମରେ ଶିଶୁ ଶ୍ରମିକ ନ ରଖିବା ପାଇଁ, ଇଟାଭାଟିମାନଙ୍କୁ ନୋଟିସ ବୋର୍ଡ ଲଗାଇବା ପାଇଁ ଆଲୋଚନା ହୋଇଥିଲା। ଅଧାରୁ ପାଠ ଛାଡୁଥିବା ପିଲାମାନଙ୍କୁ ଜିଲ୍ଲାରୁ ଏକ କମିଟି କରି ଅଭିଯାନ ମାଧ୍ୟମରେ 'ବ୍ୟାକ ଟୁ ସ୍କୁଲ' କରିବାର ପ୍ରୟାସ କରିବା ପାଇଁ ଆଲୋଚନା ହୋଇଥିଲା। ବାଲ୍ୟ ବିବାହ ମୁକ୍ତ ଗ୍ରାମ ଚିହ୍ନଟକରଣ କରିବା ଏବଂ ସେହି ଗ୍ରାମ ଗୁଡ଼ିକରେ ମିଳିତ ଭାବରେ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ଆଲୋଚନା ହୋଇଥିଲା। ପ୍ରତ୍ୟେକ ଗ୍ରାମରେ ଥିବା ଅନାଥ ଏବଂ ଏକାକୀ ମାତା କିମ୍ବା ପିତାଙ୍କ ସହିତ ଥିବା ଶିଶୁମାନଙ୍କୁ ଚିହ୍ନଟ କରାଯିବ ବୋଲି ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଶୋଇ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରୂପମା ସାହୁ, ସମାଜ କଲ୍ୟାଣ ଅଧିକାରୀ ସ୍ନେହଲତା ସାହୁ, ଅତିରିକ୍ତ ଜିଲ୍ଲା କଲ୍ୟାଣ ଅଧିକାରୀ, ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ବିଭୁତି ଭୂଷଣ ଦାଶ, ଚାଇଲ୍ଡ ଲାଇନର କର୍ମକର୍ତ୍ତା, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଏବଂ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟର କର୍ମକର୍ତ୍ତା ଯୋଗ ଦେଇଥିଲେ। ଜିଲ୍ଲା ସଂଯୋଜକ ପ୍ରିୟଙ୍କା ମଲ୍ଲିକ ପରିଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ପ୍ରଭାରୀ ଅଜୟ ଲୁଲୁଙ୍କୁ ସ୍ୱାଗତ

ଡେରାବିଶ, (ଭାସ୍କର ନ୍ୟୁଜ୍): ପାଟକୁରା ନିର୍ବାଚନ ମଣ୍ଡଳୀ ଅଧୀନ ଡେରାବିଶ ବ୍ଲକ ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଳ ଫାଣ୍ଡି ନିକଟରେ ଆଜି ଅପରାହ୍ନରେ ପାଟକୁରା କଂଗ୍ରେସ ପକ୍ଷରୁ ଅଖିଳ ଭାରତୀୟ ଜାତୀୟ କଂଗ୍ରେସର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲୁଲୁଙ୍କୁ ସ୍ୱାଗତ କରାଯାଇଛି। ଲୁଲୁ ଆଜି ସାଂଗଠନିକ କାର୍ଯ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାକୁ ଗସ୍ତ ଅବସରରେ ଆସିଥିବା ବେଳେ ପାଟକୁରା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋଙ୍କ ନେତୃତ୍ୱରେ ସମାଜସେବୀ ସୁଖଦାନନ୍ଦ ପ୍ରଧାନ, ଡେରାବିଶ ବ୍ଲକ କଂଗ୍ରେସ ସଭାପତି ଉମେଶ ତ୍ରିପାଠୀ, ଗରଦପୁର ବ୍ଲକ ସଭାପତି ଜ୍ୟୋତିରଞ୍ଜନ ପରିଡ଼ାଙ୍କ ସମେତ ଶହଶହ କଂଗ୍ରେସ କର୍ମୀ ଚାନ୍ଦୋଳ ବଜାର ଠାରେ ସ୍ୱାଗତ କରିଥିଲେ। ଲୁଲୁ ଦଳୀୟ କର୍ମୀମାନଙ୍କୁ ଉତ୍ସାହିତ କରିବା ସହ କଂଗ୍ରେସ ସଂଗଠନକୁ ମଜବୁତ୍ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ କର୍ମୀ ରାଜୀବ ଲୋଚନ ମିଶ୍ର, ଜୟଦେବ ପରିଡ଼ା, ନିମାଇଁ ଚରଣ ଜେନା, ପ୍ରମୋଦ କୁମାର ନାଥ, ମାନସ କୁମାର ଜେନା, କମଳ କୁମାର ମହାନ୍ତି, ସୁଧୀର ରାଉତ, ନିରଞ୍ଜନ ରାଉଳ, ସୁବାସ ସାମଲ, ରମାକାନ୍ତ ସ୍ୱାଇଁ, ବଂଶିଧର ବେହେରା, ସୁକଦେବ ସାମଲ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଅଙ୍ଗନବାଡି କେନ୍ଦ୍ର ବନ୍ଦ ନେଇ କାର୍ଯ୍ୟାନୁଷ୍ଠାନ

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଗଞ୍ଜାମ ବ୍ଲକ୍ କୁଜିଡେପା ଗ୍ରାମରେ ଥିବା ଅଙ୍ଗନବାଡି କେନ୍ଦ୍ର ୧୩ ମାସ ହେଲା ବନ୍ଦ ରହିଛି। ଏନେଇ ସମ୍ପୃକ୍ତ ଅଙ୍ଗନବାଡି କର୍ମୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଆକ୍ରୋଶମୂଳକ ବୋଲି ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ ଗଞ୍ଜାମ ଜିଲ୍ଲା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପରେ ସମସ୍ୟା ସମାଧାନ ନେଇ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଠାରୁ ପ୍ରତିଶ୍ରୁତି ପାଇବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଦୀର୍ଘମାସ ହେଲା ଗ୍ରାମବାସୀ ଓ ଅଙ୍ଗନବାଡ଼ିକର୍ମୀଙ୍କ ମଧ୍ୟରେ ଚାଲିଥିବା ବିବାଦ ଯୋଗୁଁ ଗର୍ଭବତୀ ଓ ଶିଶୁମାନେ ସମସ୍ୟା ଦେଇ ଗତି କରୁଛନ୍ତି। ଉକ୍ତ ଅଙ୍ଗନବାଡି କେନ୍ଦ୍ର ୯ ମାସ ହେଲା ବନ୍ଦ ରହିବା ପରେ ୩ ମାସ ହେଲା କେବଳ ଖାଦ୍ୟକେନ୍ଦ୍ରର ସହାୟିକାଙ୍କ ଦ୍ୱାରା ବଣ୍ଟନ ହେଉଥିଲା, ତାହା ପୁଣି ବନ୍ଦ ହୋଇଯାଇଛି। ଫଳରେ ଗର୍ଭବତୀ ଶିଶୁମାନେ ବିଶେଷ ପ୍ରଭାବିତ ହୋଇଛନ୍ତି। ଖାଦ୍ୟ ଯୋଗାଣ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ବଣ୍ଟନ, ପାଠପଢ଼ା ଓ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହୋଇପାରୁନି। ଏନେଇ ଗତ ସପ୍ତାହରେ ଗ୍ରାମବାସୀ ଛତ୍ରପୁର ଆସି ଜିଲ୍ଲାପାଳ ଅନୁପସ୍ଥିତ ଥିବାରୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ଅଙ୍ଗନବାଡି କର୍ମୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ କରିଥିଲେ। କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଏବେ ଅପରପକ୍ଷ ଅଙ୍ଗନବାଡି କର୍ମୀଙ୍କ ସପକ୍ଷରେ ବାହାରିଥିବା ସଂଘକୁ ପ୍ରତିଶ୍ରୁତି ଦିଆଯାଇଛି। ଏଥିରେ ସଂଘର ସଭାପତି ପ୍ରତିମା ଦାସ, ସମ୍ପାଦିକା ନିରୁପମା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ନବମ ବାର୍ଷିକ ଉତ୍ସବ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପ୍ରତିଷ୍ଠାତା ପୁରନ୍ଦର ବିଶ୍ୱାଳ ଓ ବିଦ୍ୟାଳୟ ସଭାପତି ଶିକ୍ଷାବିତି ବିଜୟ ବିଶ୍ୱାଳ ଙ୍କ ପୌରୋହିତରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ନବମ ବାର୍ଷିକ ଉତ୍ସବ ଆୟୋଜିତ କରାଯାଇ ଥିଲା। ଏହି ଅବସରରେ ଶିକ୍ଷା ମାନବ ସଭ୍ୟତାକୁ ଶୋଭନୀୟ ଏବଂ ଅର୍ଥପୂର୍ଣ୍ଣ କରିଥାଏ। ଶିକ୍ଷା ସହିତ ଜ୍ଞାନର ସମନ୍ୱୟ ଘଟିଲେ ମଣିଷ ଭିତରେ ମନୁଷ୍ୟତ୍ୱ ସୃଷ୍ଟି ହୁଏ। ଜ୍ଞାନକୌଶଳ ମଣିଷକୁ ଚାଲିବାର ମାର୍ଗ ଦେଖାଏ ବୋଲି ମୁଖ୍ୟ ଅତିଥି ମଙ୍ଗଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ମିତ୍ର ମତବ୍ୟକ୍ତ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମକୁ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିବା ସହିତ ଶିକ୍ଷାଦାନ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ସ୍ଥିତି ସୁଦୃଢ଼ କରାଯିବା ଉଚିତ ବୋଲି କହିଥିଲେ। ବୁଧବାର ଅପରାହ୍ନରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ନବମ ବାର୍ଷିକ ଉତ୍ସବରେ ଅତିଥି ଭାବେ ମଙ୍ଗଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ମିତ୍ର, ମୁଖ୍ୟ ବକ୍ତା ନିଗମାନନ୍ଦ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଗୋପୀନାଥ କର, ଅନ୍ୟତମ ବକ୍ତା କାକଟପୁର ମଣ୍ଡଳ ଶିକ୍ଷାଅଧିକାରୀ ଦିଲ୍ଲୀପ କୁମାର ଜେନା, ସମ୍ମାନୀତ ଅତିଥି ରତନପୁର ବିଜ୍ଞାନ ବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ପରିଡା, ଶିକ୍ଷାବିତ୍ କାଳନ୍ଦୀ ଚରଣ ଛାଟୋଇ, ସମାଜସେବୀ ରତୁରାଜ ରାଉତ, ଗୁଣନିଧି ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତା କାକଟପୁର ମଣ୍ଡଳ ଶିକ୍ଷାଅଧିକାରୀ ଦିଲ୍ଲୀପ କୁମାର ଜେନା କହିଥିଲେ ଗୁଣାତ୍ମକ ଶିକ୍ଷା ଏବଂ ଆଦର୍ଶ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ବିଦ୍ୟାର୍ଥୀ, ଶିକ୍ଷକ ଏବଂ ସୁସ୍ଥ ପରିବେଶ ପରି ଏକ ତ୍ରିଭୁଜର ଆବଶ୍ୟକତା ରହିଛି। ଯାହାକି ଏକ ଆଦର୍ଶ ବିଦ୍ୟାଳୟ ସୃଷ୍ଟି କରିଥାଏ। ଅନ୍ୟତମ ବକ୍ତା ପୂର୍ବତନ ଅଧ୍ୟକ୍ଷ ଗୋପୀନାଥ କର ନିଜ ମନ୍ତବ୍ୟରେ ଶୃଙ୍ଖଳା ଓ ସାଧନା ଛାତ୍ର ଜୀବନର ମୂଳମନ୍ତ୍ର ବୋଲି କହିଥିଲେ। ସମାଜସେବୀ ଶୋଭାକର ବେହେରା ମଞ୍ଚ ପରିଚାଳନା କରିବା ସହ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିବା ସହ ସଭାପତି ବିଜୟ ବିଶ୍ୱାଳ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ଛାତ୍ରଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ଗଣ ପୁରସ୍କୃତ ପ୍ରଦାନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ବନଜ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ, ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ, ସ୍ଥାନୀୟ ଅଞ୍ଚଳ ବୁଦ୍ଧିଜୀବୀ ଓ ପରିଚାଳନା କମିଟିର ସଦସ୍ୟ ମାନେ ପ୍ରମୁଖ ଉପସ୍ଥିତ ଥିଲେ।

## 'ଆମ ସଂସ୍କୃତି, ଆମ ଖେଳଣା' କାର୍ଯ୍ୟକ୍ରମ ଆୟୋଜିତ



କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁର ବ୍ଲକ ଶିକ୍ଷା ବିଭାଗ ଅଧୀନସ୍ଥ ତିରିକଣା ପ୍ରାଥମିକ ବିଦ୍ୟାଳୟରେ 'ଆମ ସଂସ୍କୃତି ଆମ ଖେଳଣା' କର୍ମଶାଳା ଓ ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନଶିକ୍ଷକ ଫଜଲୁର ରହମାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶିକ୍ଷକ ଓ ଅଭିଭାବକଙ୍କ ତତ୍ତ୍ୱାବଧାନରେ ତିନିଦିନ ଧରି ପ୍ରସ୍ତୁତ କରିଥିବା ବିଭିନ୍ନ ପ୍ରକାର ମାଟି କଣ୍ଢେଇ, ସଢ଼େଇ ଖେଳଣା, ମୂର୍ତ୍ତି, କାଗଜ ତିଆରି ଖେଳଣା, ପତାକା, ବର୍ଜ୍ୟବସ୍ତୁରୁ ଡଙ୍ଗା, ନିକିତି, କଲମ ଷ୍ଟାଣ୍ଡ, ନଡ଼ିଆପତ୍ରରୁ ତିଆରି ଖେଳଣା, ଭୋଗେଇ ଓ କତାରୁ ତିଆରି ବିଭିନ୍ନ ଖେଳଣା ପ୍ରଦର୍ଶନ କରିଥିଲେ। ରଚନା, ଚିତ୍ରାଙ୍କନ ପ୍ରତିଯୋଗତା ଓ ସମାପ୍ତି ସୂଚକ ନିର୍ଦ୍ଧାରଣ-୧ ପାଇଁ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉପସ୍ଥିତ ଅତିଥି ଓ ବିଦ୍ୟାଳୟ ପରିଚାଳନା ସଭାପତି ଅରକ୍ଷିତ ସାହୁ ପିଲାମାନଙ୍କ କଳାକୃତିର ଉଚ୍ଚପ୍ରସଂଶା କରିଥିଲେ। ଏହି ସଭାରେ ମୁଖ୍ୟ ଅତିଥି ଭାବେ ପ୍ରଧାନସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାହୁ ଯୋଗ ଦେଇଥିଲେ। ସଭାରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସଞ୍ଜୟ କୁମାର ଖଟୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋରୁ ବୋଝେଇ ବୋଲେରୋ ଦୁର୍ଘଟଣାଗ୍ରସ୍ତ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଘଟଗାଁ ଥାନା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥ ମୁଦ୍ରାବେଡା ଛକ ନିକଟରେ ଏକ ଗୋରୁ ବୋଝେଇ ବୋଲେରୋ ଦ୍ରୁତ ଗତିରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଉକ୍ତ ବୋଲେରୋ ଗାଡ଼ିରେ ୫ ଟି ଗୋରୁ ଥିବାବେଳେ ତିନିଜଣ ବ୍ୟକ୍ତି ଥିଲେ। ଗୋରୁଙ୍କ ସମେତ ତିନିଜଣ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ବୋଲେରୋ ଗାଡିଟି ଢେଙ୍କାନାଳ ପର୍ଜଙ୍ଗରୁ ଗୋରୁ ବୋଝେଇ କରି ରାଇରଙ୍ଗପୁରର ପାନ୍ଧଡ଼ା ଅଭିମୁଖେ ଯାଉଥିଲା। ତେବେ ଉକ୍ତ ଗୋରୁଗୁଡିକ ଚୋରାରେ ବେପାରୀମାନେ ନେଉଥିଲେ ବୋଲି ଜଣାପଡିଛି। ଘଟଣା ସ୍ଥଳରେ ଢିଙ୍କିକୋଟ ପୋଲିସ ପହଞ୍ଚି ଗୋରୁ ଗୁଡିକୁ ଉଦ୍ଧାର କରି ମୁଦ୍ରାବେଡା ଗ୍ରାମକୁ ପଶୁ ଡାକ୍ତର ଡାକି ଚିକିତ୍ସିତ କରାଉଛନ୍ତି।

# ଓଡ଼ିଶା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ଓଡ଼ିଶା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଓ ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଉପସ୍ଥିତ ଥିଲେ। ବୈଠକର ନିଷ୍ପତି ଅନୁଯାୟୀ ଏହି ଦିବସ ପାଳନ ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଓଡ଼ିଆ ପ୍ରବନ୍ଧ ଏବଂ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହେବ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରଭାତ ଫେରି କରାଯିବ। ଓଡ଼ିଶା ଦିବସ ଉପଲକ୍ଷେ ସହର ମଧ୍ୟରେ ଥିବା ସମସ୍ତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିମାନଙ୍କରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯିବ। ସେହିଭଳି ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ଆଦି ମଧ୍ୟରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ସମ୍ପୃକ୍ତ ଅନୁଷ୍ଠାନର ମୁଖ୍ୟଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯିବ। ଏହି ଦିବସ ଅବସରରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଗୁଡ଼ିକ ଆଲୋକରେ ସାଜସଜ୍ଜା କରିବାକୁ ମଧ ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ ଏକ ସାଧାରଣ ସଭା ଆୟୋଜିତ ହେବା ସହିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହେବ। ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଓଡ଼ିଶା ଦିବସ ଅବସରରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥାପନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର କର୍ମଚାରୀ ହରେକୃଷ୍ଣ କିର୍ତ୍ତନିଆ ଓ ରଞ୍ଜନ ମହାନ୍ତି ବୈଠକ ଆୟୋଜନ କରିବାରେ ସହଯୋଗ କରିଥିଲେ।

## ବଢୁଛି ରୌଦ୍ରତାପ, ଖୋଲୁନି ଜଳଛତ୍ର

ବୋଲଗଡ଼, (ଭାସ୍କର ନ୍ୟୁଜ): ଗ୍ରୀଷ୍ମଋତୁ ଆରମ୍ଭରୁ ରାଜ୍ୟରେ ଦିନକୁଦିନ ପ୍ରଚଣ୍ଡ ରୌଦ୍ରତାପ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଦିନ ୧୦ଟା ହେଲେ ବିଭିନ୍ନ କାର୍ଯ୍ୟ ନେଇ ବାହାରକୁ ବାହାରିବା କଷ୍ଟକର ହୋଇପଡ଼ିଛି। ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଜଳ ଯୋଗାଣରେ ବିଭିନ୍ନ ଜନହିତକର ଯୋଜନା କରିବା ସହିତ ଗାଁ କଲ୍ୟାଣ ସମିତି ପକ୍ଷରୁ ଜଳଛତ୍ର ଖୋଲିବା ବ୍ୟବସ୍ଥା ଥିବାବେଳେ ଆଜି ପର୍ଯ୍ୟନ୍ତ ଜଳଛତ୍ର ନଖୋଲିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଅଛି। ଏହାର ବ୍ୟତିକ୍ରମ ବୋଲଗଡ ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ରାସ୍ତାରେ ଯାତାୟାତ କରୁଥିବା ସମସ୍ତ ବାଟୋଇ ପାଣି ମୁନ୍ଦେ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖରାରେ ଯାତାୟାତ ସମୟରେ ପିଇବା ପାଣିର ଅଭାବ ହେତୁ ଅଂଶୁଘାତ ହେବାର ଆଶଙ୍କା ରହିଛି। ପାଇପ ଯୋଗେ ପାନୀୟ ଜଳ ଯୋଗାଣ ଯୋଗୁଁ ବୋଲଗଡ଼ ବ୍ଲକ ଅଞ୍ଚଳରେ ନଳକୂପ ଖାନନରେ ସଂଖ୍ୟା କମିଛି। ଏହାର ତୁରନ୍ତ ସମାଧାନ ନିମନ୍ତେ ପ୍ରତି ଛକରେ ଜଳଛତ୍ର ଖୋଲିବା, ପାନୀୟ ଜଳ ଯୋଗାଣ ସମୟ ବୃଦ୍ଧି କରିବା ସହିତ ଦିନକୁ ୩ଘଣ୍ଟା ଜଳଯୋଗାଣ କରିବା ଓ ବିଭିନ୍ନ ସରକାରୀ ତଥା ବେସରକାରୀ କାର୍ଯ୍ୟାଳୟରେ ବିଶୁଦ୍ଧ ପାନୀୟ ଜଳଯୋଗାଣ କରିବା ପାଇଁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ବୋଲଗଡ଼ ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣମାନେ ଦୃଢ଼ ଦାବି କରିଛନ୍ତି।

# ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ବଣ୍ଟନ

ପରଜଙ୍ଗ, (ଭାସ୍କର ନ୍ୟୁଜ):ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ଇଣ୍ଡିଆନ ଅଏଲ କମ୍ପାନୀ ଲିମିଟେଡ ଭୁବନେଶ୍ୱର ଦ୍ୱାରା ବ୍ଲକର ଭିନ୍ନକ୍ଷମମାନଙ୍କୁ ସହାୟକ ଉପକରଣ ଯୋଗାଇଦେବା ନିମନ୍ତେ ଏକ ଶିବିର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ଶିବିର ବିଡ଼ିଓ ସୌଭାଗ୍ୟ ବେହେରାଙ୍କ ତତ୍ତ୍ୱାବଧାନରେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଜିଲ୍ଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ ଓ ବ୍ଲକ ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ ପ୍ରମୁଖ ଏହି ଜନହିତକର କାର୍ଯ୍ୟରେ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ଉପକରଣ ପ୍ରଦାନ କରିଥିଲେ। ବିଭିନ୍ନ ପଂଚାୟତରୁ ଶିବିରରେ ୩୦ ଜଣ ଭିନ୍ନକ୍ଷମ ହିତାଧିକାରୀଙ୍କ ମଧ୍ୟରୁ ୧୬ ଜଣଙ୍କୁ ୩ ଚକିଆ ବ୍ୟାଟେରୀ ଚାଳିତ ସାଇକେଲ ଯୋଗାଇ ଦିଆଯାଇଥିବା ବେଳେ, ଅବଶିଷ୍ଟଙ୍କୁ ଚେୟାର, ଆଶାବାଡ଼ି ଓ ଆଣ୍ଠୁଗଣ୍ଠି ଯନ୍ତ୍ରଣା ଉପରେ ସହାୟକ ଉପକରଣ ଯୋଗାଇ ଦିଆଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ସାମନ୍ତରାୟଙ୍କ ସହଯୋଗରେ ଶିବିର ପରିଚାଳିତ ହୋଇଥିବା ବେଳେ କମ୍ପାନୀର ପି ଆଣ୍ଡ୍ ଓ ଡାକ୍ତର ଗୌରୀ ଶଙ୍କର ବେହେରା ଓ ଇଡିପି ଅରୁଣ କୁମାର ଦାସ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ଉପକରଣ ଯୋଗାଇ ଦେବାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର କର୍ମଚାରୀମାନେ ଉପସ୍ଥିତ ରହି ଶିବିରକୁ ସହଯୋଗ କରିଥିଲେ।

# ସ୍ଥାୟୀ ଜମାରୁ ଟଙ୍କା ଉଠାଣରେ ଉପଜିଲ୍ଲାପାଳଙ୍କ ଜାଲ ଦସ୍ତଖତ ଓ ମୋହର ବ୍ୟବହାର




କରଞ୍ଜିଆ, (ଭାସ୍କର ନ୍ୟୁଜ): ଜଙ୍ଗଲ ବିଭାଗର ସ୍ୱେଚ୍ଛାକୃତ ପୁନର୍ବସନ ଯୋଜନାରେ ଶିମିଳିପାଳର ବଫର ଅଞ୍ଚଳରୁ ଆସି ବିଭିନ୍ନ ପଞ୍ଚାୟତରେ ହିତାଧିକାରୀମାନେ ବସବାସ କରୁଛନ୍ତି। ହିତାଧିକାରୀଙ୍କ ମଧ୍ୟରେ ୧୮ବର୍ଷ ବୟସରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପରିବାର ଭାବେ ଚିହ୍ନଟ ପରେ ବ୍ୟାଙ୍କରେ ତାଙ୍କ ନାମରେ ୧୦ଲକ୍ଷ ଟଙ୍କା ଲେଖାଏଁ ସ୍ଥାୟୀ ଜମା ଆକାରରେ ରଖାଯାଇ ଥିଲା। ଯୋଜନା ଅନ୍ତର୍ଗତରେ ଜିଲ୍ଲା ସ୍ୱତନ୍ତ୍ର ପୁନର୍ବସନ କମିଟିର ଅଧ୍ୟକ୍ଷ ତଥା ଜିଲ୍ଲାପାଳଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଅତ୍ୟନ୍ତ ଗୁରୁତର ଚିକିତ୍ସା, ଉଚ୍ଚ ଶିକ୍ଷା ଓ ବିବାହ ସମୟରେ ଆବଶ୍ୟକସ୍ଥଳେ ସ୍ଥାୟୀ ଜମାରୁ ଟଙ୍କା ଉଠାଣ କରିପାରିବାର ନିୟମ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ପ୍ରଥମେ ବନଖଣ୍ଡ ଅଧିକାରୀଙ୍କ ସୁପାରିଶ ଏବଂ ନୋଡାଲ ଅଧିକାରୀ ଭାବେ ଉପଜିଲ୍ଲାପାଳଙ୍କ ଅନୁମୋଦନ ଆବଶ୍ୟକ ପଡିଥାଏ। ମାତ୍ର ହିତାଧିକାରୀମାନେ ନିଜର ଘର ମରାମତି ଏବଂ ଅନ୍ୟାନ୍ୟ ଅସୁବିଧାକୁ ଆଳ କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କିଛି ଅସାଧୁ କର୍ମଚାରୀଙ୍କ ସହାୟତାରେ ନିଜର ସ୍ଥାୟୀ ଜମାରୁ ଟଙ୍କା ଉଠାଣ କରିଥିବା ଦେଖାଯାଇଛି। ହିତାଧିକାରୀମାନଙ୍କ ମଧ୍ୟରୁ ଖଣ୍ଡିଆଦର, ପାହାଡମୋଡକ ଓ ଶିଆଳିନଈ ପୁନର୍ବସନ କଲୋନୀର ୮ ହିତାଧିକାରୀ ଗତ ୨୭.୯.୨୦୨୪ରୁ ୧.୨.୨୦୨୫ ତାରିଖ ମଧ୍ୟରେ ଉପ ଜିଲ୍ଲାପାଳଙ୍କ ଦସ୍ତଖତ ଓ ମୋହରକୁ ଜାଲ କରି ସୁପାରିଶ ପତ୍ର ବ୍ୟାଙ୍କରେ ଦାଖଲ ପରେ ୨ଲକ୍ଷରୁ ୫ଲକ୍ଷ ଟଙ୍କା ଏକାସଙ୍ଗେ ଉଠାଇଥିବା ପ୍ରମାଣ ମିଳିଛି। ଗତ ୩ତାରିଖରେ ୟୁନିୟନ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର କର୍ତ୍ତୃପକ୍ଷ ଏ ସମ୍ବନ୍ଧରେ ମୌଖିକ ଭାବେ ଉପଜିଲ୍ଲାପାଳଙ୍କୁ ଜଣାଇବା ପରେ ଉପଜିଲ୍ଲାପାଳ ହିତାଧିକାରୀଙ୍କ ବିରୋଧରେ ଗତ ୫ତାରିଖରେ ଥାନାରେ ଅଭିଯୋଗ କରିଛନ୍ତି। ଏହା ଏକ ଗମ୍ଭୀର ମାମଲା ହୋଇଥିବା ଦୃଷ୍ଟିରୁ ଉପଜିଲ୍ଲାପାଳ ପୁଲିସ ପାଖରେ ଲିଖିତ ଏତଲା ଦାୟର ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସାମ୍ବାଦିକଙ୍କୁ ପ୍ରକାଶ କରିଛନ୍ତି। ଅଥଚ ଏତଲାକୁ ପଞ୍ଜିକୃତ ନକରିବା ପାଇଁ ଉପଜିଲ୍ଲାପାଳ କହିଥିବା ନେଇ ଜନୈକ ପୁଲିସ ଅଧିକାରୀ ପ୍ରକାଶ କରିଛନ୍ତି। ତେବେ ୮ଜଣ ହିତାଧିକାରୀଙ୍କ ବ୍ୟାଙ୍କ ସ୍ଥାୟୀ ଜମାରୁ ୨୭ ଜାନୁଆରୀରୁ ୧ ଫେବୃୟାରୀ ମଧ୍ୟରେ ମୋଟ ୨୬ଲକ୍ଷ ଟଙ୍କା ଉଠାଣ ହୋଇଥିବା ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅନେକ ବିଳମ୍ବରେ ଉପଜିଲ୍ଲାପାଳଙ୍କ ନିକଟରେ ମୌଖିକ ଆପତ୍ତି କରିବା ସନ୍ଦେହ ସୃଷ୍ଟି କରିଛି। ରାଜସ୍ୱ ଅଧିକାରୀଙ୍କ ଇ-ମେଲରେ ଉପଜିଲ୍ଲାପାଳଙ୍କ ସୁପାରିଶ ପତ୍ର ଟାଇପ ହେବା ଏବଂ ତାରିଖ ଅନୁଯାୟୀ ଥିବା ପତ୍ର ସଂଖ୍ୟାରେ ଅନ୍ୟ ଚିଠି ଇସ୍ୟୁ ହେବା ନେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଉପରକୁ ଆଙ୍ଗୁଳି ନିର୍ଦ୍ଦେଶ ହେଉଛି। ପୁନର୍ବସନ ହିତାଧିକାରୀମାନେ ଖଡ଼ିଆ ଓ କୋହ୍ଲ ସମ୍ପ୍ରଦାୟର ଥିବା ସମୟରେ ଘଟଣାରେ ନିଜ କର୍ମଚାରୀଙ୍କୁ ଘଣ୍ଟ ଘୋଡାଇବା ଲକ୍ଷ୍ୟରେ ଉପଜିଲ୍ଲାପାଳ ହିତାଧିକାରୀଙ୍କ ନାମରେ ଏତଲା ଦାୟର କରିବା ବିସ୍ମୟ ସୃଷ୍ଟି କରିଛି। ସରକାରୀ କାର୍ଯ୍ୟରେ ସନ୍ଦେହଜନକ ରହୁଥିବା, ସଚ୍ଚୋଟତା କିମ୍ବା ସାଧୁତାର ଅଭାବ ଥିବା କିମ୍ବା ଅପାରଗ ଅଧିକାରୀ ଓ କର୍ମଚାରୀଙ୍କୁ ସେମାନଙ୍କର ପ୍ରକୃତ ଅବସର ଗ୍ରହଣ ପୂର୍ବରୁ ସରକାରୀ ସେବାରୁ ବହିଷ୍କାର କରିବା ନେଇ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ୨୪.୯.୧୯ ତାରିଖର ପରିପତ୍ର ଏବଂ ୨୪.୩.୨୫ରେ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶାବଳୀକୁ ଉପଜିଲ୍ଲାପାଳଙ୍କ ଏତାଲା ଉପରେ କାର୍ଯ୍ୟକାରୀ ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

# ନୂଆସାହି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଭଞ୍ଜନଗର,(ଭାସ୍କର ନ୍ୟୁଜ୍): ଭଞ୍ଜନଗର ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବଡକୋଦଣ୍ଡା କ୍ଲଷ୍ଟର ଅନ୍ତର୍ଗତ ତଥା ବଡକୋଦଣ୍ଡା ଗ୍ରାମର ନୂଆସାହି ପ୍ରାଥମିକ ବିଦ୍ୟାଳୟ ଠାରେ ଆଜି ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ରାଣୀ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଡକୋଦଣ୍ଡା କ୍ଲଷ୍ଟର ସିଆରସିସି ଦ୍ୱିତୀକୃଷ୍ଣ ଲେଙ୍କା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନୀତ ଅତିଥି ରୂପେ ଯୋଗଦାନ କରିଥିଲେ ପୂର୍ବତନ ବଡକୋଦଣ୍ଡା କ୍ଲଷ୍ଟର ସିଆରସିସି ମୋହନ ସାହୁ, ବିଦ୍ୟାଳୟର ପରିଚାଳନା ସଭାପତି ରଞ୍ଜିତା ପାତ୍ର, ସ୍ୱୟଂ ସହାୟିକା ଗୋଷ୍ଠୀ ସଭାପତି ଗୀତାଞ୍ଜଳି ତ୍ରିପାଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ସୁକୁରୁ ନାଇକ। କାର୍ଯ୍ୟକ୍ରମ ଆରମ୍ଭରେ ପୂର୍ବତନ ସିଆରସିସି ମୋହନ ସାହୁ ପ୍ରାରମ୍ଭିକ ସଂଗୀତ ଏବଂ ଗଛ ଉପରେ ଆଧାରିତ ଏକ ସଚେତନତା ଧର୍ମୀ କବିତା ଗାନ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଲୋପାମୁଦ୍ରା ରଥ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଏକ ଶିଶୁ କବିତା ଓ ଶିକ୍ଷୟିତ୍ରୀ ଶାନ୍ତିଲତା ରାଉତ ଏକ ଭଜନ ଗାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର, ଟ୍ରଫି ଓ ପ୍ରାଇଜ୍ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶାନ୍ତିଲତା ରାଉତ ଓ ଲୋପାମୁଦ୍ରା ରଥ ତଥା ପାଚିକା ସହାୟିକା ଝୁନୁ ସ୍ୱାଇଁ ଓ ସବିତା ବିଷୋୟୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସମସ୍ତ ପ୍ରକାରର ସାହାଯ୍ୟ ଓ ସହଯୋଗ କରିଥିଲେ। ସମସ୍ତ ଛାତ୍ରଛାତ୍ରୀମାନଙ୍କ ପାଇଁ ଭୋଜନର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଅଭିଭାବକ ଓ ଗ୍ରାମବାସୀ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

## ଆୟୁଷ୍ମାନ ଯୋଜନାର ଲୋକାର୍ପଣ ନିମନ୍ତେ ପ୍ରସ୍ତୁତି ବୈଠକ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଖୁବ୍‌ଶୀଘ୍ର କଳାହାଣ୍ଡି ଜିଲ୍ଲାରେ ଲୋକାର୍ପଣ ହେବାକୁ ଯାଉଥିବା ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବାୟୋ ବନ୍ଦନା ଯୋଜନାର ସଫଳ ରୂପାୟନ ପାଇଁ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ୨୫ ତାରିଖ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଥିଲା । ସରକାର ସାଧାରଣ ଜନତାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ପ୍ରସ୍ତୁତ କରିଥିବା ଏହି ସମସ୍ତ ଯୋଜନା ସବୁ ୨୦୨୫ ଏପ୍ରିଲ ମାସର ପ୍ରଥମ ସପ୍ତାହରେ ଆରମ୍ଭ ହେବାକୁ ଯାଉଛି । ଏହା କଳାହାଣ୍ଡି ଜିଲ୍ଲାର ସମସ୍ତ ୪୬ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ସାମୟିକ ଭାବେ ଅନୁଷ୍ଠିତ ହେବ । ଏଥିରେ ପ୍ରତି ପିଏଚସିର ପ୍ରତି ଗ୍ରାମରୁ ୨୫ ଜଣ ଲେଖାଏଁ ହିତାଧିକାରୀଙ୍କୁ ଏହି କାର୍ଡ ଗୁଡିକ ପ୍ରଦାନ କରାଯିବ । ପ୍ରାୟ ୧୦୦୦ ଲୋକଙ୍କ ଜନ ସମାଗମ ପ୍ରତି



ପିଏଚସି ସ୍ତରରେ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏଥିରେ ଉପସ୍ଥିତ ଥିବା ପ୍ରଶାସନିକ ଅଧିକାରୀ ସ୍ନିଗ୍ଧାରାଣୀ ପ୍ରଧାନ, ସରକାରଙ୍କ ଦ୍ୱାରା ଲୋକାର୍ପିତ ହେବାକୁ ଯାଉଥିବା ଅନ୍ୟ ଏକ ନୂତନ ଯୋଜନା ଆୟୁଷ୍ମାନ ବାୟୋ ବନ୍ଦନା ଯୋଜନା ଉପରେ ଆଲୋକପାତ କରିଥିଲେ । ଏହି ଯୋଜନା ଦ୍ୱାରା ସମସ୍ତ ପ୍ରାପ୍ତ ବୟସ୍କ ପୌଢ, ଯାହାର ବୟସ ୭୦ ବର୍ଷ କିମ୍ବା ତଦୁର୍ଦ୍ଧ, ଯେ କୌଣସି ବର୍ଗର ହୋଇଥିଲେ ମଧ୍ୟ ସେ ସମସ୍ତଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଯୋଜନାରେ ସାମିଲ ୧୭,୩୨,୫୬୯ ଲକ୍ଷ୍ୟ ପରିବାରର ୨୩,୧୨,୯୭୯ ସଦସ୍ୟ ଏହି ଆୟୁଷ୍ମାନ ବାୟୋ ବନ୍ଦନା ଯୋଜନା ଦ୍ୱାରା ଓଡ଼ିଶାରେ ଉପକୃତ ହୋଇପାରିବେ । ଏହି ଯୋଜନାରେ ସାମିଲ ହେବା ପାଇଁ ଯେ କୌଣସି ହିତାଧିକାରୀ ସହଜ କେନ୍ଦ୍ରରେ ଆଶା କିମ୍ବା ଅଙ୍ଗନବାଡି କର୍ମୀଙ୍କ ସହାୟତାରେ କିମ୍ବା ସରକାରୀ ୱେବସାଇଟ ମାଧ୍ୟମରେ ନାମ ପଞ୍ଜିକୃତ କରିପାରିବେ । ହିତାଧିକାରୀଙ୍କୁ ଓଟିପି ଜରିଆରେ ଆଇଡି କାର୍ଡ ନମ୍ବର ଯୋଗାଇ ଦିଆଯିବ । ବିନା ଆଇଡି କାର୍ଡରେ ମଧ୍ୟ ଜଣେ ହିତାଧିକାରୀ ସ୍ୱାସ୍ଥ୍ୟସେବା ପାଇପାରିବେ । ପ୍ରଧାନ ମନ୍ତ୍ରୀ ଆରୋଗ୍ୟ ମିତ୍ର କିମ୍ବା ସ୍ୱାସ୍ଥ୍ୟ ମିତ୍ର ମାନେ ଏଥିରେ ହିତାଧିକାରୀଙ୍କୁ ସହଯୋଗ କରିବେ । ପ୍ରଥମ ୭ ଦିନର ସ୍ୱାସ୍ଥ୍ୟ ସେବା ଖର୍ଚ୍ଚ ସରକାର ନିଜେ ରାଜ୍ୟ ବଜେଟରୁ ବହନ କରିବେ । ସ୍ୱାସ୍ଥ୍ୟ ଚେତନା ରଥ ପ୍ରତି ଗ୍ରାମରେ ବୁଲିବୁଲି ଲୋକଙ୍କୁ ଏହି ଯୋଜନା ସମ୍ପର୍କରେ ସଚେତନ କରିବ । ଏହି ଯୋଜନାର ସଫଳ ରୂପାୟନ କ୍ଷେତ୍ରରେ ସମ୍ପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀ ଯତ୍ନବାନ୍ ହୋଇ ନିଜର କାର୍ଯ୍ୟ ତୁଲାଇ ବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡଃ. ମିନତୀ ଲତା ଦାସ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢୀ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ. ରଞ୍ଜନ ମିଶ୍ର, ପ୍ରଶାସନିକ ଅଧିକାରୀ ସ୍ନିଗ୍ଧାରାଣୀ ପ୍ରଧାନ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ଅଧିକାରୀ, ଫାର୍ମାସିଷ୍ଟ, ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୋଡାଲ ଅଫିସର, ଜିଲ୍ଲା ସଂଯୋଜକ ବିଭୁ ଚରଣ ନାଏକ, ପୁଷ୍ପାଞ୍ଜଳି ସାହୁ, ସମସ୍ତ ବ୍ଲକର ବିଡ଼ିଓ, ତହସିଲଦାର, ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଶା ରାଇଜିଂ ଫାଉଣ୍ଡେସନ୍ ଦ୍ୱାରା ଶିକ୍ଷା ବିକାଶ ଉତ୍ସବ ପାଳିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ଜିଲ୍ଲା ପରିଷଦ୍ କନଫରେନ୍ସ ହଲ୍ ଠାରେ ଓଡ଼ିଆ ରାଇଜିଂ ଫାଉଣ୍ଡେସନ ପକ୍ଷରୁ କଳାହାଣ୍ଡି ଜିଲ୍ଲାରେ ଶିକ୍ଷା ରୂପାନ୍ତରଣକୁ ଅଧିକ ଲୋକପ୍ରିୟ କରିବା ନିମନ୍ତେ ୨୫ ତାରିଖ ମଙ୍ଗଳବାର ଦିନ ଏକ ଶିକ୍ଷଣୀୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା 'ଶିକ୍ଷା ବିକାଶ ଉତ୍ସବ-୨୦୨୫' । ଓଡିଶା ରାଇଜିଂ ଫାଉଣ୍ଡେସନର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଅକ୍ଷୟ ସାଗର ଏହି ଶିକ୍ଷା ବିକାଶ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଶିକ୍ଷାରେ ସଂଗଠିତ ପ୍ରୟାସର ଶକ୍ତି ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ପ୍ରାୟ ୧୦୦ ଜଣ ଶିକ୍ଷକ, ନିମନ୍ତ୍ରିତ ଶିକ୍ଷାବିତ୍, ସିଭିଲ୍ ସୋସାଇଟି ସଂଗଠନ ଏବଂ ସରକାରୀ ଅଧିକାରୀମାନେ ଅଂଶଗ୍ରହଣ କରି ମୌଳିକ ଶିକ୍ଷାର ସୁଦୃଢିକରଣ, ଷ୍ଟେମ୍ ଶିକ୍ଷାର ବିସ୍ତାର ଏବଂ ଜାତୀୟ ଶିକ୍ଷାନୀତିର ରୂପାୟନ ସମ୍ପର୍କରେ ବିଶଦ୍ ଆଲୋଚନା କରିଥିଲେ । ଓଡିଶା ରାଇଜିଂ ଫାଉଣ୍ଡେସନର ସିନିଅର ପ୍ରୋଗ୍ରାମ୍ ମ୍ୟାନେଜର




ସାଗରିକା ରାୟ ଏହି କାର୍ଯ୍ୟକ୍ରମ କିଭଳି କଳାହାଣ୍ଡି ପାଇଁ ଅନୁକୂଳ ହୋଇପାରିବ ତାହା ପ୍ରକାଶ କରିବା ସହ ନୂତନ ଶିକ୍ଷା ମଡେଲ ବିଷୟରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଳାହାଣ୍ଡି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ, ଡିଆଇଇଟି, କଳାହାଣ୍ଡିର ଦେଶବନ୍ଧୁ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ସରକାରୀ ଶିକ୍ଷା ନୀତି ସମ୍ପର୍କରେ ଆଲୋଚନା କରିବା ସହ କଳାହାଣ୍ଡି ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥା ଏବଂ ଜିଲ୍ଲା ପ୍ରଶାସନର ଭୂମିକା ଉପରେ ଗୁରୁତ୍ୱ ଦେଇଥିଲେ ଏବଂ ରାଇଜିଂ ଫାଉଣ୍ଡେସନର ଏହି ଶିକ୍ଷା ବିକାଶ ଉତ୍ସବ-୨୦୨୫ ଏକ ଅଭିନବ ପଦକ୍ଷେପ ବୋଲି ପ୍ରକାଶ କରିଥିଲେ । ସାମୂହିକ ଚର୍ଚ୍ଚାରେ ପ୍ରଶାନ୍ତ କୁମାର ନନ୍ଦ, ଜିଲ୍ଲା ସଂଯୋଜକ, ପଞ୍ଚସଖା ଶିକ୍ଷା ସେତୁ ଏବଂ ଡିଆଇଇଟି କଳାହାଣ୍ଡିର ଏକ୍ସପର୍ଟମାନେ ଷ୍ଟେମ୍ ଏବଂ ଭାଷା ଶିକ୍ଷାର ସ୍କେଲିଂ ବିଷୟରେ ଆଲୋଚନା କରିଥିଲେ, ଏବଂ ଜାତୀୟ ଶିକ୍ଷାନୀତିର ଅଂଶଗୁଡ଼ିକ ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିଲେ । ଯେଉଁଥିରେ କି ଦୁର୍ଗମ ଅଞ୍ଚଳରେ ରହୁଥିବା ଛାତ୍ରଛାତ୍ରୀ ମାନଙ୍କ ପାଇଁ ଷ୍ଟେମ୍ ଶିକ୍ଷାକୁ ଅଧିକ ସୁଲଭ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଆୟୋଜିତ ଏହି ଉତ୍ସବର ଏକ ପ୍ରମୁଖ ଆକର୍ଷଣ ଥିଲା ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷଣ ସାମଗ୍ରୀ ବଣ୍ଟନ ଏବଂ ତାହାର ପ୍ରଭାବ ଓ ପ୍ରଦର୍ଶନ । ବିଦ୍ୟାଳୟ ଏବଂ ଜିଲ୍ଲା ସଂସାଧନ ଗୋଷ୍ଠୀ ପ୍ରତିନିଧିମାନଙ୍କୁ ଆବଶ୍ୟକୀୟ ଶିକ୍ଷଣ ସାମଗ୍ରୀ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମର ସମସ୍ତ ବକ୍ତା ଏବଂ ଅଂଶଗ୍ରହଣ କାରୀମାନଙ୍କ ଅମୂଲ୍ୟ ଯୋଗଦାନକୁ ସ୍ୱୀକାର କରିବା ସହ ଏହି ଅଭିଯାନରେ ଅଂଶ ଗ୍ରହଣ କରିଥିବା ସମସ୍ତ ଶିକ୍ଷକ, ନୀତି ନିର୍ମାତା, ଏବଂ ତୃଣମୂଳସ୍ତରର ଅଂଶୀଦାରମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନକରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଫାଉଣ୍ଡେସନର ଜୋନାଲ ଡିରେକ୍ଟର୍ ସୁବାସିତ ପାତ୍ର ।

## ଶ୍ରମ ବାହିନୀ ପକ୍ଷରୁ ଗୋଲାମୁଣ୍ଡା ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଉଦ୍ଧାର ପ୍ରାପ୍ତ ବନ୍ଧିତ ଶ୍ରମିକ ମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ପକ୍କା ଘର ଦେବାପାଇଁ ଶ୍ରମ ବାହିନୀ ଓଡ଼ିଶା ଉପ ସଭାପତି ଉପେନ୍ଦ୍ର ବଗର୍ତ୍ତୀ ଆଜି ଗୋଲାମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଧର ପଣ୍ଡାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଉକ୍ତ ଦାବିପତ୍ରରେ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ପଞ୍ଜିଆ, ଲେତେର, ସାନଚେରଗାଁ, ଟେମିରି, ସର୍ଗିଗୁଡା, ଗ୍ରୀଣ୍ଡୋଲ, କରଞ୍ଜୀକୋଟ, ସିଆଳଝୁଡି, ପଦମପୁର, ଉଛଛଳା କେନ୍ଦୁପାଣି, ଉଦେଶୃଙ୍ଗ, ନୂଆଗାଁ, ସକ୍ରିପାଲି, ବୈଜଳପୁର, ଡୁଡୁକେଲ, କାର୍ଲି, ତୁମୁରା, ମହାଲିଙ୍ଗ, ଲାଞ୍ଜି, ସିନାପାଲି, ଦଶପୁର, ଫଟାମୁଣ୍ଡା, ଫୁଣ୍ଡା ଗାଆଁର ୧୦୯ ଜଣ ଦାଦନ ଶ୍ରମିକ ବିଭିନ୍ନ ରାଜ୍ୟ ମାନଙ୍କରେ ବନ୍ଧକ ଥିବା ସମୟରେ ଓଡ଼ିଶା ସରକାର ଉଦ୍ଧାର କରି ଆଣିଥିଲେ । ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଥବା ବିଜୁ ପକ୍କାଘର ଯୋଗାଇଦେବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ । ଗୋଲାମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଧର ପଣ୍ଡା ଘର ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ବନ୍ଧକ ଶ୍ରମିକ ମାନଙ୍କୁ ପକ୍କା ଘର ମିଳି ପାରିଲେ ଉପକୃତ ହେବେ ବୋଲି ଶ୍ରୀଯୁକ୍ତ ବଗର୍ତ୍ତୀ ପ୍ରତିକ୍ରିୟା ରଖିଥିଲେ ।

## ନବୋଦୟ ପରୀକ୍ଷାରେ ୨ ଛାତ୍ରଙ୍କ କୃତିତ୍ୱ



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗୋଲାମୁଣ୍ଡାର ଦୁଇ ଜଣ ଛାତ୍ର ୨୦୨୫-୨୬ ଶିକ୍ଷା ବର୍ଷ ଷଷ୍ଠ ଶ୍ରେଣୀ ନବୋଦୟ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ଗ୍ରୀଣ୍ଡୋଲ ଗ୍ରାମର ମହେନ୍ଦ୍ର ମାଝୀଙ୍କ ପୁଅ ଯଶୋବନ୍ତ ମାଝୀ ଓ କାନ୍ଦୁଲଡଙ୍ଗରୀ ଗ୍ରାମର ଉପେନ୍ଦ୍ର ମଲ୍ଲିକଙ୍କ ପୁଅ ରୋଶନଜିତ ମଲ୍ଲିକ ଜବାହାର ନବୋଦୟ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବିଦ୍ୟାଳୟ ତଥା ନିଜ ପରିବାର ପାଇଁ ଗୌରବ ଆଣିଛନ୍ତି । ବିଭିନ୍ନ ମହଲରେ ପ୍ରଶଂସାର ଛୁଅ ଛୁଟୁଛି । ବିଦ୍ୟାଳୟର ସମସ୍ତ ପରିଚାଳନା ସମିତି, ଗୁରୁଜୀ ଗୁରୁମା ମାନଙ୍କର ପରିଶ୍ରମ ଫଳ ବୋଲି କୃତକାର୍ଯ୍ୟ ହୋଇଥିବା ଅଭିଭାବକ ମାନେ ପ୍ରଶଂସା କରୁଥିବା ଜଣାପଡିଛି । କୃତି ଛାତ୍ର ମାନଙ୍କୁ ବିଭିନ୍ନ ମହଲରେ ପ୍ରଶଂସା ଓ ଶୁଭେଚ୍ଛାର ସୁଅ ଛୁଟୁଛି । ଦୁଇଜଣ କୃତି ଛାତ୍ର ନିଜ ପ୍ରତିକ୍ରିୟାରେ ପ୍ରଶାସନିକ ଅଧିକାରୀ ହେବାପାଇଁ ଲକ୍ଷ ରଖିଛନ୍ତି ।

## ଦେଶୀ ମଦ ଭାଟିରେ ଚଢ଼ଉ, ୨ ଅଭିଯୁକ୍ତ କୋର୍ଟଚାଲାଣ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କୋକସରା ଅବକାରୀ ଥାନା ପକ୍ଷରୁ ମାରାଥନ ଚଢ଼ାଉ ଜାରି ରହିଛି । ଗତ ଦୁଇଦିନ ତଳେ କାଉଡୋଳା ଗ୍ରାମ ଓ ବୋବାରିଆ ଛକ ଢାବାରୁ ବିପୁଳ ପରିମାଣରେ ଦେଶୀ ବିଦେଶୀ ମଦ ଜବତ କରି ୨ ଜଣ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିଲେ । ପୁଣି ମଙ୍ଗଳବାର ଅବକାରୀ ଆଇଆଇସି ସୁଧାଂଶୁ ମୁଣ୍ଡାଙ୍କ ନେତୃତ୍ୱରେ କୁଲେରଗୁଡା ଗ୍ରାମ ସାହାଜଖୋଲ ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ ଚଢ଼ାଉ କରି ମହୁଲି ମଦ (ଆଇଡି) ପ୍ରସ୍ତୁତ ସମୟରେ କୁଲେରଗୁଡା ଗ୍ରାମର ସନ୍ତୋଷ ନାଏକ(୫୫)ଓ ଚିତ୍ତରଞ୍ଜନ ନାଏକ (୩୫) ଦୁଇଜଣଙ୍କୁ ଗିରଫ କରିବା ସହ ୩୦ ଲିଟର ହାତରନ୍ଧା ଦେଶୀ ମଦ ଜବତ କରାଯାଇଛି । ମଦ ପ୍ରସ୍ତୁତ ସାମଗ୍ରୀ ନଷ୍ଟ କରିବା ସହ ୨ ଅଭିଯୁକ୍ତଙ୍କୁ କୋକସରା ଅବକାରୀ ଥାନାକୁ ଆଣି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ କୋକସରା ଅବକାରୀ ଓଆଇସି ନରେନ୍ଦ୍ର ମିଞ୍ଜ ସୂଚନା ଦେଇଛନ୍ତି । ଏହି ଚଢ଼ାଉରେ କନେଷ୍ଟବଲ ଖୁଶିରାମ କଟା, ନିରଞ୍ଜନ ବେହେରା, କର୍ଣ୍ଣ ବାଗ ଓ ପ୍ରିୟମ୍ବଦା ଜେନା ପ୍ରମୁଖ ସାମିଲ ଥିଲେ ।

## କେସିଙ୍ଗା ସହରରେ ବିଓଆଇ ଶାଖା ଉଦ୍‌ଘାଟିତ




କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରର ପରିଡ଼ା କମ୍ପ୍ଲେକ୍ସ ଠାରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ଶାଖା ଖୋଲାଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବେ ସୁଜିତ୍ କୁମାର ବେହେରା ଜୋନାଲ ମ୍ୟାନେଜର ସମ୍ବଲପୁର ଜୋନ ଯୋଗ ଦେଇ ଉଦ୍ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଅନୂପ ରଥ, ତନ୍ମୟ ବଲ, ଚକ୍ରଧର ମେହେର, ମନୋରଞ୍ଜନ ହୋତା, ଗୁଣନିଧି ଖର୍ସେଲ, ପୂର୍ଣ୍ଣ ଚନ୍ଦ୍ର ସାହୁ ଯୋଗଦେଇଥିବା ବେଳେ ପୂର୍ବତନ ବ୍ୟାଙ୍କ ର କର୍ମଚାରୀ ମୋହନ କୁମାର ଚଲାନ, ଚନ୍ଦ୍ରଶେଖର ଦାସ, ଚୈତନ୍ୟ ବିଶି । ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଶାଖା ପରିଚାଳକ ରାଧାକାନ୍ତ ମୁନା ଓ ଅନ୍ୟ କର୍ମଚାରୀ ଯୋଗ ଦେଇ ସହଯୋଗ କରିଥିଲେ ।

## ବିଲୁପ୍ତ ପ୍ରାୟ ଆମ୍ବ ବଉଳ ସାଙ୍ଗକୁ କୋଇଲିର ଗାନ: ଚିନ୍ତାରେ ଚାଷୀ

ଧର୍ମଗଡ଼, (ଭାସ୍କର ନ୍ୟୁଜ) : ବର୍ତ୍ତମାନ ବସନ୍ତ ଋତୁ ଚାଲୁ ରହିଥିବା ବେଳେ ମଳୟ ପବନର ଝଲକ ଆନନ୍ଦର ସୁରାଗ ଯୋଗାଉଛି । ପତ୍ର ଝଡା ସାଙ୍ଗକୁ କଅଁଳ ଉତ୍ପନ୍ନ ଶାଖା ପ୍ରଶାଖା ନୂତନ ସୌନ୍ଦର୍ଯ୍ୟ ମନକୁ ବେଶ ଆକର୍ଷିତ କରିଛି । ତେବେ ଏଭଳି ମାଧୁର୍ଯ୍ୟ ପୂର୍ଣ୍ଣ ପରିବେଶ ମଧ୍ୟରେ ଆଉ ଆଗ ଭଳି କୋଇଲିର ସ୍ୱର ତାଳ ଶୁଭିବାକୁ ମିଳୁନଥିବା ମନେ ହେଉଛି । ଲୋକଶ୍ରୁତିରେ ଯେବେଠୁ ପଳାସ ଫୁଲ ଧରଣୀ ଉପରେ ସଜେଇ ହେବା ଆରମ୍ଭ କରେ ଠିକ୍ ସେତିକି ବେଳେ ଆମ୍ବ ଗଛରେ ବି ବଉଳର ସୁଗନ୍ଧ ସାରା ସଂସାରକୁ ମହକେଇ ଦିଏ । କୋଇଲି ମଧ୍ୟ ସପ୍ତସୁରରେ ଗୀତ ଆରମ୍ଭ କରିଥାଏ । ଆମ୍ବ ଗଛରେ କୋଇଲି ବସି ଗୀତ ଗାଇବା ଏକ ପ୍ରକାର ଶୁଭ ସଂକେତ ବୋଲି ଅନେକ ଲୋକ ମତ ଦିଅନ୍ତି । କୁହାଯାଏ କୋଇଲି ଆମ୍ବ ଗଛରେ ବସି ଗୀତ ଗାଇଲେ ସେହି ବର୍ଷ ଭଲ ବର୍ଷା ହେବା ସହିତ ଚାଷ ଅନୁକୂଳ ହୋଇଥାଏ । ଏପରିକି ଆମ୍ବ ବଉଳ ଯେତେ ଅଧିକ ପରିମାଣରେ ଆସେ ସେତେ ପରିମାଣରେ ବର୍ଷା ହେବା ସମ୍ଭାବନା ମଧ୍ୟ ରହିଥାଏ ବୋଲି ଅନେକେ କୁହନ୍ତି । ହେଲେ ଧର୍ମଗଡ଼ ଅଞ୍ଚଳରେ ଚଳିତବର୍ଷ ଆମ୍ବ ତୋଟାମାନଙ୍କରେ ଖୁବ୍ କମ୍ ବଉଳ ଆସିବା ଓ ସ୍ଥାନେ ସ୍ଥାନେ ବଉଳ ଆଦୌ ନଥିବା ଆମ୍ବ ଚାଷୀଙ୍କ ଚିନ୍ତା ବଢ଼ାଇଛି । ଚାଷୀଙ୍କ କହିବାନୁସାରେ ଆମ୍ବ



ଗଛରେ ବଉଳ ନଆସିବାର ମୁଖ୍ୟ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ । ଦୂଷିତ ଜଳବାୟୁ କାରଣରୁ ବର୍ଷେ ଗଛରେ ବଉଳ ଆସିଲେ ତାପରେ ୨, ୩ବର୍ଷ ବଉଳର ଦେଖାଦର୍ଶନ ମିଳେନାହିଁ । ଅନ୍ୟପଟେ କୋଇଲିର କୁହୁତାନ ଯେଉଁ ବର୍ଷ କମ୍ ହୋଇଥାଏ ସେହି ବର୍ଷ ଦୁର୍ଭିକ୍ଷ, ଖାଦ୍ୟାଭାବ ଦେଖାଯିବା ଅନୁମାନ କରାଯାଏ ବୋଲି ଲୋକେ କହନ୍ତି । ଏହି ଲୋକଶ୍ରୁତି ଦୂରଦର୍ଶୀକା କେତେ ସତ କେତେ ମିଛ ତାହା ସମୟ ସାପେକ୍ଷ ।

## ସରିଲା ନବ ଭାରତ ସାକ୍ଷରତା ସ୍ୱେଚ୍ଛାସେବୀଙ୍କ ତାଲିମ ଶିବିର




କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ନବ ଭାରତ ସାକ୍ଷରତା ସ୍ୱେଚ୍ଛାସେବୀମାନଙ୍କ ଦୁଇଦିନିଆ ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ସୋମବାର ପ୍ରଥମ ଦିବସରେ ରାଜପୁର ପଞ୍ଚାୟତ ସୁରୁଜୁଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଜୋରାଡବରା ପଞ୍ଚାୟତ ଜୋରାଡବରା ଉଚ୍ଚ ବିଦ୍ୟାପୀଠ, ରେଗଡା ପଞ୍ଚାୟତ ଭୋଇ ପଡା ପ୍ରାଥମିକ ବିଦ୍ୟାଳୟ, ରକ୍ଷିଡା ପଞ୍ଚାୟତର ରିକ୍ଷିଡା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ପୃଥକ ପୃଥକ ଭାବେ ଆୟୋଜିତ ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ସା, ଭାରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରୋହିତ କୁମାର ରଣା ଓ ଗୋପ ମଣୀ ସାହୁ ପ୍ରମୁଖ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଠିକ ସେହିପରି ବିଭିନ୍ନ ତାଲିମ ଶିବିରରେ ସାଧନ କର୍ମୀ ଭାବେ ରେଙ୍ଗାଲି ସିଆରସିସି ଉଜ୍ଜ୍ୱଳ କୁମାର ସାହୁ, ନୋଡାଲ ସିଆରସିସି ପ୍ରସନ୍ନ କୁମାର ସାହୁ, ରେଗଡା ସିଆରସିସି ପ୍ରଭାବ ରଞ୍ଜନ ବନଛୋର, ଜୋରାଡବରା ସିଆରସିସି ଯୁଗଳ ନାଗ, ପୌରକେଲା ସିଆରସିସି ମିଳାପ କୁମାର, ଶିକ୍ଷକ ଦାଶରଥି ଭୋଇ, କାମଦେବ କର୍ମ, କୁମାର ତରୁଣ ଗହୀର, ତୃପ୍ତି ରଞ୍ଜନ ନାଥ, ପ୍ରତାପ ପଧାନ ପ୍ରମୁଖ ଯୋଗ ଦେଇ ଅଣସ୍ୱାକ୍ଷରମାନଙ୍କୁ ସ୍ୱେଚ୍ଛାସେବୀ ସହାୟକ ମାନେ କିଭଳି ପାଠ ପଢେଇବା ସହ ପାଠ ପ୍ରତି ଆକୃଷ୍ଟ କରିବେ ସେ ଦିଗରେ ବିଭିନ୍ନ ପଦ୍ଧତି ଉପରେ ତାଲିମ ପ୍ରଦାନ କରିଥିଲେ । ବ୍ଲକର ୪ଟି ତାଲିମ କେନ୍ଦ୍ରରେ ୨୧୬ ଜଣ ସ୍ୱେଚ୍ଛାସେବୀ ସହାୟକ/ସହାୟିକା ଅଂଶ ଗ୍ରହଣ କରିଥିଲେ ।

## ପୁଣି କାର୍ଯ୍ୟକ୍ଷମ ହେବ ଜୁନାଗଡ଼ ରୋଡ-ନବରଙ୍ଗପୁର ରେଳପଥ ପ୍ରକଳ୍ପ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ବହୁ ପ୍ରତୀକ୍ଷିତ ଜୁନାଗଡ ରୋଡ୍-ନବରଙ୍ଗପୁର ସ୍ୱତନ୍ତ୍ର ରେଳ ଲାଇନ ପ୍ରକଳ୍ପରେ ଆଶାର ସଞ୍ଚାର ହୋଇଛି । ଧର୍ମଗଡ଼ ସହର ନିକଟତର ପ୍ରାୟ ସାତ କିଲୋମିଟର ଦୂରରେ 'ଧର୍ମଗଡ ରୋଡ' ଷ୍ଟେସନ ପ୍ରତିଷ୍ଠା କରାଯିବ ବୋଲି ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ ପ୍ରକାଶ କରିଛନ୍ତି । ଜୁନାଗଡ଼ ରୋଡ- ନବରଙ୍ଗପୁର ସ୍ୱତନ୍ତ୍ର ରେଳପଥ ପ୍ରକଳ୍ପରେ ଧର୍ମଗଡ ରୋଡ଼ ଷ୍ଟେସନ ସହରରୁ ଅଳ୍ପ ଦୂରରେ ସ୍ଥାପନ କରିବା ପାଇଁ ମାନ୍ୟବର ଧର୍ମଗଡ଼ ବିଧାୟକ ସୁଧିର ପଟ୍ଟଯୋଷି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ହସ୍ତକ୍ଷେପ ଲୋଡ଼ି ଚିଠି ଲେଖିଥିଲେ ଓ ଭୁବନେଶ୍ୱରରେ ପୂର୍ବ ତଟ ରେଳ ମୁଖ୍ୟାଳୟରେ ରେଳ ଅଧିକାରୀଙ୍କ ସହିତ ଏକ ଉଚ୍ଚସ୍ତରୀୟ ବୈଠକ କରିଥିଲେ । ଉପଖଣ୍ଡ ସହର ନିକଟରେ ପ୍ରକଳ୍ପରେ ଧର୍ମଗଡ଼ ରୋଡ୍ ଷ୍ଟେସନ୍ ଧର୍ମଗଡ ସହର ନିକଟରେ କରିବା ପାଇଁ ଦାବି କରିଥିଲେ । ପ୍ରସ୍ତାବିତ ନୂତନ ରେଳ ଲାଇନ ପାଇଁ ଆବଶ୍ୟକୀୟ ଜମି ସମ୍ପର୍କରେ କଳାହାଣ୍ଡି ଜିଲ୍ଲା ପ୍ରଶାସନର ସଂପ୍ରତି ଏକ ଚିଠି ଧର୍ମଗଡ଼ ରୋଡ୍ ନୂତନ ରେଳ ଷ୍ଟେସନ୍ ସ୍ଥାନିତ କରିବା ନେଇ ଦ୍ୱନ୍ଦ ସୃଷ୍ଟି କରିଥିଲା । ଏନେଇ ବିଧାୟକ ଶ୍ରୀ ପଟ୍ଟଯୋଷୀ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀଙ୍କ ସହିତ ଆଲୋଚନା କରିଥିଲେ, ଯିଏ ଏହି ମାମଲାରେ ପୂର୍ବତନ ରେଳ ମୁଖ୍ୟ ଇଞ୍ଜିନିୟର ଏବଂ ଉଭୟ ସିଏଓ ନିର୍ମାଣ ସଂସ୍ଥା ଏବଂ ଅନ୍ୟାନ୍ୟ ରେଳ ଅଧିକାରୀଙ୍କ ସହିତ କଥା ହୋଇଥିଲେ । ରେଳ ବିଭାଗର ଅଧିକାରୀମାନେ ପ୍ରକଳ୍ପିତ ରେଳଲାଇନ୍‌ରେ ପରିବର୍ତ୍ତନ ପାଇଁ ରାଜି ହୋଇଛନ୍ତି ଏବଂ ଗୁଗୁଲ୍ ମ୍ୟାପରେ ଦର୍ଶାଯାଇଥିବା ପୂର୍ବ ରେଳଲାଇନ୍‌କୁ ନୂତନ ଦିଗ ପରିବର୍ତ୍ତନ କରାଯିବ ଏବଂ ଧର୍ମଗଡ଼ ସହର ନିକଟରେ ନୂତନ ଷ୍ଟେସନ୍ ପାଇଁ ସମସ୍ତ ସମ୍ଭାବ୍ୟ ଯତ୍ନ ନିଆଯିବା ପାଇଁ ସେମାନେ ପ୍ରତିଶ୍ରୁତି ଦେଇଥିଲେ । ଇତି ମଧ୍ୟରେ ଗୁଗୁଲ୍ ମ୍ୟାପରେ ରେଳଲାଇନର ଦିଗ ପରିବର୍ତ୍ତନ କରାଯାଇଛି ଏବଂ ଧର୍ମଗଡ ଠାରୁ ୭କିମି ବଡବସୁଲ ଠାରେ ଧର୍ମଗଡ ରୋଡ ଷ୍ଟେସନ ହେବା ଆପତଃତ ସ୍ଥିର ହୋଇଛି ବୋଲି ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ ପ୍ରକାଶ କରିଛନ୍ତି । ଖୁବଶୀଘ୍ର ରେଳବାଇ ବିଭାଗର ବରିଷ୍ଠ ଅଧିକାରୀ ବିଶାଖାପାଟଣା ଓ ଜଗଦଳପୁରରୁ ଆସି ବିଧାୟକଙ୍କ ଉପସ୍ଥିତିରେ ସ୍ଥାନ ସର୍ବେକ୍ଷଣ କରି ଚୂଡ଼ାନ୍ତ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ ଯେ, ଧର୍ମଗଡ ଷ୍ଟେସନ ସ୍ଥାପନ ଦିଗରେ ଅଣଦେଖା ନେଇ ଗତ କିଛଦିନ ଧରି ଅଞ୍ଚଳରେ ବିଭିନ୍ନ ସଙ୍ଗଠନ ଓ ରାଜନୈତିକ ଦଳ ଯେଉଁ ଆଶା ଓ ଆଶଙ୍କା ପ୍ରକାଶ କରି ଆନ୍ଦୋଳନକୁ ଓହ୍ଲାଇବା ପାଇଁ ପ୍ରସ୍ତୁତ ହେଉଥିଲେ ତାହା ଏବେ ପ୍ରଶମିତ ହେବ ।

## ରାଶିଫଳ

ଗୁରୁବାର, ୨୭ ମାର୍ଚ୍ଚ ୨୦୨୫



**ମେଷ:** ଆଜି ଆପଣଙ୍କୁ ମାନ-ସମ୍ମାନ ପ୍ରତିଷ୍ଠା ମିଳିବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ, ଋଣ ପରିଶୋଧ କରିବାର ସୁଯୋଗ ପାଇବେ । କର୍ମ କ୍ଷେତ୍ରରେ ସହକର୍ମୀ ମାନଙ୍କଠାରୁ ସାହାଯ୍ୟ ଓ ସହଯୋଗ ପାଇବେ । ବିଦ୍ୟାର୍ଥୀମାନେ ପ୍ରତିଯୋଗିତା ଓ ସାକ୍ଷାତ୍କାରରେ ସଫଳ ହେବେ ।



**ବୃଷ:** ଶୁଭ ସମାଚାର ଶୁଣି ଆନନ୍ଦିତ ହେବେ । ପାରିବାରିକ ଓ ଦାମ୍ପତ୍ୟ ଜୀବନ ସୁଖପ୍ରଦ ହେବ । ରାଜନୀତି କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରିବା ସହିତ ପ୍ରଶଂସିତ ହେବେ । ବ୍ୟବସାୟ ବାଣିଜ୍ୟ ପାଇଁ ଦିନଟି ଶୁଭ ପ୍ରଦ ହେବ । ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଶେଷ ପର୍ଯ୍ୟାୟରେ ପହଞ୍ଚାଇବେ ।



**ମିଥୁନ:** ଆଜି ଆପଣ ପ୍ରତ୍ୟେକ କାର୍ଯ୍ୟରେ ଶୁଭ ଫଳ ପାଇବେ । ମାଲି ମୋକଦ୍ଦମାରେ ବିଜୟୀ ହେବେ । ଶାରୀରିକ ମାନସିକ ପାରିବାରିକ ଅଭିବୃଦ୍ଧି ଘଟିବ । ଭଲଭାବରେ ଚିନ୍ତା କରି କାମରେ ଆଗେଇ ଚାଲନ୍ତୁ କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ ।



**କର୍କଟ:** ଆଜି ଆପଣଙ୍କୁ ସମସ୍ତ ଦିଗରେ ସଫଳତା ମିଳିବ । ମାନସିକ ଦୁଃଶ୍ଚିନ୍ତା ଦୂର ହୋଇଯିବ । ବ୍ୟବସାୟରେ ଉନ୍ନତି ଓ ଆର୍ଥିକ ସ୍ଥିତିରେ ବୃଦ୍ଧି ଘଟିବ ।କର୍ମକ୍ଷେତ୍ରରେ ସମ୍ମାନ ଲାଭ କରିବେ । ପାରିବାରିକ କ୍ଷେତ୍ରରେ ସୁଖଶାନ୍ତି ମିଳିବ । ଧାର୍ମିକ କାର୍ଯ୍ୟରେ ରୁଚି ବଢ଼ିବ ।



**ସିଂହ:** ଆଜି ଶୁଭ ସମାଚାର ଶୁଣି ଖୁସିହେବେ । ପାରିବାରିକ ସମସ୍ୟାକୁ ସଜାଡିଦେଇ ଆନନ୍ଦ ପାଇବେ । ରାଜନୀତି କ୍ଷେତ୍ରରେ ସାମାଜିକ ପ୍ରତିଷ୍ଠା ବଢ଼ିବ । ଜାଗା, ଜମି ଓ ଗୃହସମ୍ବନ୍ଧୀୟ ମାମଲାର ସମାଧାନ ଫଳରେ ଅଧିକ ଲାଭବାନ୍ ହେବେ ।




**କନ୍ୟା:** ଯେଉଁ କାର୍ଯ୍ୟରେ ହାତ ଦେବେ ସେଥିରେ ବିଜୟୀ ହେବେ । ବ୍ୟବସାୟ ବାଣିଜ୍ୟ ପାଇଁ ଦିନଟି ଅନୁକୂଳ ରହିବ ଆୟ ବୃଦ୍ଧି ଘଟିବ । କର୍ମ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ହେବା ଫଳରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଶେଷ ପର୍ଯ୍ୟାୟରେ ପହଞ୍ଚାଇବେ । ଜାଗା, ଜମି, ଗୃହ, ବାହନ ଆଦି କ୍ରୟ କରିବାର ସୁଯୋଗ ପାଇବେ ।



**ତୁଳା:** ଆଜି ପରିବାରରେ ସୁଖ ଶାନ୍ତି ପୂର୍ବ ପରି ଅତୁଟ ରହିବ । ଛାତ୍ର-ଛାତ୍ରୀମାନେ ପରୀକ୍ଷା ଓ ପ୍ରତିଯୋଗିତା କ୍ଷେତ୍ରରେ ବିଜୟୀ ହେବେ । ଆୟ ତୁଳନାରେ ବ୍ୟୟ ଅଧିକ ହେବ । ବ୍ୟବସାୟରେ କୌଣସି ଚୁକ୍ତି ସ୍ୱାକ୍ଷରିତ କରିବା ପୂର୍ବରୁ ବୁଝିବିଚାରି କରନ୍ତୁ । ଠକାମୀରେ ପଡ଼ିବାର ସମ୍ଭାବନା ରହିଛି ।



**ବିଛା:** ଆଜି ସନ୍ତାନର ଶୁଭ ଖବର ଶୁଣି ଖୁସି ହେବେ । ଜନସେବାଦ୍ୱାରା ଓ ସାମାଜିକ ଅନୁଷ୍ଠାନରେ ଯୋଗ ଦେବାର ସୁଯୋଗ ମିଳିବ । ପ୍ରତିଯୋଗିତା ପରୀକ୍ଷାରେ ସଫଳ ହେବେ । ସାମାନ୍ୟ ଚେଷ୍ଟା ସତ୍ତ୍ୱେ ଜମି, ଜମା ବିବାଦ ମେଣ୍ଟିଯିବ । ସାଂସ୍କୃତିକ କାର୍ଯ୍ୟରେ ଯୋଗଦାନ କରିପାରନ୍ତି । ଛାତ୍ର-ଛାତ୍ରୀମାନେ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ ।



**ଧନୁ:** ଆଜି ଆପଣଙ୍କୁ ଯଶ-ମାନ ସମ୍ମାନ ମିଳିବ । ନିଜର ବୁଦ୍ଧି ବିବେକ ନିଷ୍ଠା ଉଦ୍ୟମ ବଳରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ସମର୍ଥ ହେବେ । ବ୍ୟବସାୟରେ ଲାଭବାନ୍ ହେବେ । ଗୁରୁଜନଙ୍କ ସ୍ନେହ ଶ୍ରଦ୍ଧା ସହାନୁଭୁତି ଲାଭ କରିବେ । ଅଳ୍ପ ପରିଶ୍ରମରେ ଅଧିକ ଲାଭବାନ ହେବେ ।



**ମକର:** ଆଜି ଆପଣଙ୍କ ପାଇଁ ଦିନଟି ଅନୁକୂଳ ରହିବ ମନମୁତାବକ କାର୍ଯ୍ୟ କରିବା ପାଇଁ ସମର୍ଥ ହେବେ । ଆର୍ଥିକ ଅଭିବୃଦ୍ଧି ଘଟିବ ଭବିଷ୍ୟତ ଯୋଜନାରେ ନିବେଶ କରିବେ । ମହିଳାମାନେ ଆଶା କରୁଥିବା ଦିଗରୁ ଅର୍ଥ ମାନ ସମ୍ମାନ ଲାଭ କରିବେ । କୋର୍ଟ କଚେରୀ ମାମଲାର ଶୁଣାଣି ନିଜ ସପକ୍ଷରେ ମିଳିବ । ଧାର୍ମିକ କାର୍ଯ୍ୟରେ ରୁଚି ବଢ଼ିବ ।



**କୁମ୍ଭ:** ଆଜି ଆପଣ ଯଗିରଖି ଚଳନ୍ତୁ ଶାରୀରିକ ପୀଡ଼ା ମାନସିକ ଦୁଶ୍ଚିନ୍ତା କର୍ମକ୍ଷେତ୍ରରେ ଅସ୍ଥିରତା ଦେଖାଦେଇପାରେ । ନିଜର ଲୋକ ବିରୁଦ୍ଧାଚରଣ କରିପାରନ୍ତି । ଭ୍ରାତୃ ବିବାଦ, ଦେଖାଦେଇପାରେ ।ଆୟ ତୁଳନାରେ ବ୍ୟୟ ଅଧିକ ହୋଇଯିବ । ବିଦ୍ୟାର୍ଥୀମାନେ ପଢାପଢିରେ କୃତକାର୍ଯ୍ୟ ହେବେ ।



**ମୀନ:** ଆଜି ଜନ ସମାଜରେ ପ୍ରତିଷ୍ଠା, ପ୍ରତିପତ୍ତି ବୃଦ୍ଧି ପାଇବ । ଶତ୍ରୁମାନେ ପରାଜିତ ହେବେ । ବ୍ୟବସାୟ ବାଣିଜ୍ୟ ପାଇଁ ଦିନଟି ଶୁଭ ପ୍ରଦ ହେବ ଆୟ ବୃଦ୍ଧି ଘଟିବ । ଦାମ୍ପତ୍ୟ ଜୀବନ ସୁଖପ୍ରଦ ହେବ । ଛାତ୍ର-ଛାତ୍ରୀମାନେ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ ।



ଜ୍ୟୋତିଷୀ ଓ
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯